R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୪୭
ତିଥି : ତୃତୀୟା
୧୪ ଜୁନ୍ ୨୦୨୫, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 247
14 June 2025, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ମିଳିଲା ବ୍ଲାକ୍‌ବକ୍ସ

ନୂଆଦିଲ୍ଲୀ, ୧୩ ।୬ : ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏୟାର ଇଣ୍ଡିଆର ଅହମ୍ମଦାବାଦ-ଲଣ୍ଡନ ବିମାନର ବ୍ଲାକ୍‌ବକ୍ସକୁ ଚିହ୍ନଟ କରାଯାଇଛି । ତଦନ୍ତ ପାଇଁ ଏହି ବ୍ଲାକ୍‌ବକ୍ସ ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଗତକାଲି ଅହମ୍ମଦାବାଦରେ ଏହି ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଦିନକ ପରେ ଏହାର ବ୍ଲାକ୍‌ବକ୍ସ ଉଦ୍ଧାର ହୋଇଥିବା ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଡିଜିସିଏ ଏହାର ତଦନ୍ତ କରୁଥିଲାବେଳେ ଏନ୍‌ଆଇଏ ଟିମ୍‌କୁ ମଧ୍ୟ ତଦନ୍ତରେ ସାମିଲ କରାଯାଇଛି ।

କମଳା ରଙ୍ଗର ଏହି ଯନ୍ତ୍ରଟି ବିମାନର ପଛପଟେ ରହିଥାଏ। ୨୬୫ ଲୋକଙ୍କ ଜୀବନ କିଭଳି ଚାଲିଗଲା, ତାହାର ତଥ୍ୟ ଏଥିରୁ ମିଳିପାରିବ ବୋଲି ଆଶା କରାଯାଉଛି । ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କହିଛନ୍ତି ଯେ ଏଏଆଇବି ଦୁର୍ଘଟଣାସ୍ଥଳରୁ ୨୮ ଘଣ୍ଟା ମଧ୍ୟରେ ଏହାକୁ ଉଦ୍ଧାର କରିଛି । ତଦନ୍ତରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ଏଏଆଇବି (୯ ପୃଷ୍ଠାରେ)

## ଆହତଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୩ ।୬ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅହମ୍ମଦାବାଦରେ ହୋଇଥିବା ମର୍ମନ୍ତୁଦ ବିମାନ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ପ୍ରଧାନମନ୍ତ୍ରୀ ଘଟଣାସ୍ଥଳକୁ ଯିବା ସହ ଏହି ଦୁର୍ଘଟଣାରୁ ବର୍ତ୍ତିଯାଇଥିବା ଏକମାତ୍ର ଜୀବିତ ବିମାନଯାତ୍ରୀଙ୍କ ସହ ଅନ୍ୟ ଆହତମାନଙ୍କୁ ଭେଟିଛନ୍ତି। ଏହି କଠିନ ସମୟରେ ଦେଶର ଅତୁଟ ସମର୍ଥନ ନେଇ ଆଶ୍ୱାସନା ଦେଇଛନ୍ତି। ଅହମ୍ମଦାବାଦ ବିମାନବନ୍ଦରରେ ଦୁର୍ଘଟଣା ପରେ ଜାରି ରହିଥିବା ସହାୟତା ପୁନରୁଦ୍ଧାର କାର୍ଯ୍ୟର ମୂଲ୍ୟାଙ୍କନ ନେଇ ଶୀର୍ଷ କର୍ତ୍ତୃପକ୍ଷଙ୍କ ସହ ବୈଠକ କରିଛନ୍ତି ।

ଏହି ସମୀକ୍ଷା ବୈଠକରେ ପ୍ରଧାନମନ୍ତ୍ରୀ ଅଧ୍ୟକ୍ଷତା କରିଥିଲେ ।ସେହିଭଳି ଗତକାଲି ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାନୀଙ୍କ ପରିବାରବର୍ଗଙ୍କୁ (୯ ପୃଷ୍ଠାରେ)

## ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ଲାଗି ଡିଜିସିଏର ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୩ ।୬ : ଅହମ୍ମଦାବାଦରେ ଭୟାବହ ବିମାନ ଦୁର୍ଘଟଣା ପରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶକ (ଡିଜିସିଏ) କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ସମସ୍ତ ବୋଇଂ ୭୮୭-୮/୯ ଫ୍ଲିଟର ବିମାନଗୁଡ଼ିକ ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ କରାଯିବ । ଆସନ୍ତା ୧୫ ତାରିଖରୁ ଏହି ଯାଞ୍ଚ କଡ଼ାକଡ଼ି ହେବ । ୭୨୭ ଡ୍ରିମ୍ ଲାଇନର ଓ ଆମେରିକାର ବୋଇଂ ବିମାନ ଉତ୍ପାଦନକାରୀ ସଂସ୍ଥାକୁ ମଧ୍ୟ ତଦାରଖରେ ରଖାଯାଇଛି ।

ଡିଜିସିଏର ନିଷ୍ପତ୍ତି ଅନୁଯାୟୀ ଫୁଏଲ୍, ଇଞ୍ଜିନ୍ ଏବଂ ହାଇଡ୍ରୋଲକ୍ସ ବ୍ୟବସ୍ଥାର ଆଗୁଆ ଯାଞ୍ଚ କରାଯିବ। ଏୟାର ଇଣ୍ଡିଆ ବୋଇଂ ଡ୍ରିମ୍‌ଲାଇନର ବିମାନଗୁଡ଼ିକ ଯାହାର ଜେନ୍‌ଏକ୍ସ ଇଞ୍ଜିନ ରହିଛି ତାହା ମଧ୍ୟ ସୁରକ୍ଷା ବଳୟରେ ରହିବ । ନିଷ୍ପତ୍ତି ଅନୁଯାୟୀ ଫୁଏଲର ପାରାମିଟରକୁ ଯାଞ୍ଚ କରାଯିବା ସହ କ୍ୟାବିନର ଏୟାର କମ୍ପ୍ରେସର ଓ ଅନ୍ୟାନ୍ୟ ବ୍ୟବସ୍ଥା ତଦାରଖ କରାଯିବ । ଏହାଛଡ଼ା ଇଲେକେଫାନିକ୍ସ ଇଞ୍ଜିନ କଣ୍ଟ୍ରୋଲ ସିଷ୍ଟମର ପରୀକ୍ଷା କରାଯିବ। ଇଞ୍ଜିନ ଫୁଏଲ୍-ଡ୍ରାଇଭେନ ଆକଫିୟୁଟର - ଅପରେସନାଲ (୯ ପୃଷ୍ଠାରେ)

T-38 CLOSE

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

*****

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା. 16/06/2025 ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR : 09014/11/0143/2526



**ରଜ ପର୍ବ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ରଜ ପର୍ବ ଓଡ଼ିଶାରେ ପାଳନ କରାଯାଉଥିବା କୃଷିଭିତ୍ତିକ ପର୍ବମାନଙ୍କ ମଧ୍ୟରେ ଅନ୍ୟତମ ଶ୍ରେଷ୍ଠ ପର୍ବ । ଆମ ଓଡ଼ିଆ ସଂସ୍କୃତିର ଏକ ନିଛକ ମହାନ୍ ପର୍ବ । ଧରିତ୍ରୀ ମାତାର ଉପାସନା ସହିତ ଘରେ ଘରେ ଆନନ୍ଦ ଉଲ୍ଲାସରେ ଏହି ପର୍ବ ପାଳନ କରାଯାଇଥାଏ । ଏହି ଅବସରରେ ଚାଷୀକୁଳଙ୍କ ସୁଖ ଓ ସମୃଦ୍ଧି କାମନା କରିବା ସହିତ ରାଜ୍ୟବାସୀ ଭାଇଭଉଣୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DSPL-31 OIPR-15001/13/0697/2526



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

**କୃଷକ ରେଜିଷ୍ଟ୍ରି**

ସରକାରଙ୍କର ଡିଜିଟାଲ କୃଷି ଅଧୀନରେ କୃଷକ ପଞ୍ଜିକରଣ ଜାରି ରହିଛି



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସମସ୍ତ ବର୍ଗର ଚାଷୀ ଓ ପି ଏମ୍ କିଷାନ ହିତାଧିକାରୀ ଏଥିରେ ପଞ୍ଜୀକୃତ ହେବା ଅନିବାର୍ଯ୍ୟ
ନଚେତ ଆପଣ ପି ଏମ୍ କିଷାନ ଯୋଜନାରୁ ବଞ୍ଚିତ ହୋଇପାରନ୍ତି

**ଆବଶ୍ୟକୀୟ ଦସ୍ତାବିଜ୍**

- ଆଧାର କାର୍ଡ
- ଆଧାର ସଂଯୁକ୍ତ ମୋବାଇଲ୍ ନମ୍ବର୍
- ନିଜ ନାମରେ ଥିବା ଜମି ପଟ୍ଟା

**ଜମିଜମା ରେକର୍ଡ ନିଜ ନାମରେ ନଥିଲେ**

ମୃତ ଜମିଧାରୀଙ୍କ ମୃତ୍ୟୁ ପ୍ରମାଣ ପତ୍ର କିମ୍ବା ଉତ୍ତରାଧିକାରୀ ପ୍ରମାଣ ପତ୍ର ସହ ତହସିଲ୍ କାର୍ଯ୍ୟାଳୟରେ ଯୋଗାଯୋଗ କରି ଜମି ପଟ୍ଟା/ RoR ରେ ନାମ ସଂଶୋଧନ କରାଇ ନିଅନ୍ତୁ

ନିମ୍ନସ୍ଥ ଚାରୋଟି ଉପାୟ୍ ମଧ୍ୟରୁ ଯେକୌଣସି ଉପାୟ୍ ମାଧ୍ୟମରେ କୃଷକ ରେଜିଷ୍ଟ୍ରି ପୋର୍ଟାଲ (https://odfr.agristack.gov.in) ରେ ତୁରନ୍ତ ନିଜକୁ ପଞ୍ଜୀକୃତ କରନ୍ତୁ

- ନିକଟସ୍ଥ ଜନ ସେବା କେନ୍ଦ୍ର
- ଗ୍ରାମପଞ୍ଚାୟତ ସ୍ତରରେ ନିଯୁକ୍ତ ସହାୟକ
- ବ୍ୟକ୍ତିଗତ ସ୍ତର
- ଗ୍ରାମପଞ୍ଚାୟତ ସ୍ତରୀୟ କ୍ୟାମ୍ପ

ଅଧିକ ସୂଚନା ପାଇଁ - ୧୫୫୩୩୩ ରେ ଯୋଗାଯୋଗ କରନ୍ତୁ

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

DSPL-115 OIPR-01510/13/0053/2526

# ଫକୀରମୋହନ


## ପାଠରଙ୍କୁଣୀ ରେବତୀ

କଥାସମ୍ରାଟ ଫକୀରମୋହନ ସେନାପତି(୧୮୪୩ରୁ ୧୯୧୮), ତାଙ୍କ ବାଲ୍ୟକାଳ ସଂଘର୍ଷମୟ । କେବେ ଅଝାଲ ସିଲେଇ ତ ଜାହାଜାତି କାରବାର- ଏମିତି ପିଲାବେଳ କଟିଲା । ପରେ ସେ ସ୍କୁଲ ମାଷ୍ଟ୍ରେ, ପରିଶେଷରେ ଦେବାନ, ଆଡ଼ମିନ୍‌ଷ୍ଟେଟର । ତାଙ୍କର ବିପୁଳ ଜୀବନାନୁଭୂତି । ଓଡ଼ିଶା ଜନଜୀବନ ସହ ସେ ଓତପ୍ରୋତ ଭାବେ ସଂଶ୍ଳିଷ୍ଟ । ଜୀବନକୁ ସେ ଦେଖିଥିଲେ ଖୁବ୍ ନିକଟରୁ । ଉନ୍ନବିଂଶ ଶତାବ୍ଦୀ ଓଡ଼ିଶାର ଶିକ୍ଷା, ସାମାଜିକ ବ୍ୟବସ୍ଥା, ଆର୍ଥନୀତିକ ଜୀବନ, ଅପସଂସ୍କୃତି, ସାହୁକାର ଗୁମାସ୍ତାଙ୍କ ଶୋଷଣ, ଫିରିଙ୍ଗି ବାହିନୀଙ୍କ ଅପଶାସନ- ଏପରି ଫକୀରମୋହନଙ୍କୁ ବହୁ ଭାବରେ, ବହୁ ରୂପରେ ପ୍ରଭାବିତ କଲା । ସେ ତଟସ୍ଥ ହୋଇ ଆଙ୍କିଦେଲେ ଏ ସବୁକୁ ଆପଣାର ରାଶି ରାଶି ସାହିତ୍ୟକୃତିରେ । ବିଶେଷକରି ତାଙ୍କ ଗଦ୍ୟ ସମୂହ ଜନଜୀବନକୁ ଆପଣେଇ ନେଇଛି, ହୋଇଯାଇଛି କାଳଜୟୀ । ଫକୀରମୋହନ ପ୍ରଥମେ ଦ୍ରଷ୍ଟା, ପରେ ସାଧକ ଓ ସ୍ରଷ୍ଟା । ତାଙ୍କ ଲେଖନୀରୁ ଜନ୍ମ ନେଇଛି ଚାରୋଟି ଉପନ୍ୟାସ- 'ଛ ମାଣ ଆଠଗୁଣ୍ଠ', 'ମାମୁ', 'ଲଛମା', 'ପ୍ରାୟଶ୍ଚିତ' । ଅନୁରୂପ ଭାବେ ସେ ୨୦ଟି କ୍ଷୁଦ୍ର ଗଳ୍ପର ସ୍ରଷ୍ଟା । ତାଙ୍କର ପ୍ରଥମ ଗଳ୍ପ 'ରେବତୀ' (୧୮୯୮) । ଏଥିରେ ସେ ନାରୀଶିକ୍ଷାର ପ୍ରୋତ୍ସାହନ ଦେଇଛନ୍ତି । କେବଳ ସେତିକି ନୁହେଁ, 'ପେଟେଣ୍ଟ ମେଡ଼ିସିନ୍', 'ସୁନା ବୋହୂ', 'ମୋର ତ ପାଠୋଇ ବୋହୂ', 'ସଭ୍ୟ ଜମିଦାର' ଆଦି ଗପରେ ବି ଅନୁରୂପ ପ୍ରସଙ୍ଗ ସ୍ଥାନିତ ।

ସମାଜ ସଂସ୍କାରକ ଫକୀରମୋହନ । ନାରୀଙ୍କ ସ୍ଥାନ ରୋଷେଇଶାଳାରେ-ଏ ଚିନ୍ତନଟି ପ୍ରାଚୀନ ବର୍ବରତା । ଏ କଥାଟି ସେ ଅନୁଭବ କରିଥିଲେ । ଶିକ୍ଷିତ ପୁରୁଷ, ଗୋଟିଏ ଅଶିକ୍ଷିତା ନାରୀ-ଏଇଟି କୌଣସି ଜାତି ପାଇଁ ଶୁଭଙ୍କର ନୁହେଁ । ଏକଥା ମଧ ଫକୀରମୋହନ ବୁଝିଥିଲେ । ଉନ୍ନବିଂଶ ଶତାବ୍ଦୀର କଥା । ଓଡ଼ିଶାରେ ନାରୀଶିକ୍ଷା ଅତ୍ୟନ୍ତ ନୈରାଶ୍ୟଜନକ । ଶିକ୍ଷାତ ଦୂରର କଥା, ଏରୁଣ୍ଡିବନ୍ଧ ଡେଇଁବାକୁ ବାରଣ । ସେବେ ନିଜର ବଡ଼ିଲା ଭଉଣୀ, ବିବାହିତା ସ୍ତ୍ରୀ ନାଁ ପ୍ରକାଶ କରିବାକୁ ଅନେକ କୁଣ୍ଠା ପ୍ରକାଶ କରୁଥିଲେ । ପ୍ରାଚୀନ ପ୍ରଥା ପରମ୍ପରା ପିଷ୍ଟ ଜୀବନ । ହିନ୍ଦୁ ସମାଜର କଠୋର ନିୟମକୁ ଏଡ଼ାଇବା ସମ୍ଭବ ନଥିଲା । ନାରୀଶିକ୍ଷାର ପ୍ରୋତ୍ସାହନ ଆଦୌ ନଥିଲା । ନାରୀଶିକ୍ଷା ଦ୍ୱାରା ଭ୍ରଷ୍ଟାଚାର ବ୍ୟାପିବ- ଏ ପ୍ରକାର ଆଶଙ୍କା ବଳବତ୍ତର ଥିଲା । ନାରୀ ସତୀତ୍ୱକୁ ରୁଦ୍ଧ କପାଟରେ ରକ୍ଷାକରିବାର ରୀତି ଅନୁଷ୍ଠିତ ହୋଇଥିଲା ।

ନାରୀଶିକ୍ଷାର ପ୍ରସାର ପାଇଁ ପ୍ରଥମେ ଖ୍ରୀଷ୍ଟିୟାନ ମିଶନାରୀମାନେ ପଦକ୍ଷେପ ନେଲେ । ରାଜା, ବିଷୟାସମ୍ପନ୍ନକରଣ- ଏମାନେ ଆପଣା, ଆପଣାଘରେ ଖ୍ରୀଷ୍ଟିୟାନ ପାଠ ମା' ରଖିଲେ । ଝିଅମାନଙ୍କୁ ଶିକ୍ଷା ଦେଲେ । ଏଇ କଥାଟି ଲେଖିଥିଲା- ଉତ୍କଳ ଦୀପିକା(୧୮୮୧) । ଅବିନାଶ ଚଟ୍ଟୋପାଧ୍ୟାୟ, ନିଜ ବାଲୁବଜାର ସ୍ଥିତ ବାସଭବନରେ ବାଳିକା ସ୍କୁଲଟିଏ ବସାଇଲେ । ନବାଚାରୀ ନଥିବା ବୟସ୍କା ଭଦ୍ର ବଂଶୋଦ୍‌ଭବା ବାଳିକାଙ୍କୁ ଏହି ବିଦ୍ୟାଳୟରେ ଗ୍ରହଣ କରାଗଲା । ଅନ୍ୟମାନଙ୍କୁ ସୁଯୋଗ ଦିଆଯାଉ ନଥିଲା । ଏକଥାଟି ଉତ୍କଳ ଦୀପିକାର ସମ୍ପାଦକ ମଧ ଲେଖିଥିଲେ । ଫକୀରମୋହନ ବାଲେଶ୍ୱରରେ ବସାଇଲେ ବାଳିକା ସ୍କୁଲଟିଏ । ଏଥିପାଇଁ ବହୁ ହିନ୍ଦୁ ନିନ୍ଦା ସହିଲେ । ଏସବୁ ଅଭିଜ୍ଞତାକୁ ଉଲ୍ଲେଖ କରିଛନ୍ତି ଆପଣା ଆତ୍ମଲିପି 'ଆତ୍ମଚରିତ' ରେ' । ଦୂରଦ୍ରଷ୍ଟା ଫକୀରମୋହନ ସେଦିନ ରେବତୀକୁ ଖଡ଼ି ଧରାଇଲେ । ସେ କିଛି କିଛି ପଢ଼ିଲା ବି । ସ୍ରଷ୍ଟା ଜାଣିଥିଲେ ଏ ଦିନ ରହିବନି । ଦିନ ଆସିବ, ତାଙ୍କ ରେବତୀମାନେ ଆଗକୁ ମାଇନର ପଢ଼ିବେ, ଉଚ୍ଚ ଶ୍ରେଣୀ ଏମିତି ଢ଼େର ଢ଼େର ପାଠ ପଢ଼ିବେ । ଚାକିରି କରିବେ, ବାପା ଭାଇଙ୍କୁ ଟଙ୍କା ରୋଜଗାର କରି ଦେବେ । ପୁରୁଷଙ୍କ ସହ ସମାନ ହେବେ । ନାଁ କରିବେ । ତାଙ୍କ କଥା ସତ ହେଲା । ଏବେ ଓଡ଼ିଆ ନାରୀ ବହୁ ଆଗରେ । ଫକୀରମୋହନଙ୍କ 'ରେବତୀ'କୁ ଭୁଲିପାରିଲେନି ଉତ୍ତର ପିଢ଼ିର ଲେଖକ/ଲେଖିକା । କାହା କଲମରେ ସେ ଉଚ୍ଚଶିକ୍ଷିତା, କିଏ ବଡ଼ ଚାକିରି କରି ବିଡ଼ା ବିଡ଼ା ଟଙ୍କା କମଉଛି, ଭାଇକୁ ପାଠ ପଢ଼େଇଛି । ଆଉ କେଉଁଠି ରେବତୀର ସହରୀ ସଂସ୍କରଣ । ସେ ସ୍କୁଲରୁ ବାସୁ ସାର୍‌ଙ୍କ ସାଇକେଲରେ ବସି ଚାଲି ଯାଉଛି, ତାଙ୍କ ସହ ନିରୋଳାରେ ଦି ଚାରି ଦିନ ଏକାଠି କଟାଉଛି । ପୁଣି ଗାଁକୁ ଫେରିଛି । ପାଠ ପଢ଼ା ଚାଲୁ ରଖିଛି । ଅନ୍ୟତ୍ର ଘରସଂସାର କରିଛି । ଏବେ ସେ ନେତ୍ରୀ । ଏସବୁ ପରିପକ୍ୱ ସମୟର ଫଳ । ମାତ୍ର ଫକୀରମୋହନଙ୍କ 'ରେବତୀ' ହିଁ 'ରେବତୀ' । ନାରୀଶିକ୍ଷା, ସଂଯତ ପ୍ରେମ, ସାମାଜିକତା- ଏ ସମସ୍ତର ସଫଳ ରୂପାୟନ ଘଟିଛି ଗପଟିରେ । ସତରେ ! 'ରେବତୀ' ଅନନ୍ୟା, ଅସାଧାରଣ ମଧ । ଓଡ଼ିଆ ବାଣୀ ଭଣ୍ଡାରରେ ତା'ଦୃଶ ସୃଷ୍ଟି ବିରଳ !

ଡ. ସର୍ବେଶ୍ୱର ସେଣ
ମୋ: ୯୪୩୭୦୮୮୦୩୯





ନିଦାଘ ଗ୍ରୀଷ୍ମରେ ଯେତେବେଳେ ମା' ମାଟି ସିଝି ଯାଇଥାଏ, ମନଟିଏ ଢ଼ହଳ ବିକଳ ହେଉଥାଏ, ସେତେବେଳେ ସେ ଆଦ୍ୟ ଆଷାଢ଼ର ପ୍ରଥମ ବାରିଧାରାକୁ ସ୍ୱାଗତ କରେ । ଗ୍ରୀଷ୍ମ ଋତୁ ବିଦାୟ ନିଏ ଲୁହଭିଜା ଆଖିରେ ଓ ବର୍ଷା ଋତୁ ଆସେ ମେଘ ପାଲିଙ୍କିରେ । ଏହି ଯିବା ଆସିବା ମାହେନ୍ଦ୍ର ଲଗ୍ନରେ ଉତ୍କଳରେ ଏକ କୃଷିଭିତିକ ଗଣପର୍ବ ପାଳିତ ହୁଏ, ଯାହାକୁ ରଜପର୍ବ କୁହାଯାଏ । ଜ୍ୟେଷ୍ଠ ମାସର ଶେଷ ଦିନ ପହିଲି ରଜ, ଆଷାଢ଼ ମାସର ପ୍ରଥମ ଦିନ ରଜ ସଂକ୍ରାନ୍ତି ବା ଦ୍ୱିତୀୟ ରଜ, ତୃତୀୟ ଦିନ ଶେଷ ରଜ ବା ଭୂମି ଦହନ ବୋଲି କୁହାଯାଏ । ଏହି ତିନି ଦିନର ମିଳନ ତିଥିକୁ ରଜ ପର୍ବର ଆଖ୍ୟା ଦିଆଯାଇଛି । ଚତୁର୍ଥ ଦିନରେ ବସୁମତୀ ସ୍ନାନ କରାଯାଏ । ରଜ ଶବ୍ଦର ଆକ୍ଷରିକ ଅର୍ଥ ରଜବତୀ ହେବା, ଯାହା ପୃଥିବୀକୁ ମାତା ଭାବରେ ବିବେଚନା କରାଯାଇଥାଏ । ବର୍ଷାର ଆଗମନରେ ସେ ରଜସ୍ୱଳା ହେବାର ଓ ନୂଆ ଶସ୍ୟ ଜନ୍ମ ହେବାର ସାଙ୍କେତିକ ଭାବ ବହନ କରିଥାଏ । ଏହି ଦିନରେ ଚାଷୀମାନେ ବସୁମତୀ ତଥା ହଳ ଲଙ୍ଗଳ ପୂଜନ କରିବା ସହ ଚାଷ କାମରୁ ବିରତି ନେଇଥାନ୍ତି । ରଜରେ ପୋଡ଼ପିଠା ଓ ପାନଖିଆ ସହିତ ଝିଅମାନଙ୍କର ରଜ ଦୋଳି, ପୁଚି ଖେଳ ସହ ପୁଅମାନଙ୍କର ଲୁଡୁ, ତାସ୍, ବାଗୁଡ଼ି ଆଦିର ଖେଳ ଏହି ଦିନରେ ପାଳନ କରାଯାଏ । ଆଷାଢ଼ ମାସର ପ୍ରଥମ ବର୍ଷାର ଆଗମନରେ ମେଘ ଓ ମାଟିର ମିଳନ ହୁଏ ମାଟି ମା' ହୁଏ ରଜସ୍ୱଳା । କୃଷି ପ୍ରଧାନ ଦେଶଭାବେ ଖ୍ୟାତି ଲାଭ କରିଥିବା ଆମ ଦେଶରେ ମାଟି ମା' ବହୁ କିସମର ଫସଲ ଫଳାଇ ଆମରି ହାତରେ ଅଜାଡ଼ି ଦିଏ । ମା' ଟିଏ ଯେମିତି ପ୍ରଜନନ ପୂର୍ବରୁ ବିଶ୍ରାମ ଆବଶ୍ୟକ କରେ, ସେମିତି ପ୍ରଜନନକ୍ଷମ ହେବାକୁ ଯାଉଥିବା ମାଟି ମା'କୁ ରଜ ତିନିଦିନ ବିଶ୍ରାମ ଦିଆଯାଏ । ଯେଉଁଥିପାଇଁ ଭୂ-ଖନନ ବାରଣ କରାଯାଇଥାଏ । କୁମାରୀମାନଙ୍କ ପାଇଁ ରଜପର୍ବ ହେଉଛି ତାଲିମ ପ୍ରଦାନକାରୀ ପର୍ବ । ଆଷାଢ଼ ମାସର ପହିଲି ବର୍ଷାରେ ମାଟି ମା'ର ପ୍ରଜନନ ଶକ୍ତି ଜାଗ୍ରତ ହୋଇଥାଏ । ଏହି କାରଣରୁ ଧରିଣୀ ମାତାଙ୍କୁ ରଜସ୍ୱଳା ସ୍ତ୍ରୀ ସହିତ ତୁଳନା କରାଯାଇଥାଏ । ଜଣେ ନାରୀ ଭାବେ ଆଗାମୀ ଦିନରେ କି କି କର୍ତ୍ତବ୍ୟ କରିବାକୁ ହେବ, ତାହା କୁମାରୀ ମାନଙ୍କଠାରୁ ଶିଖିବାକୁ ପଡ଼ିଥାଏ ଏହି ରଜପର୍ବ ପାଳନ ଅବସରରେ । କୁମାରୀମାନେ ରଜପର୍ବ ମଉଜ ଭିତରେ ଜଣେ ନାରୀର ଚଳଣି, ଆଚାରସଂହିତାକୁ ବିଧିଭାବେ ପାଳିଥାଆନ୍ତି ଏବଂ ଭବିଷ୍ୟତରେ ଯେତେବେଳ ଝିଅଟିଏ ନାରୀ ଭୂମିକାରେ ଅବତୀର୍ଣ୍ଣ ହୋଇ କର୍ତ୍ତବ୍ୟ ସମ୍ପାଦନ କରେ ଏହି ଆଚାରସଂହିତା ତାକୁ ସହାୟ ହୋଇଥାଏ ।

ଯୁବତୀ ଓ ମହିଳାଙ୍କ ମଧରେ ହୁଳହୁଳି କାନ୍ଦଣା ରଜଗୀତ, ପୋଡ଼ପିଠା, ରଜମୁଢ଼ୀ, ପାନଭଙ୍ଗା, ମେହନ୍ଦୀ, ଝୋଟି, ତାସ୍, ଲୁଡୁ, ଚିତ୍ରାଙ୍କନ ଆଦି ବହୁବିଧ ପାରମ୍ପାରିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ । ଯୁବକମାନଙ୍କ ମଧରେ କବାଡ଼ି ଓ ଲୁଡୁଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ । ରଜପର୍ବ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଖୁବ୍ ଧୁମ୍‌ଧାମ୍ ଓ ମହାସମାରୋହରେ ଅନୁଷ୍ଠିତ ହୋଇଥାଏ । ମାଟି ପିତୁଳାରେ ବରକନ୍ୟା ନିର୍ମାଣ କରାଯାଇ ବିବାହ ଉତ୍ସବ କରାଯାଏ । ଆଦିବାସୀମାନେ ନୃତ୍ୟର ତାଳେ ତାଳେ ନାଚ କରିଥାନ୍ତି । ଆଉ ମଧ ଓଡ଼ିଶାର ଅର୍କ କ୍ଷେତ୍ରରେ ଭଗବତୀ ପୀଠରେ ଥିବା ଶତାଧିକ ରଜଦୋଳି ପାରମ୍ପାରିକ ପ୍ରତିଯୋଗିତା ସହ ଓଡ଼ିଆ ଖାଦ୍ୟ ପୁଣି ବିଦେଶୀ ପର୍ଯ୍ୟଟକଙ୍କ ଭିତରେ ରଜ ମଉଜ ସତରେ ନିଆରା । ବସୁମତୀ ସ୍ନାନ ସହ ରଜପର୍ବର ପାଳନ ଶେଷ ହୁଏ । ଗାଁର ଆବାଳ ବୃଦ୍ଧବନିତା ଶୋଭାଯାତ୍ରାରେ ଯାଇ ରଜକୁ ବାଟୋଇ ଆସିଥାନ୍ତି । ରଜପର୍ବର ପୋଡ଼ପିଠା ହେଉଛି ଉତ୍କଳୀୟ ସାଂସ୍କୃତିର ଏକ ଅଂଶ । ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରତ୍ୟେହ ପୋଡ଼ପିଠା ଲାଗିହେବାର ପରମ୍ପରା ବହୁ ଦିନରୁ ପ୍ରଚଳିତ । ସମ୍ଭବତଃ ଉକ୍ତ ପରମ୍ପରା ପୋଡ଼ପିଠାର ପ୍ରତିଫଳିତ ।

କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ମୋ.ନଂ.- ୭୮୪୯୦୧୫୧୨୭






ଓଡ଼ିଶାରେ ବିଭିନ୍ନ ପର୍ବ ପାଳନ କରାଯାଇଥାଏ । ହେଲେ ସେଥିରୁ ରଜର ସ୍ଥାନ ଓଡ଼ିଆଙ୍କ ମନରେ ସ୍ୱତନ୍ତ୍ର । ରଜକୁ ନେଇ ଲୋକଙ୍କ ମନରେ ରହିଛି ଅଲଗା ଭଲପାଇବା । କୃଷି ଭିତ୍ତିକ ପର୍ବ ଓ ଗଣ ପର୍ବ ଭାବେ ଏହା ପୁରପଲ୍ଲୀରେ ପରିଚିତ । ରଜ ଯେ କେବଳ ଆନନ୍ଦ ଉତ୍ସାହର ପର୍ବ ତାହା ନୁହେଁ , ଏହି ପର୍ବ ପାଳନ ପଛରେ ରହିଛି ନାରୀଙ୍କୁ ସମ୍ମାନ ଦେବାର ସ୍ୱତନ୍ତ୍ର ପ୍ରୟାସ । ରଜ ମାଧ୍ୟମରେ ମାଟି ମା'କୁ ଜଣେ ସାଧାରଣ ନାରୀ ସହ ତୁଳନା କରାଯାଇଥାଏ । ସାଧାରଣ ଯୁବତୀ ମାନେ ରଜସ୍ୱଳା ହେବା ପରେ ନିଜର ଭବିଷ୍ୟତ ପାଇଁ ପ୍ରସ୍ତୁତ ହୁଅନ୍ତି । ସେହିପରି ଧରଣୀ ମା' ମଧ ଏହି ତିନିଦିନରେ ନୂଆ ଫସଲ ପାଇଁ ନିଜକୁ ପ୍ରସ୍ତୁତ କରିଥାଏ । ବିଭିନ୍ନ ନୀତିକୁ ନେଇ ଏହି ପର୍ବ ୩ଦିନ ଧରି ପାଳନ କରାଯାଏ । ରଜରେ ଗାଁ ଗାଁରେ ଉତ୍ସବର ମାହୋଲ ଦେଖାଦେଇଥାଏ । ପାନ ଓ ପିଠା ଖାଇ, ଦୋଳି ଖେଳି ଆନନ୍ଦ ଉଲ୍ଲାସରେ ସମସ୍ତେ ଏହି ପର୍ବର ମଜା ନିଅନ୍ତି । ଏହି ପର୍ବ ସମାଜର ସବୁ ବର୍ଗଙ୍କ ମଧରେ ସ୍ନେହ, ଶ୍ରଦ୍ଧା, ଭାଇଚାରାର ମନୋଭାବକୁ ଅଧିକ ମଜବୁତ କରେ । ହେଲେ ଗତ ଦୁଇବର୍ଷ ହେଲାଣି ରଜକୁ ଫିକା କରୁଛି ମହାମାରୀ । ଖାଲିଖାଲିରେ ପାଳନ ହେଉଛି ଆନନ୍ଦର ପର୍ବ ରଜ । ଗତ ୨ଥର ଘରର ଚାରିକାନ୍ଥ ଭିତରେ ରଜ ପାଳନ ହେଉଛି । ତେବେ ଚଳିତଥର କୋରନା କଟକଣା ନଥିବାରୁ ସାଙ୍ଗସାଥୀଙ୍କ ମେଳରେ ପାଳନ ହେବ । ଅନଲାଇନ୍ ଓ ଫୋନକଲ ଛାଡି ଏଥର ବନ୍ଧୁସାଥୀଙ୍କ ଘରକୁ ଯାଇ ସମସ୍ତେ ରଜର ମଉଜ ଉଠାଇବେ ।

## ସଂକ୍ରାନ୍ତି

ରଜ ପର୍ବ ପାଳନର ଅନେକ ନିୟମ ରହିଛି । ପ୍ରାୟ ପ୍ରତି ଘରେ ସେହି ନିୟମକୁ ପାଳନ କରାଯାଇ ରଜ ପର୍ବ ପାଳନ କରାଯାଇଥାଏ । ରଜ ପାଳନକୁ ନେଇ ଥିବା ସମସ୍ତ ନିୟମ ପଛରେ କିଛି ନା କିଛି କାରଣ ମଧ ରହିଛି । ରଜର ଦ୍ୱିତୀୟ ଦିନକୁ ରଜ ସଂକ୍ରାନ୍ତି ଭାବେ ପାଳନ କରାଯାଇଥାଏ । ପରମ୍ପରା ଅନୁସାରେ ଏହି ଦିନ ଭୂମି ଉପରେ ଖାଲିପାଦରେ ଚାଲିବାକୁ ମନା କରାଯାଇଥାଏ । କୁମାରୀମାନେ ଖାଲି ପାଦରେ ଚାଲନ୍ତି ନାହିଁ । ଅଧିକାଂଶ ସମୟ ଦୋଳିରେ ଝୁଲନ୍ତି ଏବଂ ଗୁଆ ଖୋଳପା କିମ୍ବା କଦଳି ପାଟୁକା ପିନ୍ଧି ଚାଲିବାର ନିୟମ ରହିଛି । ଏହି ଦିନ ଝିଅମାନେ ଖାଲି ପାଦରେ ଚାଲି ନଥାନ୍ତି । ଘରେଘରେ ପିଠାପଣାର ଆସର ଜମେ । ସମସ୍ତେ ଗାଁ ଦାଣ୍ଡରେ ଏକାଠି ହୋଇ ବିଭିନ୍ନ ଖେଳ ଖେଳିବା ସହ ରଜ ପାନର ମଜା ନେଇଥାଆନ୍ତି । ନୂଆ ଡ୍ରେସ, ଭଳିକି ଭଳି ଖାଦ୍ୟ ସହ ରଜପାନର ମହକରେ ଗାଁ ଦାଣ୍ଡ ପୂରିଉଠେ ।

## ବସୁମତୀ ସ୍ନାନ

ରଜର ତିନିଦିନ ପରେ ଚତୁର୍ଥ ଦିନକୁ ବସୁମତୀ ସ୍ନାନ ଭାବେ ପାଳନ କରାଯାଇଥାଏ । ଏହା ବସୁଧାମାତାଙ୍କ ଶୁଦ୍ଧ ସ୍ନାନ ଅଟେ । ଏହା ବସୁମତି ସ୍ନାନ ବ୍ୟତିତ ଅନେକ ନାମରେ ଗାଁ ଗଣ୍ଡାରେ ପରିଚିତ । ଯଥା ଧରାସ୍ନାନ, ମହାଲକ୍ଷ୍ମୀ ସ୍ନାନ, ମହାଲକ୍ଷ୍ମୀ ଗାଧୁଆ ଓ ଠାକୁରାଣୀ ଗାଧୁଆ ଭାବେ ପରିଚିତ । ଏହି ପର୍ବ ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାରରେ ପାଳନ କରାଯାଇଥାଏ । ବଡ଼ି ସକାଳୁ ଶିଳପୁଆରେ ହଳଦୀ କନା ଗୁଡ଼ାଇ ସିନ୍ଦୂର, କଜଳ ଦେଇ ଧରଣୀ ମାତାଙ୍କ ସ୍ୱରୂପକୁ ସଜାଇ ପିଢ଼ା ଉପରେ ସ୍ଥାପନା କରି କଳସ ଆମ୍ବଡ଼ାଳ ରଖି କ୍ଷୀର ଦେଇ ସ୍ନାନ କରାଯାଏ । ମାସିକ ଧର୍ମର ବିଧି ଅନୁଯାୟୀ ଧରଣୀ ମାତା ତିନିଦିନ ବିଶ୍ରାମ ପରେ ସ୍ନାନ କରି ଶୁଦ୍ଧ ପବିତ୍ର ହୋଇଥାନ୍ତି । ମାର୍ଗଶୀର ଶେଷ ଗୁରୁବାରଦିନ ବନ୍ଦ ହୋଇଥିବା ମହାଲକ୍ଷ୍ମୀ ପେଡ଼ି ଏହି ଦିନ ଖୋଲାଯାଇଥାଏ । ରଜସ୍ୱଳାନାରୀ ସଦୃଶ ତିନିଦିନ ଅସ୍ପୃଶ୍ୟ ହୋଇ ରହିବାପରେ ଚତୁର୍ଥ ଦିନ ପ୍ରାତଃ କାଳରେ ଏହି ଶୁଦ୍ଧ ସ୍ନାନ ପର୍ବ ପାଳନ ହୋଇଥାଏ । ଏହି ଦିନ ରଜପର୍ବର ଆନନ୍ଦ ଉଲ୍ଲାସ ମଉଳି ଯାଇ ଆଧ୍ୟାତ୍ମିକତା ସ୍ଥାନ ନେଇଥାଏ । ଏହି ବସୁମତୀ ସ୍ନାନ ଦିବସରେ ଧରଣୀ ମାତା ପ୍ରତି ଭକ୍ତିଭାବ ଜାଗ୍ରତ ହୋଇଥାଏ। ବସୁମାତା ରଜସ୍ୱଳା ହୋଇ ଶୁଦ୍ଧସ୍ନାନ ପରେ ସୃଜନ କ୍ଷମତାଶୀଳା ଅର୍ଥାତ ଶସ୍ୟବୀଜ ଧାରଣକାରିଣୀ ହୋଇପାରିଥାନ୍ତି ।





## ନିଆରା ସ୍ୱାଦ

ରଜର ପ୍ରମୁଖ ଆକର୍ଷଣ ହୋଇଥାଏ ଏହାର ଖାଦ୍ୟ । ରଜରେ ଘରେଘରେ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥାଏ । ଏଥିରେ ସବୁଠାରୁ ଆଗରେ ରହିଥାଏ ପୋଡ ପିଠା । ପ୍ରତିଟି ଓଡିଆ ଘରେ ପୋଡ ପିଠା ପ୍ରସ୍ତୁତ ହୋଇଥାଏ । ଏହାସହ ଖାସୀମାଂସର ଆସର ଯମିଥାଏ । ସମସ୍ତ ସୁସ୍ୱାଦୁ ବ୍ୟଞ୍ଜନ ଖାଇବା ପରେ ଶେଷକୁ ପାନ ଖାଇ ସମସ୍ତେ ଖୁବ ଖୁସିରେ ଏହାକୁ ଉପଭୋଗ କରିଥାଆନ୍ତି । ରଜ ପାନରେ ବିଭିନ୍ନ ପ୍ରକାର ମସଲା ଦେଇ ପ୍ରସ୍ତୁତ କରାଯାଇଥାଏ ।

## ତୃତୀୟ ଦିନରେ ରଜ ମଉଜ

ଅନ୍ୟ ଦିନ ଭଳି ତୃତୀୟ ଦିବସରେ ମଧ ରଜର କିଛି ନିୟମ ରହିଥାଏ । ଏହି ଦିନଟିକୁ ଭୂମିର ବିଶ୍ରାମ ଦିବସ ଭାବେ ପାଳନ କରାଯାଇଥାଏ । ଏହି ଦିନ ଭୂମିରେ ହଳ ନିଷେଧ ଥାଏ । କୌଣସି ଝିଅ ଏହି ଦିନରେ ଖାଲି ପାଦରେ ଚାଲନ୍ତି ନାହିଁ । କେବଳ ପିଠାପଣାଖାଇବା ସହିତ ଦୋଳି ଖେଳି ସମୟକୁ ଉପଭୋଗ କରନ୍ତି । ରଜରେ ମାଟିକୁ ଆଘାତ ଲାଗିବା ଭଳି କୌଣସି କାର୍ଯ୍ୟ କରାଯାଇନଥାଏ । ପୁଅ ଠାରୁ ଝିଅ ସମସ୍ତେ ବିଭିନ୍ନ ପ୍ରକାର ଖେଳ ଯେପରି ତାସ, ବାଗୁଡି, ଲୁଡୁ ଆଦି ଖେଳି ପାନ ଖାଇ ରଜକୁ ଉପଭୋଗ କରନ୍ତି । ଘରେ ଘରେ ବନ୍ଧୁ କୁଣିଆଙ୍କର ଆସର ଜମିଥାଏ ।







ରାଜ୍ୟ ଅତିଥି ଭବନରେ ଗଜପତି ମହାରାଜ ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବଙ୍କ ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୌଜନ୍ୟ ମୂଳକ ସାକ୍ଷାତ ଆଲୋଚନା ।

# ପାଞ୍ଚ ଆନ୍ତଃରାଜ୍ୟ ବନ୍ଧୁକ ବେପାରୀ ଗିରଫ, ୬ ବନ୍ଧୁକ ଜବତ

ଭୁବନେଶ୍ୱର, (ସବ୍ୟୁ) : କମିଶନରେଟ୍ ପୋଲିସ ୫ ଆନ୍ତଃରାଜ୍ୟ ବନ୍ଧୁକ ବେପାରୀଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୬ ବନ୍ଧୁକ ଓ ୧୮ଗୁଳି ଜବତ କରିଛି । ଆନ୍ତଃରାଜ୍ୟ ବନ୍ଧୁକ କାରବାର ସମ୍ପର୍କରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଓ ଡିସିପି ଜଗମୋହନ ମିନା ସାମ୍ବାଦିକ ସମ୍ମିଳନୀ କରି ବିସ୍ତୃତ ସୂଚନା ଦେଇଛନ୍ତି । ଏହି ର୍ୟାକେଟ୍‌ର ମାଷ୍ଟରମାଇଣ୍ଡ୍ ସନ୍ଧାନରେ ପୋଲିସ ଥିବା ସୂଚନା ଦେଇଛନ୍ତି କମିଶନର ।

ପୋଖରୀପୁଟ ନିକଟରେ ଗିରଫ ଅଭିଯୁକ୍ତମାନେ ଜିଜେ-୨୭-ଡିଏମ୍ - ୫୧୯୬ ନମ୍ବର କାର୍‌ରେ ବସି ଗ୍ରାହକଙ୍କୁ ଅପେକ୍ଷା କରିଥିବା ବେଳେ ଏୟାରଫିଲ୍ଡ ଥାନା ଖବର ପାଇ ସେଠାରେ ଚଢାଉ କରିଥିଲା । ୫ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ କାର୍‌ରୁ ଚାରୋଟି ୭.୬୫ଏମ୍ଏମ୍ ସେମି ଅଟୋମେଟିକ୍ ପିସ୍ତଲ, ଗୋଟିଏ ୬ ରାଉଣ୍ଡ୍ ରିଭଲଭର ଓ ଗୋଟିଏ ସିଙ୍ଗିଲ୍ ସଟ୍ ବନ୍ଧୁକ ଜବତ କରାଯାଇଥିବା ପୋଲିସ ସୂଚନା ଦେଇଛି । ଏଥିସହ ୧୮ରାଉଣ୍ଡ୍ ଗୁଳି, କାର୍ ଓ ୫ଟି ମୋବାଇଲ ଜବତ ହୋଇଛି ।

ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶର ପ୍ରବୀଣ କୁମାର ସିଂ (୪୦), ଅଭିଶେକ ରାଜପୁତ (୩୧), ଇନ୍ଦ୍ରଜିତ ସିଂ (୩୮), ମଧ୍ୟପ୍ରଦେଶର ରାଘେବେନ୍ଦ୍ର ସିଂ (୨୮) ଓ କଟକ ସାଲେପୁରର ଏସ୍‌କେ ସକିଲ୍ (୨୮) । ସକିଲ୍ ମାଧ୍ୟମରେ ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶରୁ ବନ୍ଧୁକ ଆଣି ଓଡ଼ିଶାର ଭୁବନେଶ୍ୱର, କଟକ ଓ ଅନ୍ୟାନ୍ୟ ଜିଲ୍ଲାରେ ବିକ୍ରି କରନ୍ତି । ପ୍ରବୀଣ କୁମାର ଜଟଣୀ ଗେଟ୍



ଅଞ୍ଚଳରେ ରହି ବନ୍ଧୁକ ବେପାର କରେ । ଅନ୍ୟ ୩ଜଣ ତା'ର ନିକଟତମ ସହଯୋଗୀ ଭାବେ ରହି ବନ୍ଧୁକ କାରବାରର ପରିଚାଳନା କରନ୍ତି । ଏସ୍‌କେ ସକିଲ୍ ଏମାନଙ୍କ ନିକଟରୁ ବନ୍ଧୁକ ନେଇ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାରବାର କରନ୍ତି । ଗିରଫ ଅଭିଯୁକ୍ତମାନଙ୍କ କାମ ହେଲା ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶରୁ ବନ୍ଧୁକ ଆଣି ଓଡ଼ିଶାର ଗ୍ରାହକମାନଙ୍କୁ ଯୋଗାଇବା । ର୍ୟାକେଟ୍‌ର ୫ଜଣଙ୍କୁ ଗିରଫ କରାଯାଇଥିବା ବେଳେ ମାଷ୍ଟରମାଇଣ୍ଡ୍‌କୁ ସନ୍ଧାନ କରୁଛି ପୋଲିସ ।

କଟକ ବୟାଳିଶ ମୌଜାରେ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ବନ୍ଧୁକ କାରଖାନା ଠାବ କରିବା ପରେ ଜଣାପଡିଥିଲା ଯେ, ବିହାର ମୁଙ୍ଗେରର ଗ୍ୟାଙ୍ଗ୍‌ଷ୍ଟର ଏଠାରେ ବନ୍ଧୁକ କାରଖାନା ଚଳାଇବା ସହ ଅଧା ତିଆରି ମାଲ୍ ନେଇ ମୁଙ୍ଗେରରେ ପଲିସୀ କରି ଉଚ୍ଚ ଦାମ୍‌ରେ ବିକ୍ରି କରନ୍ତି । ଏସ୍‌ଟିଏଫ୍ ବୟାଳିଶ ମୌଜା ଓ ମୁଙ୍ଗେରର୍ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ବିପୁଳ ପରିମାଣର ବନ୍ଧୁକ ତିଆରି ମାଲ ଓ ଅଧା ତିଆରି ବନ୍ଧୁକ ଜବତ କରିଥିଲା । ବୟାଳିଶ ମୌଜା ବନ୍ଧୁକ ରାଜ୍ୟ ତଥା ରାଜ୍ୟ ବାହାରେ କାରବାର ହେଉଥିବା ବେଳେ କମିଶନରେଟ୍ ପୋଲିସ ଶୁକ୍ରବାର ଗିରଫ କରିଥିବା ଅଭିଯୁକ୍ତମାନେ ଅଲଗା ର୍ୟାକେଟ୍‌ର । ଭୁବନେଶ୍ୱର, କଟକ, ବ୍ରହ୍ମପୁର ସମେତ ବିଭିନ୍ନ ଜିଲ୍ଲାର ବହୁ ଲୋକଙ୍କ ହାତରେ ଚୋରା ବନ୍ଧୁକ ରହୁଛି । ପୋଲିସ କେତେକ କ୍ଷେତ୍ରରେ ଚୋରା ବନ୍ଧୁକ ଜବତ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରୁଛି ।

ଗତ କିଛିଦିନ ତଳେ ଗଞ୍ଜାମ ଜିଲ୍ଲା ପୋଲିସ ତିନି ଦଫାରେ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ବିପୁଳ ପରିମାଣର ବନ୍ଧୁକ ଓ ଗୁଳି ଜବତ କରିଛି । ସେମାନଙ୍କ ମଧ୍ୟରୁ କେତେକ ବନ୍ଧୁକ ବେପାରୀ ଭାବେ କାମ କରନ୍ତି । ଆନ୍ତଃରାଜ୍ୟ ର୍ୟାକେଟ୍ ପାଖରୁ ବନ୍ଧୁକ ସଂଗ୍ରହ କରି ଦୁର୍ଦ୍ଦାନ୍ତ ଅପରାଧୀମାନଙ୍କୁ ବିକ୍ରି କରୁଥିବା ପୋଲିସ ପ୍ରମାଣ ସଂଗ୍ରହ କରିଛି । କମିଶନରେଟ୍ ପୋଲିସ ଗିରଫ କରିଥିବା ୫ ବନ୍ଧୁକ ବେପାରୀଙ୍କ ତଥ୍ୟ ଆଧାରରେ ମାଷ୍ଟରମାଇଣ୍ଡ୍ ଓ ଅନ୍ୟ ବ୍ୟବସାୟୀମାନଙ୍କୁ ଗିରଫ କରିବା ପାଇଁ ତଦନ୍ତ ଜାରି ରହିଛି ।

### ୧୦ଲକ୍ଷ ଟଙ୍କାର ଗହଣା ଜବତ

## ଲୁଟେରା ସମେତ ସ୍ୱର୍ଣ୍ଣକାର ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଚନ୍ଦ୍ରଶେଖରପୁର ଥାନା ପୋଲିସ ଲୁଟେରା ସମେତ ଜଣେ ସ୍ୱର୍ଣ୍ଣକାରକୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧୦ଲକ୍ଷ ଟଙ୍କାର ଗହଣା ଓ ୪୦ ହଜାର ଟଙ୍କା ଜବତ କରିଛି । ଜବତ ଗହଣା ମଧ୍ୟରେ ଦୁଇଟି ସୁନା ଚେନ୍, ଗୋଟିଏ ନେକ୍‌ଲେସ୍, ଦୁଇଟି ମୁଦି, ୫ଟି କାନ ରିଂ ଓ ୨ଟି ମଙ୍ଗଳସୂତ୍ର ଥିବା ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି ଜୋନ୍ ଏସିପି ।

ଜ୍ଞାନରଞ୍ଜନ ସେନାପତିଙ୍କ ଏତଲା ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା । ଅଭିଯୋଗକାରୀ ତାଙ୍କ ମା'ଙ୍କ ସହିତ କୈଳାସ ବିହାରର ଘରେ ତାଲା ଲଗାଇ ଗତ ୮ ତାରିଖରେ ଭଦ୍ରକ ଯାଇଥିଲେ । ୧୦ତାରିଖ ଦିନ ଫେରି ଦେଖିଲା ବେଳକୁ ତାଙ୍କ ଘରେ ଏକ ନୂଆ ତାଲା ପଡିଛି । ଉପାୟଶୂନ୍ୟ ହୋଇ ସେହି ତାଲାକୁ ଭାଙ୍ଗି ଘର ଭିତରକୁ ଯାଇଥିଲେ ।

କିଛି ସମୟ ପରେ ଜାଣିବାକୁ ପାଇଥିଲେ ଯେ, ଘରେ ଥିବା ସୁନା ଅଳଙ୍କାର ଓ ନଗ ୭ ହଜାର ଟଙ୍କା ସହ ଏଲ୍‌ଆଇସି ବଣ୍ଡ୍ ଚୋରି ହୋଇଯାଇଛି । ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜରୁ ଜାଣିବାକୁ ପାଇଥିଲା ଯେ, ପ୍ରିତିରଞ୍ଜନ ବିଶ୍ୱାଳ ନାମକ ଜଣେ ଯୁବକର ସମ୍ପୃକ୍ତି ଅଛି । ଏହାପରେ ପୋଲିସ ସୂଚନା ଆଧାରରେ ପ୍ରିତିରଞ୍ଜନ ବିଶ୍ୱାଳକୁ କୈଳାସବିହାରରେ ଥିବା ହୋଟେଲ ଅନ୍‌ଭ୍ୟୁରୁ ଗିରଫ କରିଥିଲା । ପଚରାଉଚରା ବେଳେ ସେ କହିଥିଲା ଯେ, ଚୋରି ସୁନାର କିଛି ଅଂଶ କଟକର ଅମର ମହାରଣାଙ୍କୁ ବିକ୍ରି କରିଛି ।

ପୋଲିସ ଏହି ସୂଚନା ପାଇବା ପରେ କଟକ ବଣିଆ ସାହିରେ ଚଢାଉ କରି ଅମର ମହାରଣା ନାମକ ଜଣେ ସ୍ୱର୍ଣ୍ଣକାରକୁ ଗିରଫ କରିଥିଲା । ସେ ଜାଣିଶୁଣି ଚୋରି ଅଳଙ୍କାର କିଣୁଥିବା କହିବା ସହ ଗିରଫ ପ୍ରିତିରଞ୍ଜନକୁ ୧ଲକ୍ଷ ୩୦ ହଜାର ଟଙ୍କା କହିଥିଲା । ପ୍ରିତିରଞ୍ଜନ ପାଖରୁ ଜବତ ହୋଇଥିବା କିଛି ଗହଣା ମିଳିବା ସହ ଆଉ କିଛି ଗହଣା ଅମର ପାଖରୁ ମିଳିଥିବା ପୋଲିସ କହିଛି । ଏହି ମାମଲାର ତଦନ୍ତ ଜାରି ରହିଥିବା ବେଳେ ଗିରଫ ଅମର ଓ ପ୍ରିତିରଞ୍ଜନକୁ କୋର୍ଟଚାଲାଣ କରାଯାଇଛି ।

## ଟ୍ରକ ପଛରେ ପିଟିହୋଇ ବାଇକ୍ ଆରୋହୀ ମୃତ

ସାଲେପୁର,(ସବ୍ୟୁ) :କଟକ-ସାଲେପୁର ମୁଖ୍ୟରାସ୍ତାର ନନ୍ଦୋଳଗଡା ଛକ ନିକଟରେ ଟ୍ରକ ପଛପଟେ ବାଇକ ବାଡେଇ ହୋଇ ଦଶମଶ୍ରେଣୀ ଛାତ୍ର ମୃତ୍ୟୁ । ଛାତ୍ର ଜଣକ ସାଲେପୁର ପବ୍ଲିକ ସ୍କୁଲରେ ୧୦ମ ଶ୍ରେଣୀରେ ପଢୁଥିବା ସୂଚନା ମିଳିଛି । ମୃତ ଛାତ୍ର ଜଣକ ହେଲେ ମୟୁରଭଞ୍ଜର ତ୍ରିଦେବ ସୋରନଙ୍କ ପୁଅ ସୁନ୍ଦର ମୋହନ ସୋରେନ । ତାଙ୍କ ବାପା ଚାକିରି କରିଥିବା ବେଳେ ପରିବାର ସହ ସାଲେପୁର କଳାରୁଦ୍ର ଗେଷ୍ଟ ହାଉସରେ ଭଡାନେଇ ରହୁଥିଲେ । ସୂଚନାମୁତାବକ ଦଶମଶ୍ରେଣୀ ଛାତ୍ର ସୁନ୍ଦର ମୋହନ ସୋରେନ ଭୁବନେଶ୍ୱରରୁ ବାଇକରେ ସାଲେପୁରକୁ ଫେରୁଥିବା ବେଳେ ନାନ୍ଦୋଳଗଡା ଛକନିକଟରେ ରାସ୍ତା ଉପରେ ଠିଆ ହୋଇଥିବା ଟ୍ରକ ସହ ପଛପଟୁ ଦୁର୍ଘଟଣା ହୋଇଥିଲା । ଘଟଣା ସ୍ଥଳରୁ ଟ୍ରକଟି ଫେରାର ହୋଇଯାଇଯାଇଛି । ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ନାବାଳକ ଛାତ୍ର ଜଣକୁ ଉଦ୍ଧାରକରି ସାଲେପୁର ମେଡିକାଲକୁ ଆଣିଥିଲେ । ସେଠାରେ ଡାକ୍ତର ନାବାଳକ ଛାତ୍ର ଜଣକୁ ମୃତ ଘୋଷଣା କରିଛନ୍ତି ।

## ରାକେଶ ପଣ୍ଡାଙ୍କୁ 'ଶାନ୍ତି ସ୍ତୁପ ସମ୍ମାନ-୨୦୨୫'

ଭୁବନେଶ୍ୱର (ସବ୍ୟୁ): ଲେଖନୀ ମାଧ୍ୟମରେ ସମାଜରେ ପରିବର୍ତ୍ତନ ଏବଂ ଶାନ୍ତି ପ୍ରତିଷ୍ଠାର ଶ୍ରେଷ୍ଠ ପ୍ରୟାସ ଓ ଅବଦାନ ନିମନ୍ତେ ବିଶିଷ୍ଟ ଯୁବ ସାହିତ୍ୟିକ ତଥା ସ୍ତମ୍ଭକାର ରାକେଶ ପଣ୍ଡାଙ୍କୁ ଲେଖକ ବର୍ଗରେ 'ଶାନ୍ତି ସ୍ତୁପ ସମ୍ମାନ - ୨୦୨୫' ରେ ସମ୍ମାନିତ କରାଯାଇଛି । ଗୁରୁବାର ଗୀତ ଗୋବିନ୍ଦ ସଦନ ଠାରେ ଅନୁଷ୍ଠିତ ମାସିକ ଓଡିଆ ଖବର କାଗଜ 'ଶାନ୍ତି ସ୍ତୁପ' ର ୪ର୍ଥ ସ୍ୱନକ୍ଷତ୍ର ଉତ୍ସବରେ ଯୁବବର୍ଗରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶ୍ରୀ ପଣ୍ଡାଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଥିଲେ ।



କାର୍ଯ୍ୟକ୍ରମରେ ଭାଜପା ନେତା, ପ୍ରିୟଦର୍ଶୀ ମିଶ୍ର ପୂର୍ବତନ ବିଧାୟକ ତଥା ବିଶିଷ୍ଟ ପରିବେଶବିତ, ଦିଲ୍ଲୀପ ଶ୍ରୀଚନ୍ଦନ, ଅମରେଶ ଜେନା ସମାଜସେବିକା, ସୁଚିସ୍ମିତା ପୃଷ୍ଟି ସମ୍ପାଦକ, ଶାନ୍ତି ସ୍ତୁପ, ରଞ୍ଜନ କୁମାର ମହାପାତ୍ରଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ।

## ବିଦ୍ୟୁତ ଖୁଣ୍ଟରେ ପିଟିହୋଇ କାର ଦୁର୍ଘଟଣା

ପାଣିକୋଇଲ(ସବ୍ୟୁ) : ଷଠିପୁର ଠାରୁ ବୈତରଣୀ ରୋଡ ପୂର୍ତ୍ତ ବିଭାଗ ରାସ୍ତା ଦୋହରୀକରଣ ହେଉଥିବା ବେଳେ ରାସ୍ତା ମଝିରୁ ଅବଧି ବିଦ୍ୟୁତ ଖୁଂଟ ଉଠିନାହିଁ । ଖୁଂଟ ନଉଠି ମଧ୍ୟ ରାସ୍ତା କାମ ଚାଲୁ ରହିଛି । ପୂର୍ବରୁ ଏହା ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି ବୋଲି ସମାଜ ଲେଖିଥିଲା । ସତକୁ ସତ ଗୁରୁବାର ରାତିରେ ଏକ କାର ଅମୃତିଆ ଗ୍ରାମକୁ ଆସି ସେଠାରୁ ଫେରୁଥିବା ସମୟରେ ବାଲି ଗାଡିର ଲମ୍ବା ଲାଇନ ଥିବା ଦେଖି ରାସ୍ତା ମଝିରେ ଖୁଂଟ ଥିବା ଜାଣିନପାରି ବିଦ୍ୟୁତ ଖୁଂଟରେ ପିଟି ହୋଇଥିଲା । ଫଳରେ କାରଟିର ଆଗ ଭାଂଗିଯାଇଥିଲେ ହେଁ ଯାତ୍ରୀମାନେ ସୁରକ୍ଷିତ ରହିଛନ୍ତି ।

## ୩୮୭୮.୮୬ କୋଟି ନିବେଶକୁ ମଞ୍ଜୁରୀ

ଭୁବନେଶ୍ୱର,(ସବ୍ୟୁ) : ରାଜ୍ୟସ୍ତରୀୟ ସିଙ୍ଗିଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଏସ୍ ଡବ୍ଲୁସିଏ) ବୈଠକରେ ୩୮୭୮.୮୬ କୋଟିର ପୁଞ୍ଜି ନିବେଶକୁ ମଞ୍ଜୁରୀ ମିଳିଛି । ଏହି ନିବେଶରେ ରାଜ୍ୟର ୧୧ ଜିଲ୍ଲାରେ ୧୭



ନୂଆ ଶିଳ୍ପ ପ୍ରକଳ୍ପ ପ୍ରତିଷ୍ଠା ହେବ ଓ ୧୦,୫୮୪ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।


ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ୧୭ ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଓଡ଼ିଶାର ଶିଳ୍ପର ସମନ୍ୱିତ ବିକାଶ କ୍ଷେତ୍ରରେ ଏହା ଏକ ନୂତନ ପ୍ରତିଫଳନ ହେବ ବୋଲି ଆଶା କରାଯାଉଛି । ମଞ୍ଜୁର ପ୍ରକଳ୍ପ ମଧ୍ୟରେ ପ୍ଲାଷ୍ଟିକ କ୍ଷେତ୍ର ରହିଛି । ଗ୍ରୀନ୍‌ୱେଭ୍ ସର୍କୁଲାରିଟି ପ୍ରା.ଲିଃ ପକ୍ଷରୁ ୬୫୦.୨୩ କୋଟି ଟଙ୍କାର ଏକ ପୁଞ୍ଜି ନିବେଶକୁ ଅନୁମୋଦନ ମିଳିଛି । ଖୋର୍ଦ୍ଧାରେ ରିସାଇକେଲ୍ ଫ୍ଲେକ୍ସ, ପେଲେଟ୍ସ, ରେଜିନ ଉତ୍ପାଦନ ହେବ । ୬୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ସେହିଭଳି ଗୁରୁ ମହାରାଜ ମାଇନିଂ ଓ ଇଣ୍ଡଷ୍ଟ୍ରି ଲିଃ'ର ୨୨୯.୦୦୭ କୋଟି ଓ ସୁପ୍ରିମ ଇଣ୍ଡଷ୍ଟ୍ରିର ୧୭୫ କୋଟି ନିବେଶକୁ ଅନୁମୋଦନ ମିଳିଛି । ସେହିଭଳି ଟେକ୍ସଟାଇଲ ଓ ଆପିରାଲ କ୍ଷେତ୍ରରେ ୯୩୧ କୋଟି ଟଙ୍କାର ନିବେଶକୁ ଅନୁମୋଦନ ମିଳିଛି । ଏହାଛଡ଼ା ଇଲେକ୍‌ଟ୍ରୋନିକ୍ସ ସିଷ୍ଟମ, ଡିଜାଇନ ଓ ମାନୁଫାକ୍‌ଚିଂ କ୍ଷେତ୍ରରେ ୩୦୦.୪୮ କୋଟିର ନିବେଶକୁ ଅନୁମୋଦନ ମିଳିଥିଲାବେଳେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ୫୨.୩୮ କୋଟି, ଶକ୍ତି ଓ ଅକ୍ଷୟଶକ୍ତି କ୍ଷେତ୍ରରେ ୩୧୦.୫୦ କୋଟି, ଇସ୍ପାତ କ୍ଷେତରେ ୪୦୦ କୋଟି, ଲଜିଷ୍ଟିକ୍ ଓ ଭିତ୍ତିଭୂମି କ୍ଷେତ୍ରରେ ୪୩୬.୨୦ କୋଟି, ପର୍ଯ୍ୟଟନ କ୍ଷେତ୍ରରେ ୫୩ କୋଟି, ରସାୟନ କ୍ଷେତ୍ରରେ ୫୪.୯୯ କୋଟିର ନିବେଶକୁ ଅନୁମୋଦନ ମିଳିଛି । ମୁଖ୍ୟ ସଚିବ ରାଜ୍ୟ ସରକାରଙ୍କର ଶିଳ୍ପ ଅଭିବୃଦ୍ଧି ନେଇ ଥିବା ଅନୁକୂଳ ମନୋଭାବ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଉଲ୍ଲେଖ କରିଥିଲେଯେ ଇଡ଼ିଶା ପୁଞ୍ଜି ନିବେଶର ମୁଖ୍ୟ ପେଣ୍ଠସ୍ଥଳୀ ପାଲଟିଛି । ଏହି ବୈଠକରେ ଗୃହ ବିଭାଗ ଏସ୍‌ସିଏସ୍ ସତ୍ୟବ୍ରତ ସାହୁ, ଶିଳ୍ପ ବିଭାଗ ଏସ୍‌ସିଏସ୍ ହେମନ୍ତ ଶର୍ମା, ରାଜସ୍ୱ ବିଭାଗର ଏସ୍‌ସିଏସ୍ ଡିକେ ସିଂହ, ଶକ୍ତି ବିଭାଗ ପ୍ରମୁଖ ସଚିବ ବିଶାଳ ଦେବ, ବାଣିଜ୍ୟ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ି, କୃଷି ବିକାଶ ବିଭାଗ ପ୍ରମୁଖ ଅରବିନ୍ଦ ପାଢ଼ୀଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଯାଜପୁର ୮ ନମୁନାରେ କଲେରା ପଜେଟିଭ୍

ଭୁବନେଶ୍ୱର, (ସବ୍ୟୁ): ବର୍ଷାଋତୁର ପ୍ରାରମ୍ଭରେ ଜଳ ଓ ଭେକ୍ଟର ବାହିତ ରୋଗ ଗୁଡିକର ନିରାକରଣ, ପ୍ରତିଷେଧ ଓ ପରିଚାଳନା ନିମନ୍ତେ ସମସ୍ତ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ ଓ ଲକ୍ଷ୍ୟଭେଦୀ କରିବା ପାଇଁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି । ଶୁକ୍ରବାର ଏକ ଉଚ୍ଚସ୍ତରୀୟ ବୈଠକରେ ଏ ଦିଗରେ ବର୍ତ୍ତମାନ ପର୍ଯ୍ୟନ୍ତ ନିଆଯାଇଥିବା ପଦକ୍ଷେପ ଗୁଡିକର ସମୀକ୍ଷା କରି ଶ୍ରୀ ଆହୁଜା ଏହି ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ୍ ସଦ୍ୟତନ ତଥ୍ୟ ଓ ତ୍ସମ୍ବନ୍ଧୀୟ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ବୈଠକରେ ମୁଖ୍ୟତଃ ବର୍ଷା ଦିନିଆ ରୋଗ ଯଥା ଡାଇରିଆ, ଜଣ୍ଡିସ୍, ମ୍ୟାଲେରିଆ, ଡେଙ୍ଗୁ ଆଦି ରୋଗର ପ୍ରତିରୋଧ ଓ ଚିକିତ୍ସା ବିଷୟରେ ସବିଶେଷ ଆଲୋଚନା ହୋଇଥିଲା । ଜିଲ୍ଲାୱାରୀ ସ୍ଥିତିର ସମୀକ୍ଷା କରି କ୍ଷେତ୍ରସ୍ତରରେ ସଚେତନତା କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବୀ କରିବା, ଘରକୁ ଘର ସର୍ବେକ୍ଷଣ କରି ଆରମ୍ଭରୁ ରୋଗର ଚିହ୍ନଟ କରିବା, ସରକାରୀ ଡ଼ାକ୍ତରଖାନା ମାନଙ୍କରେ ଶଯ୍ୟା ସଂଖ୍ୟା ବୃଦ୍ଧି କରିବା, ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା, ସ୍ୱାସ୍ଥ୍ୟ କେନ୍ଦ୍ର ଓ ହସ୍ପିଟାଲ ମାନଙ୍କରେ ଆବଶ୍ୟକୀୟ ଔଷଧ ଓ ସାଲାଇନ୍ ଆଦି ମହଜୁଦ ରଖିବା ଆଦି ନିଶ୍ଚିତ କରାଇବା ପାଇଁ ଆହୁଜା ନିର୍ଦ୍ଦେଶ ଦେଇଥିଲେ । ଆଶାକର୍ମୀ, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡି କର୍ମୀ, କମ୍ୟୁନିଟି ହେଲ୍ଥ ୱାର୍କର ଆଦି କ୍ଷେତ୍ରସ୍ତରୀୟ କର୍ମୀମାନଙ୍କୁ ସଠିକ୍ ଭାବେ ଅନୁପ୍ରେରିତ କରି ଗ୍ରାମ ଓ ୱାର୍ଡ ସ୍ତରରେ ସମସ୍ତ ରୋଗ ପ୍ରତିରୋଧ କାର୍ଯ୍ୟକ୍ରମ ଦୃଢ଼ୀଭୁତ କରିବାକୁ ବୈଠକରେ ସ୍ଥିର ହୋଇଥିଲା । ଗ୍ରାମ ଓ ସହରାଞ୍ଚଳରେ ଥିବା ସମସ୍ତ ନଳକୂପ ଓ ପାନୀୟ ଜଳସ୍ରୋତକୁ ନିୟମିତ ଭାବେ ବିଶୋଧିତ କରିବା ପାଇଁ ଜଳଯୋଗାଣ ବିଭାଗ ଯନ୍ତ୍ରୀମାନଙ୍କୁ କଡା ନିର୍ଦ୍ଦେଶ ଦିଆଯାଇଛି । ଶିକ୍ଷାନୁଷ୍ଠାନ ପରିସରରେ ଥିବା ନଳକୂପ, କୂପ ଓ ପାଣିଟାଙ୍କି ଆଦିକୁ ବୈଜ୍ଞାନିକ ପଦ୍ଧତିରେ ସଠିକ ଭାବେ ବିଶୋଧିତ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଦୂରଦୂରାନ୍ତ ଅଞ୍ଚଳରେ ମୋବାଇଲ୍ ହେଲ୍ଥ ୟୁନିଟ୍ ଗୁଡିକୁ ଅଧିକ କ୍ରିୟାଶୀଳ କରିବା ପାଇଁ ବୈଠକରେ ଉପସ୍ଥିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଶାସନ ସଚିବଙ୍କୁ ପରାମର୍ଶ ଦିଆଯାଇଥିଲା । ମ୍ୟାଲେରିଆ ଓ ଡେଙ୍ଗୁ ପ୍ରବଣ ଅଞ୍ଚଳମାନଙ୍କରେ ଦମନ କାର୍ଯ୍ୟକ୍ରମକୁ ସଘନ ଓ ବ୍ୟାପକ କରିବା ପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ବର୍ଷାଋତୁଜନିତ ରୋଗର ସର୍ବେକ୍ଷଣ, ଚିକିତ୍ସା ଓ ପରିଚାଳନା ନିମନ୍ତେ ଜିଲ୍ଲାସ୍ତରରେ ୨୪ ଘଣ୍ଟା ଭିତ୍ତିରେ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରିବା ପାଇଁ ମଧ୍ୟ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଯାଜପୁର ଓ ଭଦ୍ରକ ଜିଲ୍ଲାର କେତେକ ଯାଗାରେ ଦେଖାଦେଇଥିବା ଡାଇରିଆ ରୋଗ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା । ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ଜଣାଇଥିଲେ ଯେ ଏସବୁ ସ୍ଥାନରେ ସର୍ବେକ୍ଷଣ ଓ ଡାକ୍ତରୀ ଦଳ କାର୍ଯ୍ୟରତ ଅଛନ୍ତି । ସଂଗ୍ରହ କରାଯାଇଥିବା ୪୧ ଟି ଝାଡ଼ା ନମୁନା ମଧ୍ୟରୁ ୮ ଟିରେ କଲେରା ପଜିଟିଭ୍ ସଙ୍କେତ ମିଳିଛି । ୧୦ ଦିନ ମଧ୍ୟରେ ବିଶୋଧନ କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ବ୍ୟାପକ ସଚେତନତା, କ୍ଷେତ୍ରସ୍ତରୀୟ ପ୍ରତିଷେଧ ଓ ପ୍ରାଥମିକ ସ୍ତରରେ ଚିହ୍ନଟ ଓ ଚିକିତ୍ସା ଆଦି ମାଧ୍ୟମରେ ସ୍ଥିତି ନିୟନ୍ତ୍ରଣାଧିନ ଅଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଜଣାଇଥିଲେ ।



ହାଇବ୍ରିଡ୍ ମୋଡ୍ରେ ଅନୁଷ୍ଠିତ ଏହି ବୈଠକରେ ସବୁ ଜିଲ୍ଲାର ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଯାଜପୁର ଜିଲ୍ଲା ନିରୀକ୍ଷଣ ଦାୟିତ୍ୱରେ ଥିବା ପଂଚାୟତି ରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଗିରୀଶ ଏସ୍.ଏନ୍ ଏବଂ ବିଭାଗର ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ ଯାଜପୁରରୁ କ୍ଷେତ୍ରୀୟ ସ୍ଥିତି ଓ ଜାରି ରହିଥିବା ପ୍ରତିକାରାତ୍ମକ ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ ।



### ବାଲିଯାତ୍ରା ପଡ଼ିଆରେ ରାଜ୍ୟସ୍ତରୀୟ ନାରୀଶକ୍ତି ସମାବେଶ

# ନାରୀ ଶକ୍ତିକୁ ଶ୍ରେଷ୍ଠ ଶକ୍ତି ଭାବେ ଗଢି ତୋଳିବା ସରକାରଙ୍କ ଉଦ୍ଦେଶ୍ୟ: ମୁଖ୍ୟମନ୍ତ୍ରୀ




କଟକ,(ସବ୍ୟୁ): ନାରୀଙ୍କୁ ସମ୍ମାନ ପ୍ରଦାନ କରିବା ରାଜନୈତିକ ପ୍ରଶିକ୍ଷଣର ପ୍ରଥମ ଶିକ୍ଷା ବର୍ଷ ପୂର୍ତ୍ତି ଅବସରରେ ଏହି ଯେଉଁ ସମାବେଶ ହୋଇଛି ଏହାର ଏକମାତ୍ର ଉଦ୍ଦେଶ୍ୟ ହେଉଛି, ଓଡିଶାର ନାରୀ ଶକ୍ତିକୁ ସବୁଠାରୁ ଶ୍ରେଷ୍ଠ ଶକ୍ତି କରି ଗଢିତୋଳିବା । ସରକାର ଏକ ବର୍ଷ ପୂରଣ ପରେ ଦ୍ୱିତୀୟ ବର୍ଷର ପ୍ରଥମ କାର୍ଯ୍ୟକ୍ରମ ହେଉଛି, ଏହି ନାରୀ ଶକ୍ତି ସମାବେଶ । କାରଣ, ଆମେ ବିଶ୍ୱାସ କରୁ ଯେ ଯେତେ ପର୍ଯ୍ୟନ୍ତ ରାଜ୍ୟର ଅଧା ଜନସଂଖ୍ୟାର ବିକାଶ ହୋଇ ନାହିଁ, ରାଜ୍ୟ କେବେ ବି ବିକଶିତ ହୋଇପାରିବ ନାହିଁ । ଐତିହାସିକ ସହର କଟକ ଠାରେ ମହିଳା ସମାବେଶ କାର୍ଯ୍ୟକ୍ରମର ଶୁଭାରମ୍ଭ ଓଡିଶାର ମାଆ ଓ ଭଉଣୀ ମାନଙ୍କ ପାଇଁ ଏକ ସୁବର୍ଣ୍ଣ ଯୁଗ ଆଣିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସରକାରଙ୍କ ପ୍ରଥମ ବର୍ଷ ପୂର୍ତ୍ତି ପାଳନ ଅବସରରେ ଏହା କହିଛନ୍ତି । ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଦ୍ୱାରା କଟକର ବାଲିଯାତ୍ରା ପଡ଼ିଆଠାରେ ରାଜ୍ୟସ୍ତରୀୟ ନାରୀ ଶକ୍ତି ସମାବେଶ ଆୟୋଜିତ ହୋଇଯାଇଛି ।

ଏହି ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ନାରୀ ମାନଙ୍କ ସଶକ୍ତିକରଣ ପାଇଁ ଆମର ସବୁଠୁ ଯୁଗାନ୍ତକାରୀ ଯୋଜନା ହେଉଛି ସୁଭଦ୍ରା ଯୋଜନା । ସୁଭଦ୍ରା ଯୋଜନା ହେଉଛି ଓଡିଶା ଇତିହାସରେ ସବୁଠାରୁ ବଡ଼ ମହିଳା କଲ୍ୟାଣ କାର୍ଯ୍ୟକ୍ରମ । ଆମ ସରକାର ଓଡିଶାର ପ୍ରତ୍ୟେକ ଗାଁ, ପ୍ରତ୍ୟେକ ପରିବାର ସହିତ ସଂଯୋଗ କରି ତଥ୍ୟ ସଂଗ୍ରହ କରିଛନ୍ତି । ବିଶେଷ କରି ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଯେଉଁଠାରେ ମା' ମାନେ ଏତେ ସଚେତନ ନୁହନ୍ତି, ସେଠାରୁ ତଥ୍ୟ ଅଣଯାଇ ସେମାନଙ୍କୁ ଏହି ଯୋଜନାରେ ଯୋଡ଼ାଯାଇଛି । ସେ କହିଥିଲେ ଯେ, ଓଡିଶାର ବିଭିନ୍ନ ଅଞ୍ଚଳରେ ଅନେକ ମା' ମାନେ ସୁଭଦ୍ରା ସହାୟତାକୁ ଏକାଠି କରି ବିଭିନ୍ନ ପ୍ରକାର ଅର୍ଥନୈତିକ କାରବାର, ମିଳିତ କୃଷି କାର୍ଯ୍ୟ କରି ନିଜ ପରିବାରପାଇଁ ଭଲ ରୋଜଗାର କରୁଛନ୍ତି । ମହିଳାଙ୍କୁ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ କରିବା ପାଇଁ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଜୀ 'ଲକ୍ଷପତି ଦିଦି' ଯୋଜନାର ପରିକଳ୍ପନା କରିଥିଲେ । ଓଡ଼ିଶା ବର୍ତ୍ତମାନ ''ଲକ୍ଷପତି ଦିଦି' ସୃଷ୍ଟି କରିବାରେ ସମଗ୍ର ଭାରତରେ ପ୍ରଥମ ସ୍ଥାନରେ ଅଛି । ଆମେ ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରିପାରିଛୁ । ସେ ପୁଣି କହିଥିଲେ ଯେ, ଚଳିତ ବର୍ଷ ରାଜ୍ୟର ସମସ୍ତ ସରକାରୀ ବିଭାଗ ମିଳିତ ଭାବରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୩,୬୯୫ କୋଟି ଟଙ୍କାର ବ୍ୟବସାୟିକ ସୁଯୋଗ ପ୍ରଦାନ କରିଛନ୍ତି । ଏହା ଆମ ରାଜ୍ୟର ଇତିହାସରେ ସର୍ବକାଳୀନ ରେକର୍ଡ । ୩.୦୭ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରାୟ ୩୦୦ କୋଟି ଟଙ୍କାର ସୁଧ ଫେରସ୍ତ କରାଇ ସେମାନଙ୍କର ଆର୍ଥିକ ସ୍ୱପ୍ନକୁ ସାକାର କରିବାରେ ସହାୟକ ହୋଇଛୁ । ମହିଳା ସଶକ୍ତିକରଣ ଆମପାଇଁ ଏକ ସ୍ଲୋଗାନ ନୁହେଁ ଚଳିତ ବର୍ଷ ବଜେଟରେ କେବଳ ମହିଳାଙ୍କ ପାଇଁ ୮୯ ହଜାର ୮୬୧ କୋଟି ଟଙ୍କାର ପ୍ରାବଧାନ ମହିଳାଙ୍କ ପାଇଁ ଆମର ପ୍ରତିବଦ୍ଧତା ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନାରୀ ଶକ୍ତିର ସମୃଦ୍ଧ ଚେତନାରେ ଉଦ୍ଦୀପିତ ହୋଇ ଏକ ବିକଶିତ, ସମୃଦ୍ଧ ଏବଂ ଗର୍ବିତ ଓଡ଼ିଶା ଗଢ଼ିବା ପାଇଁ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା କହିଛନ୍ତି ଯେ, ଆଜିର ଏହି ଉତ୍ସବ କେବଳ ସମ୍ମାନର ନୁହେଁ, ବରଂ ଓଡ଼ିଶାକୁ ଏକ ସମାନତା, ସମୃଦ୍ଧି ଓ ପ୍ରଗତିର ରାଜ୍ୟ ଭାବେ ଗଠନ କରିବାର ସଂକଳ୍ପ ଉତ୍ସବ । ଏହି ଅବସରରେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପୋଷଣ ଅଭିଯାନରେ ତୃଣମୂଳ ସ୍ତରରୁ ରାଜ୍ୟସ୍ତରର ବିଭିନ୍ନ ଲିଖିତ ଓ ଫଟୋ ଚିତ୍ର ସମ୍ବଳିତ ଏକ କଫି ଟେବୁଲ ବୁକ୍ ମୁଖ୍ୟମନ୍ତ୍ରୀ ଓ ସମସ୍ତ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଏଥିସହିତ ମହିଳା ସଶକ୍ତିକରଣ ବିଭାଗ ଦ୍ୱାରା ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ମହିଳା ମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, କଟକ ସଦର ବିଧାୟକ ପ୍ରକାଶ ସେଠୀ, ବଡମ୍ବା ବିଧାୟକ ବିଜୟ ଦଳବେହେରା, ନିଆଳି ବିଧାୟକ ଛବି ମଲ୍ଲିକ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଓ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ସ୍ୱାଗତ ଭାଷଣ ଦେଇଥିବାବେଳେ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଧନ୍ୟବାଦ ଦେଇଥିଲେ ।

### ଦୁଇ କ୍ୱିଣ୍ଟାଲ ଗଞ୍ଜେଇ ସହ ୨ ମାଫିଆ ଗିରଫ

# ଫୁଲବାଣୀରୁ ହେଉଥିଲା ରାଜ୍ୟ ବାହାରକୁ ଚାଲାଣ

କଟକ,(ସବ୍ୟୁ): ବିପୁଳ ପରିମାଣର ନିଶାଦ୍ରବ୍ୟ ଚାଲାଣ ବେଳେ ୨ ନିଶା ମାଫିଆଙ୍କୁ ଚୌଦ୍ୱାର ଥାନା ପୁଲିସ କାବୁ କରିଛି । ଅଭିଯୁକ୍ତ ଦ୍ୱୟ ହେଲେ ଭୁବନେଶ୍ୱର ଖଣ୍ଡଗିରି ଥାନା ଅନ୍ତର୍ଗତ ଶିରିପୁର ଅଞ୍ଚଳର ଅଜୟ କୁମାର ଛୋଟରାୟ(୩୮) ଓ ବିବେକ ରଞ୍ଜନ ପ୍ରଧାନ(୨୦) । ଏମାନଙ୍କ ପାଖରୁ ୨ଟି ଦାମୀ କାର ସହିତ ୨ କ୍ୱିଣ୍ଟାଲ ଓଜନର ଗଞ୍ଜେଇ ଜବତ ହୋଇଛି । ଶୁକ୍ରବାର ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ଡିସିପି ଖିଲାରୀ ଋଷିକେଷ ଦ୍ୟାନଦେଓ ସୂଚନା ଦେଇଛନ୍ତି ।

ଗୁରୁବାର ଚୌଦ୍ୱାର ପୁଲିସ ପାଟ୍ରୋଲିଂ କରୁଥିଲା । ଏହି ସମୟରେ ସୂଚନା ମିଳିଲା ଯେ, ରାଜପଥରେ କୌଣସି ଏକ ଦାମୀ ଗାଡିରେ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ କରାଯାଉଛି । ଏହାପରେ ପୁଲିସ ଟିମ ୫୫ ନଂ ଜାତୀୟ ରାଜପଥରେ ପାଟ୍ରୋଲିଂକୁ ଆହୁରି ଜୋରଦାର କରିଥିଲା । ଏତିକି ବେଳେ ଆଗପଛ ହୋଇ ଯାଉଥିବା ୨ଟି ଇନୋଭା ଓ ମାରୁତି ଫ୍ରୋନକ୍ସ କାର ଦେଖି ପୁଲିସର ସନ୍ଦେହ ହୋଇଥିଲା । ତେବେ ପୁଲିସ ଟିମ ଉକ୍ତ ଗାଡି ୨ଟିକୁ ଅଟକାଇବାକୁ ଉଦ୍ୟମ ବେଳେ ଚାଳକ ଦ୍ୱୟ ରୋକିନଥିଲେ । ବରଂ ଦ୍ରୁତ ବେଗରେ ଖସିଯିବାକୁ ଉଦ୍ୟମ କରିଥିଲେ । ଶେଷରେ ପୁଲିସ ପିଛା କରି ନୂଆପାଟଣା ଛକ ନିକଟ କଫି ବାର ଛକରେ ଗାଡି ଦୁଇଟିକୁ ଅଟକାଇଥିଲା । ଏହାପରେ ବି ଗାଡିରେ ଥିବା ଅଭିଯୁକ୍ତ ଦ୍ୱୟ ଖସିଯିବାକୁ ଉଦ୍ୟମ କରି



ଧରାପଡିଥିଲେ । ପୁଲିସ ଗାଡିର ତଲାସି ନେବାରୁ ଇନୋଭା ଗାଡି ଭିତରୁ ୧୯୬ଟି ପଲିଥିନ ପ୍ୟାକେଟ ମିଳିଥିଲା । ଯେଉଁଥିରେ ମୋଟ ୧୯୮ କିଲୋ ୫୦୦ ଗ୍ରାମର ଗଞ୍ଜେଇ ରହିଥିଲା ଛ ଯାହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨୦ ଲକ୍ଷ ଟଙ୍କା ହେବ ଛ ପୁଲିସ ନିଶାଦ୍ରବ୍ୟ, ଗାଡି ଜବତ କରିବା ସହ ଅଭିଯୁକ୍ତ ଅଜୟ ଓ ବିବେକକୁ ଧରିଆଣିଥିଲା । ପଚରାଉଚରା କରିବାରୁ ଜଣାପଡିଛିଯେ, ଅଭିଯୁକ୍ତ ଦ୍ୱୟ ଫୁଲବାଣୀରୁ ଉକ୍ତ ଗଞ୍ଜେଇ ନେଇ ରାଜ୍ୟ ବାହାରକୁ ଚାଲାଣ କରୁଥିଲେ । ଗଞ୍ଜେଇ ଭର୍ତ୍ତି ଇନୋଭା (ଓଡି-୩୩-ଏଆର-୨୨୦୦) ଗାଡିକୁ ଏସକର୍ଟ ବା ସୁରକ୍ଷା ଯୋଗାଇ ଦେଉଥିଲା ମାରୁତି(ଓଡି-୦୨-ଏବି-୧୪୯୪) ଗାଡି । ଏଥିପାଇଁ ରାଜପଥରେ ଇନୋଭା ଆଗେ ଆଗେ ମାରୁତି ଗାଡି ଯାଉଥିଲା । ପୂର୍ବରୁ ମଧ ଅଭିଯୁକ୍ତମାନେ ସମାନ ତରିକାରେ ବହୁବାର ରାଜ୍ୟ ବାହାରୁ ଗଞ୍ଜେଇ ଚାଲାଣ କରିଆସୁଥିଲେ । ଏକ ସଂଗଠିତ ଆନ୍ତଃରାଜ୍ୟ ରାକେଟ ଏହି କାରବାରରେ ସକ୍ରିୟ ରହିଛି । ତେବେ ଧରପଗଡ ସମୟରେ ଆଉ କିଛି ଅଭିଯୁକ୍ତ ଚମ୍ପଟ ମାରିବାରେ ସଫଳ ହୋଇଛନ୍ତି । ମୁଖ୍ୟ କାର୍ପଟଦାର ସହିତ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢଉ ଜାରି ରହିଥିବା ସୂଚନା ଦିଆଯାଇଛି ।

### ସହଦେବ ଖୁଣ୍ଟା ଥାନା ପକ୍ଷରୁ ବରିଷ୍ଠ ଆଇନଜୀବୀଙ୍କୁ ଗିରଫ ଘଟଣା

# ବିଚାର ବିଭାଗୀୟ ତଦନ୍ତ ପାଇଁ ଆଇନଜୀବୀ ପରିଷଦର ଦାବି

କଟକ,(ସବ୍ୟୁ) : ବାଲେଶ୍ୱର ଓକିଲ ସଂଘର ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ଦାସଙ୍କୁ ଅମାନୁଷିକ ଭାବେ ପୁଲିସ ନିର୍ଯାତନା ଦେବା ଘଟଣାରେ ବିଚାର ବିଭାଗୀୟ ତଦନ୍ତ ଦାବି କରିଛି ରାଜ୍ୟ ଆଇନଜୀବୀ ପରିଷଦ । ଏଥିସହ ସହଦେବ ଖୁଣ୍ଟା ମଡେଲ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ବିରୋଧରେ ଆବଶକ୍ୟୟ କାର୍ଯ୍ୟାନୁଷ୍ଠାନ, ସଂପୃକ୍ତ ମହିଳା ଆଇଏଏସ୍ ଅଧିକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ ପରିଷଦ ପକ୍ଷରୁ କୁହାଯାଇଛି । ଯଦି ଆଗାମୀ ୧୦ ଦିନ ମଧରେ ସରକାରଙ୍କ ତରଫରୁ ଏଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ରାଜ୍ୟ ଆଇନଜୀବୀ ପରିଷଦ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବ ବୋଲି ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି ।

ଗତ ୬ ତାରିଖ ସଂଧ୍ୟାରେ ୭୦ ବର୍ଷ ବୟସ୍କ ବରିଷ୍ଠ ଆଇନଜୀବୀ ଶ୍ରୀ ଦାସ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତଙ୍କୁ ସାକ୍ଷାତ କରିବା ଉଦ୍ଦେଶ୍ୟରେ ବାଲେଶ୍ୱର ନ୍ୟୁ ସର୍କିଟ ହାଉସ୍କୁ ଯାଇଥିଲେ । ସେଠାରେ ବିଧାୟକଙ୍କୁ ନପାଇ ଖୋଜୁଥିଲାବେଳେ ସେହି ସମୟରେ ପ୍ରଥମ ମହଲାର ଅଧାଖୋଲା ଥିବା ଏକ କୋଠାରୀରେ ବିଧାୟକ ଥାଇପାରନ୍ତି ଭାବି ଭିତରକୁ ଉଙ୍କି ମାରି ଦେଖୁଥିଲେ । ଉକ୍ତ କୋଠରୀରେ ଜଣେ ଭଦ୍ର ମହିଳା ଚୌକି ଉପରେ ବସି ରହିଥିବା ସେ ଦେଖିବାକୁ ପାଇଥିଲେ । ଶ୍ରୀ ଦାସ ଏହା ଦେଖି ଉକ୍ତ ସ୍ଥାନ ଛାଡ଼ି ଚାଲି ଆସିଥିଲେ । କିନ୍ତୁ ଉକ୍ତ ଭଦ୍ର ମହିଳା ତୁରନ୍ତ ତାଙ୍କ ପାଖକୁ ଦୌଡି ଆସି ଶ୍ରୀ ଦାସଙ୍କୁ ଅଭଦ୍ର ଭାଷାରେ ଗାଳି ଗୁଲଜ କରିଥିଲେ । ପରେ କଲ୍ୟାଣରାଓ ଭଗତ, ଏସ୍‌ପି, ଆଡିସନାଲ ଏଏସ୍‌ପି ଏବଂ ଅନ୍ୟ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ଖରାପ ବ୍ୟବହାର କରାଯାଇ ତାଙ୍କ ଘରୁ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ଏହି ଘଟଣାକୁ ରାଜ୍ୟ ଆଇନଜୀବୀ ପରିଷଦର ଅଧକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦୃଢ଼ଭାବେ ନିନ୍ଦା କରାଯିବା ସହ ରାଜ୍ୟ ସରକାରଙ୍କୁ ଏ ଦିଗରେ ଆବଶ୍ୟକ କର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରାଯାଇଛି ।

# ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚାଲିଗଲା ୩ ଜଣଙ୍କ ଜୀବନ

ଆନନ୍ଦପୁର ,(ସବ୍ୟୁ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ବାତୋ ଗ୍ରାମରେ ଝାଡ଼ାବାନ୍ତି ଆକ୍ରାନ୍ତ ହୋଇ ଦମ୍ପତିଙ୍କ ଜୀବନ ଗଲା । ସାରା ରାଜ୍ୟର ବିଭିନ୍ନ ସ୍ଥାନରେ ଏବେ ଝାଡ଼ାବାନ୍ତି ଆକ୍ରାନ୍ତ ରେ ଅନେକ ଜୀବନ ଯାଉଥିବା ବେଳେ ବୋତୋରେ ମଧ ଦୁଇ ଦିନରେ ଦୁଇ ଜଣଙ୍କ ଜୀବନ ଯାଇଛି । ବାତୋ ଗ୍ରାମରେ ଏବେ ବି ୫ରୁ ଉର୍ଦ୍ଧ ଝାଡ଼ାବାନ୍ତି ଆକ୍ରାନ୍ତ ହୋଇ ମେଡ଼ିକାଲ୍ ରେ ଚିକିତ୍ସିତ ହେଉଥିବା ବେଳେ ଦମ୍ପତି ଯୋଗେନ୍ଦ୍ର ଜେନା (୫୧) ,ସୁମ ଜେନା (୪୩) ପ୍ରାଣ ହରାଇଛନ୍ତି । କେଉଁ କାରଣରୁ ଝାଡ଼ାବାନ୍ତି ବ୍ୟାପୁଛି ଉଚ୍ଚସ୍ତରୀୟ ମେଡ଼ିକାଲ୍ ଟିମ୍ ପହଞ୍ଚି ତଦନ୍ତ କରାଯାଉ ବୋଲି ଗ୍ରାମବାସୀ ଦାବୀ କରିଛନ୍ତି । ଦୁଇ ଜଣଙ୍କ ଜୀବନ ଜିବା ପରେ ଗ୍ରାମରେ ଏବେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ସେହିପରି ଝାଡ଼ାବାନ୍ତିରେ ଘସିପୁରା ବ୍ଲକ ଚମ୍ପାପାଳ ଗାଁର ଗଣେଶ୍ୱର ପେରେଇଙ୍କ ପରିବାରରେ ପ୍ରଥମେ ତାଙ୍କ ପତ୍ନୀ ସଞ୍ଜୁଲତା ଯେନା (୪୦) ଆକ୍ରାନ୍ତ ହେବା ପରେ ବୁଧବାର ମେଡ଼ିକାଲରେ ଭର୍ତ୍ତି ହୋଇଥିବା ବେଳେ ଆଜି ମୃତ୍ୟୁବରଣ କରଛନ୍ତି । ତା ପରେ ଗଣେଶ୍ୱର, ତାଙ୍କ ପୁଅ ଓ ବୋହୁ ସମସ୍ତେ ଡ଼ାଇରିଆରେ ଆକ୍ରାନ୍ତ ଓ ବ୍ଲକର ବିଭିନ୍ନ ସ୍ଥାନରେ ଡାଇରିଆରେ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି ।

# ଜିଲ୍ଲାସ୍ତରୀୟ କବାଡି ଟୁର୍ଣ୍ଣାମେଣ୍ଟ

ପାଣିକୋଇଲ(ସବ୍ୟୁ) : କୋରେଇ ବ୍ଲକ ଅନ୍ତର୍ଗତ କରଦା ପଂଚାୟତର କରଦା ହରିହାଟ ମହୋତ୍ସବ ପଡିଆ ଠାରେ ଜିଲ୍ଲାସ୍ତରୀୟ କବାଡି ପ୍ରତିଯୋଗୀତା ଉଦ୍ଘାଟିତ ହୋଇଛି । ଗଣପତି କବାଡି କ୍ଲବ ଅନୁକୂଲ୍ୟରେ ଆୟୋଜିତ ୨ ଦିନ ବ୍ୟାପି ଏହି ଟୁର୍ଣ୍ଣାମେଂଟ ରେ ପୁରୁଷ ବିଭାଗରେ ମୋଟ ୧୨ଟି ଦଳ ଓ ୩ଟି ମହିଳା ଦଳ ଅଂଶ ଗ୍ରହଣ କରିଛନ୍ତି । ଆଜିର ଉଦ୍ଘାଟନୀ ମ୍ୟାଚ ବେରୁଦା ବନାମ ବରେଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଦୁଇ ଦିନ ମ୍ୟାଚ ପରେ ଉଭୟ ବିଜେତା ଓ ରନରସଅପ ଦଳକୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନର ମୁଖ୍ୟ ରଂଜୀବ କୁମାର ମଲ୍ଲିକ ସୂଚନା ଦେଇଛନ୍ତି ।

# ଯାଜପୁର ଜିଲ୍ଲାରେ ଡ଼ାଇରିଆ ଥମୁନି, ଚିନ୍ତାରେ ପ୍ରଶାସନ ଛୁଟି ବାତିଲ ଘୋଷଣା

ବ୍ୟାସନଗର,(ଜିପ୍ର)୧୩।୬: ଯାଜପୁର ଜିଲାରେ ଡ଼ାଇରିଆ କମିଥିଲେ ହେଁ ଥମିନି । ଯାହାକୁ ନେଇ ଜିଲା ପ୍ରଶାସନ ଚିନ୍ତାରେ ପଡ଼ିଯାଇଛି । ଚିନ୍ତାରେ ଥିବା ପ୍ରଶାସନ ଜିଲ୍ଲାର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟିକୁ ବାତିଲ କରିଦେଇଛନ୍ତି । ଜିଲାରେ ସରକାରୀ ଭାବେ ୫ଜଣଙ୍କୁ ମୃତ୍ୟୁ ଘଟିଥିବା କଥା କୁହାଯାଇଥିବା ବେଳେ ବେସରକାରୀ ଭାବେ କିନ୍ତୁ ସଂଖ୍ୟା ୧୦କୁ ଡ଼େଇଁଛି । ହେଲେ ଏହାକୁ ପ୍ରଶାସନ ମାନିବାକୁ ରାଜି ନାହିଁ । ଜିଲା ବାହାରେ ଯଦି କାହାର ମୃତ୍ୟୁ ଘଟିଥିବ, ତେବେ ପରିବାର ସେମାନଙ୍କ ସମସ୍ତ ପ୍ରମାଣପତ୍ର ଉପସ୍ଥାପନ କଲେ ଯାଇ ତାହାକୁ ଗ୍ରହଣ କରାଯିବ ବୋଲି କୁହାଯାଇଛି । ଡ଼ାଇରିଆକୁ ନିୟନ୍ତ୍ରଣ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇଛି । ଆଜି ପୂର୍ବାହ୍ନରେ ଆଭାସୀ ମାଧ୍ୟମରେ ପ୍ରତିସଂକ୍ରମଣକୁ ଅଧିକ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଭାବିତ ଅଂଚଳରେ ପ୍ରତ୍ୟେକ ଗାଁରେ ଜଳଉତ୍ସ ଯଥା: କୂଅ, ନଳକୂପ, ପାଇପ ୱାଟର ସପ୍ଲାଏ ଓଭର ହେଡ୍ ଟାଙ୍କି ଗୁଡ଼ିକୁ କ୍ଲୋରିନେସନ୍ କରିବା, ବ୍ଲିଚିଂ ପାଉଡର ପକାଇ ପ୍ରତିସଂକ୍ରମଣ କରିବା ପାଇଁ ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ଜନସ୍ୱାସ୍ଥ୍ୟ, ବିଡିଓ ନିର୍ବାହୀ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପଞ୍ଚାୟତ ସ୍ତରରେ ନିର୍ବାହୀ ଅଧିକାରୀ ମାନେ ଖାଇବା, ରାନ୍ଧିବା ଓ ପିଇବା ପାଇଁ ବ୍ୟବହାର ହେଉଥିବା ଜଳଉତ୍ସ ଗୁଡ଼ିକ ଯେପରି ଉପଯୁକ୍ତ ଭାବେ ଡିସ୍‌ଇନଫେକ୍ସନ୍ କରାଯାଇଛି କି ନାହିଁ ତାହା



ସୁନିଶ୍ଚିତ କରାଇବେ। ଅଧିକ୍ଷଣ ଯନ୍ତ୍ରୀ, ଆର.ଡ଼ବ୍ଲୁ.ଏସ.ଏସ ପ୍ରତି ବ୍ଲକ୍ ପଏଣ୍ଟରେ ବ୍ଲିଚିଂପାଉଡର ପହଁାଇବେ । ବିଡିଓ ମାନେ ଅପରାହ୍ନ ସୁଦ୍ଧା ସମସ୍ତ ପଞ୍ଚାୟତ ୱାରୀ ବଣ୍ଟନ କରିବେ । ଗୋଟିଏ ଦିନ ଅନ୍ତରରେ ସମସ୍ତ ଜଳ ଉତ୍ସ ଗୁଡିକ ପ୍ରତିସଂକ୍ରମଣ କରାଯିବ। ୪/୫ ଟି ପଂଚାୟତକୁ ନେଇ ଜଣେ ଜଣେ ନୋଡାଲ ଅଫିସର ଏହି କାର୍ଯ୍ୟକୁ ତଦାରଖ କରିବେ। କାର୍ଯ୍ୟରେ ପଞ୍ଚାୟତ ପ୍ରତିନିଧି ଓ ସରପଞ୍ଚ ମାନଙ୍କୁ ବିଡିଓ ମାନେ ସଂପୁକ୍ତ କରାଇବେ। ସମସ୍ତ ସରକାରୀ ଓ ଘରୋଇ ଜଳଉତ୍ସ ଗୁଡ଼ିକ ବିଶୁଦ୍ଧିକରଣ କରାଯିବ ଏ ସଂପର୍କରେ ଜନସାଧାରଣଙ୍କୁ ଡାକବାଜୀ ଯନ୍ତ୍ର ମାଧ୍ୟମରେ ସଚେତନ କରାଇବେ। ପାଣିକୁ ଫୁଟାଇ ଛାଣି ପିଇବା , ବାସୀ ପଚାଷଢ଼ା ପନିପରିବା, ମାଛ ବିକ୍ରୀ ଉପରେ ଏନଫୋର୍ସ କରିବା ପାଇଁ ତହସିଲଦାର ପଦକ୍ଷେପ ଗ୍ରହଣ କରିବେ। ଆଶା ଅଙ୍ଗନବାଡ଼ି କର୍ମୀ , ଏଏନ୍‌ଏମ୍ ସ୍ୱାସ୍ଥ୍ୟ ପରାମର୍ଶ ସଂପର୍କରେ ଘରକୁ ଘର ଯାଇ ସଚେତନ କରାଇବେ । ମୋବାଇଲ ହେଲଥଟିମ୍ ସମ୍ବେଦନଶୀଳ ଅଞ୍ଚଳରେ ପହଁଚି ଚିକିତ୍ସା ସୁବିଧା ଯୋଗାଇ ଦେବେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାରହିଛି। ଆସନ୍ତା ୧୮ତାରିଖରେ ବିଦ୍ୟାଳୟ ଗୁଡ଼ିକ ଖୋଲୁଥିବାରୁ ପ୍ରତ୍ୟେକ ବିଦ୍ୟାଳୟ ପରିସର ଓ ଆବାସିକ ବିଦ୍ୟାଳୟରେ ଥିବା ଜଳଉତ୍ସ ଗୁଡ଼ିକ ବିଶୁଦ୍ଧିକରଣ କରାଯିବ। ମୁଖ୍ୟ ଚିକିତ୍ସାଳୟରେ ୧୧୨ଜଣ ରୋଗିଥିବାବେଳେ ଗତରାତିରେ ୧୮ଜଣ ନୂଆ ରୋଗୀ ଭର୍ତି ହୋଇଛନ୍ତି। ଯାଜପୁର ଟାଉନ ଓ ବ୍ୟାସନଗର ପୌରାଞ୍ଚଳରେ ଥିବା ହୋଟେଲ ମିଷ୍ଟାନ୍ନ ଭଣ୍ଡାର ଗୁଡ଼ିକ ଯାଞ୍ଚ କରାଯାଇ ବାସୀ ଖାଦ୍ୟ ବିକୁଥିବା ଦୋକାନକୁ ସିଲ କରାଯିବ। ଯାଜପୁର ଜିଲ୍ଲାର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟିକୁ ବାତିଲ କରାଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶିବାନନ୍ଦ ସ୍ୱାଇଁ , ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପଜିଲ୍ଲାପାଳ ତାପସ ରଂଜନ ଦେହୁରୀ, ଅଧିକ୍ଷଣ ଯନ୍ତ୍ରୀ, ଆର. ଡବ୍ଲ୍ୟୁ ଏସ ଏସ, ସିଡିଏମଓ, ସମସ୍ତ ବିଡ଼ିଓ, ତହସିଲଦାର ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଜମି ପାଇଁ ୩୦ଲକ୍ଷରୁ ୨୪ଲକ୍ଷ ଟଙ୍କା ନଦେବାରୁ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜମି ଦେବାକୁ କହି ୩୦ଲକ୍ଷ ନେବା ପରେ ଜମି ଦେଲେ ନାହିଁ । କିଛିଦିନ ବିତିଯିବା ପରେ ଜମି କିଣିବାକୁ ଚାହୁଁଥିବା ବ୍ୟକ୍ତି ଟଙ୍କା ଫେରସ୍ତ ମାଗିଥିଲେ । ଅଭିଯୁକ୍ତ ୬ଲକ୍ଷ ଫେରାଇବା ପରେ ଅବଶିଷ୍ଟ ୨୪ଲକ୍ଷ ଟଙ୍କା ଦେଲାନାହିଁ । ଦୁଇଜଣଙ୍କ ମଧ୍ୟରେ କଳିଝଗଡା ହେବାରୁ ମନୋରଞ୍ଜନ ମିଶ୍ର ବଡଗଡ ଥାନାରେ ଏତଲା କଲେ । ଏତଲା ଆଧାରରେ ପୋଲିସ ଟଙ୍କା ନେଇଥିବା ଚିତ୍ରସେନ ବେହେରା ଓରଫ ଧୁଲା (୪୦)କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି । ୨୦୨୨ ମସିହା ଡିସେମ୍ବର ୯ ତାରିଖରେ ଅଭିଯୋଗକାରୀ ଭୁବନେଶ୍ୱର କେଶୁରା ମୌଜାରେ ଜମି କିଣିବା ପାଇଁ ଏକ ନୋଟାରୀ ଚୁକ୍ତି କରିଥିଲେ । ଚୁକ୍ତି ମାଧ୍ୟମରେ ଧୁଲାକୁ ୩୦ଲକ୍ଷ ଟଙ୍କା ଅଗ୍ରୀମ ଆକାରରେ ଦେଇଥିଲେ । ଚୁକ୍ତି ଅନୁଯାୟୀ ୩ ମାସ ମଧ୍ୟରେ ଅଭିଯୋଗକାରୀଙ୍କ ନାମରେ ଜମି ପଞ୍ଜୀକୃତ ହେବାର ଥିଲା । ଯାହା ଅଭିଯୁକ୍ତ କଲାନାହିଁ । ଅଭିଯୋଗକାରୀ ବାରମ୍ବାର ଅନୁରୋଧ କରିବାରୁ ଅଭିଯୁକ୍ତ ୩୦ଲକ୍ଷ ଟଙ୍କାରୁ ମାତ୍ର ୬ଲକ୍ଷ ଫେରାଇଥିଲା । ଅବଶିଷ୍ଟ ଟଙ୍କା ବାରମ୍ବାର ମାଗିଲେ ମଧ ଦେଲାନାହିଁ । କଳିଝଗଡା ହେବାରୁ ୧୦ଲକ୍ଷ ଟଙ୍କା ଲେଖାଏଁ ତିନୋଟି ଚେକ୍ ସେ ଦେଇଥିଲା । ବ୍ୟାଙ୍କରେ ଟଙ୍କା ନଥିବାରୁ ଚେକ୍ ଅଗ୍ରାହ୍ୟ ହୋଇଗଲା । ଗତ ୧ ତାରିଖ ଦିନ ଅଭିଯୁକ୍ତଙ୍କୁ ଭେଟି ଏ ସମ୍ପର୍କରେ କହିବାରୁ ସେ ଅଭିଯୋଗକାରୀଙ୍କୁ ଧମକାଇ ଜୀବନରୁ ମାରିଦେବ ବୋଲି କହିଥିଲା । ଏ ସମ୍ପର୍କରେ ମନୋରଞ୍ଜନ ଥାନାରେ ଏତଲା କରିବାରୁ ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିବା ସହ ତା'ନିକଟରୁ ନୋଟାରୀ ଏଗ୍ରିମେଣ୍ଟ, ମନି ରିସିଭ୍, ତିନୋଟି ବ୍ୟାଙ୍କ ଚେକ୍, ବ୍ୟାଙ୍କ୍ ରିଟର୍ଣ୍ଣ ମେମୋ ଜବତ କରିଛି ।

# ବ୍ରହ୍ମଗିରି ଅଲାରନାଥଙ୍କ ପୀଠରେ ଦ୍ୱିତୀୟ ଦିନ ଅନବସର ଦର୍ଶନ

ପୁରୀ (ସବ୍ୟୁ): ବ୍ରହ୍ମଗିରି ଅଲାରନାଥ ଦେବ ପୀଠରେ ଆଜି ହେଉଛି ଅନବସର ଦର୍ଶନର ଦ୍ୱିତୀୟ ଦିନ । ସ୍ନାନ ଯାତ୍ରା ପରେ ଗତ କାଲି ଆରମ୍ଭ ହୋଇ ଥିଲା ପ୍ରଥମ ଦର୍ଶନ । ଦ୍ୱିତୀୟ ଦିନରେ ମହାପ୍ରଭୁ ଶ୍ରୀ ଅଲାରନାଥଙ୍କ ପୀଠରେ ଜମିଛି ଭକ୍ତଙ୍କ ପ୍ରବଳ ଭିଡ଼ । ଲୋକାରଣ୍ୟ ହୋଇ ପଡ଼ିଛି ଅଲାରନାଥ ମନ୍ଦିର ଭିତର ଓ ବାହାର । ଏକ ଆଧ୍ୟାତ୍ମିକ ପରିବେଶ ମଧରେ ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁ ଶ୍ରୀ ଅଲାରନାଥଙ୍କୁ ଦର୍ଶନ କରିଛନ୍ତି ।ଛ ସାଧାରଣ ଭକ୍ତ ମନରେ ବିଶ୍ୱାସ ମହାପ୍ରଭୁ ଅଲାରନାଥଙ୍କୁ ଅନବସର ସମୟରେ ଦର୍ଶନ କଲେ ଜଗନ୍ନାଥ ଦର୍ଶନର ସମ ଫଳ ପ୍ରାପ୍ତି ହୋଇ ଥାଏ । ଏ ବିଶ୍ୱାସ ଆଜିର ନୁହେଁ ଏହା ଶାସ୍ତ୍ର ପୁରାଣ ଓ କିମ୍ବଦନ୍ତୀ ମଧ କହି ଥାଏ । ଏହା ହେଉଛି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଏକ ଅନନ୍ୟ ଲୀଳା । ଲୀଳାମୟ ଠାକୁର ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଲୀଳା କରି ଥାନ୍ତିଛ ସ୍ନାନ ପୂର୍ଣ୍ଣମାରେ ଶହେ ଆଠ ଜଳ ସ୍ନାନ କରିବା ପରେ ମହାପ୍ରଭୁ କୁଆଡେ ଅସୁସ୍ଥ ହୋଇ ପଡନ୍ତି । ଅନବସର ଗୃହରେ ରହିଥାନ୍ତି । ଦଇତା ପତି ସେବାୟତ ମାନେ ପ୍ରଭୁଙ୍କ ଗୁପ୍ତ ସେବା କରି ଥାନ୍ତିଛ ପନ୍ଦର ଦିନ ଧରି ମହାପ୍ରଭୁଙ୍କ ଦର୍ଶନ ମିଳେ ନାହିଁ । ଶ୍ରୀମନ୍ଦିରରରେ ଭକ୍ତ ପଚ୍ଚି ଦେବତାଙ୍କୁ ଦର୍ଶନ କରି ଥାଆନ୍ତି । ଠିକ୍ ଏହି ସମୟରେ ମହାପ୍ରଭୁ ଶ୍ରୀ ଅଲାରନାଥ ଶ୍ରୀ ଜଗନ୍ନାଥଙ୍କ ପ୍ରତୀକ ରୂପେ କୁଆଡେ ଦର୍ଶନ ଦେଇ ଥାନ୍ତି ।



ବିଶ୍ୱାସ ରହିଛି ରତ୍ନ ସିଂହାସନରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ବର୍ଷ ତମାମ ଦର୍ଶନ କରିବା ଯାହା ଅନବସର ସମୟରେ ଗୋଟିଏ ଦିନ ଆଲାର ନାଥଙ୍କୁ ଦର୍ଶନ କରିବା ସମ ଫଳ ମିଳି ଥାଏ ତେଣୁ ଏହି ପନ୍ଦର ଦିନ ଲୋକାରଣ୍ୟ ହୋଇ ଉଠେ ଅଲାରନାଥଙ୍କ ପୀଠ । ଭକ୍ତଙ୍କ ସମାଗମକୁ ଦେଖି ମନ୍ଦିର ପକ୍ଷ୍ୟରୁ ବ୍ୟାପକ ବେବସ୍ଥା କରାଯାଇଛି । ରାତି ଚାରିଟାରୁ ଦୁଆର ଫିଟାଯାଇ । ଅଙ୍ଗଳ ଆଳତି, ତଡପଲାଗି, ବେଶ ଅବକାଶ ଓ ଗୋପାଳ ବଲ୍ଲଭ ନୀତି ସମ୍ପନ୍ନ ହେବା ପରେ ସକାଳ ଛଅଟାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଚାଲି ଥିଲା । ଶ୍ରଦ୍ଧାଳୁମାନେ ବ୍ୟାରିକେଟ ଦେଇ ଲମ୍ବା ଧାଡ଼ିରେ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି କୃ କୃତ ହେଉଛନ୍ତି । ଅସଂଖ୍ୟ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରା ଯାଇଛି । ପୁରା ମନ୍ଦିରକୁ ସିସି ଟିଭିରେ ରଖା ଯାଇଛି । ସୁରକ୍ଷା ପାଇଁ ମନ୍ଦିର ସମ୍ମୁଖରେ ଏକ ପୋଲିସ କଣ୍ଟ୍ରୋଲ ରୁମ୍ ଖୋଲା ଯାଇଛି । ଭକ୍ତମାନେ ଯେପରି ଶାନ୍ତି ଶୃଙ୍ଖଳାର ସହ ଦର୍ଶନ କରିବେ ସେଥି ନିମନ୍ତେ ବ୍ୟାରିକେଟ ନିର୍ମାଣ କରା ଯାଇଛି । ବ୍ୟାରିକେଡ଼ ଦେଇ ଭକ୍ତମାନେ ଧାଡ଼ିରେ ମନ୍ଦିର ଭିତରେ ପ୍ରବେଶ କରି ଦର୍ଶନ କରି ଥିଲେ। ସୁରକ୍ଷା ବ୍ୟବସ୍ଥା ଦାୟିତ୍ୱରେ ୧ ଅତିରିକ୍ତ ଏସପି, ୨ ଜଣ ଡିଏସପି, ୩ ଜଣ ଇନ୍ସପେକ୍ଟର, ୧୭ ଜଣ ସବ୍‌ଇନ୍ସପକ୍ଟର ଓ ୮ ପ୍ଲାଟୁନ ଫୋର୍ସ ମୁତୟନ କରା ଯାଇଛି ।

# ନକଲି ଜୋତା ବିକି ମାଲିକ ଅଟକ

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱରରେ ଥିବା ଅନେକ ଅସଲି ଦୋକାନରେ ନକଲି ଜୋତା ବିକ୍ରି ହେଉଥିବା ଅଭିଯୋଗ ହେବା ପରେ କ୍ୟାପିଟାଲ ଥାନା ପୋଲିସ ଅଶୋକନଗରରେ ଥିବା ଏକ ଜୋତା ଶୋ'ରୁମ୍‌ରେ ଚଢାଉ କରିଥିଲା । ସେହି ଶୋ'ରୁମ୍‌ରୁ ବିପୁଳ ପରିମାଣର ନକଲି ଜୋତା ଜବତ କରାଯିବା ସହ ମାଲିକକୁ ଅଟକ ରଖାଯାଇ ପଚରାଉଚରା ହେଉଥିବା ପୋଲିସ କହିଛି ।

କେବଳ ଅଶୋକନଗର ନୁହେଁ ଭୁବନେଶ୍ୱରର ବହୁ ଦାମୀ ଶୋ'ରୁମ୍‌ରେ ନକଲି ଜୋତା ବିକ୍ରି ହେଉଛି । ଗ୍ରାହକମାନେ ଏହା ଜାଣୁଥିଲେ ମଧ ଉପାୟଶୂନ୍ୟ ହୋଇ କୌଣସି ପଦକ୍ଷେପ ନେଇପାରନ୍ତି ନାହିଁ । କାରଣ ରାଜଧାନୀକୁ ଆସୁଥିବା ବାହାର ଲୋକମାନେ ଜୋତା ଓ ପୋଷାକପତ୍ର କିଣନ୍ତି । କେବଳ ଜୋତା ନୁହେଁ କେତେକ ଅସଲି ପୋଷାକ ଶୋ'ରୁମ୍‌ରେ ହାତତିଆରି ନକଲି ପୋଷାକରେ ଦାମୀ ଲେବୁଲ୍ ଲଗାଇ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଆସୁଛି ।

ଶୁକ୍ରବାର କ୍ୟାପିଟାଲ ଥାନାରେ ବିଧିବଦ୍ଧ ଭାବେ ଅଭିଯୋଗ ହେବା ପରେ ଇନ୍ସପେକ୍ଟର ସଦଳବଳେ ସେଠାରେ ଚଢାଉ କରି ଲକ୍ଷ ଲକ୍ଷ ଟଙ୍କାର ନକଲି ଜୋତା ଜବତ କରିବା ସହ ଶୋ'ରୁମ୍‌କୁ ସିଲ୍ କରିଥିବା ଖବର ମିଳିଛି । ଏହି ନକଲି କାରବାର ସମ୍ପର୍କରେ ସେହି ଶୋ'ରୁମ୍ର ମାଲିକଙ୍କୁ ପୋଲିସ ଥାନାକୁ ନେଇ ଅଟକ ରଖିବା ସହ ନକଲି କାରବାର ସମ୍ପର୍କରେ ପଚରାଉଚରା କରୁଛି ।

# ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ଅବକାଶରେ ମାନବ ଶୃଙ୍ଖଳ

ଭୁବନେଶ୍ୱର, (ସବ୍ୟୁ): ପ୍ରତ୍ୟେକ ଶିଶୁର ଭବିଷ୍ୟତକୁ ସୁରକ୍ଷିତ ରଖିବାକୁ ହେଲେ ପ୍ରତ୍ୟେକ ସ୍ତରରେ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ରହିଛି । ଶିଶୁ ସାଥି ପରିବେଶ ସୃଷ୍ଟି କରିବା, ପ୍ରତ୍ୟେକ ଶିଶୁକୁ ବିଦ୍ୟାଳୟଗାମୀ କରାଇବା ଓ ଶିଶୁ ଶୋଷଣ ବିହୀନ ସମାଜ ଗଠନ ପାଇଁ ପିତାମାତାଙ୍କ ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପରିବାର ସ୍ତରରୁ ବ୍ୟାପକ ସଚେତନତା ଜରୁରୀ ବୋଲି ଆକ୍ସନଏଡ୍ ଆସୋସିଏସନ୍ ଓ ସିସିଡବ୍ଲୁଡି ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ୱାର୍ଡ ନଂ-୨୬ ଅଧିନସ୍ଥ ନୀଳଚକ୍ର ନଗର ଠାରେ ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ଅବକାଶରେ ଆୟୋଜିତ ମାନବ ଶୃଙ୍ଖଳ ଓ ଶପଥପାଠ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି । ଅତିଥି ଭାବରେ ସିସିଡବ୍ଲୁଡିର ସମ୍ପାଦକ ସଦାଶିବ ସ୍ୱାଇଁ ଯୋଗଦାନ କରି ପିତାମାତାଙ୍କ ଦାୟିତ୍ୱ ଓ ଶିଶୁ ସାଥୀ ପରିବେଶ ଓ ଶିଶୁ ଶ୍ରମିକ ମୁକ୍ତ ଅଞ୍ଚଳ




ଉପରେ ଅଭିଭାଷଣ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ନିଗ୍ଧା ଦାସ, କଲ୍ୟାଣୀ ରାଉତ, ଶିବ ସାହୁ, ସରସ୍ୱତୀ ପରିଡା ପ୍ରମୁଖ ଶିଶୁ ଶୋଷଣ ବିହୀନ ସମାଜ ଗଠନ ପାଇଁ ପରିବାର ସ୍ତରରୁ ବ୍ୟାପକ ସଚେତନତା ଜରୁରୀ ବୋଲି କହିଥିଲେ । କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ରେଣୁବାଳା ସାହୁ ବକ୍ତବ୍ୟ ରଖିଥିଲେ । ପରିଶେଷରେ ସୁଚରିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ବିଷ୍ଣୁପ୍ରୀୟା ସାମଲ ଓ ସ୍ମୃତିରେଖା ଦାସ ପରିଚାଳନା କରିଥିଲେ । ଏଥିରେ ମହିଳା ମଣ୍ଡଳ, ଭୁବନେଶ୍ୱର ୟଙ୍ଗ ଅର୍ବାନ ୱିମେନ୍ ଫୋରମ୍‌ର ପ୍ରତିନିଧି, ଶିଶୁ ସଂଘ ଓ ଗୋଷ୍ଠୀସ୍ତରୀୟ ମାନବିକ ଅଧିକାର ସୁରକ୍ଷା କର୍ମୀମାନେ ଅଂଶ ଗ୍ରହଣ କରିଥିଲେ ।

## ବୁଗୁଡ଼ା ବିରଞ୍ଚି ନାରାୟଣ ମନ୍ଦିର ପରିଦର୍ଶନରେ ଦକ୍ଷିଣାଞ୍ଚଳ ଆରଡିସି



ବୁଗୁଡ଼ା, (ସବ୍ୟୁ): ଦକ୍ଷିଣାଞ୍ଚଳ ଆରଡିସି ରୁପା ରୋଶନ ସାହୁ ଶୁକ୍ରବାର ବୁଗୁଡା ଗସ୍ତରେ ଆସିଥିଲେ । ଆରଡ଼ିସିଙ୍କ ଗସ୍ତ ସମୟରେ ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା ସାମିଲ ଥିବାବେଳେ ସେ ପ୍ରଥମେ ବୁଗୁଡ଼ା ତହସିଲ କାର୍ଯ୍ୟାଳୟରେ ପହଞ୍ଚି ତହସିଲର ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଥିଲେ। ପରେ ବଡଦାଣ୍ଡ ସ୍ଥିତ ଐତିହାସିକ ଦ୍ୱିତୀୟ ଅର୍କକ୍ଷେତ୍ର ତଥା କାଷ୍ଠ କୋଣାର୍କ ରୂପେ ବିବେଚିତ ଶ୍ରୀବିରଞ୍ଚି ନାରାୟଣ ମନ୍ଦିର ଗସ୍ତ କରିଥିଲେ। ସେଠାରେ ସେ ମନ୍ଦିରର ଉନ୍ନତି ସକାଶେ ରାଜ୍ୟ ସରକାରଙ୍କ ପକ୍ଷରୁ ଆସିଥିବା ଅନୁଦାନର ଅର୍ଥ ସଠିକ୍ ବିନିଯୋଗ ଏବଂ ଉନ୍ନୟନ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଥିଲେ। ଆଜି ଦିନ ଗୋଟାଏ ସମୟରେ ଆରଡିସି ଏବଂ ଉପଜିଲ୍ଲାପାଳ ଉଭୟେ ମନ୍ଦିର କାର୍ଯ୍ୟ ଅନୁଧ୍ୟାନ କରୁଥିବା ସମୟରେ ବୁଗୁଡ଼ା ତହସିଲଦାର ତାପସ ରାଉତ, ଅତିରିକ୍ତ ତହସିଲଦାର ସୁନନ୍ଦ ଶେଖର ସାହାଣୀ ଓ ବିରଞ୍ଚିନାରାୟଣ ମନ୍ଦିର ମଠ ମହନ୍ତ ଭକ୍ତରାମ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଦ୍ୱାରା ୮ ପ୍ରକଳ୍ପର ଶିଳାନ୍ୟାସ



ବାରିପଦା, (ସବ୍ୟୁ) : ଶୁକ୍ରବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ତା'ଙ୍କ କରକମଳରେ ବାରିପଦା ସହରରେ ୮ଗୋଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ କହିଥିଲେ ଯେ, ବାରିପଦା ସହରବାସୀଙ୍କ ପାଇଁ ଏଗୁଡିକର ଅତ୍ୟନ୍ତ ଆବଶ୍ୟକତା ଥିବାରୁ ଏହି ପ୍ରକଳ୍ପକାର୍ଯ୍ୟ ଗୁଡିକ ହାତକୁ ନିଆଯାଇଛି । ଯେପରିକି ସହରରେ ବର୍ଷା ଜଳ ନିଷ୍କାସନକୁ ସୁବ୍ୟବସ୍ଥିତ କରିବା ପାଇଁ ଶ୍ରମ କାର୍ଯ୍ୟାଳୟ ନିକଟ, ତୁଳସୀ ଚଉରା, ଷ୍ଟେସନ ବନ୍ଧ ନିକଟ, ଦୋଳି ପଡିଆ ଏବଂ ଭଂଜପୁର ଷ୍ଟେସନ ନିକଟରେ ନାଳ ନିର୍ମାଣ ଓ ଶବ ସତ୍କାର ପାଇଁ ଦାରୋଗାଡାହି, ବାରୁଣୀ ଓ ବେଲଗଡିଆ ଠାରେ ଶ୍ମଶାନ ନିର୍ମାଣ କରାଯିବ । ୧୦କୋଟି ୫୦ଲକ୍ଷରୁ ଉର୍ଦ୍ଧ ମୂଲ୍ୟର ଏହି ୮ଗୋଟି ପ୍ରକଳ୍ପର ଆଜି ଶିଳାନ୍ୟାସ କରାଗଲା ।

ଖୁବ୍‌ଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ । ଏହାପରେ ମନ୍ତ୍ରୀ ବାରିପଦା ପୌରପାଳିକା କଲ୍ୟାଣ ମଣ୍ଡପ ଠାରେ ବାରିପଦା ସହରର ବିଭିନ୍ନ ୱାର୍ଡର ଅତ୍ୟନ୍ତ ଗରିବ ଶ୍ରେଣୀ ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୯୩ଜଣ ହିତାଧିକାରୀକାରୀଙ୍କୁ କାର୍ଯ୍ୟା ଦେଶ ବଣ୍ଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ବାରିପଦା ପୌରପାଳିକାର ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଉପାଧ୍ୟକ୍ଷା ସୀମା ଦାସ ପ୍ରମୁଖ ଯୋଗ ଦେଇଥିବା ବେଳେ ବିଭିନ୍ନ ୱାର୍ଡର କାଉନସିଲର ମାନେ ଉପସ୍ଥିତ ଥିଲେ । ବାରିପଦା ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଗ୍ୟାରେଜରେ ଥିବା ୮ ବାଇକର ବ୍ୟାଟେରୀ ଚୋରି, ୨ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଏକ ଗ୍ୟାରେଜରେ ରଖାଯାଇଥିବା ପ୍ରାୟ ୧୦ ଟି ବାଇକର ବ୍ୟାଟେରି ଚୋରି କରିଥିବା ଅଭିଯୋଗରେ ଟାଉନ ଥାନା ପୁଲିସ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଟାଉନ ଥାନା ଅଞ୍ଚଳର କେ. ନାରାୟଣ ରେଡ଼ି(୨୪) ଓ ବ୍ରହ୍ମପୁରର କବାଡି ଦୋକାନୀ ତଥା ଉତ୍ତରପ୍ରଦେଶ ଜ୍ଞାନପୁର ଅଞ୍ଚଳର ରୋହିତ ଗୁପ୍ତା(୨୦) । ଉଭୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ଚୋରି ବ୍ୟାଟେରୀ ଜବତ କରାଯାଇଛି ।

ସୂଚନାପ୍ରକାରେ, କଂଗ୍ରେସ ଭବନ ଛକରେ ଥିବା ଏକ ବାଇକ ଗ୍ୟାରେଜରେ ମରାମତି ପାଇଁ ଗ୍ରାହକଙ୍କ ୧୦ ଟି ବାଇକ ରହିଥିଲା। ରାତିରେ ଗ୍ୟାରେଜ ମାଲିକ ଦୋକାନ ବନ୍ଦ କରି ଘରକୁ ଯାଇଥିବାବେଳେ ବାହାରେ ବାଇକ ଗୁଡ଼ିକୁ ଚେନ ପକାଇ ତାଲା ପକାଇଥିଲେ। ତେବେ ସକାଳୁ ଆସି ଗ୍ୟାରେଜ ଖୋଲିବା ପରେ ସମସ୍ତ ବାଇକର ବ୍ୟାଟେରୀ ଚୋରି ହୋଇ ଯାଇଥିବା ଜଣାପଡିଥିଲା। ଏନେଇ ଗ୍ୟାରେଜ ମାଲିକ ଟାଉନ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା(୨୨୩/୨୫) ରୁଜୁ କରି ତଦନ୍ତ କରିଥିଲା ।

ପୁଲିସ ସେହି ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ପରେ ଅଭିଯୁକ୍ତ ନାରାୟଣ ରାତି ଅଧରେ ସେହି ଗ୍ୟାରେଜ ନିକଟକୁ ଯାଇ ଗୋଟିଏ ପରେ ଗୋଟିଏ ବାଇକର ବ୍ୟାଟେରୀ ବାହାର କରି ନେଇ ଯାଉଥିବା ପୁଲିସ ଜାଣିବାକୁ ପାଇଥିଲା । ସେହିକ୍ରମରେ ପୁଲିସ ପ୍ରଥମେ ନାରାୟରଙ୍କୁ କାବୁ କରି ପଚରାଉଚରା କରିଥିଲା ।

ତେବେ ସେ ଉକ୍ତ ଗ୍ୟାରେଜରୁ ବ୍ୟାଟେରୀ ଚୋରି କରିଥିବା ସ୍ୱୀକାର କରିବା ସହ ସମସ୍ତ ବ୍ୟାଟେରୀକୁ କବାଡି ଦୋକାନୀ ରୋହିତଙ୍କୁ ବିକ୍ରି କରିଦେଇଥିବା ସୂଚନା ଦେଇଥିଲା । ଏହାପରେ ପୁଲିସ ରୋହିତଙ୍କ କବାଡି ଦୋକାନାକୁ ଯାଇ ସମସ୍ତ ଚୋରି ବ୍ୟାଟେରି ଜବତ କରିଥିଲା । ଚୋରି ସାମଗ୍ରୀ କିଣିବା ଅଭିଯୋଗରେ ପୁଲିସ ରୋହିତଙ୍କୁ ମଧ୍ୟ ଗିରଫ କରିଥିଲା ।

## ଜିଲ୍ଲା ଆଇନ ସେବା ପ୍ରାଧୀକରଣ ପକ୍ଷରୁ ଶିଶୁ ଶ୍ରମିକ ନିରୋଧ ଦିବସ

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଶ୍ରଦ୍ଧା ସଂଜୀବନୀ, ଗୋପାଳପୁର ଠାରେ ଜିଲ୍ଲା ଓ ଦୌରା ଜର୍ଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷା ଡ଼ା ଭାଗ୍ୟଲକ୍ଷ୍ମୀ ରଥଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଦେବଶ୍ରୀ ସାହୁଙ୍କ ପରିଚାଳନାରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଯତ୍ନ, ଶିଶୁ ଅଧିକାର ସୁରକ୍ଷା ଆଇନ, ଶିଶୁ ଶ୍ରମିକ ନିରାକରଣ ଆଇନ ସୁଚାରୁରୂପେ ପରିଚାଳନା ତଥା ଆଇନ ସେବା ପ୍ରାଧିକରଣର ଅଧିନିୟମ ୧୯୮୭ରେ ଥିବା ବିଭିନ୍ନ ବିଧିବ୍ୟବସ୍ଥା ଲକ୍ଷ୍ୟ ଓ ଆଭିମୁଖ୍ୟ, ନିଃଶୁଳ୍କ ଆଇନ ସେବା ପାଇଁ ଯୋଗ୍ୟ ହିତାଧିକାରୀ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଶ୍ରଦ୍ଧା ସଂଜୀବନୀର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ବିଜେତା ପ୍ରତିଯୋଗୀ ମାନଙ୍କୁ ଜିଲ୍ଲା ଓ ଦୌରା ଜଜ ଅଧ୍ୟକ୍ଷା ଡ଼ା ଭାଗ୍ୟଲକ୍ଷ୍ମୀ ରଥ ଏବଂ ଉପସ୍ଥିତ ପଦାଧିକାରୀଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ପରିବାର ଅଦାଲତ ବିଚାରପତି ଜାନକୀ ବିଶ୍ୱାଳ, ପିଓ ଓପିଆଇଡି ବିଚାରପତି ଶ୍ରୀମତୀ ସଂଗୀତା ପାଣି, ସିନିୟର ସିଭିଲ ଜଜ କମଳାକାନ୍ତ ରାଉତ, ସିନିୟର ସିଭିଲ ଜଜ ବ୍ୟୋମକେଶ ନାୟକ, ସିଭିଲ ଜଜ ଜୁନିଅର ଡିଭିଜନ ଶ୍ରୀମତୀ ସସ୍ମିତା ସେଠି, ଜେଏମଏସସି ସସ୍ମିତା ସାମଲ, ଜେଏମଏସସି ଦୀପିକା ବଡ଼ମାଳି, ସିଡବ୍ଲୁସି ସଦସ୍ୟ ଡ଼ଃ ଦିଲ୍ଲୀପ କୁମାର ତ୍ରିପାଠୀ ଏବଂ ଶ୍ରୀ ପ୍ରଣବ ପାଢ଼ୀ, ଜିଲ୍ଲା ଆଇନସେବା ପ୍ରାଧିକରଣ ସଦସ୍ୟ ଟି.କେ ରେଡ୍ଡୀ, ପିଏଲଏ-ପିୟୁଏସ ସଦସ୍ୟା ଭାରତି ପାତ୍ର, ପ୍ୟାନେଲ ଓକିଲ ଟି. ସୁଶାନ୍ତଙ୍କ ସମେତ ପାରାଲିଗଲ ସ୍ୱେଚ୍ଛାସେବୀ, ଆଶ୍ରମର ସମସ୍ତ କର୍ମକର୍ତ୍ତା, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ବ୍ରହ୍ମପୁର-ସମ୍ବଲପୁର ରେଳପଥ ପ୍ରକଳ୍ପ ନିର୍ମାଣ ଦାବି
### ରଥ ପରିକ୍ରମା ଓ ପଥପ୍ରାନ୍ତ ସଭା

ଭଞ୍ଜନଗର, (ସବ୍ୟୁ) : ଗୋପାଳପୁର- ଡେଙ୍ଗାଖୋଲ ଭାୟା ଭଞ୍ଜନଗର – ଫୁଲବାଣୀ ପ୍ରସ୍ତାବିତ ରେଳପଥ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଦାବିରେ ଶୁକ୍ରବାର ଦକ୍ଷିଣ ଓଡ଼ିଶା ରେଳପଥ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଭଞ୍ଜନଗରରେ ଏକ ସଚେତନତା ରଥ ପରିକ୍ରମା କରିଛି । ଏହି ରଥ ବ୍ରହ୍ମପୁରରୁ ବାହାରି ହିଞ୍ଜିଳିକାଟୁ ଓ ଆସିକା ପରିକ୍ରମା କରିବା ପରେ ଅପରାହ୍ନରେ ଭଞ୍ଜନଗରରେ ପହଞ୍ଚିଥିଲା । ବାଉଁଶଲୁଣ୍ଡି ବିଜୁ ପଟ୍ଟନାୟକ ଛକରେ ଘୁମୁସର ବାହିନୀ ପକ୍ଷରୁ ଏହି ରଥକୁ ସ୍ୱାଗତ କରାଯାଇଥିଲା । ପରେ ବାଇପାସ ରାସ୍ତା ଚକରା ବିଶୋୟୀ ଛକରୁ ଏକ ବାଇକ୍ ଶୋଭାଯାତ୍ରା ବାହାରି ଭେଜିପୁଟ, ଷ୍ଟେଟବ୍ୟାଙ୍କ ଛକ ଏବଂ ରେଡକ୍ରସ୍ ରୋଡ଼ ଦେଇ ମୁଖ୍ୟସଡ଼କ ପରିକ୍ରମା କରିବା ପରେ ହନୁମାନ ମନ୍ଦିର ଛକରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଗୋପାଳପୁର–ସମ୍ବଲପୁର ରେଳପଥ ପ୍ରକଳ୍ପ ପାଇଁ ଦୀର୍ଘବର୍ଷ ହେଲା ଦାବି ଉପସ୍ଥାପିତ ହୋଇଆସୁଛି । ଭଞ୍ଜନଗରରେ ଓକିଲ ସଂଘ ପକ୍ଷରୁ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଗଠନ କରି ବିଭିନ୍ନ ସମୟରେ ଆନ୍ଦୋଳନ କରାଯାଇଥିବା ବେଳେ କେନ୍ଦ୍ର ସରକାର ୨୦୨୧ ମସିହାରେ ଏହି ପ୍ରକଳ୍ପକୁ ବଜେଟ୍ରେ ମଞ୍ଜୁର ପ୍ରଦାନ କରିଥିଲେ । କିନ୍ତୁ ଅଦ୍ୟାବଧି ରେଳପଥ ନିର୍ମାଣ କାର୍ଯ୍ୟ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇପାରୁନି । ଏଣୁ ପୁଣି ଥରେ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାପାଇଁ ଏବେ ଦକ୍ଷିଣ ଓଡିଶା ବିକାଶ ରଥ ବିଭିନ୍ନ ସହର ପରିକ୍ରମା କରି ଜନସଚେତନତା ସୃଷ୍ଟି କରୁଛି । କ୍ରିୟାନୁଷ୍ଠାନ କମିଟିର ଆବାହକ ସରୋଜ ପଟ୍ଟନାୟକ, ପ୍ରିତୀଶ କୁମାର ପାଣିଗ୍ରାହୀ, ବାଳକୃଷ୍ଣ ପଣ୍ଡା, ଆଦିତ୍ୟ ପ୍ରସାଦ ରଥ, ରାଜେନ୍ଦ୍ର କୁମାର ପଣ୍ଡା, ଲକ୍ଷ୍ମୀ ନାରାୟଣ ପାଢ଼ୀ, ଦେବେନ୍ଦ୍ର ନାଥ ଦେବ, ବିନୋଦ ଠାକୁର, ନୀଳ ମାଧବ ପାତ୍ର, ସୁଜିତ ତ୍ରିପାଠୀ ଏହି ବିକାଶ ରଥ ନେଇ ଏବେ ବ୍ରହ୍ମପୁର ଠାରୁ ବାହାରି ପ୍ରସ୍ତାବିତ ରେଳପଥ ସଂଯୋଗ ହେଉଥିବା ସବୁ ସହର ପରିକ୍ରମା କରିବା ଶୁକ୍ରବାର ଠାରୁ ଆରମ୍ଭ କରିଛନ୍ତି ।

ଭଞ୍ଜନଗର ଠାରେ ଓକିଲ ସଂଘ ସଭାପତି ଲକ୍ଷ୍ମୀକାନ୍ତ ମହାପାତ୍ର, ସଂପାଦକ ଜ୍ୟୋତିରାଜ ପତି, ଉପସଭାପତି ସନ୍ତୋଷ କୁମାର ବେହେରା, ବରିଷ୍ଠ ନାଗରିକ ମଞ୍ଚ ସଭାପତି ସୋମନାଥ ନାୟକ ଓ ପୂର୍ବତନ ଓକିଲ ସଂଘ ସଭାପତି ସନ୍ତୋଷ ନାୟକ, ଆଇନଜୀବୀ ରାଜେନ୍ଦ୍ର ପ୍ରଧାନ, ପ୍ରଶାନ୍ତ ମହାନ୍ତି, ସରପଞ୍ଚ ଉଦ୍ଧବ ମିଶ୍ର, ବାର୍ଡ ସଂପାଦକ ପ୍ରକାଶ ଚନ୍ଦ୍ର ସାହୁଙ୍କ ସମେତ ବିଭିନ୍ନ ସଙ୍ଗଠନ ଏବଂ ଅନୁଷ୍ଠାନର କର୍ମକର୍ତ୍ତାମାନେ ପଥପ୍ରାନ୍ତ ସଭାରେ ଉପସ୍ଥିତ ରହି ରେଳପଥ ନିର୍ମାଣ ଦାବିକୁ ଜୋରଦାର କରିବାକୁ ଆହ୍ୱାନ ଦେଇଥିଲେ । ପରେ ଏକ ପ୍ରତିନିଧି ମଣ୍ଡଳୀ ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚି ଉପଜିଲ୍ଲାପାଳ ଉମାଶଙ୍କର ବେହେରାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

## ବ୍ରହ୍ମପୁର ମହାନଗର ନିଗମର ନୂଆ କମିଶନର



ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ମହାନଗର ନିଗମର କମିଶନର ଭାବେ ବାଲେଶ୍ୱର ଉପ ଜିଲ୍ଲାପାଳ ତଥା ବାଲେଶ୍ୱର ପୌରପାଳିକାର ଏକ୍ଜୁକ୍ୟୁଟିଭ ଅଫିସର ଅତିରିକ୍ତ ଦାୟିତ୍ୱରେ ଥିବା ଆଇଏଏସ ଅଫିସର ପ୍ରଥମେଶ ଅରବିନ୍ଦ ରାଜଶ୍ରିକଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ବଦଳି କରାଯାଇଛି। ସେ ଏବେ ବ୍ରହ୍ମପୁର ମହାନଗର ନିଗମ କମିଶନର ଭାବେ କାର୍ଯ୍ୟ କରିବେ । ଏବେ ପୂର୍ବ ଅପେକ୍ଷା ବ୍ରହ୍ମପୁର ମହାନଗର ନିଗମ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ବିକାଶ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

## ବୁଥସ୍ତରୀୟ ଅଧିକାରୀ ଓ ସୁପରଭାଇଜର ତାଲିମ ପାଇଁ ମୟୂରଭଞ୍ଜରୁ ୯ ମନୋନୀତ



ବାରିପଦା, (ସବ୍ୟୁ) : ଜିଲ୍ଲା ପ୍ରଶାସନର ସୁପାରିଶ କ୍ରମେ ସିଇଓ, ଓଡିଶା, ନୂଆଦିଲ୍ଲୀର ଆଇଆଇଆଇଡିଇଏମ ଠାରେ ତାଲିମ ନିମନ୍ତେ ଓଡିଶାର ବିଭିନ୍ନ ୫୦ଟି ନିର୍ବାଚନ ମଣ୍ଡଳୀରୁ ୫୦ଜଣ ବୁଥସ୍ତରୀୟ ଅଧିକାରୀ/ ବୁଥସ୍ତରୀୟ ସୁପରଭାଇଜରଙ୍କୁ ପ୍ରଥମ ବ୍ୟାଚରେ ମନୋନୀତ କରିଛନ୍ତି। ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲାରୁ ସମୁଦାୟ ୯ଜଣ ଅଧିକାରୀ ଉକ୍ତ ତାଲିମ ପାଇଁ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବୁଥ ସୁପରଭାଇଜର ବୀରେନ୍ଦ୍ର କୁମାର ବାରିକ (ଯଶିପୁର ଏସି), ରସାନନ୍ଦ ବେହେରା (ସାରସକଣା ଏସି), ନିରଞ୍ଜନ ଗୋପ (ରାଇରଙ୍ଗପୁର ଏସି), ବିଶ୍ୱଜିତ ମହାନ୍ତି (ବାଙ୍ଗରିପୋଷୀ ଏସି), ରଜତ କୁମାର ମହାପାତ୍ର (ଉଦଳା ଏସି), ସନ୍ତୋଷ କୁମାର ବେହେରା (ବଡ଼ସାହି ଏସି), ସିଦ୍ଧେଶ୍ୱର ମିଶ୍ର (ବାରିପଦା ଏସି), ପ୍ରସନ୍ନ କୁମାର ମହାନ୍ତ (ମୋରଡା ଏସି) ଓ ବୁଥସ୍ତରୀୟ ଅଧିକାରୀ ମହମ୍ମଦ ଇମାଦ ହସେନ (କରଞ୍ଜିଆ ଏସି)। ପ୍ରଥମ ବ୍ୟାଚ୍ ତାଲିମ ପାଇଁ ମନୋନୀତ ହୋଇଥିବା ଜିଲ୍ଲାର ଏହି ୯ଜଣ ଅଧିକାରୀ ମାନେ ୨ଦିନିଆ ତାଲିମ କାର୍ଯ୍ୟକ୍ରମରେ ଯୋଗଦେବା ନିମନ୍ତେ ନୂଆଦିଲ୍ଲୀ ଯାତ୍ରା କରିଛନ୍ତି।

## ଯୁବକଙ୍କୁ ଆକ୍ରମଣ, ହୋଟେଲ ସୁରକ୍ଷା କର୍ମୀ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଜଣେ ଯୁବକଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଘରୋଇ ସୁରକ୍ଷା କର୍ମୀଙ୍କୁ ଗିରଫ କରିଛି । ସେ ହେଲେ ଖୋଡାସିଂ ସ୍ଥିତ ଏକ ହୋଟେଲରେ କାର୍ଯ୍ୟରତ ସୁରକ୍ଷା କର୍ମୀ ଶିବ ପାତ୍ର ଓରଫ ହାପି (୨୩) ।

ସୂଚନାପ୍ରକାରେ, ଗତକାଲି ରାତିରେ କୌଣସି କାରଣକୁ ନେଇ ଖୋଡାସିଂର ଅନୀଲ କୁମାର ଜେନା ଏବଂ ଏହି ହୋଟେଲର ସୁରକ୍ଷା କର୍ମୀ ଶିବ ପାତ୍ର ମଧ୍ୟରେ ବଚସା ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ଶିବ ପାତ୍ର ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଦେଇଥିଲେ । ଘଟଣାକୁ ନେଇ ଅନୀଲ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ଶିବଙ୍କୁ କାବୁ କରିଥିଲା । ଅଭିଯୁକ୍ତ ଠାରୁ ପୁଲିସ ଆକ୍ରମଣରେ ବ୍ୟବହୃତ ମାରଣାସ୍ତ୍ର ଜବତ କରିଛି । ଆଜି ତାଙ୍କୁ ଗିରଫ ପରେ କାର୍ଟ ଚାଲାଣ କରାଯାଇଛି ।

## ସହରାଞ୍ଚଳରେ ବୁଲିଲା ବିକାଶ ବାହନ

ଛତ୍ରପୁର, (ସବ୍ୟୁ): ରାଜ୍ୟରେ ମୋହନ ସରକାରଙ୍କ ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟବ୍ୟାପୀ ବିକାଶ ବାହନ ଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଗଞ୍ଜାମ ଜିଲ୍ଲା ନଗର ଉନ୍ନୟନ ସଂସ୍ଥା ପକ୍ଷରୁ ସୁସଜ୍ଜିତ ବିକାଶ ବାହନକୁ ଅତିରିକ୍ତ ଜିଲ୍ଲାପାଳ ତଥା ଭାରପ୍ରାପ୍ତ ଡୁଡା ପିଡି ଦେବଦତ୍ତ ପଣ୍ଡା ପତକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଏହି ରଥ ଚଳିତ ମାସ ୨୧ ତାରିଖ ପର୍ଯ୍ୟନ୍ତ ଗଞ୍ଜାମ ଜିଲ୍ଲାର ସମସ୍ତ ସହରାଞ୍ଚଳ ବୁଲି ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ବନ୍ଧରେ ଲୋକଙ୍କୁ ଅବଗତ କରିବା ସହ ଲୋକଙ୍କ ପାଖରେ ପହଞ୍ଚାଇବା ସହ ସଚେତନତା ସୃଷ୍ଟି କରିବ। ବିଭିନ୍ନ ଜନକଲ୍ୟାଣ ସେବା ଗୁଡିକୁ ପହଂଚାଇବା ଏହି ବିକାଶ ବାହନର ମୂଳ ଲକ୍ଷ୍ୟ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଏହି କାର୍ଯ୍ୟକ୍ରମରେ ଛତ୍ରପୁର ଇଓ ପ୍ରସନ୍ନ କୁମାର ଦାଶଙ୍କ ସମେତ ଡୁଡା କାର୍ଯ୍ୟାଳୟ ଓ ଛତ୍ରପୁର ଏନଏସିର କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ସରକାରଙ୍କ ବର୍ଷପୂର୍ତ୍ତି ନିମନ୍ତେ ବିକାଶ ମେଳା ଉଦ୍‌ଘାଟିତ

ବ୍ରହ୍ମପୁର, (ସବ୍ୟୁ): ଏହି ସରକାର ଲୋକଙ୍କ ମାନଙ୍କ ପାଖକୁ ଯାଇ ସେମାନଙ୍କୁ ଆବଶ୍ୟକ ହେଉଥିବା ସୁବିଧା ପ୍ରଦାନ କରାଉଛି। ସରକାର ଲୋକଙ୍କ ପାଖକୁ ଯାଇ ତଥ୍ୟ ସଂଗ୍ରହ ନକରି କୌଣସି ନିଷ୍ପତ୍ତି ନେଇ ନାହାଁନ୍ତି। ଓଡ଼ିଶାର ଛାତ୍ରଛାତ୍ରୀ ପାଠପଢା ପରେ ନିଯୁକ୍ତି ପାଇପାରୁ ନଥିବା ବେଳେ ନିଯୁକ୍ତି ବନ୍ଦ କାରଣରୁ ବଞ୍ଚିତ ହେଉଥିଲେ। ଏହି ସରକାର ଗଠନ ପରେ ଗୋଟିଏ ବର୍ଷରେ ୪୦ ହଜାର ନିଯୁକ୍ତି କରାଇଛନ୍ତି। ନିଯୁକ୍ତି ନିମନ୍ତେ ବୟସ ଶିମା ବୃଦ୍ଧି କରି ୪୨ ବର୍ଷ ବୃଦ୍ଧି କରାଯାଇଛି। ସରକାର ଚାକିରିରେ ମୃତ୍ୟୁ ବରଣ କରିଥିବା ସେମାନଙ୍କ ପରିବାର ନିମନ୍ତେ ଅନୁକମ୍ପା ମୂଳକ ଚାକିରୀ ପ୍ରଦାନ କରାଯାଇଛି। ପୂର୍ବ ସରକାର ଅନୁକମ୍ପା ମୁଳକ ଚାକିରୀ ପ୍ରଦାନ ବିରୁଦ୍ଧରେ ୮ ଶହ ମାମଲା ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ବିଚରା ଧିନ ରହିଛି। ସୁଭଦ୍ରା ଯୋଜନା ଭାଉଣି ମାନେ ପାଇଛନ୍ତି। ଧାନର ମୁଲ୍ୟ ୨୩ ଶହ ଟଙ୍କାରୁ ୩୧ ଶହ ଟଙ୍କା କରାଯାଇଛି। ୮ ଶହ ଟଙ୍କା ଧାନର ସବସିଡି ବୃଦ୍ଧି କରିଥିଲେ। ଶ୍ରମିକ ମାନଙ୍କ ଶ୍ରମ ବୃଦ୍ଧି କରାଯାଇଛି। ଓଡ଼ିଶା ୨୦୩୬ ମସିହାରେ ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ଉଦ୍ୟମ ଆରମ୍ଭ ହୋଇଛି ବୋଲି ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ସ୍ଥାନୀୟ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡିଆ ଠାରେ ଆୟୋଜିତ ବିକାଶ ମେଳା –୨୦୨୫ ଉଦଘାଟିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ରାଜ୍ୟ ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଆସିକା ଲୋକସଭା ସାଂସଦ ଅନିତା ଶୁଭଦର୍ଶୀନୀ ଯୋଗ ଦେଇଥିଲେ। ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର, ଦିଗପହଣ୍ଡି ବିଧାୟକ ଡ଼ା ସିଦ୍ଧାନ୍ତ ମହାପାତ୍ର, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଆସ୍କା ବିଧାୟକ ସରୋଜ ପାଢ଼ୀ, ଖଲ୍ଲିକୋଟ ବିଧାୟକ ପୁର୍ଣ୍ଣଚନ୍ଦ୍ର ସେଠୀ, ସୋରଡ଼ା ବିଧାୟକ ନିଳମଣୀ ବିଶୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏସପି ଡ ସର୍ବଣା ବିବେକ ଏମ, ଗଞ୍ଜାମ ଏସପି ସତୀଶ ପାତ୍ର, ପିଡି ଡିଆରଡିଏ ଅଧ୍ୟକ୍ଷା ମଧୁମିତା ପ୍ରମୁଖ ଉପସ୍ଥିତ ରହିଥିଲେ ।

## ବିଚାରପତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବୁଗୁଡା, (ସବ୍ୟୁ): ସ୍ଥାନୀୟ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ଗତ ଜୁଲାଇ ୨୦୨୨ ମସିହାରୁ କାର୍ଯ୍ୟରତ ଥିବା ବିଚାରପତି ପରିଣିତା ନାୟକଙ୍କ ବଦଳି ମାଲକାନଗିରିକୁ ହୋଇଯାଇଛି । ଏ ପରିପ୍ରେକ୍ଷୀରେ ତାଙ୍କୁ ବୁଗୁଡା ଓକିଲ ସଂଘ ପକ୍ଷରୁ ଉପଢୌକନ ପ୍ରଦାନ ପୂର୍ବକ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଓକିଲ ସଂଘ ସଭାପତି ଅମର କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କାର୍ଯ୍ୟକ୍ରମରେ ସମ୍ପାଦକ ସିମାଞ୍ଚଳ ନନ୍ଦ, ହର ପ୍ରସାଦ ଦାଶ, ସୁଜିତ କୁମାର ସ୍ୱାଇଁ, ପ୍ରଭାତ କୁମାର ଜେନା, ରବିନ୍ଦ୍ର କୁମାର ପଣ୍ଡା, ନିବେଦିତା ଚୋଧୁରୀଙ୍କ ସମେତ ଅନ୍ୟାନ୍ୟ ଅଧିବକ୍ତାଗଣ ଉପସ୍ଥିତ ରହି ବିଦାୟୀ ବିଚାରପତିଙ୍କ ବିନମ୍ରତା ଓ କର୍ତ୍ତବ୍ୟନିଷ୍ଠାକୁ ନେଇ ଭୂୟସୀ ପ୍ରଶଂସା କରିଥିଲେ ।

## ଜିଲ୍ଲାସ୍ତରୀୟ ବିକଶିତ ଓଡିଶା ପାଇଁ ବିକଶିତ ଜିଲ୍ଲା ପରାମର୍ଶ କର୍ମଶାଳା



ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲାସ୍ତରୀୟ ବିକଶିତ ଓଡିଶା ପାଇଁ ବିକଶିତ ଜିଲ୍ଲା ପରାମର୍ଶ କର୍ମଶାଳା ଗୋପାଳପୁର ସ୍ଥିତ ଥିବା ପ୍ରମୋଦ ଲାଣ୍ଡ ଆଣ୍ଡ ରିସୋର୍ଟ ଠାରେ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ପରାମର୍ଶ କର୍ମଶାଳାରେ ରାଜ୍ୟ ସରକାରଙ୍କ ଆଇନ ଓ ଅବକାରୀ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଆଗାମୀ ଦିନରେ ଜିଲ୍ଲାର ଉନ୍ନତିକରଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏଭଳି କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଦେବା ସହ ଜିଲ୍ଲାର ବିକାଶ ପାଇଁ ବିଭିନ୍ନ ବର୍ଗର ଲୋକଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ । ନିର୍ବାଚନ ଜିତି ସରକାର ଗଠନ ପରେ ନିଜର ନିର୍ବାଚନ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି ପ୍ରକାରେ ସରକାର ଚାଷୀଙ୍କୁ ୮୦୦ ଟଙ୍କା ଇନପୁଟ ସହାୟତା, ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କା ପ୍ରଦାନ, ଜଗନ୍ନାଥଙ୍କ ୪ ଦ୍ୱାର ଖୋଲିବା ଭଳି ବିଭିନ୍ନ ନିଷ୍ପତ୍ତିକୁ ବିଗତ ଏକ ବର୍ଷ ମଧ୍ୟରେ ପୂରଣ କରାଯାଇଛି। ୨୧ ଟି ସଂକଳ୍ପ ମଧ୍ୟରୁ ୧୧ ଟି ପ୍ରଥମ ବର୍ଷରେ ପରିପୂର୍ଣ୍ଣ କରାଯାଇଛି, ପ୍ରକୃତରେ ସରକାର କଥା ଦେଇ କଥା ରଖିଛନ୍ତି, ୨୦୪୭ ବେଳକୁ ଭାରତ ବର୍ଷରେ ବିକଶିତ ଚେହେରା ପୃଷ୍ଫୁଟିତ ହୋଇପାରିବ, ୨୦୩୬ ବେଳକୁ ଓଡିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ହେବା ସାଙ୍ଗକୁ ଓଡ଼ିଶାର ଅର୍ଥନୀତିକୁ ୫୦୦ ମିଲିୟନ ୟୁଏସ ଡ଼ଲାର ଏବଂ ୨୦୪୭ ବେଳକୁ ୧୫୦୦ ମିଲିଆନ ୟୁଏସ ଡଲାର କରିବା ପାଇଁ ଲକ୍ଷ ରଖାଯାଇଥିବା କହିଥିଲେ। ଏହି ଅବସରରେ ଛତ୍ରପୁର ୟୁରୋ ସ୍କୁଲର ଅଧ୍ୟକ୍ଷ ତଥା ଆଇନଜୀବୀ ରଂଜନ କୁମାର ମହାପାତ୍ର ଯୋଗଦେଇ ଶିକ୍ଷା କ୍ଷେତ୍ରରେ ବିକାଶ ଲାଗି ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟରେ ବିଇଡ଼ି ପାଠ୍ୟକ୍ରମ ଖୋଲାଗଲେ ଛାତ୍ରଛାତ୍ରୀଙ୍କ ବିକାଶ ହୋଇପାରିବ ।

ସମସ୍ତ ସରକାରୀ ବିଦ୍ୟାଳୟ ମାନଙ୍କରେ ଅଡିଓ ଭିଡିଓ ମାଧ୍ୟମରେ ଶିକ୍ଷାଦାନ ପାଇଁ ପର୍ଯ୍ୟାପ୍ତ ସୁବିଧା କରିବା ସହିତ ସରକାରଙ୍କ ପକ୍ଷରୁ କରାଯାଇଥିବା ସ୍ୱୟଂ ଓ ଦୀକ୍ଷା ନାମକ ୨ ଟି ୱେବ ସାଇଟ ମାଧ୍ୟମରେ ଶିକ୍ଷାଦାନ ପଦ୍ଧତି ପର୍ଯ୍ୟାପ୍ତ କରାଗଲେ ଛାତ୍ରଛାତ୍ରୀଙ୍କ ଶିକ୍ଷାକ୍ଷେତ୍ରରେ ବିକାଶ ହୋଇପାରିବ ଏବଂ ପ୍ରାଇମେରୀ ସ୍କୁଲ ମାନଙ୍କରେ ଆବାକସ କିମ୍ବା ବେଦିକ ମେଥର ଉପଯୋଗ କରାଇପାରିଲେ ଛାତ୍ରଛାତ୍ରୀ ଙ୍କ ଗାଣିତିକ ଶିକ୍ଷାର ବିକାଶ ହୋଇପାରିବ ବୋଲି ଶ୍ରୀ ମହାପାତ୍ର କହିଥିଲେ । ଏହି ଅବସରରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରୁ ବହୁ ଜିଲ୍ଲା ସ୍ତରୀୟ ଅଧିକାରୀ, ଏନଜିଓ, ବୁଦ୍ଧିଜୀବୀ, ଆଇନଜୀବୀ, ଶିଳ୍ପ କାରଖାନା ର କର୍ତ୍ତୃପକ୍ଷ, ମତ୍ସ୍ୟଜୀବି ସାମିଲ ହୋଇ ବିକଶିତ ଜିଲ୍ଲା ପାଇଁ ନିଜ ନିଜ ମତ ପ୍ରକାଶ କରିଥିଲେ। ଅନ୍ୟପଟେ କୃଷି, ଶିଳ୍ପ, ଶିକ୍ଷା, ଦାଦନ ଶ୍ରମିକ, ରାସ୍ତାଘାଟ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ବ୍ୟକ୍ତି ବିଶେଷ ଗଣ ମତ ପ୍ରକାଶ କରିଥିଲେ । ଏହି କର୍ମଶାଳାରେ ଓଡିଶା ସରକାରଙ୍କ ମତ୍ସ୍ୟ ପଶୁସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଆସିକା ସାଂସଦ ଅନିତା ଶୁଭ ଦର୍ଶନୀ, ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ବିଧାୟକ ନୀଳମଣି ବିଷୋୟୀ, ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠି, ଗଞ୍ଜାମ ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ଏସ. ରାଜେଶ୍ୱରୀ ଦୋରା, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ବ୍ରହ୍ମପୁର ଏସପି, ଗଞ୍ଜାମ ଜିଲ୍ଲା ପରିଷଦ ସିଡିଓ ମଧୁମିତା ପ୍ରମୁଖ ମଞ୍ଚାସୀନ ଥିଲେ । ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରିଣୀ ମଧୁମିତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗୁଜୁରାଟର ଅହମ୍ମଦାପୁର ପ୍ଲେନ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ବନ୍ଦେ ଉତ୍କଳ ଜନନୀ ଗାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା।

## ବଡନାଳ ସଫେଇ କାର୍ଯ୍ୟ ଠିକ୍ ଚାଲିଛି
### ସାମ୍ବାଦିକ ସମ୍ମିଳନୀରେ ମତ ପ୍ରକାଶ



କଟକ, (ସ୍ୱପ୍ର): ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିଏମ୍‌ସି ପକ୍ଷରୁ ସହରର ସମସ୍ତ ଛୋଟବଡ ନାଳକୁ ବର୍ଷାଦିନ ଆସିବା ପୂର୍ବରୁ ସଫା କରାଯାଉଛି । ମେଜର ସରଫ୍ରେସ ୱାର୍ଟର ଚ୍ୟାନେଲ–୧ (ଏମ୍‌ଏସ୍‌ଡବ୍ଲ୍ୟୁସି) ବଡନାଳର ସଫେଇ କାର୍ଯ୍ୟ ଏବେ କରାଯାଉଛି । ମାତୃଭବନ ନିକଟରୁ ନୂଆବଜାର ଛକ ପର୍ଯ୍ୟନ୍ତ ଏହି ବଡନାଳର ସଫେଇ କାର୍ଯ୍ୟରେ ଶିଶୁ ଶ୍ରମିକ ନିୟୋଜିତ ହେବା, ଶ୍ରମିକମାନେ ସୁରକ୍ଷା ପୋଷାକ ପରିଧାନ ନକରି ନାଳରୁ ପଙ୍କୋଦ୍ଧାର କାର୍ଯ୍ୟ କରିବା ସମ୍ପର୍କରେ କେତେକ ଗଣମାଧ୍ୟମରେ ଖବର ପ୍ରକାଶ ହୋଇଥିଲା। ଏହି ଖବର ମିଥ୍ୟା, ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ୫୩ନଂ ୱାର୍ଡ କର୍ପୋରେଟର ଅରବିନ୍ଦ ଜେନା ଆହୁତ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟିକରଣ ରଖିଛନ୍ତି । ଅନ୍ଦରପୁର ସ୍ଥିତ ୫୩ନଂ ୱାର୍ଡ କାର୍ଯ୍ୟାଳୟରେ ଶୁକ୍ରବାର କର୍ପୋରେଟର ଅରବିନ୍ଦ ଜେନାଙ୍କ ଦ୍ୱାରା ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇ ବଡନାଳରୁ ପଙ୍କୋଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ କେତେକ ଗଣମାଧ୍ୟମରେ ଏହି କାର୍ଯ୍ୟ ସମ୍ପର୍କରେ ଅପପ୍ରଚାର କରାଯାଇଥିଲା। ଏହାର ସ୍ପଷ୍ଟୀକରଣ ରଖିଛନ୍ତି କର୍ପୋରେଟରଙ୍କ ସମେତ ପୂଜାକମିଟି ଓ ୱାର୍ଡର ବରିଷ୍ଠ ମୁରବୀ। ବଡନାଳରୁ ହେଉଥିବା ପଙ୍କୋଦ୍ଧାର କାର୍ଯ୍ୟ ଠିକ୍ ଠାକ୍ ଚାଲିଛି । ଦୀର୍ଘବର୍ଷ ହେବ ପଙ୍କୋଦ୍ଧାର କାର୍ଯ୍ୟ ହୋଇନଥିଲା । ଫଳରେ ବର୍ଷାଦିନରେ ବଡନାଳରୁ ବର୍ଷାଜଳ ନିଷ୍କାସନ ହୋଇନପାରି ୫୩ନଂ ୱାର୍ଡ ଜଳମଗ୍ନ ହେଉଥିଲା। ଏବର୍ଷ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିଏମସି ଜରିଆରେ ବର୍ଷାଦିନ ପୂର୍ବରୁ ସମସ୍ତ ଛୋଟବଡ ନାଳ ସଫେଇ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ମାତୃଭବନ ନିକଟରୁ ନୂଆବଜାର ଛକ ପର୍ଯ୍ୟନ୍ତ ବଡନାଳରୁ ମଧ୍ୟ ପଙ୍କୋଦ୍ଧାର କାର୍ଯ୍ୟ ଚାଲୁ ରହିଛି । ପ୍ରତ୍ୟେକ ଦିନ ସିଏମସିର ୱାର୍ଡ କନିଷ୍ଠଯନ୍ତ୍ରୀ ଓ ନିର୍ବାହୀଯନ୍ତ୍ରୀ ମାନେ ଉପସ୍ଥିତ ରହି ପଙ୍କୋଦ୍ଧାର କାର୍ଯ୍ୟକୁ ତଦାରଖ କରୁଛନ୍ତି । ଏହାପରେ ମଧ୍ୟ କେତେକ ଗଣମାଧ୍ୟମରେ ଏହି ପଙ୍କୋଦ୍ଧାର କାର୍ଯ୍ୟରେ ଶିଶୁଶ୍ରମିକ ତଥା ବିନା ସୁରକ୍ଷା ପୋଷାକରେ ଶ୍ରମିକମାନେ କାମ କରୁଥିବାର ଖବର ପ୍ରକାଶ ପାଇଛି, ଯାହକି ଏହା ସମ୍ପୂର୍ଣ୍ଣ ମିଥ୍ୟା ଅଟେ । ତେଣୁ ଏପରି ମିଥ୍ୟା ଖବର ଭବିଷ୍ୟତରେ ପ୍ରକାଶ ନକରିବା ପାଇଁ ସାମ୍ବାଦିକ ସମ୍ମିଳନୀରେ କର୍ପୋରେଟର ଶ୍ରୀ ଜେନାଙ୍କ ସମେତ ବରିଷ୍ଠ ମୁରବୀମାନେ ମତପ୍ରକାଶ କରିଥିଲେ । ନଚେତ୍ ବାଧ ହୋଇ ଆଇନର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ୫୨ନଂ ୱାର୍ଡ କର୍ପାରେଟର ସୌଭାଗିନୀ ଜେନା, ଅନ୍ଦରପୁରର ପୂଜା କମିଟିର ସଭାପତି ସମ୍ପାଦକ ବିନୟ କୁମାର ଦାସ, ୫୩ନଂ ବିଜେଡି ୱାର୍ଡ ସଭାପତି ସାରଙ୍ଗପାଣି ଷଡ଼ଙ୍ଗୀ, ବିଜୟାନନ୍ଦ ସାହୁ, ରଜନୀକାନ୍ତ ପରିଜା, କଲ୍ୟାଣୀନଗର ଉନ୍ନୟନ ସମିତିର ସମ୍ପାଦକ ଡଃ ବିପିନ ବିହାରୀ ଭୋଳଙ୍କ ସମେତ ଅମର ସାମନ୍ତରାୟ, ଡଃ ବ୍ୟୋମକେଶ କାନୁନଗୋ, ବିଦ୍ୱୁଲତା ସ୍ୱାଇଁ, ନଗେନ ଦାସ, ରାଜେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଭଞ୍ଜନଗର ମେଡିକାଲର ଅକ୍ସିଜେନ୍ ପ୍ଲାଣ୍ଟ ଅଚଳ

ଭଞ୍ଜନଗର, (ସବ୍ୟୁ): ଅଚଳ ହୋଇପଡିଛି ଅକ୍ସିଜେନ୍ ପ୍ଲାଣ୍ଟ । ଅଧାରେ ଅଟକି ଯାଇଛି, ଆବଶ୍ୟକତା । ପ୍ରତି ୱାର୍ଡର ରୋଗୀଙ୍କ ଶଯ୍ୟା ନିକଟରେ ପାଇପ୍ ଲାଗିଛି, ହେଲେ ତାହା କାମରେ ଆସୁନି । ବହୁ ଆଡମ୍ବର ଲଘୁ କ୍ରିୟାରେ ଗଂଜାମ ଜିଲ୍ଲା ଭଂଜନଗର ଉପଖଣ୍ଡ ଡ଼ାକ୍ତରଖାନାରେ ପ୍ରତିଷ୍ଠା ହୋଇଥିବା ଅକ୍ସିଜେନ ପ୍ଲାଣ୍ଟ ।

ଗତ କୋଭିଡ୍ ସମୟରେ ଡାକ୍ତରଖାନାର ସାଧାରଣ ରୋଗୀଙ୍କ ଆବଶ୍ୟକତା ପୁରଣ ପାଇଁ ୬–୮–୨୦୨୧ ମସିହାରେ ପ୍ରତିଷ୍ଠା ହୋଇଥିଲା ଅକ୍ସିଜେନ୍ ପ୍ଲାଣ୍ଟ । ଲକ୍ଷଥିଲା ମହାମାରୀ ଭଳି କଠିନ ପରିସ୍ଥିତିରେ ଅଭାବ ଦେଖା ଦେଉଥିବା ଅକ୍ସିଜେନ୍‌ର ମୁକାବିଲା କରିବା । ପରବର୍ତ୍ତୀ ସମୟରେ ମଧ୍ୟ ଏହା ବିଶେଷ ଭାବେ କାର୍ଯ୍ୟରେ ଆସିବ । ଏଥିପାଇଁ ମେଡିକାଲର ପ୍ରତ୍ୟେକ ବିଭାଗର ୱାର୍ଡକୁ ପାଇପ୍ ଯୋଗେ, ଅକ୍ସିଜେନ୍ ଯୋଗାଇବା ପାଇଁ ଚୁଡାନ୍ତ ହେଲା। ଶେଷରେ ପରିସ୍ଥିତି ଏମିତି ହେଲା, ଆରମ୍ଭରୁ ହିଁ ଝୁଣ୍ଟିବା ଆରମ୍ଭ କଲା, ଅକ୍ସିଜେନ୍ ପ୍ଲାଣ୍ଟ। ସେହି ସମୟରେ କୋଭିଡ୍ ପରିସ୍ଥିତି ମୁକାବିଲା ପାଇଁ ତତ୍କାଳୀନ ରାଜ୍ୟ ସରକାର, ରାଜ୍ୟରେ ୪୦ ଟି ଅକ୍ସିଜେନ୍ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଥିଲେ । ସେଥିମଧ୍ୟରୁ ଗଂଜାମ ଜିଲ୍ଲାର ୩ ଟି ସ୍ଥାନ ବ୍ରହ୍ମପୁର, ଛତ୍ରପୁର ଏବଂ ଭଂଜନଗର ମେଡିକାଲ୍‌ରେ ପ୍ରତିଷ୍ଠା ହେବା ପାଇଁ ସ୍ଥିର ହେଲା ।

ଏଥିପାଇଁ ଭଂଜନଗର ଉପଖଣ୍ଡ ଚିକିତ୍ସାଳୟରେ ଆମେରିକାନ୍ ଇଣ୍ଡିଆ ଫାଉଣ୍ଡେସନ ଅର୍ଥ ଦାନରେ, ଅହମ୍ମଦାବାଦର ଲାଭ୍ ଗ୍ରୁପ ପକ୍ଷରୁ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ସମ୍ପାଦନ କରାଗଲା । ପ୍ରତ୍ୟେକ ରୋଗୀ–ଶଯ୍ୟା ନିକଟକୁ ପାଇପ୍ ଯୋଗେ ଅକ୍ସିଜେନ୍ ଯୋଗାଇବା ବ୍ୟବସ୍ଥା କରାଗଲା। ଆରମ୍ଭ ହେଲା ପରୀକ୍ଷଣ ।ଛ ପ୍ରଥମରୁ ହିଁ ଦେଖାଗଲା, ଯାନ୍ତ୍ରିକ ତ୍ରୁଟି । କାମ କଲାନାହିଁ ରିଲେ ସେନ୍ସର୍ । ସଂପୃକ୍ତ କମ୍ପାନୀକୁ, ଅବଗତ କଲେ ମେଡିକାଲ କର୍ତ୍ତୃପକ୍ଷ । ପ୍ରତିଷ୍ଠା ହେବାର ଦୁଇବର୍ଷ ପରେ ତାହା ସଜଡାଗଲା । କିଛିଦିନ ଅକ୍ସିଜେନ୍ ଯୋଗାଣ ହେଲା । ପୁଣି ପ୍ଲାଣ୍ଟର ପ୍ରି–ଫିଲଟର୍ ଓ କାର୍ବନ୍ ଫିଲଟର୍ ଭଳି ଯନ୍ତ୍ରାଂଶରେ ତ୍ରୁଟି ଦେଖାଗଲା । ପୁଣି ସଂପୃକ୍ତ ମେକାନିକ୍ ସଂସ୍ଥାକୁ ଯୋଗାଯୋଗ କଲେ, ମେଡିକାଲ କର୍ତ୍ତୃପକ୍ଷ । ହେଲେ ମେସିନ୍ ସଜାଡିବାକୁ କମ୍ପାନୀର ମେକାନିକ୍ ଆସିବା ଦୂରର କଥା, ଆଜି ପର୍ଯ୍ୟନ୍ତ ଧରାଛୁଆଁ ଦେଉନି ସଂପୃକ୍ତ କମ୍ପାନୀ । ଏଥିପାଇଁ ମେଡିକାଲ ପକ୍ଷରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଗଲା। ହେଲେ ଫଳ ଶୂନ । ନା' ପ୍ଲାଣ୍ଟ ମରାମତି ହୋଇପାରୁଛି, ନା ଅକ୍ସିଜେନ୍ ଉତ୍ପାଦନ ହୋଇ ପାରୁଛି । ୨୦୨୩ ଜୁଲାଇ ମାସରୁ ଏହି ଅକ୍ସିଜେନ୍ ପ୍ଲାଣ୍ଟ ସମ୍ପୂର୍ଣ ବନ୍ଦ ହୋଇଯାଇଛି। ଜିଲ୍ଲାର ଭଂଜନଗର ବ୍ଲକ୍ ସମେତ ଜଗନ୍ନାଥପ୍ରସାଦ, ବେଲଗୁଣ୍ଠା, ସୋରଡା ବ୍ଲକ୍ ସମେତ ବୁଗୁଡ଼ା ବ୍ଲକର ଅଧିକାଂଶ ରୋଗୀ, ଭଂଜନଗର ଉପଖଣ୍ଡ ଡ଼ାକ୍ତରଖାନା ଉପରେ ନିର୍ଭର କରନ୍ତି । ଏହାସହ କନ୍ଧମାଳ ଓ ନୟାଗଡ ଜିଲ୍ଲାର ଅଧିକାଂଶ ରୋଗୀ ଏହି ଡାକ୍ତରଖାନା ଉପରେ ନିର୍ଭର କରନ୍ତି । ଏଥିପାଇଁ ପୂର୍ବରୁ ବ୍ରହ୍ମପୁର – ହଳଦିଆପଦରରୁ ସିଲିଣ୍ଡର ଯୋଗେ ଅକ୍ସିଜେନ୍ ଆସୁଥିଲା । ଲକ୍ଷ୍ୟଥିଲା ଏଠାରେ ଅକ୍ସିଜେନ୍ ପ୍ରସ୍ତୁତ ହୋଇଗଲେ, ୮୦ କିଲୋମିଟର ଦୂରରେ ଥିବା ବ୍ରହ୍ମପୁର – ହଳଦିଆପଦର ପ୍ଲାଣ୍ଟ ଉପରେ ଆଉ ନିର୍ଭର କରିବକୁ ପଡ଼ିବ ନାହଁ । ହେଲେ, ତାହା ସମ୍ଭବ ହେଲାନାହିଁ । ସବୁ ବ୍ୟବସ୍ଥା ସତ୍ତ୍ୱେ , ଏବେ ସିଲିଣ୍ଡର ଅକ୍ସିଜେନ୍ ହିଁ ଭରସା ହୋଇଛି । ହେଲେ ଏହାର ତଦାରଖ ଏବଂ ପରିଚାଳନା ଦାୟିତ୍ୱ ମେଡିକାଲ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ବିଭାଗ ଏବଂ ସରକାରଙ୍କ ହାତରେ ରହିଲା ।

ପ୍ଲାଣ୍ଟ ଅଚଳ ହେବାପରେ, ମେଡିକାଲ କର୍ତ୍ତୃପକ୍ଷ ସଂପୃକ୍ତ କମ୍ପାନୀକୁ ବାରମ୍ବାର ଜଣାଇଲେ। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ । ତଥାପି ଅବସ୍ଥାରେ ସୁଧାର ଆସିପାରିଲା ନାହିଁ । ଅଚଳାବସ୍ଥାର ଆଉ ଏକ ପ୍ରମୁଖ କାରଣ ହେଉଛି, ପ୍ଲାଣ୍ଟର ଯନ୍ତ୍ରାଂଶ ଓଡ଼ିଶାରେ ମିଳୁନି ଏବଂ ଏହାକୁ ସଜାଡିବାକୁ ସ୍ଥାନୀୟ ଅଞ୍ଚଳରେ ମେକାନିକ୍ ମଧ୍ୟ ନାହାଁନ୍ତି । ଏବେ ହଳଦିଆପଦର, ସିଲିଣ୍ଡର ଏବଂ କନସେନଟ୍ରେଟର୍ ମାଧ୍ୟମରେ ହିଁ ଭଂଜନଗର ମେଡିକାଲର ରୋଗୀଙ୍କୁ ଅକ୍ସିଜେନ୍ ଯୋଗାଇବା ଏକମାତ୍ର ଭରସା ହୋଇଛି ।

# ବିଦ୍ୟୁତ ସଟ୍‌ସର୍କିଟରୁ ଜଳିଗଲା ତନ୍ତ କାରଖାନା
## ସରକାରୀ ସହାୟତା ଅପେକ୍ଷାରେ ପରିବାର



ସାଲେପୁର, (ସବ୍ୟୁ) : ବିଦ୍ୟୁତ ସଟସର୍କିଟରୁ ଜଳିଗଲା ଲକ୍ଷାଧିକ ଟଙ୍କାର ବୁଣାକାରଙ୍କ ଲୁଗା, ବୁଣା ତନ୍ତମେସିନ ଓ ନୂଆ ଲୁଗାପଟା । କଟକ ଜିଲ୍ଲା ସାଲେପୁର ବ୍ଲକ୍ ସୁଧୁଖଣ୍ଡ ପଞ୍ଚାୟତର କୁଳସମୀତଙ୍ଗା ଗାଁର ପୁରୁଷୋତ୍ତମ ସାହୁଙ୍କ ତନ୍ତ କାରଖାନାରେ ବିଳମ୍ବିତ ରାତିରେ ପରିବାର ସଦସ୍ୟ ଶୋଇଥିବା ଅବସ୍ଥାରେ ବିଦ୍ୟୁତ ସଟ- ସର୍କିଟ କାରଣରୁ ନିଆ ଲାଗି ସମସ୍ତ ତନ୍ତ ମେସିନ, ନୂଆ ଲୁଗାପଟା ସହ ଗୃହ ସାମଗ୍ରୀ, ମୁଗ, ବିରି,ଧାନ ଚାଉଳ, ଆସବାବପତ୍ର ଆଦି ପ୍ରାୟ ଲକ୍ଷାଧିକ ଟଙ୍କା ମୂଲ୍ୟର ସମ୍ପତି ଜଳିପୋଡ଼ି ଭସ୍ମ ହୋଇଯାଇଛି । ତନ୍ତରେ ଲୁଗା ବୁଣି ପରିବାର ପ୍ରତିପୋଷଣ କରି ଥାଆନ୍ତି ଏହି ପରିବାର । ଚଳିତ ବର୍ଷ ଋଣ ମଧ୍ୟ କରିଥିଲେ । ଏଭଳି ଅଚାନକ ନିଆ ଲାଗି ସବୁ ପୋଡ଼ି ଗଲା ପରେ ମୁଣ୍ଡରେ ହାତ ଦେଇ ବସଛନ୍ତି ପରିବାର ସଦସ୍ୟ । ସରକାରୀ ସହାୟତା ନିମନ୍ତେ ଆକୁଳ ନିବଦନ କରିଛନ୍ତି ।

# ଘନଉଛି ଶ୍ରମିକ ସଂଘ ବିବାଦ, ପୋଲିସର ପକ୍ଷପାତିତା ଅଭିଯୋଗ

ପାରାଦୀପ: (ଜି.ପ୍ର) : ପାରାଦୀପରେ ଏବେ ଦିନକୁ ଦିନ ଶ୍ରମିକ ସଂଘ ବିବାଦ ଉଗ୍ର ରୂପ ଧାରଣ କରୁଛି । ବିବାଦ ବଢ଼ି ବଢ଼ି ଏବେ ଥାନା ଓ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ଲମ୍ବିବାକୁ ଆରମ୍ଭ କଲାଣି । ଗତ କିଛି ଦିନ ଧରି ପାରାଦୀପ ପୋର୍ଟ ଆଣ୍ଡ ଡକ ମଜଦୁର ୟୁନିୟନରେ ଲାଗିଥିବା ବିବାଦ ଏବେ ଖାଲି ମାମଲା ପରେ ମାମଲା ରୁଜୁ ହେବା ଦେଖିବାକୁ ମିଳିଲାଣି । ପରିସ୍ଥିତି ଏଭଳି ହେଲାଣି ଯେ ପାରାଦୀପ ମଡେଲ ଥାନା ଅଧିକାରୀଙ୍କ ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରି ଶ୍ରମିକ ଇଉନିୟନ ପୋଲିସ ବିରୋଧରେ ସାମ୍ବାଦିକ ସମ୍ମିଳନୀ ମଧ୍ୟ କଲେଣି । ୟୁନିୟନର ସାଧାରଣ ସମ୍ପାଦକ ସନାତନ ବେହେରା ଏନେଇ ଆଜି ସନ୍ଧ୍ୟାରେ ୟୁନିୟନ କାର୍ଯ୍ୟାଳୟରେ ଗଣମାଧ୍ୟମ ସମ୍ମୁଖରେ ପୋଲିସ ପକ୍ଷପାତିତା କରୁଥିବା ଭଳି ସଙ୍ଗିନୀ ଅଭିଯୋଗ ଆଣିଛନ୍ତି । ଦୀର୍ଘ ଦଶନ୍ଧି ଧରି ସ୍ୱର୍ଗତ ସର୍ବଭାରତୀୟ ଶ୍ରମିକ ନେତା ଘନଶ୍ୟାମ ଜେନାଙ୍କ ଦ୍ୱାରା ପ୍ରତିଷ୍ଠା ଲାଭ କରିଥିବା ଏହି ୟୁନିୟନକୁ ସଦସ୍ୟ ନଥିବା କିଛି ବ୍ୟକ୍ତି ଅଗଣତାନ୍ତ୍ରୀକ ଭାବେ ଜୋର ଜବରଦସ୍ତ କରାୟତ କରିବା ପାଇଁ ପ୍ରୟାସ ଜାରି ରଖିଥିବା ବେଳେ ପାରାଦୀପ ପୋଲିସ ୟୁନିୟନର ଅଭିଯୋଗକୁ ଗ୍ରହଣ ନକରି ସେମାନଙ୍କୁ ସମର୍ଥନ କରୁଥିବା ଅଭିଯୋଗ ଆଣିଛନ୍ତି ସାଧାରଣ ସମ୍ପାଦକ ଶ୍ରୀ ବେହେରା ।

ୟୁନିୟନରୁ ବିତାଡ଼ିତ ଓ ଇଉନିୟନରେ ସଦସ୍ୟତା ନଥିବା କିଛି ନ୍ୟସ୍ତ ସ୍ୱାର୍ଥ ଶ୍ରମିକ ନିଜକୁ କର୍ମକର୍ତ୍ତା ସଜେଇ ଇଉନିୟନର ଲେଟରହେଡକୁ ବ୍ୟାଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଦପ୍ତରରେ ବ୍ୟବହାର କରିଥିବା ନେଇ ଥାନାରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିଲା । ବାଧ୍ୟ ହୋଇ ୟୁନିୟନ ପକ୍ଷରୁ ଜେଏମଏଫସି କୁଜଙ୍ଗର ଦ୍ୱାରସ୍ଥ ହୋଇଥିଲେ । କୋର୍ଟ ଆବେଦନକୁ ଗ୍ରହଣ କରି ପାରାଦୀପ ପୋଲିସକୁ ଏ ସଂକ୍ରାନ୍ତରେ ମାମଲା ରୁଜୁ କରିବା ପାଇଁ ନିର୍ଦ୍ଦେଶ ଦେବା ପରେ ପୋଲିସ ସେମାନଙ୍କ ନାମରେ ମାମଲା ରୁଜୁ କରିଥିଲେ । କିନ୍ତୁ ଅଭିଯୁକ୍ତଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଓଲଟା ଅଭିଯୁକ୍ତଙ୍କ ପକ୍ଷରୁ କରାଯାଇଥିବା ଏକ ମିଥ୍ୟା ମାମଲାରେ ୟୁନିୟନର ଆଗଧାଡ଼ିର ସଦସ୍ୟ ଓ କାର୍ଯ୍ୟକର୍ତ୍ତାଙ୍କ ନାମରେ ମାମଲା ରୁଜୁ କରିଛି ପୋଲିସ । ପୋଲିସର ୟୁନିୟନକୁ ଦୁର୍ବଳତା କରିବା ଏବଂ ୟୁନିୟନର ମାନ ସମ୍ମାନ ହାନି କଲାଭଳି କାର୍ଯ୍ୟ କରୁଥିବାରୁ ୟୁନିୟନ ଅସନ୍ତୋଷ ପ୍ରକାଶ କରିଛି । ତେବେ ପୋଲିସ ଯଦି ଏଭଳି ପକ୍ଷପାତିତା ଅବଲମ୍ବନ କରେ ତେବେ ସେମାନେ ବାଧ୍ୟ ହୋଇ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି ।

ଉକ୍ତ ପ୍ରେସମିଟରେ ସାଧାରଣ ସମ୍ପାଦକ ସନାତନ ବେହେରାଙ୍କ ସମେତ ଯୁଗ୍ମ ସମ୍ପାଦକ ପ୍ରମୋଦ ପାଲଟାସିଂ, କୋଷାଧ୍ୟକ୍ଷ କୁଞ୍ଜ ପ୍ରଧାନ ଓ ବହୁ ସଦସ୍ୟ ଉପସ୍ଥିତ ଥିଲେ । ଘଟଣାକୁ ନେଇ ପାରାଦୀପ ଥାନା ଅଧିକାରୀଙ୍କୁ ପଚାରିବାରୁ ପୋଲିସ କାହିଁ ପକ୍ଷପାତିତା କରିବ, ସେମାନେ ଓଲଟା ପ୍ରଶାସନ ଓ ପୋଲିସକୁ ବଦନାମ କରୁଛନ୍ତି ବୋଲି ପ୍ରକାଶ କରିଛନ୍ତି । ବାସ୍ତବିକ ଆଗରୁ ବେଶ ଶାନ୍ତି ଶୃଙ୍ଖଳାର ସହ ଚାଲୁଥିବା ଏଠାକାର ଶ୍ରମିକ ସଂଗଠନରେ ହଠାତ କଣ ପାଇଁ ବିବାଦ ଉପୁଜିବାରେ ଲାଗୁଚି ଓ ବିବାଦ ଏବଂ ମାମଲାରେ ଛନ୍ଦି ହେଉଥିବା ଶ୍ରମିକ ନେତା, କାର୍ଯ୍ୟକର୍ତ୍ତା ମାନେ ଆଗକୁ ଏଥିରୁ ମୁକୁଳି କିଭଳି ଶ୍ରମିକ ମାନଙ୍କ ହିତ ପାଇଁ କାର୍ଯ୍ୟ କରିବେ ତାକୁ ନେଇ ଏବେଠାରୁ ସନ୍ଦେହ ସୃଷ୍ଟି ହୋଇଛି । ତୁରନ୍ତ ଶ୍ରମ ବିଭାଗ ଏଠାକାର ବିବାଦ ଉପରେ ସମୀକ୍ଷା କରି ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ପାଇଁ ଅନେକ ଶ୍ରମିକ ଦାବି କରିଛନ୍ତି ।

# ରାଜପଥରେ ସିରିଜ ଟ୍ରକ ଦୁର୍ଘଟଣା, ଦୁଇ ଚାଳକ ଗୁରୁତର

ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସିଂଗଡା ବ୍ରିଜର ଅନତୀଦୂରରେ ଗୋଟିଏ ଟ୍ୟାଙ୍କର,ଗୋଟିଏ ଡ଼ମ୍ପର ଓ ଗୋଟିଏ ଟ୍ରକ ମଧ୍ୟରେ ଧକ୍କା ହେବା ଫଳରେ ଡ଼ମ୍ପର ଓ ଟ୍ରକର ଚାଳକ ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇ ଡ଼ାକ୍ତରଖାନାରେ ଭର୍ତି ହୋଇଛନ୍ତି। ପ୍ରକାଶଯେ ରାଜପଥ ମରାମତି ଦାୟିତ୍ୱରେ ଥିବା ଡ଼ିବିଏଲ କମ୍ପାନୀ ଦ୍ୱାରା ଜାତୀୟ ରାଜପଥର ସିଂଗଡା ବ୍ରିଜର ଅନତୀଦୂରରେ ରାଜପଥ ମରାମତି କାର୍ଯ୍ୟ ଚାଲୁଥିବାରୁ ଏକ ଡ଼ମ୍ପର (ୟୁପି୬୩ ଏଟି ୮୯୫୨) ରଙ୍ଗ ରୁଟରେ ଛିଡ଼ା ହୋଇଥିଲା। ଏହି ସମୟରେ ଉକ୍ତ କମ୍ପାନୀର ଏକ ପାଣି ବୋଝେଇ ଟ୍ୟାଙ୍କର (ୟୁପି୪୦ଟି୪୨୬୭) ପାଣିକୋଇଲି ପଟୁ ହାଟସାହି ଛକ ଆଡ଼କୁ ଯିବା ସମୟରେ ଡ଼ମ୍ପରକୁ ଦେଖି ବାମ ପଟକୁ କାଟି ଦେଇଥିଲା। ଫଳରେ ପଛରେ ଆସୁଥିବା ଏକ ୧୬ ଚକିଆ ଟ୍ରକ (ଓଡ଼ି୦୯ଟି୯୯୬୪) ଡ଼ମ୍ପରକୁ ମୁହାମୁହିଁ ଧକ୍କା ଦେଇ ଟ୍ୟାଙ୍କରକୁ ଧକ୍କା ଦେଇଥିଲା। ଫଳରେ ଡ଼ମ୍ପର ଓ ଟ୍ରକର ଚାଳକ ଗାଡ଼ି ଭିତରେ ଚାପି ହୋଇ ରହିଯାଇଥଲେ। ଖବର ପାଇ ପାଣିକୋଇଲି ପୁଲିସ, ରାଜପଥ ପେଟ୍ରୋଲିଂ ପୁଲିସ ଓ ସ୍ଥାନୀୟ ଲୋକ ମାନେ ପହଂଚି ଡ଼ମ୍ପରରୁ ଚାଳକକୁ ବାହାର କରି ସ୍ଥାନୀୟ ଏକ ବେସରକାରୀ ଡ଼ାକ୍ତରଖାନାରେ ଭର୍ତି କରିଥିଲେ।

କିନ୍ତୁ ଟ୍ରକର ଚାଳକ ଟ୍ୟାଙ୍କର ଭିତରେ ଚାପି ହୋଇ ରହିଯାଇଥିଲେ। ପରେ ରସୁଲପୁର ଦମକଳ ବାହିନୀ ପହଂଚି ଗ୍ୟାସ କଟର ସାହାଯ୍ୟରେ କାଟି ଚାଳକକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିବା ପରେ ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ଏହି ଦୁର୍ଘଟଣା ଫଳରେ ରାଜପଥରେ ଗୋଟିଏ ପଟରେ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା । ପ୍ରାୟ ୧ ଘଂଟା ପରେ ପୁଲିସ ଗାଡ଼ି ଚଳାଚଳ ସ୍ୱାଭାବିକ କରିବା ସହ ଗାଡ଼ି ତିନୋଟିକୁ ଜବତ କରିଛି। ଟ୍ରକର ଡାଇଭର କୋଣେଇ ଥାନା ଅନ୍ତର୍ଗତ ପାଟରଂଗା ପଂଚାୟତ ଗୋହିରାଗଡ଼ିଆ ଗ୍ରାମର ରଙ୍ଗାଧର କର ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ବେଳେ ଡ଼ିବିଏଲ ହାଇୱା ଡ୍ରାଇଭର ବିହାର ରାଜ୍ୟର ସୟଦ ବୋଲି ଜଣାପଡିଛି ।

# ଆମ ସଂକଳ୍ପ ନିଶା ନୁହେଁ ଜୀବନ ସଚେତନତା କର୍ମଶାଳା

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଆମ ସଂକଳ୍ପ ନିଶା ନୁହେଁ ଜୀବନ ଶୀର୍ଷକ ଏକ ସଚେତନତା କର୍ମଶାଳା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ହୋଇଯାଇଛି। ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ତତ୍ୱବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବକାରୀ ଥାନା ଭାରପ୍ରାପ୍ତ ନିରୀକ୍ଷକ ଶେଖର ମଳିକ ଯୋଗଦେଇ ନିଶାଯୋଗୁ ସମାଜରେ ବହୁବିଧ ସମସ୍ୟା ଓ ବିଶୃଙ୍ଖଳା ଉପୁଜିବା ସହ ସୁନାର ସଂସାର ଛାରଖାର ହୋଇ ସାମାଜିକ ବ୍ୟବସ୍ଥା ବିଶୃଙ୍ଖଳା ଉପୁଜିଛି ବୋଲି ମତବ୍ୟକ୍ତ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରୋଜେକ୍ଟ ସ୍ୱରାଜ୍ୟ ନିଶାମୁକ୍ତ କେନ୍ଦ୍ର ଅଭିଯାନର ନିର୍ଦ୍ଦେଶକ ପୁଷ୍ପାଜି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ମଇ ୩୧ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଜୁନ୍ ୨୬ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ନାଟକ, ବ୍ୟାନର, ପୋଷ୍ଟର ଦ୍ୱାରା ନିଶା ନିବାରଣ କରାଯିବ ବୋଲି ବିଭାଗ ସୂତ୍ରରୁ ପ୍ରକାଶ କରାଯାଇଛି।

# ଟାଟା ଷ୍ଟିଲ ମେଡିକାଲ ହସ୍ପିଟାଲରେ ରକ୍ତଦାନ ଶିବିର



ଦାନଗଦି , (ସବ୍ୟୁ) : ଭାରତୀୟ ଶଲ୍ୟ ଚିକିତ୍ସକ ସଂଘ ଜୁନ୍ ୯ତାରିଖ ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ଶଲ୍ୟ ଚିକିତ୍ସକ ସପ୍ତାହ ପାଳନ କରିଛନ୍ତି । ଏହି ସପ୍ତାହ ମଧ୍ୟରେ ରାଜ୍ୟର ବିଭିନ୍ନ ମେଡ଼ିକାଲ ଓ ମେଡିକାଲ କଲେଜମାନଙ୍କରେ ଗଣଦୌଡ଼, ବିଭିନ୍ନ ରୋଗର ସଚେତନତା ଶିବିର, ମାଗଣା ଚିକିତ୍ସା ଶିବିର ଏବଂ ରକ୍ତଦାନ ଶିବିର ଆଦିର ଆୟୋଜନ କରାଯାଇଥାଏ ।

ଏହି ପରିପ୍ରେକ୍ଷିରେ କଳିଙ୍ଗନଗର ଠାରେ ଥିବା ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲ୍ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ କରାଯାଇଥିଲା । ଏହି ଶିବିରକୁ ସିଇଓ ସନ୍ତୋଷ ପାଣ୍ଡେ, ଡା, ସୁଧାଂଶୁ ଶେଖର ସୂତାର, ଡା. ଆଶୁତୋଷ ସିଂଘଲ, ଡା. ବିବେକାନନ୍ଦ ରଥ, ଅଜୟ ବେହେରା, ସୁରେଶ ୱାଇଁ, ପ୍ରତୀକ୍ଷା ମିଶ୍ର ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ହସ୍ପିଟାଲ୍‌ର କର୍ମଚାରୀମାନେ ସ୍ୱେଚ୍ଛାକୃତ ଭାବେ ୩୩ ୟୁନିଟ୍ ରକ୍ତଦାନ କରିଥିଲେ ।

# ଧର୍ମଶାଳାରେ ଝାଡାବାନ୍ତି ରୋଗରେ ଆସୁଛି ସୁଧାର

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ବଲକରେ ଗତ ଚାରିଦିନ ହେଲା ଲାଗିରହିଥିବା ଝାଡାବାନ୍ତି ରୋଗରେ ଆଜି କିଛିଟା ସୁଧାର ଆସିଛି । ବ୍ଲକର ବିଭିନ୍ନ ଗ୍ରାମରେ ଆଜି ସୁଦ୍ଧା ୨୧୩ ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇଥିବା ବେଳେ ୭ ଜଣଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ଏବଂ ୧୭୭ଜଣ ଚିକିତ୍ସିତ ହୋଇ ଘରକୁ ରେରିଛନ୍ତି । ବର୍ତ୍ତମାନ ସୁଦ୍ଧା ୨୯ଜଣ ଝାଡାବାନ୍ତି ରୋଗୀ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଛନ୍ତି । ତେବେ ଗତ ତିନି ଦିନ ଭଳି ଆଜି ସେତେ ପରିମାଣର ରୋଗୀ ଡାକ୍ତର ଖାନାକୁ ଆସି ନଥିବାରୁ ସ୍ଥିତିରେ ଧିରେ ଧିରେ ସୁଧାର ଆସୁଥିବା ନେଇ ଡାକ୍ତର କହିଛନ୍ତି । ଚିକିତ୍ସିତଙ୍କ ମଧ୍ୟରେ ଅଧିକାଂଶ ଧର୍ମଶାଳା ବ୍ଲକର ପାଖର, ମହିଶରା ଓ ଅଞ୍ଜିରା ପଂଚାୟତର ହୋଇଥିବା ଜଣାଯାଇଛି ।

ଗତକାଲି ସ୍ୱାସ୍ଥ୍ୟ ସଚିବ ଅଶ୍ୱତି ଏସ ଆସି ମେଡିକାଲରେ ରୋଗୀଙ୍କ ସ୍ଥିତି ପରଖିଥିଲେ । ତେବେ ସ୍ୱାସ୍ଥ୍ୟ ସଚିବ ଏବଂ ଯାଜପୁର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ମେଡିକାଲ ଟିମ ଝଡାବାନ୍ତି ପ୍ରବଣ ଗ୍ରାମ ଗୁଡିକୁ ଯାଇ ସଚେତନତା କରୁଥିବା ବେଳେ ଲୋକଙ୍କୁ ହାଲୋଜିନ ବଟିକା ଏବଂ ଓ ଆରଏସ ଗୁଣ୍ଡ ପିଇବାକୁ ପରାମର୍ଶ ଦେଉଛନ୍ତି । ସେହିପରି ଦୁଷିତ ପାଣି ଓ ଭୋଜି ଖାଇ ଲୋକେ ଝାଡାବାନ୍ତିରେ ଆକ୍ରାନ୍ତ ହେଉଥିବା ପ୍ରାଥମିକ ତଦନ୍ତରୁ ଆକଳନ କରାଯାଇଥିବା ବେଳେ ସଚିବ ଓ ଜିଲ୍ଲାପାଳଙ୍କ ନିଦର୍ଦେଶକ୍ରମେ ଆଜି ଖାଦ୍ୟ ସୁରକ୍ଷା ୟୁନିଟର ଏକ ଟିମ ଧର୍ମଶାଳା ବ୍ଲକ ଅଂଚଳରେ ବିଭିନ୍ନ ଢାବା ଏବଂ ରେଷ୍ଟୁରାଂଟ ବୁଲି ବାସି ଖାଦ୍ୟକୁ ନଷ୍ଟ କରିବା ସହିତ ଏଠାରେ ବ୍ୟବହୃତ ପାଣିର ନମୁନା ସଂଗ୍ରହ କରି ନେଇଛନ୍ତି ।

ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ରାକେଶ କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ ଆଜି ପୂର୍ବାହ୍ନରେ ୧୬ନଂ ଜାତୀୟ ରାଜପଥ ଜାରକା ଶଂଖାରିଡିହ ଠାରେ ଥିବା ବିଭିନ୍ନ ହୋଟେଲ ଓ ଢାବା ଗୁଡିକରେ ଚଢାଉ କରି ବାସି ଖାଦ୍ୟକୁ ନଷ୍ଟ କରିବା ସହିତ ହୋଟେଲରେ ବ୍ୟବହାର କରାଯାଉଥିବା ପାଣିର ନମୁନା ସଂଗ୍ରହ କରି ନେଇଛନ୍ତି । ତେବେ ଧିରେ ଧିରେ ସ୍ଥିତିରେ ସୁଧାର ଆସୁଥିବା ବେଳେ ଲୋକମାନେ ଭୟଭିତ ନହେବା ଲାଗି ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୂଚନା ଦେଇ କହିଛନ୍ତି ।

# ବିକାଶ ମେଳାରେ ଅକ୍ଷୟ ମହାନ୍ତି ସଙ୍ଗୀତ ସନ୍ଧ୍ୟା




କେନ୍ଦ୍ରାପଡ଼ା, (ସ୍ୱପ୍ର): କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନ ଆନୁକୁଲ୍ୟରେ ତୁଳସୀ କ୍ଷେତ୍ରାଧିଶ ଶ୍ରୀ ବଳଦେବଜୀଉଙ୍କ ମାଉସୀ ମା ମନ୍ଦିର ନିକଟରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ବିକାଶ ମେଳାର ପ୍ରଥମ ସନ୍ଧ୍ୟାରେ ଓଡ଼ିଆ ସଙ୍ଗୀତ ଜଗତର ପ୍ରବାଦ ପୁରୁଷ ଚିର ସବୁଜ ଅକ୍ଷୟ ମହାନ୍ତିଙ୍କ ସ୍ମୃତିରେ ଅକ୍ଷୟ ମହାନ୍ତି ସଙ୍ଗୀତ ସନ୍ଧ୍ୟା ଅତି ସଫଳତାର ସହିତ ପରିବେଷିତ ହୋଇଯାଇଛି । କଳା ନିକେତନର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ଉପେନ୍ଦ୍ର କୁମାର ପାଢୀ, ନିରୁପମା ଜେନା ଏବଂ ଶ୍ରୀ ପରିଡା ଅକ୍ଷୟଙ୍କ କାଳଜୟୀ ଭଜନ, ଆଧୁନିକ ଏବଂ ଚଳଚିତ୍ର ସଙ୍ଗୀତ ଗାଇ ସମସ୍ତଙ୍କୁ ମତୁଆଲା କରିଥିଲେ । ସୁଶ୍ରୀ ସ୍ମୃତିରେଖା ବିଶ୍ୱାଳ ଏବଂ ପ୍ରତୀକ୍ଷା ନାୟକ ନୃତ୍ୟ ପରିବେଷଣ କରିଥିଲେ ।

ଏହି ଅବସରରେ ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ ଏବଂ ରାଜକିଶୋର ରାଉତ ଭାବଗ୍ରାହୀ କଳା ନିକେତନର ମୁଖ୍ୟ ବିମଳ ପରିଡାଙ୍କ ସମେତ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରକାଶ ଥାଉକି ପାରାଦ୍ୱୀପ ଗଡ଼ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ରଜ ମହୋତ୍ସବରେ ଅନୁଷ୍ଠାନ ତରଫରୁ ଅକ୍ଷୟ ମହାନ୍ତି ସଙ୍ଗୀତ ସନ୍ଧ୍ୟା ମଧ ଅତି ସଫଳତାର ସହିତ ପରିବେଷିତ ହୋଇଥିଲା। କଳାକାରମାନଙ୍କୁ ଉତ୍ସାହିତ କରିବାକୁ ଉଭୟ ସ୍ଥାନରେ ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା ଉପସ୍ଥିତ ଥିଲେ।

# ଡେରାବିଶରେ ବୁଲିଲା ବିକାଶ ରଥ

ଡେରାବିଶ,(ସବ୍ୟୁ) : ଡେରାବିଶ ବ୍ଲକ ଅଧିନ ବିଭିନ୍ନ ପଂଚାୟତରେ ଆଜି ବିକାଶ ରଥ ପରିକ୍ରମା କରିଛି । ଆଜି ଏହି ରଥ ଡେରାବିଶ ବ୍ଲକ କାର୍ଯ୍ୟାଳୟରୁ ପୂର୍ବାହ୍ନରେ ବାହାରି ବ୍ଲକ ଅଧିନସ୍ଥ ହରିଅଙ୍କ ପଂଚାୟତରେ ପହଂଚିଥିଲା । ଏହି ରଥକୁ ପଂଚାୟତର ସରପଂଚ କନକଲତା ପ୍ରଧାନ, ସମାଜସେବୀ ସୁଖଦାନନ୍ଦ ପ୍ରଧନ ଓ ପଂଚାୟତର ଅଧିନସ୍ଥ ୱାର୍ଡ଼ସଭ୍ୟସଭ୍ୟା, ଏମ୍‌ବିକେ, ସିଆରପି, ବ୍ୟାଙ୍କମିତ୍ର, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାମାନେ ସ୍ୱାଗତ କରିଥିଲେ । ଏହି ଅବସରରେ ଏହି ରଥରେ ଲାଗିଥିବା ଏଲଇଡ଼ି ମାଧ୍ୟମରେ ସରକାରଙ୍କ ବିଭିନ୍ନ ଲୋକାଭିମୁଖି କାର୍ଯ୍ୟକ୍ରମ ପ୍ରଦର୍ଶିତ କରାଯାଇଥିଲା । ପରେ ଏହି ରଥ ଯଅଁରାବାରିମୂଳ ପଂଚାୟତକୁ ଯାଇଥିଲା । ସେଠାରେ ଉପସ୍ଥିତ ସରପଂଚ ଶଙ୍କର୍ଷଣ ପରିଡ଼ା, ୱାର୍ଡ଼ସଭ୍ୟ ସଭ୍ୟା, ସିଆରପି, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାମାନେ ସ୍ୱାଗତ କରିଥିଲେ । ପରେ ଏହି ରଥ ଇନ୍ଦାଳୋ ଓ ରତାଦିଆ ଖଣ୍ଡସାହି ପଂଚାୟତକୁ ମଧ ଗସ୍ତ କରିଥିଲା । ଏହି ଅବସରରେ ଏହି ଚାରୋଟି ପଂଚାୟତରେ ୪୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଆବାସ ଯୋଜନାର କାର୍ଯ୍ୟାଦେଶ ବଂଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିପିଏମ୍ ଅମୀୟ ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚୌଧୁରୀ ଦୀପକ କୁମାର ଓ ଦେବେଶ ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

# ଖଣି ବିଭାଗର ଚଢାଉ : ଦୁଇ ବାଲି ହାଇୱା ଜବତ, ଦୁଇ ଚାଳକ ଅଦାଲତ ଚାଲାଣ

ପାଣିକୋଇଲି,(ସବ୍ୟୁ) :ଖଣି ବିଭାଗର ବାରମ୍ବାର ଚଢାଉ ପରେ ମଧ୍ୟ ବୈତରଣୀ ନଦୀରୁ ବାଲି ଚୋରା ଚାଲାଣ କମିବାର ନାଁ ଧରୁନାହିଁ। ଯାହା ଦ୍ୱାରା ପ୍ରତିଦିନ ରାଜ୍ୟ ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉ ଥିବା ବେଳେ ଚାଲାଣ କାରୀ ମାନେ ମାଲାମାଲ ହେଉଛନ୍ତି। ଯାଜପୁର ଖଣି ବିଭାଗ ଦ୍ୱାରା ଦୁଇ ଚୋରା ବାଲି ବୋଝେଇ ହାଇୱାକୁ ସଠିପୁର ଠାରେ ଜବତ କରାଯିବା ସହିତ ଥାନାରେ ଅଭିଯୋଗ ପରେ ପୁଲିସ ଉଭୟ ହାଇୱାର ଚାଳକଙ୍କୁ ଅଦାଲତ ଚାଲାଣ କରାଯାଇଛି। ପ୍ରକାଶଯେ ଯାଜପୁର ଉପ ଖଣି ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ଜୁନିୟର ଖଣି ଅଫିସର ବିଶ୍ୱଜିତ ସ୍ୱାଇଁ ଏନଫୋର୍ସମେଂଟ ଟିମ ସହିତ ସଠିପୁର ଠାରେ ଚେକିଂ କରୁଥିବା ବେଳେ ଏକ ବାଲି ବୋଝେଇ ହାଇୱା (ଓଡ଼ି୨୨ଭି୪୯୮୯,) କୁ ଅଟକାଇ କାଗଜପତ୍ର ଯାଂଚ କରିଥିଲେ ।

ମାତ୍ର ଉକ୍ତ ଗାଡ଼ିର ଚାଳକ କୌଣସି ବୈଧ କାଗଜ ପତ୍ର ଦେଖାଇପାରି ନଥିଲା। ତେବେ ଉକ୍ତ ବାଲି ଗୁଡ଼ିକ ଚୋରା ଚାଲାଣ ହେଉଛି ଜାଣିପାରି ଶ୍ରୀ ସ୍ୱାଇଁ ହାଇୱାକୁ ଜବତ କରିବା ସହିତ ଚାଳକକୁ ପୁଲିସର ଜିମା ଦେଇଥିଲେ। ଏ ନେଇ ଶ୍ରୀ ସ୍ୱାଇଁଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ୧୬୭/୨୫ ରୁଜୁ କରିବା ସହିତ ହାଇୱାର ଚାଳକ ବାଲେଶ୍ୱର ଜିଲ୍ଲା ନିଳଗିରି ଥାନା ଅନ୍ତର୍ଗତ ପ୍ରଦୀପ ସିଂକୁ କୋର୍ଟ ଚାଲାଣ କରିଛି। ସେହିପରି ଜିଲ୍ଲାର ଜୁନିୟର ଖଣି ଅଫିସର ଛାୟାକାନ୍ତ ମହାନ୍ତ ଚେକିଂ କରୁଥିବା ବେଳେ ଅନ୍ୟ ଏକ ଚୋରା ବାଲି ବୋଝେଇ ହାଇୱା (ଓଡ଼ି୩୪ଏନ୦୫୭୪)କୁ ସଠିପୁର ଠାରେ ଜବତ କରି ପାଣିକୋଇଲି ଥାନାକୁ ହସ୍ତାନ୍ତର କରିଥିଲେ। ଏ ନେଇ ଶ୍ରୀ ମହାନ୍ତଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା୧୬୬/୨୫ ରୁଜୁ କରିବା ସହିତ ଚାଳକ ଏହି ଥାନା ଅନ୍ତର୍ଗତ ବାଲିପଶି ଗ୍ରାମର ରଷିନାଥ ନାୟକଙ୍କ ପୁଅ ଶୁକ୍ରା ନାୟକ(୨୦)କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଗୋଜବାୟାଣୀ ପୀଠରେ ୧୯୯୦ ମାଟ୍ରିକ ବ୍ୟାଚ ବନ୍ଧୁମିଳନ

ମହାକାଳପଡ଼ା, (ସବ୍ୟୁ) ମହାକାଳପଡ଼ା ମଣ୍ଡଳ ଶିକ୍ଷାଧିକାରୀ ଙ୍କ କାର୍ଯ୍ୟାଳୟ ଅଧୀନ ଈଶାନେଶ୍ୱର ହାଇସ୍କୁଲ, କରଞ୍ଜ ର ୧୯୯୦ମାଟ୍ରିକ ବ୍ୟାଚ ର ଛାତ୍ର /ଛାତ୍ରୀ ମାନେ ଶୁକ୍ରବାର ଗୋଜବାୟାଣୀ ପୀଠରେ ବନ୍ଧୁ ମିଳନ ଉତ୍ସବ ପାଳନ କରିଛନ୍ତି । ଉଚ୍ଚ ବିଦ୍ୟାଳୟ ଶିକ୍ଷା ସମାପ୍ତି ପରେ ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟ ରେ ପାଠ ସାରି ସରକାରୀ ଚାକିରୀ, ବେସରକାରୀ ଓ ବୃତ୍ତି ବେଉଷା ନେଇ ଜୀବିକା ର୍ନିବାହ କରୁଥିବା ପୁରୁଣା ସହପାଠୀଙ୍କର ବନ୍ଧୁମିଳନ ହୋଇଥିଲା। ସହପାଠୀ ମାନଙ୍କ ଭିତରେ ବେଶ ଭାଷାର ଆଦାନ ପ୍ରଦାନ ହୋଇଥିଲା।। ସେତେବେଳର ଛାତ୍ର /ଛାତ୍ରୀ ଜୀବନ ଆଜିର ବୈବାହିକ ଦାମ୍ପତ୍ୟ ଜୀବନ କିଭଳି ସଂସାର ଭିତରେ ସୀମିତ ରହୁଛି ଏନେଇ ବେଶ ଚର୍ଚ୍ଚା ହୋଇଥିଲା । କିଏ ଆଜି ଗାଁ ରେ ଦାଦନ ଖଟୁଛି ତ କେହି ବାହାରେ ଦାଦନ ଖଟି ପରିବାର ପ୍ରତିପୋଷଣ କରୁଛି । ଆଉ କେହି ମେଧାବୀ ଛାତ୍ର /ଛାତ୍ରୀ ଉଚ୍ଚ ଶିକ୍ଷା ପରେ ସମ୍ମାନସ୍ପଦ ପଦବୀ ରେ ଥାଇ ଗାଁର ସାଥିକୁ ପାଖରେ ବେଶ ଆନନ୍ଦ ଅନୁଭବ କରିଛନ୍ତି । ଅନ୍ୟ କେହି ବେସରକାରୀ ଅନୁଷ୍ଠାନ ରେ କାର୍ଯ୍ୟ କରି ଦୁଃଖେ ସୁଖେ ଜୀବନ ବିତାଉଛନ୍ତି ।

କେହି କେହି ସାଥି ମାନଙ୍କ ସହିତ ଦେବୀ ପୀଠରେ ସେଲ୍ଫି ଉଠାଉଥିବା ବେଳେ ଅନ୍ୟ କେହି ଗ୍ରୁପ ଫଟୋ ଉଠାଉ ଖୁସି ଅନୁଭବ କରୁଥିଲେଲ । ପୁରୁଣା ବନ୍ଧୁ ମାନଙ୍କ ସହିତ ଅଣଆନୁଷ୍ଠାନିକ କଥୋପକଥନ ପରେ ମଞ୍ଚାରେ କିଛି ସାଥି ନିଜ ନିଜର ପିଲାଦିନର ସ୍ମୃତି ସାଉଣ୍ଟି ନିଜ ର ସହଯୋଗୀ ପ୍ରିୟ ସାଥି କୁ ତ ଆଉ କେହି ସେତେବେଳର ଶିକ୍ଷକ ଙ୍କ ତାଗିଦ କୁ ପ୍ରଶଂସା କରିଥିଲେ । ସଭା ପରେ ସଭିଏଁ ମିଳିତ ଭାବେ ଦେବୀଙ୍କୁ ଆରାଧନା ପରେ ପୀଠରେ ଆୟୋଜିତ ପଂକ୍ତି ଭୋଜନ ରେ ଯୋଗ ଦେଇ ବ୍ୟଞ୍ଜନ ସେବନ ଭିଡିଓ ଗ୍ରାଫି ରେ ମଜା ନେଇଥିଲେ । ଏହି କାର୍ଯ୍ୟକ୍ରମ କୁ ଶଶୀ ଭୂଷଣ ରାଉତ, ସୁବ୍ରତ ଭଦ୍ର, ଅନିତା ପ୍ରଧାନ, ଯୁଧିଷ୍ଠିର ସେଠୀ, ପ୍ରଶାନ୍ତ ନାୟକ, ଜଳଧର ପ୍ରଧାନ, ରଞ୍ଜନ ରାଉତ, ହେମନ୍ତ ରାଉତ, ବିପିନ ପ୍ରତିହାରୀ, ରଂଜନସେଠି ଆଦି ସଂଯୋଜନା କରିଥିବାରୁ ସଭିଏଁ ଆୟୋଜକ ଙ୍କୁ ଧନ୍ୟ ବାଦ ଅର୍ପଣ କରିଥିଲେ ।

## କୁସ୍ତିରା-ଗଡମଧୁପୁର ରାସ୍ତା ପାର୍ଶ୍ୱ ବେଆଇନ କଳାପଥର ଗଚ୍ଛିତ ସ୍ଥାନରେ ଚଢାଉ
# ୫ ଟନ୍‌ରୁ ଉର୍ଦ୍ଧ୍ୱ ଚୋରା ପଥର ଜବତ, ମେସିନ ଗାଏବ

**ସମୟ' ପ୍ରଭାବ**



ଚଣ୍ଡିଖୋଲ/ଚଡେଇଧରା, (ସବ୍ୟୁ) : ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲ ଅନ୍ତର୍ଗତ କୁସ୍ତିରା-ଗଡମଧୁପୁର ରାସ୍ତା ପାର୍ଶ୍ୱ ପୁରୁଣା ରେଳଲାଇନ ନିକଟରେ ମାଫିଆ ମାନଙ୍କ ଦ୍ୱାରା ବେଆଇନ ଭାବେ ଗଚ୍ଛିତ ଥିବା କଳାପଥର ଡପିଂ ସ୍ଥଳରେ ଶୁକ୍ରବାର ଦିନ ଯାଜପୁର ଜିଲ୍ଲା ଲଘୁ ଖଣି ଅଧିକାରୀ (ଡିଡିଏମ ମେନେରାସ)ଙ୍କ ପକ୍ଷରୁ ଚଢ଼ାଉ କରାଯାଇଥିଲା । ଚଢାଉ ସମ୍ପର୍କରେ ପୂର୍ବରୁ ଖବର ପାଇ ମାଫିଆ ମାନେ ଏକ ଲୋଡର ଓ ବ୍ରେକର ମେସିନକୁ ଗାୟବ କରିଦେବା ସହ ନିଜେ ଫେରାର ହୋଇଯାଇଥିଲେ ।

ତେବେ ଘଟଣା ସ୍ଥଳରୁ ଖଣି ଅଧିକାରୀମାନେ ପୋଲିସ ଉପସ୍ଥିତିରେ ପାଖାପାଖି ୫ଶହ ଟନ କଳାପଥର ଜବତ କରିଥିଲେ । ପ୍ରଥମିକ ଅବସ୍ଥାରେ ଜବତ କଳାପଥର ଚୋରିମାଲ ବୋଲି ଜଣା ପଡିଛ । ତେବେ ଉପଯୁକ୍ତ ଯାଞ୍ଚପରେ ଏହି ପଥରକୁ କିଏ ଗଚ୍ଛିତ ରଖିଥିଲା ତାହା ସ୍ପଷ୍ଟ ହେବ ବୋଲି ଖଣି ଅଧିକାରୀ ମାନେ ପ୍ରକାଶ କରିଛନ୍ତି । ଗତ ଏକମାସ ହେବ ଶହଶହ ଟ୍ରିପ ବଡ ବଡ କଳାପଥର ଖଣ୍ଡକୁ ଚୋରାରେ ଅଣାଯାଇ ଏଠାରେ ଗଚ୍ଛିତ ରଖି ତାହାକୁ ବ୍ରେକର ମେସିନରେ ଛୋଟଖଣ୍ଡ କରାଯାଇ ବାହାରକୁ ଚାଲାଣ କରାଯାଉଥିଲା । ଏହି ବେଆଇନ କାମକୁ ସ୍ଥାନୀୟ ଜେନାପୁର ପୋଲିସ ଓ ବିଭାଗିୟ ଅଧିକାରୀ ମାନେ ଦେଖି ଅଣଦେଖା କରିଥିଲେ । ଏ ସମ୍ପର୍କରେ ଗତ ୧୧ତାରିଖ ଦିନ ଦୈନିକ ସମୟରେ ଏକ ତଥ୍ୟ ଭିତିକ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ଅଧିକାରୀ ମାନେ ସଚେତନହୋଇ ଶୁକ୍ରବାର ଅପରାହ୍ନରେ ଚଢ଼ାଉ କରିଥିଲେ । ତେବେ ଚଢାଉର ଠିକ ଅଧଘଣ୍ଟା ପୂର୍ବରୁ ମାଫିଆମାନେ ଖବର ପାଇଁ ଘଟଣା ସ୍ଥଳରୁ ମେସିନ ସହ ଗାୟବ ହୋଇଯାଇଥିଲେ । ତେବେ ଏଠାରେ ଚୋରା ପଥର ଭଙ୍ଗାରେ ନିୟୋଜିତ ମେସିନଟିକୁ ଘଟଣା ସ୍ଥଳରୁ ପ୍ରାୟ ୫୦ରୁ୧୦୦ ମିଟର ଦୂରରେ ରଖି ସଂପୃକ୍ତ ମାଫିଆମାନେ ଫେରାର ହୋଇଯାଇଥିବା ଦେଖାଯାଇଥିଲା ।

ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲ ଏବେ ପୁନର୍ବାର କଳାପଥର ଚୋରିର ହବ ପାଲଟିଛ । ପୂର୍ବରୁ ଏହି ଅଞ୍ଚଳରେ ଶହଶହ କୋଟି ଟଙ୍କାର ପଥର ଚୋରି ଓ ବହୁ କୋଟି ଟଙ୍କାର ସରକାରୀ ରାଜସ୍ୱ ଆତ୍ମସାତ ନେଇ ରାଜ୍ୟରେ ମୁଖ୍ୟ ପ୍ରସଙ୍ଗ ପାଲଟିଥିଲା । ଏପୁଣି ପୂର୍ବ ଅବସ୍ଥାର ପୁନରାବୃତ୍ତି ପାଇଁ ମାଫିଆମାନେ ପ୍ରୟାସ ଆରମ୍ଭ କରିଛନ୍ତି! ଏବେ ଏହି ପଥରଚୋରୀ ମାଫିଆରାଜକୁ ଦମନ କରିବା ପାଇଁ ଅଞ୍ଚଳ ବାସୀଙ୍କ ପକ୍ଷରୁ ଦାବି ହୋଇଛି । ଏବେ ଶକ୍ତିଶାଳୀ ବିସ୍ଫୋରଣ କରି ଯିଏ ଯେଉଁଠୁ ପାରିଲା ସେଠୁ କଳାପଥର ଲୁଟି ଚାଲିଛନ୍ତି । ଖଣିଲିଜ ଓ ଲିଜଧାରୀଙ୍କୁ ଟିପି ପ୍ରଦାନ କେବଳ ପ୍ରହସନ ହୋଇଛି । ସଂନ୍ଧ୍ୟା ହେଲେ ଶକ୍ତିଶାଳୀ ପଥର ବିସ୍ଫୋରଣରେ ଚଡେଇଧରା, ବରଡା,ରାହାଡପୁର ଅଞ୍ଚଳ ଥରୁଛି । ଲିଜକୁ ଆଳକରି ସମଗ୍ର ଅଞ୍ଚଳରୁ ମାଫିଆମାନେ ଅନ୍ୟାୟାସରେ ଦୈନିକ ହଜାର ହଜାର ଟ୍ରିପ ପଥର ଲୁଟୁଛନ୍ତି । ଯାହାର ହିସାବ କାହାରି ପାଖରେ ନାହ ।

ଏହି ଅଞ୍ଚଳର ଖଣି ଗୁଡିକରୁ ଦୈନିକ ହଜାର ହଜାର ଟ୍ରିପ କଳାପଥର ସ୍ଥାନୀୟ କ୍ରସର ସମେତ ବାହାରକୁ କଞ୍ଚାମାଲ ଭାବେ ଚାଲାଣ ହେଉଥିଲେ ବି ତାକୁ ଲୁଚା ଯାଇ କୋଟି କୋଟି ଟଙ୍କାର ସରକାରୀ ରାଜସ୍ୱ ଆତ୍ମସାତ କରାଯାଉଛି । ଏହି ବେଆଇନ କାରବାର ନେଇ ସ୍ୱତନ୍ତ୍ର ଅନୁସଂଧାନ ଓ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି । ତେବେ ଏହି ବେଆଇନ କାରବାରକୁ ଦୃଢଭାବେ ରୋକାଯିବା ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ଯାଜପୁର ଜିଲ୍ଲା ଲଘୁ ଖଣି ଅଧିକାରୀ ଜୟପ୍ରକାଶ ନାୟକ ପ୍ରକାଶ କରିଛନ୍ତି ।

# ଭାରତୀୟ କିଷାନ ସଂଘର ପ୍ରଶିକ୍ଷକ ଶିବିର



ରଘୁନାଥପୁର, (ସବ୍ୟୁ) : ସ୍ଥାନୀୟ ଜଗନ୍ନାଥପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଭାରତୀୟ କିଷାନ ସଂଘର ପ୍ରାନ୍ତସ୍ତରୀୟ ପ୍ରଶିକ୍ଷକ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ପ୍ରଶିକ୍ଷକ ଶିବିରରେ ୧୧ଟି ଜିଲ୍ଲାରୁ ୧୫୦ସଂଖ୍ୟାରେ ପ୍ରଶିକ୍ଷକ ଯୋଗଦେଇ ପ୍ରଶିକ୍ଷିତ ହୋଇଥିଲେ ।

ଏହି କାର୍ଯ୍ୟକ୍ରମକୁ ଭାରତୀୟ କିଷାନ ସଂଘର ଜଗତସିଂହପୁର ଜିଲ୍ଲା ସମ୍ପାଦକ ଅଶୋକ କୁମାର ରାଉତରାୟ ପରିଚାଳନା କରିଥିବା ବେଳେ ଜିଲ୍ଲା ସଭାପତି ଅଜୟ କୁମାର ନାୟକ ସଂଯୋଜନା କରିଥିଲେ । ଭାରତୀୟ କିଷାନ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଜାନକୀ ବଲ୍ଲଭ ସ୍ୱାଇଁ, ଉପସଭାପତି ପ୍ରଦିପ୍ତ କୁମାର ମହାନ୍ତ, ସମ୍ପାଦକ ଦେବୀପ୍ରସାଦ ପତି, ସତ୍ୟରଞ୍ଜନ ନାୟକ, ଯୁବାପ୍ରମୁଖ ମୁକେଶ କୁମାର ଧଳ ପ୍ରମୁଖ ଯୋଗଦେଇ କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ରଶିକ୍ଷଣ ଦେବା ସହିତ ଭାରତୀୟ କିଷାନ ସଂଘ ଆଗାମୀ ଦିନରେ ୬ଲକ୍ଷ କୃଷକମାନଙ୍କୁ ପ୍ରଶିକ୍ଷିତ କରିବାର ଲକ୍ଷ୍ୟ ରଖିଛି ବୋଲି କହିଥିଲେ ।

ଜୈବ କୃଷି, କୃଷି ବଜାର, ଶୀତଳ ଭଣ୍ଡାର, ବ୍ୟାପକ ଜଳସେଚନକୁ ସଂଘ ଅଗ୍ରାଧିକାର ଦେଇ ସରକାରଙ୍କର ବିଭିନ୍ନ ଯୋଜନା ବିଷୟରେ ସୂଚନା ଦେଇଥିଲେ । କୃଷକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ସରକାରଙ୍କ ପାଖରେ ଦାବି ଉପସ୍ଥାପନ ସଂଘ ତରଫରୁ କରାଯାଉଛି ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନ୍ତର୍ଗତ ୧୦ଜିଲ୍ଲାର କାର୍ଯ୍ୟ ସହିତ ୧୧ଟି ଜିଲ୍ଲାର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

## ନାବାଳିକାକୁ ବଳାତ୍କାର ଉଦ୍ୟମ : ଅଭିଯୁକ୍ତ କୋର୍ଟଚାଲାଣ

ବଲଙ୍ଗା,(ସବ୍ୟୁ) :ଗତକାଲି ବିଳମ୍ବିତ ରାତିରେ ବଲଙ୍ଗା ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଅଭିଯୁକ୍ତ ଅମୁଲ୍ୟ ପ୍ରଧାନ (ବିଲ୍ଟୁ)କୁ ନୟାଗଡ଼ର ଏକ ଗ୍ରାମରୁ ଗିରଫ କରି ଆଜି ଡାକ୍ତରୀ ମାଇନା ପରେ ପୁରୀ ସ୍ୱତନ୍ତ୍ର (ପୋକ୍ସୋ) କୋର୍ଟକୁ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ପୁରୀ ଜେଲକୁ ପଠାଇ ଦିଆଯାଇଛି । ଅନ୍ୟପଟେ ପୁଲିସ ନାବାଳିକାର ୧୬୪ ଧାରାରେ ବୟାନ ରେକର୍ଡ କରି ତଦନ୍ତ ଜାରି ରଖିଛି । ସୂଚନା ମୁତାବକ, ନାବାଳିକା କତା କାମ କରିବାକୁ ଯାଇଥିଲେ । ମଧ୍ୟାହ୍ନରେ ଘରକୁ ଫେରିବା ବେଳେ ଶୋଷ ଲାଗିବାରୁ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରକୁ ପାଣି ପିଇବା ପାଇଁ ଯାଇଥିଲେ । ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେ ଇଲେକ୍ଟ୍ରି କାମ କରୁଥିବା ଜଣେ ଯୁବକ ନାବାଳିକାକୁ ଏକୁଟିଆ ଦେଖି ପାଟି ବନ୍ଦ କରି ବଳାତ୍କାର ଉଦ୍ୟମ କରିଥିଲା । ସେ ପାଟି କରିବାରୁ ଅଭିଯୁକ୍ତ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିବା ସହିତ ପରିବାରରେ ଜଣାଇଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିଲା । ପୀଡ଼ିତା ବହୁ କଷ୍ଟରେ ଘରେ ପହଞ୍ଚି ଥିଲେ । ଏହି ସମୟରେ ବାପା-ମା' ଘରେ ନଥିଲେ । ସେ ଫୋନ୍ କରି ସମସ୍ତ ଘଟଣା ଜଣାଇବା ସହିତ ତୁରନ୍ତ ଘରେ ପହଞ୍ଚିବାକୁ କହିଥିଲେ । ବାପା-ମା' ଘରେ ପହଞ୍ଚିବା ବେଳକୁ ନାବାଳିକା କୀଟନାଶକ ପିଇ ଗୁରୁତର ହୋଇ ପଡ଼ିଥିଲେ । ତାଙ୍କୁ ତୁରନ୍ତ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ସଙ୍କଟାପନ୍ନ ଥିବାରୁ ସାକ୍ଷୀଗୋପାଳ ,ପରେ ପୁରୀ ଡାକ୍ତରଖାନାକୁ ସ୍ଥାନାନ୍ତର ,ଅଧିକ ଗୁରୁତର ହେବାରୁ ଭୁବନେଶ୍ୱର ରେ ଚିକିତ୍ସା କରାଯାଉଛି ।

### ମଦ ବିକ୍ରିକୁ ନେଇ ଲୁହା ରଡ଼ରେ ପିଟିପିଟି ହତ୍ୟା, ହୋଟେଲ୍ ମାଲିକ ଗିରଫ

## କ୍ଷତିପୂରଣ ଦାବିରେ ରାସ୍ତାରେ ଧାରଣା



ବାଙ୍କୀ,(ସବ୍ୟୁ) : ବାଙ୍କୀ ଥାନା ଅନ୍ତର୍ଗତ କଇଁମୁଣ୍ଡି ଫାଣ୍ଡି ନିକଟସ୍ଥ ଭଗିପୁର ଛକରେ ଥିବା ହୋଟେଲ୍‌କୁ ଭଗିପୁର ଗ୍ରାମର ସୁଦାମ ନାୟକ ନାମକ ଯୁବକ ଖାଇବା ପାଇଁ ଯାଇଥିଲେ । ସେଠାରେ ସୁଦାମ ସହିତ ହୋଟେଲ୍ ମାଲିକ୍ ସନ୍ତୋଷ କୁମାର ସାହୁଙ୍କ ସହିତ ଢ଼ାବାରେ ମଦ ବିକ୍ରିକୁ ନେଇ ଯୁକ୍ତିତର୍କ ପରେ ସନ୍ତୋଷ ଓ ଦୁଇ ଜଣ କର୍ମଚାରୀଙ୍କ ଉର୍ପସ୍ଥିତିରେ ଜଣେ କର୍ମଚାରୀ ସୁଦାମଙ୍କୁ ଲୁହା ରଡ଼ରେ ପିଟି ପିଟି ରକ୍ତ ଜୁଡୁ ବୁଡୁ କରିଥିଲେ। ରକ୍ତ ଜୁଡୁ ବୁଡୁ ଅବସ୍ଥାରେ କଟକ ବଡ ମେଡିକାଲରେ ମୃତ୍ୟୁ ଘଟିଥିବା ଖବର ପ୍ରଚାରିତ ହେବା ମାତ୍ରେ ଉତ୍ତ୍ୟକ୍ତ ଲୋକମାନେ ଅଭିଯୁକ୍ତ ସନ୍ତୋଷର ହୋଟେଲ୍‌କୁ ନିଆଁ ଲଗାଇ ପୋଡି ନଷ୍ଟ କରିଦେଇ ଥିବାର ବାଙ୍କୀ ଥାନା ଆଇଆଇସି ଦିଲ୍ଲୀପ କୁମାର ମର୍ଦ୍ଦରାଜ ଭୂୟାଁ ସୂଚନା ଦେଇଛନ୍ତି । ହତ୍ୟା କରିଥିବାର ଅଭିଯୋଗ ପରେ ପୋଲିସ ସନ୍ତୋଷ ସାହୁ ଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ସରକାରୀ ଜାଗାରେ ବେଆଇନ ହୋଟେଲ୍ କରି ମଦ ବ୍ୟବସାୟ କରୁଥିବା ହୋଟେଲକୁ ଭାଙ୍ଗିବା ଏବଂ ମୃତ ଯୁବକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ କଟକ- ବାଙ୍କୀ ରାସ୍ତାର ଭଗିପୁର ଛକ ଠାରେ ରାସ୍ତା ଉପରେ ଶବ ରଖି ପରିବାର ଲୋକଙ୍କ ଧାରଣା । ଦୀର୍ଘ ସମୟ ଧରି ରାସ୍ତା ଅବରୋଧ ଫଳରେ କଟକରୁ ବାଙ୍କୀ ଯାଉଥିବା ଦୁଇ ପଟେ ଶହ ଶହ ଗାଡି ଅଟକି ରହିଛି । ଭଗିପୁର ଛକରେ କଟକ ଗ୍ରାମାଞ୍ଚଳ ଉପ ଆରକ୍ଷୀ ଅଧିକ୍ଷକ,ବାଙ୍କୀ ଏସ ଡି ପି ଓ ବାଳକୃଷ୍ଣ କଅଁର, ବାଙ୍କୀ ଆଇ ଆଇ ସି ଦିଲ୍ଲୀପ କୁମାର ମର୍ଦ୍ଦରାଜ ଭୂୟାଁ ପୋଲିସ ଫୋର୍ସ ସହିତ ପରିସ୍ଥିତି ଉପରେ ନଜର ରଖିଛନ୍ତି ।

## ସରପଞ୍ଚ ଓ ସମିତି ସଭ୍ୟଙ୍କ ଆଲୋଚନାଚକ୍ର



ରଣପୁର,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଗଡ଼ମାଣିତ୍ରି ସ୍ଥିତ ମା ରାମଚଣ୍ଡୀଙ୍କ ପୀଠରେ ରଣପୁର ବ୍ଲକର ସରପଞ୍ଚ ଓ ସମିତିସଭ୍ୟଙ୍କ ଏକ ଆଲୋଚନାଚକ୍ର ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇଯାଇଛି । ଏଥିରେ ରଣପୁର ବ୍ଲକ ସରପଞ୍ଚ ଓ ସମିତି ସଭ୍ୟ ଏକତ୍ରିତ ହୋଇ ଅହମଦାବାଦ ଠାରେ ହୋଇଥିବା ପ୍ଲେନ ଦୁର୍ଘଟଣାରେ ମୃତାହତ ହୋଇଥିବା ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ଆତ୍ମ ର ସଦଗତି ପାଇଁ ନିରବ ପ୍ରାଥନା କରାଯାଇଥିଲା । ଏବଂ ପରେ ସରପଞ୍ଚ ସଙ୍ଘ ସଭାପତି ବୃନ୍ଦାବନ ମହାନ୍ତି ଙ୍କ ସଭାପତିତ୍ୱ ରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବା ସହ ରଣପୁର ବ୍ଲକର ବିଭିନ୍ନ ସମସ୍ୟା ଓ ଉନ୍ନତି ମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇ ଆଗାମୀ ଦିନର କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା । ଏଥିରେ ସମିତି ସଭ୍ୟ ସଭାପତି ମୀନକେତନ ନାୟକ ଓ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ସମେତ ଯୁବ ନେତା ପ୍ରଫୁଲ୍ଲ କୁମାର ନାୟକ ଉପସ୍ଥିତ ଥିଲେ ।

## ଶିଶୁ କନ୍ୟାକୁ ଦୁଷ୍କର୍ମ ଉଦ୍ୟମ, ଅଭିଯୁକ୍ତ ଗିରଫ

କାକଟପୁର,(ସବ୍ୟୁ) :କାକଟପୁର ଥାନା ଅନ୍ତର୍ଗତ ବାଙ୍ଗୁରିଗାଁ ଗ୍ରାମରେ ଗତ ବୁଧବାର ଦିନ ଜୈନିକ ଶିଶୁ କନ୍ୟା (ଅଢ଼େଇ ବର୍ଷ ) ବାରଣ୍ଡାରେ ଖେଳୁ ଥିବା ସମୟରେ ତାର ନିଜ ବଡବାପା ମନ୍ଦ ଉଦ୍ଦ୍ୟେଶ୍ୟ ରଖି ତାକୁ ନିଜ ଘରକୁ ଡାକି ଥିଲା । ତାର ଡ୍ରେସ ଖୋଲି ଓ ନିଜେ ଲଙ୍ଗଳା ହୋଇ ତାକୁ ଖଟ ଉପରେ ଜାବୁଡି ଧରି ଦୁଷ୍କର୍ମ କରିବାକୁ ଚେଷ୍ଟା କରିବା ବେଳେ ଝିଅଟି କାନ୍ଦିଥିଲା । କାନ୍ଦ ଶୁଣି ଝିଅର ମା ସେଠାରେ ପହଂଚି ଝିଅକୁ ଉଦ୍ଧାର କରିଥିଲା । ମାତ୍ର ଅଭିଯୁକ୍ତ ଝିଅ ମା ର ଗୋଡ଼ ଧରି ଭୁଲ ମାଗିଥିଲା ଓ କାହାକୁ ନକହିବାକୁ ଅନୁରୋଧ କରିଥିଲା । ତେବେ ଝିଅର ମା ଥାନାରେ ଅଭିଯୋଗ କରିବା ପରେ କାକଟପୁର ଥାନା ଆଇ.ଆଇ.ସି ଉମେଶ ଚନ୍ଦ୍ର ସାହୁ ସଦଳବଳେ ଅଭିଯୁକ୍ତକୁ ଗିରଫ କରି ପୋକ୍ସୋ କୋଟ ପୁରୀକୁ ଚାଲାଣ କରିଛନ୍ତି । ଅଭିଯୁକ୍ତ ହେଲେ ନବ କିଶୋର ସାହୁ । ଏ ସମ୍ପର୍କ ରେ ଭାରତୀୟ ନ୍ୟାୟ ସଂହିତା ୬୫(୨), ୬୨, ୮/୧୨ପୋକ୍ସୋ ଆଇନ ରେ ତାକୁ ଗିରଫ କରାଯାଇ ଯାଇ ଥିବାବେଳେ ଥାନା କେଶ ନମ୍ବର ୧୪୩/୨୫ ରେ ମକଦମା ରୁଜୁ କରିଛନ୍ତି।

## ଇନଟ୍ରିନସିକ୍ ହୋପ୍ ଫାଉଣ୍ଡେସନର ପ୍ରତିଷ୍ଠା ଦିବସ ପାଳିତ



ଗଣିଆ,(ସବ୍ୟୁ) :ଗଣିଆ ମଣ୍ଡଳର ଛାମୁଣ୍ଡିଆ ପଞ୍ଚାୟତ ଅନ୍ତର୍ଗତ ମାଳିସାହି ଗ୍ରାମରେ ଇନଟ୍ରିନସିକ୍ ହୋପ ଫାଉଣ୍ଡେସନ୍ ତରଫରୁ ଏକ କୃଷି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗଣିଆ ବ୍ଲକର କୃଷି ଉଦ୍ୟାନ ଅଧିକାରୀ ଅନୁରାଗ ଦାଶ ମହାପାତ୍ର ଯୋଗଦେଇ କୃଷକମାନଙ୍କୁ ଉଦ୍ୟାନ କୃଷି ସମ୍ପର୍କିତ ସଚେତନ କରାଇ ସରକାରୀ ଯୋଜନାମାନ କିଭଳି କୃଷକମାନଙ୍କ ପାଖରେ ପହଞ୍ଚିପାରିବ ଏବଂ କୃଷକମାନେ ଶତ ପ୍ରତିଶତ ଏହାର ଲାଭାଂଶୀ ହୋଇପାରିବେ ସେ ସମ୍ପର୍କରେ ବିଶଦ ବିବରଣୀ ପ୍ରଦାନ କରିଥିଲେ । ବର୍ତ୍ତମାନ ସମୟରେ କୃଷି କାର୍ଯ୍ୟରେ ରୋଜଗାର କ୍ଷମ ଓ ପରିବାର ପ୍ରତିପୋଷଣ ପାଇଁ ଉନ୍ନତମାନର ବିଜ୍ଞାନଭିତ୍ତିକ କୃଷି କାର୍ଯ୍ୟ କରିବାକୁ ହେବ ବୋଲି ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ଭାବରେ ଯୁବ କୃଷକ ନେତା ସଚିନ୍ ମହାପାତ୍ର ଯୋଗଦେଇ କୃଷକମାନଙ୍କ ବର୍ତ୍ତମାନ ଓ ଭବିଷ୍ୟତର ସ୍ଥିତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ବର୍ତ୍ତମାନ ପରିସ୍ଥିତିରେ ଚାଷୀମାନେ ସଂଗଠିତ ହୋଇ କୃଷିକାର୍ଯ୍ୟ କଲେ କୀଟ ପତଙ୍ଗ ତଥା ଜୀବଜନ୍ତୁଙ୍କ ଦାଉରୁ ରକ୍ଷା କରିହେବ ବୋଲି କହିଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେ ଅଧ୍ୟାପକ ସୁବ୍ରତ ମାଝୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ପ୍ରତିଷ୍ଠାତା ସୁଶାନ୍ତ କୁମାର ସାମଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଅନୁଷ୍ଠାନର ସଦସ୍ୟ ଗବେଷକ ସୁନୀଲ ସେଠୀ, ଗବେଷକ ସିପୁନ୍ ଭୂତିଆ, ସତ୍ୟପ୍ରକାଶ ସେଠୀ, ଅଧ୍ୟାପିକା ସଂଘମିତ୍ରା ଦାସ, ଅଧ୍ୟାପିକା ମଧୁସ୍ମିତା ନାଏକ, ଗବେଷିକା ପ୍ରମୋଦିନୀ ସ୍ୱାଇଁ, ଗବେଷକ ସବ୍ୟସାଚୀ ସାହୁ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ପ୍ରଫୁଲ୍ଲ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଜିଠାରୁ କୁହୁଡି ଚତୁର୍ଥ ରଜ ମହୋତ୍ସବ

ଟାଙ୍ଗୀ,(ସବ୍ୟୁ) :୪ବର୍ଷ ଧରି କୁହୁଡି ଗଡ଼ରେ ପାଳତ ହୋଇଆସୁଛି ରଜ ମହୋତ୍ସବ। ଅନୁରୂପ ଭାବେ ଚଳିତ ମାସ ୧୪ତାରିଖରୁ ୧୮ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଧୂମଧାମ ରେ ଅନୁଷ୍ଠିତ ହେବାକୁ ଯାଉଛି।ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ କୁହୁଡି ଗ୍ରାମପଞ୍ଚାୟତ ସମ୍ମୁଖରେ ଥିବା ରଜପଡିଆ ଠାରେ ମା ବ୍ୟାଘ୍ର ଦେବୀ ସାଂସ୍କୃତିକ ପରିଷଦ ପକ୍ଷରୁ ଚତୁର୍ଥ ରଜମହୋତ୍ସବ ପାଇଁ ଗୁରୁବାର ଦିନ ବୃତାନ୍ତ ପ୍ରସ୍ତୁତି ବୈଠକ ଗ୍ରାମ ପଞ୍ଚାୟତ କାର୍ଯାଳୟ ଠାରେ କୁହୁଡି ପୂର୍ବତନ ସରପଞ୍ଚ ଜୟଦେବ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ କୁହୁଡି, ରତନପୁର ପଞ୍ଚାୟତର ମହିଳା ମହାସଂଘ ପ୍ରତିନିଧି ଓ ସ୍ଥାନୀୟ ଗ୍ରାମବାସୀଙ୍କ ଉପସ୍ଥିତିରେ ସମସ୍ତ ପ୍ରକାର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ପର୍ଯ୍ୟାଲୋଚନା ହୋଇ ସଭା ସମାପନ ହୋଇଥିଲା।। ରଜମହୋତ୍ସବ ପ୍ରଥମ ଦିବସରେ ୧୪ତାରିଖ ଶନିବାର ଦିନ ମହିଳା ମାନେ ଯୋଗ ଦେଇ ପାରମ୍ପରିକ ପୁଚି ଖେଳ,ଝୋଟି,ଦଉଡ଼ି ଡ଼ିଆଁ, ମିଉଜିକି ଚେଆର,ମେହେନ୍ଦି ଏବଂ ଦୋଳିଖେଳ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଦିତୀୟ ଦିବସରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହେବ । ତୃତୀୟ ଦିବସରେ ରକ୍ତଦାନ ଶିବିର ସହିତ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାରିବେଷିତ ପାଇଁ ଗୋଟିପୁଅ, ଛଉନୃତ୍ୟ,ସଙ୍ଗୀତ,ପାଲା ଆଦିବାସୀ ନୃତ୍ୟ,ସମ୍ବଲପୁରୀ, ଘୋଡ଼ା ନାଚ, ଓଡିଶୀ ଏବଂ ପାଇକ ଆଖେଡ଼ା ସମେତ ଅନେକ ନୃତ୍ୟ ପରିବେଷଣ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛିଛ ୧୪ତାରିଖ ତାରିଖ ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ରାତ୍ର ୧୧ ଘଟିକାରୁ ରାଜ୍ୟ ସ୍ତରୀୟ ମୁକ୍ତ ନାଟକ ପ୍ରତିଯୋଗିତା ରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସାଂସ୍କୃତିକ ଦଳ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସ୍ଥାନୀୟ ବାସିନ୍ଦା ଏହି ଉତ୍ସବକୁ ନେଇ ଅତି ଉତ୍ସାହିତ ଓ ଗର୍ବିତ। ରଜ ମହୋତ୍ସବ କୁହୁଡି ପାଇଁ କେବଳ ଏକ ପାରମ୍ପାରିକ ଉତ୍ସବ ନୁହେଁ ଏହା ଗାଁ ସାଂସ୍କୃତିକ ଅସ୍ତିତ୍ୱ ପରିଚୟଛ ଏହି କାର୍ଯ୍ୟକୁ ସରସ ସୁନ୍ଦର କରିବା ପାଇଁ ଅନୁଷ୍ଠାନର ସମ୍ପାଦକ ଶ୍ରୀମନ୍ତ ମହାପାତ୍ର ଓ ସଭାପତି ପ୍ରିୟମ୍ବଦା ବେହେରା ଅନୁରୋଧ କରିଛନ୍ତି ।

## ଦୟା ନଦୀ, ଚିଲିକାର ସ୍ଥିତି ପରିଖିଛନ୍ତି ଜଳ ପୁରୁଷ ଡଃ ରାଜେନ୍ଦ୍ର ସିଂ

କଣାସ,(ସବ୍ୟୁ): ଦୟା ସୁରକ୍ଷା ଅଭିଯାନର ଆବାହକ ସଚ୍ଚିକାନ୍ତ ପ୍ରଧାନଙ୍କ ସଂଯୋଜନାରେ ଭାରତର ଜଳ ପୁରୁଷ ଡଃ ରାଜେନ୍ଦ୍ର ସିଂ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ,ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ବିନାୟକ ରଥ, ପରିବେଶବିତ ଡଃ ଜୟକୃଷ୍ଣ ପାଣିଗ୍ରାହୀ, ବ୍ରତିନ୍ଦୀ ଜେନା, ସଂଯୋଜକ ବିଜୟ କୁମାର ପ୍ରଧାନ, ବିପିନ ବାବୁ ପ୍ରମୁଖ ଏକ ପ୍ରତନିଧି ମଣ୍ଡଳୀ ଦୟା ନଦୀ କୂଳ କୂଳେ ବଡଗୋଠ ସ୍ଥିତ ଦୟା, ଭାର୍ଗବୀ ଓ ଲୁଣା ସମିଳିତ ତ୍ରିବେଣୀ ସଙ୍ଗମ ଓ ଚିଲିକା ସ୍ଥିତି ଅନୁଧ୍ୟାନ କରିଛନ୍ତି। ଲୋଚନ ବେହେରା ସଭାପତିତ୍ୱରେ କାଢ଼ୁଆ ପଞ୍ଚାୟତର କଉଡିକୁଣି ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା ।ଏହି ସଭାରେ ସୁଦର୍ଶନ ଦାସଙ୍କ ମତରେ ଓଡ଼ିଶାର ପ୍ରାୟ ସମସ୍ତ ନଦୀ ଗୁଡିକର ସ୍ୱାସ୍ଥ୍ୟ ଆଜି ସଙ୍କଟାପନ୍ନ।ଅତି ମାତ୍ରାରେ ଶୋଷଣ, ଅତିକ୍ରମଣ ଓ ପ୍ରଦୂଷଣ ଜନିତ କାରଣରୁ ନଦୀ ଗୁଡିକ ନିଜର ସତ୍ତା ହରାଇ ବସିଲେଣି।ଛତିଶଗଡ଼ ସହିତ ମହାନଦୀ ଜଳ ବଣ୍ଟନ ସମସ୍ୟା ସମାଧାନ ହେଲେ ଯାଇଁ ଶାଖା ଓ ପ୍ରଶାଖା ନଦୀ ଗୁଡିକର ଟୀର ପ୍ରବାହ ସମ୍ଭବ।ଏହି ସଭାରେ ଦୟା ଓ ମକରା ନଦୀରେ ଭୟଙ୍କର ରାଜଦଳ ସମସ୍ୟା ଯୋଗୁଁ ମତ୍ସ୍ୟଜୀବୀମାନଙ୍କୁ ଜୀବିକା ହରାଇବାକୁ ପଡୁଛି। ଅନ୍ୟ ବର୍ଷମାନଙ୍କରେ ନଦୀ ଡଙ୍ଗା ଚଳପ୍ରଚଳ ପାଇଁ ବାଟ ଥାଏ କିନ୍ତୁ ଚଳିତ ବର୍ଷ ପ୍ରବଳ ରାଜଦଳ ଯୋଗୁ ଚିଲିକାରୁ ମାଛ ଧରିବା ସମ୍ଭବପର ହେଉନାହିଁଛ ନିଜ ଅଧିକାର ଓ ଜୀବିକା ହେତୁ ସମସ୍ତେ ମିଳିମିଶି ଦୟା, ମକରା ନଦୀ ଓ ଚିଲିକା ସୁରକ୍ଷା ପାଇଁ ସଙ୍କଳ୍ପ ନେବାକୁ ଡଃ ସିଂ ଆହ୍ୱାନ ଦେଇଥିଲେ।ବିଶିଷ୍ଟ ସମାଜସେବୀ କୃଷ୍ଣଚନ୍ଦ୍ର ଜଗଦେବ କହିଛନ୍ତି ନିରନ୍ତର ପ୍ରୟାସ ଦ୍ୱାରା ଆମ ନଦୀ ସମସ୍ୟାର ସମାଧାନ ବାଟ ବାହାରିବ ଏବଂ ସରକାରଙ୍କ ସହିତ ଆଲେଚନା ଜରିଆରେ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ଓ ବଶ୍ଵଜିତ ବଡ଼ଜେନା ଏହି କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ଏବଂ ତୁଷାର ଚମ୍ପତି, ମେନେକା ପ୍ରଧାନ ଯୁଧିଷ୍ଠିର ବେହେରା, ହରମୋହନ ବେହେରା, ବିଶ୍ୱରଞ୍ଜନ ଜେନା, ଶ୍ରବଣ ପ୍ରଧାନ, ପ୍ରଭାକର ବେହେରା,ଶ୍ରୀମୁଖ ଜେନା, ରାଜକିଶୋର ପ୍ରଧାନ ଓ ଅନେକ ସଂଗଠନର ନେତୃତ୍ୱମାନେ ଏବଂ ୧୦୦ ରୁ ଉର୍ଦ୍ଧ ସ୍ଥାନୀୟ ଲୋକ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ବିମାନ ଦୁର୍ଘଟଣା : ଏଲ୍‌ଆଇସିର ରିହାତି ଘୋଷଣା

ଭୁବନେଶ୍ୱର, (ସବ୍ୟୁ) : ଅହମ୍ମଦାବାଦରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ଶିକାର ହୋଇଥିବା ଯାତ୍ରୀଙ୍କ ପାଇଁ ଏଲ୍‌ଆଇସି ରିହାତି ଘୋଷଣା କରିଛି । ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀଙ୍କ ପ୍ରତି ଏଲ୍‌ଆଇସି ଶୋକ ପ୍ରକାଶ କରିଛି । ଏଲଆଇସି ଅଫ୍ ଇଣ୍ଡିଆ ପ୍ରଭାବିତ ଲୋକଙ୍କୁ ସମର୍ଥନ କରିବାକୁ ପ୍ରତିବଦ୍ଧ ଏବଂ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଦାବି ସମାଧାନକୁ ତ୍ୱରାନ୍ୱିତ କରିବ ।

ଏଲଆଇସି ଅଫ୍ ଇଣ୍ଡିଆ ଏଲଆଇସି ପଲିସିର ଦାବିଦାରଙ୍କ କଷ୍ଟ କମ କରିବା ପାଇଁ ଅନେକ ରିହାତି ଘୋଷଣା କରିଛି । ମୃତ୍ୟୁ ପ୍ରମାଣପତ୍ର ବଦଳରେ, ବିମାନ ଦୁର୍ଘଟଣା ଯୋଗୁଁ ପଲିସିଧାରୀଙ୍କ ମୃତ୍ୟୁ କିମ୍ବା କେନ୍ଦ୍ର, ରାଜ୍ୟ ସରକାର ଓ ଏୟାରଲାଇନ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷତିପୂରଣର ସରକାରୀ ରେକର୍ଡରେ ଥିବା ଯେକୌଣସି ପ୍ରମାଣକୁ ମୃତ୍ୟୁର ପ୍ରମାଣ ଭାବରେ ଗ୍ରହଣ କରାଯିବ । ଦାବିଦାରଙ୍କ ନିକଟରେ ପହଞ୍ଚିବା ଏବଂ ପ୍ରଭାବିତ ପରିବାରକୁ ଦାବି ଶୀଘ୍ର ସମାଧାନ କରିବା ପାଇଁ ସମସ୍ତ ପ୍ରୟାସ କରାଯିବ । ଅଧିକ ସହାୟତା ପାଇଁ ଦାବିଦାରମାନେ ନିକଟତମ ଶାଖା, ବିଭାଗ, ଗ୍ରାହକ-ଜୋନ୍ ସହିତ ଯୋଗାଯୋଗ କରିପାରିବେ । ଦାବିଦାରମାନେ ଆମର କଲ୍ ସେଣ୍ଟର -୦୨୨ ୬୮୨୭୬୮୨୭ କୁ ମଧ୍ୟ କଲ୍ କରିପାରିବେ ।

## ଆଦର୍ଶ ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଡେଲାଙ୍ଗ ,(ସବ୍ୟୁ) : ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ରେଞ୍ଚ ଗ୍ରାମପଞ୍ଚାୟତ ଅଧୀନ ପଲ୍ଲୀ ପ୍ରାଥମିକ ବିଦ୍ୟାଳୟର ଆଦର୍ଶ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଶିକ୍ଷାବିତ କବି ଦିଗମ୍ବର ରଥ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ଶତୃଘ୍ନ ବେହେରା, ପ୍ରାକ୍ତନ ବିଇଓ ଯୁଧିଷ୍ଠିର ପରିଡ଼ା, ବର୍ତ୍ତମାନର ଏବିଇଓ ଲକ୍ଷ୍ମଣ ପ୍ରଧାନ, ସୁଷମା ଦାଶ, ସଂଯୁକ୍ତା କୁମାରୀ ମିଶ୍ର, ଶିକ୍ଷକ ସଂଘ ସଂପାଦକ ପ୍ରଶାନ୍ତ ଦାଶ, ଶିକ୍ଷକ ଗୋପାଳ ମହାପାତ୍ର, ପବିତ୍ର ଜେନା, ନାଟ୍ୟକାର ତଥା ଶିକ୍ଷାବିତ୍ ଶ୍ରୀଧର ପ୍ରଧାନ, ସାହିତ୍ୟିକ ଶିକ୍ଷକ ସନ୍ତୋଷ ମିଶ୍ର, ପାଲାଗାୟକ ଶିକ୍ଷାବିତ ଗୁରୁ ଚରଣ ବଳ , ବର୍ଷୀୟାନ ଶିକ୍ଷକ ରାଜକିଶୋର ପ୍ରଧାନ , ସଂସ୍କୃତ ପଣ୍ଡିତ ରବିନ୍ଦ୍ର ପ୍ରଧାନ ,ପରିବେଶ ପ୍ରେମୀ ଶିକ୍ଷକ ମଟୁ କିଶୋର ପ୍ରଧାନ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକ ଶ୍ରୀଯୁକ୍ତ ପ୍ରଧାନଙ୍କ ସୁଗୁଣ ଗାନ ସହ ଶିକ୍ଷାରେ ସୁସ୍ଥ ମାନସିକତା, ମୂଲ୍ୟବୋଧ, ଶୃଙ୍ଖଳିତ ଚରିତ୍ର ଉପରେ ପ୍ରାଧାନ୍ୟ ଦିଆଯିବା ଉଚିତ ବୋଲି କହିଥିଲେ।ଶିକ୍ଷକ ନେତା ସୂର୍ଯ୍ୟ ନାରାୟଣ ସେଠୀ , ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ସାହୁ, ଅବସରପ୍ରାପ୍ତ ମୁଖ୍ୟ କିରାଣୀ ଦୁର୍ଗାଦତ୍ତ ମିଶ୍ର, ଶିକ୍ଷକ ରବୀନ୍ଦ୍ର ବେହେରା, ପ୍ରଦୀପ କୁମାର ସେଠୀ, ଦିଲ୍ଲୀପ ପ୍ରଧାନ, ଦିଲ୍ଲୀପ କୁମାର ନାୟକ, ପ୍ରକାଶ ଚନ୍ଦ୍ର ସାହୁ, ଲକ୍ଷ୍ମୀଧର ବସ୍ତିଆ ,କୁନ୍ତଳୁ ଧବଳେଶ୍ୱର, ମଙ୍ଗୁଳି ପରିଡ଼ା , ଗୋପାଳ ବେହେରା, ଅବସରପ୍ରାପ୍ତ ଶିକ୍ଷକ ସଦାଶିବ ବିଶ୍ୱାଳ, ପିପିଲିର ଶିକ୍ଷକ ପ୍ରସନ୍ନ ବେହେରା, ଖୋର୍ଦ୍ଧା ଜିଲ୍ଲାର ଅବସରପ୍ରାପ୍ତ ଶିକ୍ଷକ ରବିନ୍ଦ୍ର ନାଥ ପାଇକ ରାୟ, ଶିକ୍ଷୟିତ୍ରୀ ଗୁନୁବାଳା ମହାପାତ୍ର, ରମାମଣି ଜେନା, ନିରୁପମା ଦେଇ, ଗୀତାରାଣୀ ସେଠୀ , ଶିକ୍ଷକ ଫକିର ଚନ୍ଦ୍ର ଦାସ,କେଦାର ସନ୍ ବେହେରା ,ସିଆରସିସି ପବିତ୍ର ପଣ୍ଡା, ଜଗନ୍ନାଥ ପରିଡ଼ା ପ୍ରମୁଖ ଯୋଗଦେଇ ଛାତ୍ରଶିକ୍ଷକ ସମାଜରେ ଶ୍ରୀ ପ୍ରଧାନ ସ୍ମରଣୀୟ ହୋଇ ରହିବେ ବୋଲି ବକ୍ତବ୍ୟରେ କହି ତାଙ୍କର ନିରାମୟ ଜୀବନ କାମନା କରିଥିଲେ। ପଲ୍ଲୀ ବିଦ୍ୟାଳୟର ସହକାରୀ ଶିକ୍ଷକ ତ୍ରିନାଥ ସେଠୀ ରମେଶ ପ୍ରଧାନଙ୍କ ସହଯୋଗକୁ ମନେ ପକେଇ ମଞ୍ଚରେ କାନ୍ଦି ପକାଇଥିଲେ।ପ୍ରକାଶ ଥାଉକି ସେ ଡେଲାଙ୍ଗ ବ୍ଲକ୍ ଯମୁନା ବିଦ୍ୟାଳୟରେ ୧୯୯୦ରେ ଶିକ୍ଷକତା ଜୀବନ ଆରମ୍ଭ କରି କଣାସ ବ୍ଲକ୍ ର ମୋଟରୀ, ଡେଲାଙ୍ଗ-ବ୍ଲକ୍ ର ହାକପଡା , ରେଞ୍ଚ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଶେଷରେ ପଲ୍ଲୀ ପ୍ରାଥମିକ ବିଦ୍ୟାଳୟରେ ନିଜର କର୍ତ୍ତବ୍ୟନିଷ୍ଠା ପାଇଁ ସମସ୍ତଙ୍କର ଆଦରଣୀୟ ଥିଲେ। ସିଆରସିସି ଦୁର୍ଯ୍ୟୋଧନ ପ୍ରଧାନ ଅତିଥି ପରିଚୟ ଦେଇଥିଲେ । ସହକାରୀ ଶିକ୍ଷକ ତ୍ରିନାଥ ସେଠୀ ଓ ଶିକ୍ଷକ ଚକ୍ରଧର ମହାପାତ୍ର ସଭା ପରିଚାଳନା କରିଥିଲେ । ବିଭିନ୍ନ ବିଦ୍ୟାଳୟ ଓ ଗ୍ରାମବାସୀଙ୍କ ପକ୍ଷରୁ ମାନପତ୍ର, ଉତ୍ତରୀୟ ପ୍ରଦାନ ପୂର୍ବକ ତାଙ୍କୁ ସୁନ୍ଦର ସମ୍ବର୍ଦ୍ଧନା ଦିଆଯାଇଥିଲା। ।ଶିକ୍ଷକ ଅଭୟ ଚରଣ ସାହୁ କବିତା ମାଧ୍ୟମରେ ଧନ୍ୟବାଦ୍ ଦେଇଥିଲେ । ଗ୍ରାମବାସୀଙ୍କ ସାହାଯ୍ୟରେ ଶ୍ରୀଯୁକ୍ତ ପ୍ରଧାନଙ୍କୁ ଏକ ଶୋଭାଯାତ୍ରାରେ ଗ୍ରାମ୍ୟ ପରିକ୍ରମା ପୂର୍ବକ ଭାପୂର୍ଣ୍ଣ ବିଦାୟ ଦିଆଯାଇଥିଲା। ଶିକ୍ଷା କାର୍ଯ୍ୟାଳୟ ତରଫରୁ ସଭାରେ ତାଙ୍କୁ ପୂର୍ଣ୍ଣାଙ୍ଗ ପେନସନ କାଗଜ ପ୍ରଦାନ କରିଥିଲେ।

## ନାହିଁ ନାହିଁରେ ଚାଲିଛି ମହିଧରପଡା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର

ଫୁଲନଖରା ,(ସବ୍ୟୁ) :କଟକ ଜିଲ୍ଲା ବାରଂଗ ବ୍ଲକ ଅନ୍ତର୍ଗତ ମହିଧର ପଡାରେ ରହିଛି ବହୁ ପୁରାତନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର । ଦୀର୍ଘ ଦିନ ହେବ ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ସରକାର ଅଣଦେଖା କରି ଆସୁଛନ୍ତି । ଏଠାରେ ଦୀର୍ଘ ଦିନ ହେବ ମହିଳା ଓ ପ୍ରସୂତି ବିଭାଗର ଡାକ୍ତର ନାହାନ୍ତି । ବାରଂଗ ବ୍ଲକର ଆଠ ଗୋଟି ଗ୍ରାମ ପଞ୍ଚାୟତ ନଗରୀ,ଉସୁମା, ସାଇଁସୋ, ହରିଅନ୍ତା ଖଲର୍ଦ୍ଧା, କୋରକରା, କୁରାଙ୍ଗ ଶାସନ ଓ କୁରାଙ୍ଗ ପ୍ରଧାନ ଓ କଟକ ସଦର ବ୍ଲକର ଆମଣ ଓ ଖଣ୍ଡାଇତା ଗ୍ରାମପଞ୍ଚାୟତ,ବାଲିଅନ୍ତା ବ୍ଲକର ଜଗନ୍ନାଥପୁର ଗ୍ରାମପଞ୍ଚାୟତର ହଜାର ହଜାର ସଂଖ୍ୟକ ରୋଗୀ ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଦୈନନ୍ଦିନ ଆସିଥାନ୍ତି । ଫୁଲନଖରା -ଅଡଶପୁର ରାସ୍ତାରେ ଆକସ୍ମିକ ଦୁର୍ଘଟଣା ଘଟିଲେ ଚିକିତ୍ସା ନିମନ୍ତେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆହତ ମାନେ ଆସିଥାନ୍ତି । ସେହିଭଳି ଭାବେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଦୈନନ୍ଦିନ ୫-୬ ଜଣରୁ ଉର୍ଦ୍ଧ୍ୱ ମହିଳା ପ୍ରସୂତି ନିମନ୍ତେ ଆସିଥା'ନ୍ତି । ଆଜକୁ ଦେଢ଼ ବର୍ଷ ତଳେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ମହିଳା ଓ ପ୍ରସୂତି ବିଭାଗ ଡାକ୍ତରଙ୍କୁ ଟ୍ରେନିଂ ପାଇଁ ପଠା ଯିବା ଫଳରେ ରୋଗୀ ସେବା ବାଧାପ୍ରାପ୍ତ ହେଉଛି । ଏନେଇ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଗ୍ରାମାଞ୍ଚଳରୁ ଭାରସା କରି ଆସୁଥିବା ଗରିବ ନିରୀହ ଗର୍ଭବତୀ ମହିଳାମାନେ ଅଯଥା ଖର୍ଚ୍ଚାନ୍ତ ହୋଇ କଟକ ,ଭୁବନେଶ୍ୱର ଚିକିତ୍ସା ପାଇଁ ଯାଉଛନ୍ତି । ବର୍ତ୍ତମାନ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକତା ଅନୁଯାୟୀ ଡାକ୍ତର ମଧ୍ୟ ନାହାଁନ୍ତି । ପ୍ରତ୍ୟେକ ମାସରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଥାଏ । ଏନେଇ ଆବଶ୍ୟକ ଥିବା ସଭା ଗୃହଟିଏ ନଥିବା ବେଳେ ଡାକ୍ତର ରହିଲା ଭଳି କ୍ୱାଟର ମଧ୍ୟ ନାହିଁ । ତୁରନ୍ତ ଏଥିପ୍ରତି ନିଆଳି ବିଧାୟକ,ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଦୃଷ୍ଟି ଦେଇ ଗାଇନିଙ୍ଗ ଡାକ୍ତର ଓ ଆବଶ୍ୟକଡାକ୍ତର ମାନଙ୍କୁ ନିଯୁକ୍ତି କରିବାକୁ ଲଳିତ କୁମାର ଦାଶ,ଅଶୋକ କୁମାର ରଥ,ଶୈଳଜା ନନ୍ଦ ସାହୁ,ଅଜୟ କୁମାର ବେଉରା,ବରଦା ପ୍ରସାଦ ବେଉରା,ପ୍ରଣବ ପଟ୍ଟନାୟକ,ପ୍ରଶାନ୍ତ କୁମାର ଦାଶ,ବିଜୟ କୁମାର ମହାପାତ୍ର,ପ୍ରଶାନ୍ତ କୁମାର ବେହେରା,ଯତିନ୍ଦ୍ର ମୋହନ ମହାନ୍ତି ଓ କାହ୍ନୁ ଚରଣ ପାତ୍ର ପ୍ରମୁଖ ଦାବି କରିଛନ୍ତି ।

## ବାଲିଗାଁ ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା



ପିପିଲି,(ସବ୍ୟୁ) : ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠ ପୁରୀ ଜିଲ୍ଲା, ପିପିଲି ବ୍ଲକ ଅନ୍ତର୍ଗତ ବାଲିଗାଁ ସ୍ଥିତଜଗନ୍ନାଥ ମନ୍ଦିରରେ ଭକ୍ତ ଦାସିଆ ସ୍ମୃତି କମିଟିର ଆନୁକୂଲରେ ପବିତ୍ର ସ୍ନାନପୂର୍ଣ୍ଣିମା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ୬ ଘଟିକାରେ ବରିଷ୍ଠ ସଦସମାନେ ଭକ୍ତଙ୍କ ସମାଧି ପୀଠରେ ପୁଷ୍ପମାଲ ଅର୍ପଣ, ବେଦ ଓଗୀତା ପାଠ, ଭକ୍ତ ଦାସିଆଙ୍କ ସଂର୍କୀନ ମଣ୍ଡଳୀ ତରଫରୁ ନଗର ସଂର୍କୀନ ଓ ଅଖଣ୍ଡନାମ ଯଜ୍ଞ ସମ୍ପାଦିତ ହୋଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଚତୁର୍ଦ୍ଧା ବିଗ୍ରହଙ୍କର ସ୍ୱତନ୍ତ୍ର ନିତିକାନ୍ତି ଅବସରରେ ମୂଖ୍ୟପୂଜକ ଲିଙ୍ଗରାଜ ପଣ୍ଡା ଓ ବୈଦିକ କର୍ମକାଣ୍ଡ ନିମନ୍ତେ ଆମନ୍ତ୍ରିତ ପଣ୍ଡିତ ଚିନ୍ମୟ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ମଙ୍ଗଳଆଳତି, ଅବକାଶ, ସ୍ନାନ ମଣ୍ଡପ ପବିତ୍ରକରଣ ହୋମ, ବିଗ୍ରହଙ୍କର ସ୍ନାନବେଦୀକୁ ପହଣ୍ଡି, ୧୦୮ ଗଡୁ ସୁବାସିତଜଳରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପବିତ୍ର ସ୍ନାନ, ଗଜାନନ ବେଶ, ମଧ୍ୟାହ୍ନ ଧୂପ ସମ୍ପନ୍ନ କରାଯାଇଥିଲା।ଏହି ଅବସରରେ ସ୍ମୃତି କମିଟି ଦ୍ୱାରା ଆୟୋଜିତ ସାଧାରଣ ସଭାରେ ଅନୁଷ୍ଠାନର ସଭାପତି ଡଃ ପ୍ରତିଭାମହାରଥୀଙ୍କ ସଭାପତିତ୍ୱରେ ଆଧ୍ୟାତ୍ମିକ ତୈମାସିକ ପତ୍ରିକା 'ଭାବକୁ ନିକଟ' ଲୋକାର୍ପଣ ହୋଇଥିଲା। ଏମସ,ଭୁବନେଶ୍ୱରର ପ୍ରତିଷ୍ଠାତା ନିର୍ଦ୍ଦେଶକ ପଦ୍ମଶ୍ରୀ ଡ. ଅଶୋକ ମହାପାତ୍ର ମୂଖ ଅତିଥି ଭାବେ ଯୋଗଦେଇ ଜଗନ୍ନାଥଙ୍କ ସଂସ୍କୃତିରେ ଭକ୍ତ ଦାସିଆ ପୀଠର ଏକ ସ୍ୱତନ୍ତ୍ର ସ୍ଥାନ ସମ୍ବନ୍ଧରେ ଗଭୀର ଆଲୋକପାତ କରିଥିଲେ। ଏହି ଅବସରରେଡଃ ଚିରଂଜନ ମିଶ୍ର, ଇଂ. ଶିବପ୍ରସାଦ ପଟ୍ଟନାୟକ, ଇଂ. ସୁରେନ୍ଦ୍ର କୁମାର ପଣ୍ଡା, ଇଂ. ବସନ୍ତ କୁମାର ମିଶ୍ର,ୱାଲେଟ ଫର ୱେଲଥ, ଏମ.ଡି. ତ୍ରିନାଥ ଲେଙ୍କା, ବୃନ୍ଦାବନ ମହାପାତ୍ର, ସତବାଦୀ ଦାସ, ପ୍ରଫେସରଉଦୟ ଶଂକର ଆଚାର୍ଯ୍ୟ, ଡଃ ନିଶିକାନ୍ତ ମିଶ୍ର, ଡଃ. ଦୁର୍ଗାପ୍ରସାଦ ମିଶ୍ର, ଅଜୟ ଦାସ ପ୍ରମୁଖ ଭକ୍ତ ଦାସିଆଙ୍କରଜୀବନୀ, କୃତି ଓ ଭଗବତ ଉପଲବ୍ଧି ଉପରେ ଉପସ୍ଥାପନା କରିଥିଲେ। ଭକ୍ତ ଦାସିଆ ସ୍ମୃତି କମିଟିର ସାଧାରଣସମ୍ପାଦକ ଡଃ ଘନଶାମ ସ୍ୱାଇଁ ସଭା ପରିଚାଳନା କରିଥିବା ବେଳେ, ଶ୍ରୀ ସରୋଜ କୁମାର ସାହୁ, ସାଂସ୍କୃତିକସମ୍ପାଦକ ଧନବାଦ ଅର୍ପଣ କରିଥିଲେ। ବିଧାୟକ ଆଶ୍ରିତ ପଟ୍ଟନାୟକ ଭକ୍ତଙ୍କ ପୀଠରେ ସ୍ନାନବେଦୀରେ ମହାପ୍ରଭୁଙ୍କୁ ଦର୍ଶନ କରି ଗ୍ରାମବାସୀ ତଥା ଆଂଚଳିକକମିଟିର ସଦସମାନଙ୍କ ସହିତ ପବିତ୍ର ଐତିହ ପୁଷ୍କରିଣୀ ଗୋଠଗଡ଼ିଆର ପୁନଃଉଦ୍ଧାର କାର୍ଯର ସମୀକ୍ଷା କରଥିଲେ।ସ୍ଥାନୀୟ ଆଂଚଳିକ କମିଟୀର ସଦସ୍ୟ ସୟଂପ୍ରକାଶ ପରିଡ଼ା, ଚିରଞ୍ଜନ ସେନାପତି, ସଦାଶିବ ସ୍ୱାଇଁ ଓ ଗ୍ରାମବାସୀଙ୍କସହଯୋଗରେ ସନ୍ଧାରେ ଅଂଚଳର ବିଶିଷ୍ଟ କଳାକାରଙ୍କ ଦ୍ୱାରା ମଣ୍ଡପରେ ଭଜନ ସନ୍ଧା କାର୍ଯକ୍ରମ କରାଯାଇଥିଲା।ଏବଂ ସମସ୍ତ ଦର୍ଶନାର୍ଥୀଙ୍କୁ ପ୍ରସାଦ ବିତରଣ କରାଯାଇଥିଲା।। ଚଳିତ ବର୍ଷ ସ୍ନାନମଣ୍ଡପର ଜି.ଆଇ ପାଇପର ନିର୍ମାଣକାର୍ଯରେ ଅନୁନ ୨ ଲକ୍ଷ ଟଙ୍କା ଜିନ୍ଦଲ ଷ୍ଟିଲ ଫାଉଣ୍ଡେସନ ତରଫରୁ କାର୍ଯକ୍ରମ ହାତକୁ ନିଆଯାଇଥିବାରୁ ସ୍ମୃତିକମିଟି ତଥା ଅଂଚଳବାସୀ ଅନୁଷ୍ଠାନର ସଭାପତି ପ୍ରସାନ୍ତ କୁମାର ହୋତାଙ୍କୁ କୃତଜ୍ଞତା ଜଣାଇଥିଲେ।

## ସୂର୍ଯ୍ୟ ଗୁରୁକୁଳ ମହୋତ୍ସବ ଉଦ୍‌ଯାପିତ



ଫୁଲନଖରା,(ସବ୍ୟୁ) :କଟକ ସଦର କୁରାଙ୍ଗପ୍ରଧାନ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସୂର୍ଯ୍ୟ ଗୁରୁକୁଳ, ଗୁଆଳିର ଦୁଇଦିନ ବ୍ୟାପି ବାର୍ଷିକ ମହୋତ୍ସବ ଉଦଯାପିତ ହୋଇଯାଇଛି: ଉଦ୍‌ଯାପନୀ ସନ୍ଧ୍ୟାରେ ଉଦ୍ଘାଟକ ଭାବରେ ଓଡ଼ିଶା ସାହିତ୍ୟ ଏକାଡେମୀର ସହ ସଚିବ ସଞ୍ଜୟ କୁମାର ଛୁଆଳସିଂହ,ମୁଖ୍ୟ ଅତିଥି ଗୁରୁ ଧନେଶ୍ୱର ସ୍ୱାଇଁ,ସମ୍ମାନିତ ଅତିଥି ଗାୟକ ବାଗୀଶ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ,ଗାୟକ ବାଗ୍ମୀ ନାରାୟଣ ମହାରଣା, ଗାୟକ ଗୌରବ ଯୋଗେନ୍ଦ୍ର ମାର୍ଥା, ଇଞ୍ଜିନିୟର ଶ୍ରୀ ସନ୍ୟାସୀ ଜୀ,ସଂସ୍କୃତି ସେବକ ଲକ୍ଷ୍ମୀଧର ବେହେରା,ଚଳଚ୍ଚିତ୍ର ନିର୍ଦ୍ଦେଶକ କେ.ମୁରଲୀ କ୍ରୀଷ୍ଣା,ପ୍ରଦୀପ ଦାଶ,ସମାଜ ସେବୀ ଅଞ୍ଜନ କୁମାର ଜେନା, ଗାୟକ ନିରଞ୍ଜନ ସ୍ୱାଇଁ, ଗାୟକ ମୁରଲୀଧର ପଣ୍ଡା ଯୋଗ ଦେଇଥିଲେ।ପୂର୍ବାହ୍ନରେ ଶ୍ରୀ ଜଗନ୍ନାଥ ପାଲା କଳାକାର ମହାସଂଘ,ଓଡ଼ିଶା ଓ ମା ଉତ୍କଳ ଭାରତୀ ପାଲା ଗାୟିକା ଓ କଳାକାର ପରିଷଦ, ଓଡ଼ିଶାର ମିଳିତ ସହଯୋଗରେ ଏକ ପାଲା କର୍ମଶାଳା ଅନୁଷ୍ଠିତ ହୋଇଥିଲାଛ ଗୁରୁକୁଳର ସର୍ବୋଚ୍ଚ ସମ୍ମାନରେ ଅଧ୍ୟାପକ ଡକ୍ଟର ଅନୁପ ମାର୍ଥାଙ୍କୁ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସ୍ମୃତି ସମ୍ମାନ , ବାଙ୍ଗାଲୋରର ନୃତ୍ୟଗୁରୁ କେ.ଜ୍ୟୋର୍ତିମୟୀ ପଟ୍ଟନାୟକଙ୍କୁ ସୂର୍ଯ୍ୟ ଗୁରୁକୁଳ ସମ୍ମାନ ଓ ଶିଶୁ ପ୍ରତିଭା ଯଶରାଜ ଜେନାଙ୍କୁ ସୂର୍ଯ୍ୟ ଗୁରୁକୁଳ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ କଟକ ଗୁଞ୍ଜନ ଏକାଡେମୀର ଗୁରୁ ମୀରା ଦାସଙ୍କ ପରିଚାଳିତ ଅନୁଷ୍ଠାନ ତରଫରୁ ଛାତ୍ରୀମାନଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ, ସୂର୍ଯ୍ୟ ଗୁରୁକୁଳର ଦଳଗତ ଓଡ଼ିଶୀ ଏବଂ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା।।ଗୁରୁକୁଳ ଅଧ୍ୟକ୍ଷ ହୃଷୀକେଶ ଛୋଟରାୟ ଓ ନିର୍ଦ୍ଦେଶକ ସୌଭାଗ୍ୟ ନାରାୟଣ ଛୋଟରାୟ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗୁରୁକୁଳର ସମ୍ପାଦିକା ଗୁରୁ ସଂଗୀତା ଛୋଟରାୟ ଗୁରୁକୁଳର ଆଭିମୁଖ୍ୟ ବର୍ଣ୍ଣନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

(ଶ୍ରୀମଭଗବଦ୍ ଗୀତା ୧୬/୧୬)
-ଦୈବାସୁରସମ୍ପଦ୍‌ବିଭାଗ-
(ଶ୍ରୀଭଗବାନୁବାଚ )

**ଅନେକଚିତ୍ତବିଭ୍ରାନ୍ତା ମୋହଜାଲସମାବୃତାଃ ।**
**ପ୍ରସକ୍ତାଃ କାମଭୋଗେଷୁ ପତନ୍ତି ନରକେଽଶୁଚୌ ।।୧୬।।**

ମୁଁ ଆଜି ଏହି ଦ୍ରବ୍ୟ ପାଇଲି, ଏହି ବାଞ୍ଛିତ ଦ୍ରବ୍ୟ ଶୀଘ୍ର ପାଇବି, ଏହି ଧନ ମୋର ଅଛି, ଏହା ପୁଣି ବର୍ଦ୍ଧିତ ହେବ, ମୁଁ ଏହି ଶତ୍ରୁକୁ ମାରିଲି, ଅନ୍ୟ ଶତ୍ରୁମାନଙ୍କୁ ମଧ୍ୟ ପରେ ମାରିବି, ମୁଁ ସର୍ବଶକ୍ତିମାନ୍, ମୁଁ ଭୋଗୀ, ମୁଁ ସିଦ୍ଧିଲାଭ କରିଛି, ମୁଁ ବଳବାନ୍ ଓ ସୁଖୀ ଅଟେ, ମୁଁ ଧନଶାଳୀ, ମୁଁ କୁଳୀନ, ମୋ'ପରି ଆଉ କିଏ ଅଛି ? ମୁଁ ଆଉ ଯାଗାଦି ଅନୁଷ୍ଠାନ କରି ଅନ୍ୟମାନଙ୍କ ଅପେକ୍ଷା ଅଧିକ ପ୍ରତିଷ୍ଠା ଲାଭ କରିବି, (ସ୍ତାବକମାନଙ୍କୁ) ଦାନ କରିବି, ଆମୋଦ ପ୍ରମୋଦ କରିବି-ଏହିପରି ଅଜ୍ଞାନ ବିମୋହିତ ହୋଇ ସେମାନେ ବିବିଧ ଅଭିଳଷିତ ବିଷୟରେ ପ୍ରବୃତ୍ତିବଶତଃ ଉଦ୍‌ଭ୍ରାନ୍ତ ଓ ମୋହଜାଳଦ୍ୱାରା ସମ୍ପୂର୍ଣ୍ଣ ବେଷ୍ଟିତ ଏବଂ କାମଭୋଗରେ ଆସକ୍ତ ହୋଇ ମହାକ୍ଲେଶମୟ ନରକରେ ପତିତ ହୁଅନ୍ତି ।। ୧୬।।

# ଓଡ଼ିଆ ଅସ୍ମିତା ଓ ବ୍ୟାସକବି

ପ୍ରାୟ ବର୍ଷକ ତଳେ ଓଡ଼ିଶାରେ କ୍ଷମତାସୀନ ହୋଇଥିବା ରାଜ୍ୟ ସରକାର ଓଡ଼ିଆ ଅସ୍ମିତା କଥାକୁ ସ୍ମରଣ କରାଇଥିଲେ । ଏବେ ତ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ଉପରେ ଗୁରୁତ୍ୱ ଦେବାକୁ ରାଜ୍ୟ ସରକାର ଚାହୁଁଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ଅଞ୍ଚଳକୁ ଗସ୍ତରେ ଯାଇ ଲୋକମାନଙ୍କୁ ଭେଟି ସେମାନଙ୍କ ସହ ଓଡ଼ିଆରେ କଥାବାର୍ତ୍ତା କରି ଫେରି ଆସୁଛନ୍ତି, ତାଙ୍କର ଏହି ଉଦ୍ୟମକୁ ତେଣୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି । ବର୍ଷ ପୂର୍ତ୍ତି ପୂର୍ବରୁ ଓଡ଼ିଆ ଅସ୍ମିତା ପାଇଁ ସେ କେତେକ ପଦକ୍ଷେପ ନେଇଥିବାରୁ ତାଙ୍କୁ ଆମେ ଧନ୍ୟବାଦ ଜଣାଉଛୁଁ । କାରଣ ରାଜ୍ୟରେ କଳା, ସଂସ୍କୃତି ଓ ଐତିହ୍ୟର ବିକାଶ ସକାଶେ ତାଙ୍କ ସରକାର ୨୦୦ କୋଟି ଟଙ୍କାର ଏକ ସ୍ଥାୟୀ ପାଣ୍ଠିର ବ୍ୟବସ୍ଥା କରିଛନ୍ତି । ଓଡ଼ିଆ ସଂସ୍କୃତିକୁ ବିଶେଷ ଦୃଷ୍ଟି ଦେଇ ଭୁବନେଶ୍ୱର ଠାରେ ଏକ ଜାତୀୟ ନାଟ୍ୟ ବିଦ୍ୟାଳୟ (ନେସ୍‌ନାଲ ସ୍କୁଲ ଅଫ୍ ଡ୍ରାମା)ର ଏକ ଶାଖା ମଧ୍ୟ ପ୍ରତିଷ୍ଠା କରିବାକୁ ସେ ପ୍ରତିଶୃତି ଦେଇଛନ୍ତି । ଖ୍ୟାତିସଂପନ୍ନ ବିଶ୍ୱବିଦ୍ୟାଳୟମାନଙ୍କରେ ଓଡ଼ିଆ ଚେଆର ଅବଶ୍ୟ ପ୍ରତିଷ୍ଠା କରାଯାଇଛି । ଆହୁରି କେତେକ ପ୍ରତିଷ୍ଠିତ ଲେଖକଙ୍କ ନାମରେ କୋଲକାତା, ଝାଡଖଣ୍ଡ ପ୍ରଭୃତି ବିଶ୍ୱବିଦ୍ୟାଳୟରେ ଚେଆର ପ୍ରତିଷ୍ଠା କରାଯାଉ । ସ୍ୱର୍ଗୀୟ ସାହିତ୍ୟିକ ଓ ରାଜନେତା ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମ ବାର୍ଷିକକୁ ଚଳିତ ବର୍ଷ ସାରା ରାଜ୍ୟରେ ପାଳନ କରାଯିବାକୁ ଯେଉଁ ପଦକ୍ଷେପ ନିଆଯାଇଛି, ତାହା ଏକ ଉତ୍ତମ ପଦକ୍ଷେପ । ମାତ୍ର ଅନ୍ୟ ବରପୁତ୍ରମାନଙ୍କ

**ସମ୍ପାଦକୀୟ**

କ୍ଷେତ୍ରରେ ସେପରି ବର୍ଷ ବ୍ୟାପୀ ଜୟନ୍ତୀ ବା ପୁଣ୍ୟତିଥି ପାଳନର ଆବଶ୍ୟକତା ରହିଛି । ଭକ୍ତକବି ମଧୁସୂଦନ ରାଓଙ୍କ ରଚିତ 'ବର୍ଣ୍ଣବୋଧ'ର ନୂତନ ସଂସ୍କରଣ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଛି । ଓଡ଼ିଶା ବାହାରେ ରହୁଥିବା ଲକ୍ଷ ଲକ୍ଷ ଓଡ଼ିଆମାନଙ୍କ ନିକଟରେ ସେ ସବୁ ପହଞ୍ଚାଇବାର ଆବଶ୍ୟକତା ରହିଛି । ଓଡ଼ିଶାର ରାଜ୍ୟ ସଙ୍ଗୀତ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ରଚିତ 'ବନ୍ଦେ ଉତ୍କଳ ଜନନୀ'କୁ ଶୁଦ୍ଧ ପଦ୍ଧତିରେ ପରିବେଷଣ କରାଯାଇ ତାହାର କ୍ୟାସେଟ ସବୁକୁ ଓଡ଼ିଶା ବାହାରେ ଥିବା ଓଡ଼ିଆମାନଙ୍କ ନିକଟରେ ପହଞ୍ଚାଇବା ମଧ୍ୟ ଦରକାର ପଡୁଛି ।

ବ୍ୟାସକବି ଫକୀର ମୋହନ ସେନାପତିଙ୍କର ଯଥେଷ୍ଟ ଅବଦାନ ରହିଛି ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ । ସେ ପ୍ରକୃତରେ ଥିଲେ ସଂକ୍ରାନ୍ତି ପୁରୁଷ । ସେ ଜନ୍ମ ହୋଇଥିଲେ ମକର ସଂକ୍ରାନ୍ତିରେ, ୧୮୪୩ ମସିହା ଜାନୁଆରୀ ୧୩ ତାରିଖରେ ଓ ତାଙ୍କର ଦେହାନ୍ତ ହୋଇଥିଲା ୧୯୧୮ ମସିହା ଜୁନ୍ ୧୪ ତାରିଖରେ-ରଜ ସଂକ୍ରାନ୍ତିରେ । ତାଙ୍କର ଜୟନ୍ତୀ ଓ ପୁଣ୍ୟତିଥିକୁ ଓଡ଼ିଆମାନେ ଶ୍ରଦ୍ଧାର ସହିତ ପାଳନ କରିବା ଉଚିତ । ନ'ଅଙ୍କରେ, ଅର୍ଥାତ୍ ୧୮୬୬ ମସିହାରେ ଯେଉଁ ଭୟାବହ ଦୁର୍ଭିକ୍ଷ ଓଡ଼ିଶାରେ ହୋଇଥିଲା ତାହା 'ନଅଙ୍କ ଦୁର୍ଭିକ୍ଷ' ଭାବରେ ପରିଚିତ । ବ୍ୟାସକବି ଫକୀର ମୋହନ ଏ ସଂପର୍କରେ ଲେଖିଥିଲେ, 'ନଅଙ୍କ (ସନ୍୧୮୬୬ ମସିହା) ଏହି ଲୋମହର୍ଷଣ ବ୍ୟାପାର ଘଟିଥିଲା । ସେହି ଭୀଷଣ କାଣ୍ଡ ଆଜିଯାଏଁ ଲୋକେ ଭୁଲି ପାରି ନାହାନ୍ତି । ସେହି ବର୍ଷ ମଧ୍ୟରେ ୩୦ ଲକ୍ଷ ଲୋକ ପ୍ରାଣତ୍ୟାଗ କରିଥିଲେ । ପ୍ରାୟ ଛପଣି ଲୋକଙ୍କ ବଂଶ ଉଚ୍ଛନ୍ନ ହୋଇ ଯାଇଅଛି । ଅନେକ ମୃତ, ଅବଶିଷ୍ଟ ଇତସ୍ତତଃ ହୋଇ ଯାଇ ଅଛନ୍ତି ।... ସେ ସମୟକୁ ମୋହର ବୟସ ୨୩ ବର୍ଷ । ବାଲେଶ୍ୱର ମିସନ ସ୍କୁଲର ପ୍ରଧାନ ଶିକ୍ଷକ ଥିଲି । ...ବାଲେଶ୍ୱର ଜିଲ୍ଲାରେ ଏକ ମାତ୍ର ଫସଲ ଧାନ, ସେହି ଗୋଟିକ ମାତ୍ର ଫସଲ ପ୍ରତି ଲୋକଙ୍କ ଜୀବନ ନିର୍ଭର କରେ । ମୋ' ଘରଠାରୁ ଅର୍ଦ୍ଧମାଇଲ ଦକ୍ଷିଣକୁ ବାଲେଶ୍ୱର ସହରର ଲୋକ ବସତି ଶେଷ ।... ସେହି ସମୟରେ ପୂର୍ବାହ୍ନ ୯ ଘଣ୍ଟା ସମୟରେ ସ୍ନାନ କରି ଖଣ୍ଡିଏ କମ୍ବଳାସନ କାଖରେ ଜାକି ଏକାକୀ ଧାନ ବିଲକୁ ଯାଏଁ, ବିଲ ମଧ୍ୟରେ ଆସନ ପାରି ବସି ଈଶ୍ୱରଙ୍କ ଠାରେ ଲୋକମାନଙ୍କ ରକ୍ଷା ସକାଶେ ପ୍ରାର୍ଥନା କରେଁ ....' । ପ୍ରକୃତରେ କେତେଜଣ ସାହିତ୍ୟିକ ଓ ଲେଖକ ଏପରି କାର୍ଯ୍ୟ କରିଛନ୍ତି ବା କରିପାରିବେ ? ତେଣୁ ବ୍ୟାସକବି ଫକୀର ମୋହନଙ୍କ ତ୍ୟାଗ ଓ ଆଦର୍ଶର ପଟ୍ଟାନ୍ତର ନାହିଁ । ତାଙ୍କର ପୁଣ୍ୟତିଥିରେ ତାଙ୍କୁ ସ୍ମରଣ କରି ଆମେମାନେ ଗର୍ବ ଅନୁଭବ କରୁଛୁଁ ।

## ସଙ୍କଳ୍ପ

**ମିଶୁ ମୋର ଦେହ ଏ ଦେଶ ମାଟିରେ,**
**ଦେଶବାସୀ ଚାଲିଯାଆନ୍ତୁ ପିଠିରେ ।**
**ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼,**
**ପୂରୁ ତହିଁ ପଡ଼ି ,ମୋର ମାଂସ ହାଡ଼ ।**

**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଓଡ଼ିଶାରେ ନରେନ୍ଦ୍ରଙ୍କ ମୋହନ



**ପ୍ରଫେସର କଲ୍ୟାଣ ଘଡେଇ**

ଭାରତର ତୃତୀୟ ଥର ପ୍ରଧାନମନ୍ତ୍ରୀ ହେବା ଅବସରରେ ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶ ଉଦ୍ଦେଶ୍ୟରେ ଏକ ବକ୍ତବ୍ୟ ପ୍ରଦାନ କରିଥିଲେ । ଜୁନ ୮, ୨୦୨୪ ସନ୍ଧ୍ୟାରେ ଦେଇଥିବା ଏହି ବକ୍ତବ୍ୟରେ ମାନନୀୟ ପ୍ରଧାନମନ୍ତ୍ରୀ ବିକାଶର ବିଭିନ୍ନ ବିନ୍ଦୁ ଉପରେ ଦେଶବାସୀ, ନେତା ଓ ବିରୋଧୀ ଦଳଙ୍କୁ ଅବଗତ କରାଇଥିଲେ । ସ୍ୱଚ୍ଛ ସରକାର, କଲ୍ୟାଣକାରୀ ଯୋଜନା, ବୈଷୟିକ ବିଦ୍ୟା, ସମୟାନୁସାର କାମ କରିବା ଓ ନାରୀ ଶକ୍ତିର ଉତ୍ଥାନ ପରି ଅନେକ ବିଷୟରେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଆଜି ଯେତେବେଳେ ଶ୍ରୀଯୁକ୍ତ ମୋହନ ମାଝି ଓଡ଼ିଶାର ନୂଆ ମୁଖ୍ୟମନ୍ତ୍ରୀ ସେହି ସମୟରେ ପ୍ରଧାନମନ୍ତ୍ରୀଙ୍କର ଏହି ଆହ୍ୱାନ ଓଡ଼ିଶା ପାଇଁ ବେଶ ପ୍ରାଚୁର୍ଯ୍ୟ । ମୋହନ ବାବୁ ସରକାର ଉତ୍ତର ପ୍ରଦେଶ ପରି ଓଡ଼ିଶାର ଗର୍ବ,ଗୌରବ ରକ୍ଷା କରିବା ସହିତ ଓଡ଼ିଶାର ଜନସାଧାରଣଙ୍କର ଉନ୍ନତି କରିବ, ଏହା ଏହି ଲେଖାଟିର ଆଶା ।

**ସ୍ୱଚ୍ଛ ସରକାର:** ଦୀର୍ଘ ୧୦ ବର୍ଷ ଶାସନ କାଳ ଭିତରେ ମାନନୀୟ ନରେନ୍ଦ୍ର ମୋଦିଙ୍କର ଶାସନ ଦେଶ ଓ ଦୁନିଆରେ ସୁଶାସନ ଭାବରେ ଖ୍ୟାତି ପାଇ ପାରିଛି । ସରକାର ଦୀର୍ଘଦିନ ରହିଲେ ସ୍ଥାଣୁ ପାଲଟି ଯାଏ, ଲାଞ୍ଛୁଆ ହୋଇଯାଏ ଏବଂ ବ୍ୟବସ୍ଥା ଠିକ୍ ଭାବରେ କାମ କରେନାହିଁ । ନରେନ୍ଦ୍ର ମୋଦିଙ୍କର ମନ୍ତ୍ରିମଣ୍ଡଳ, ପ୍ରଶାସନ ଓ ପ୍ରଶାସନିକ ନୀତିନିୟମ ନିଜକୁ ଲାଞ୍ଚ , ମିଛ ଠାରୁ ଦୂରେଇ ରହିଥିଲେ । ସେ କହିଥିଲେ 'ନା ଖାଇବି ନାଁ ଖାଇବାକୁ ଦେବି' ଦୁର୍ନୀତି ବିରୁଦ୍ଧରେ ତାଙ୍କର ଏହି ବାଣୀ ସେ ସାକାର କରିଛନ୍ତି । ଓଡ଼ିଶାର ନବ ନିର୍ବାଚିତ ମୁଖ୍ୟମନ୍ତ୍ରୀ, ଏକ ସୁଦୃଢ ବ୍ୟକ୍ତିତ୍ୱ । ୨୪ ବର୍ଷ ନବୀନ ସରକାରଙ୍କର ଶାସନରେ ହୋଇଥିବା ଅସନ୍ତୋଷକୁ ଧ୍ୟାନରେ ରଖି ଶ୍ରୀଯୁକ୍ତ ମେହନ ମାଝି ଓଡ଼ିଶାକୁ ଏକ ସୁନ୍ଦର, ସ୍ୱଚ୍ଛ ପାରଦର୍ଶୀ ଶାସନ ଦେବାକୁ ପାଇଁ ଅଣ୍ଟା ଭିଡ଼ିଛନ୍ତି ।

**ଗରିବ କଲ୍ୟାଣ:** ପୃଥିବୀର ଏକ ବୃହତ ଗଣତନ୍ତ୍ର ଭାରତ କୃଷି କ୍ଷେତ୍ରରେ ଅନେକ ଉନ୍ନତି କରିଛନ୍ତି ସତ, କିନ୍ତୁ ଗାଁ ଗହଳିରେ ଏବେବି ଅନେକ ଲୋକ ଗରିବ ହୋଇ ରହୁଛନ୍ତି । ଆନ୍ତର୍ଜାତିକ ଶ୍ରମିକ ସଂଗଠନ (ILO) ଅନୁସାରେ ଓଡ଼ିଶା ଏବେବି ଅନେକ ଦିଗରୁ ପଛରେ ଅଛି । ବିଭିନ୍ନ ଗରିବ କଲ୍ୟାଣକାରୀ ଯୋଜନା ମାଧ୍ୟମରେ ଓଡ଼ିଶା ଆଗେଇ ପାରିବ।

ଏଇ ପରିପ୍ରେକ୍ଷୀରେ ଭାରତ ସରକାର ପ୍ରତି ଘରକୁ ଜଳ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଉଜ୍ଜ୍ୱଳା ଯୋଜନା, ପିଏମ କିଶାନ ପ୍ରଭୃତି ଯୋଜନା ସିଧା ଗରିବଙ୍କର ଉତ୍ଥାନ ପାଇଁ କାର୍ଯ୍ୟରତ । ପ୍ରଧାନମନ୍ତ୍ରୀ ମୋଦିଙ୍କର ଓଡ଼ିଶା ପାଇଁ ଏକ ବିରାଟ ସ୍ୱପ୍ନ ରହିଛି। ବିକଶିତ ଭାରତ ସହ ଓଡ଼ିଶା ବି ବିକଶିତ ହେବ, ଏହି ଆଶା ରଖିବା। ଆମ ନୂଆ ମୁଖ୍ୟମନ୍ତ୍ରୀ ସମାଜରେ ସାଧାରଣ ମଣିଷ ଭାବେ ବଢ଼ିଛନ୍ତି । ସୁଖ, ଦୁଃଖ,ହାନିଲାଭରେ ସେ ଲୋକଙ୍କ ସାଥୀରେ ଅଛନ୍ତି । ତାଙ୍କ ନିଜର ୨୪ ବର୍ଷରେ ଅଭିଜ୍ଞତାକୁ ପାଥେୟ କରି ସେ ଓଡ଼ିଶାର ଗରିବଗୁରୁବାଙ୍କ ପାଇଁ ମୁକ୍ତ ହସ୍ତରେ କାମ କରିବେ ଓ ଓଡ଼ିଶାକୁ ସର୍ବଶ୍ରେଷ୍ଠ ରାଜ୍ୟ ଭାବରେ ପରିଗଣିତ କରାଇବେ ।

**ଜନତା ଓ ସରକାର:** ଗଣତନ୍ତ୍ରରେ ଜନତା ଓ ସରକାରଙ୍କର ଅତୁଟ ସମ୍ପର୍କ । ନିଜର ଆଶା ଭରସା ଦେଇ ଜନତା ସରକାର ଗଢନ୍ତି । ସରକାର ସେଇ ଭରସାକୁ ନେଇ ଜନସାଧାରଣଙ୍କର ସେବା କରନ୍ତି । ଏଥିପାଇଁ ଗଣତନ୍ତ୍ରରେ ସମସ୍ତଙ୍କର ଭାଗିଦାରୀ ଆବଶ୍ୟକ । ଏବେ ସବୁ ଜାଗାରେ ଆମେ ତଳ ସ୍ତରରେ (Bottom up approach) ନେଇ କାମ କଲେଣି। ଏହାର ଫଳାଫଳ ସମାଜ ପାଇଁ ବେଶ ପ୍ରଭାବୀ । ସେଥିପାଇଁ ପ୍ରଧାନମନ୍ତ୍ରୀଙ୍କର ସ୍ଲୋଗାନ ହେଲା 'ସମସ୍ତଙ୍କର ସାଥୀରେ – ସମସ୍ତଙ୍କର ବିଶ୍ୱାସରେ ଓ ସମସ୍ତଙ୍କର ପ୍ରୟାସରେ' ଯୋଜନାର ରୂପରେଖ, ପ୍ରଣୟନ, ରୂପାୟନ ଓ କାର୍ଯ୍ୟାନ୍ୱିତ ହେବା ଆବଶ୍ୟକ । ଏହାଦ୍ୱାରା ଲୋକଙ୍କର ମଙ୍ଗଳ ହେବ । ଜୀବନର ମାନସ୍ତର ବଢିବ । ପ୍ରଧାନମନ୍ତ୍ରୀଙ୍କର ଏହି ମନ୍ତ୍ର ମୋହନ ବାବୁଙ୍କର ମନ୍ତ୍ର ହେବ ଏବଂ ଏହି ମନ୍ତ୍ରର ବଳରେ ଓଡ଼ିଶାର ବିକାଶର ନୂଆ ଅଧ୍ୟାୟ ସୃଷ୍ଟି ହେବ ।

**ବିଜ୍ଞାନ ଓ ବୈଷୟିକ ବିଦ୍ୟା:** ପ୍ରଧାନମନ୍ତ୍ରୀ ହେବା ପରେ ମାନନୀୟ ନରେନ୍ଦ୍ର ମୋଦି ବିଜ୍ଞାନ ଓ ବୈଷୟିକ ବିଦ୍ୟା ଉପରେ ଜୋର ଦେଇଛନ୍ତି । ତାଙ୍କ କାର୍ଯ୍ୟକାଳରେ Digital India, Digital କାରବାର,ସୂଚନାତତ୍ତ୍ୱରେ ଅନେକ ବିକାଶ ଘଟିଛି । କୃଷି, ସ୍ୱାସ୍ଥ୍ୟ, ପରିବେଶ ଓ ସାମାଜିକ ଜୀବନରେ ବି କମ୍ପ୍ୟୁଟର ଓ ସୂଚନା ବିଜ୍ଞାନର ପ୍ରଭାବ ପଡିଛି । ଏବେ ସମସ୍ତଙ୍କର ମୁଠିରେ ଦୁନିଆଁ । ତେଣୁ ପ୍ରଧାନମନ୍ତ୍ରୀଙ୍କର ଆହ୍ୱାନ ହେଲା ଆମେ Technologyରୁ ଦୂରେଇ ହେଇ ପାରିବା ନାହିଁ । ତାକୁ ଅନାଦର ବି କରିବା ନାହିଁ । ଓଡ଼ିଶା ବୈଷୟିକ ଓ ବିଜ୍ଞାନରେ ଅନେକ ଆଗୁଆ । ଓଡ଼ିଶାରେ start up ଓ ଛୋଟ ବ୍ୟବସାୟର ବିକାଶ ବଢୁଛି । ପ୍ରଧାନମନ୍ତ୍ରୀଙ୍କର ସ୍ୱପ୍ନ ସାକାର କରିବାକୁ ହେଲେ ଓଡ଼ିଶାରେ ଆମେ ବୈଷୟିକ ଜ୍ଞାନ, ବିଜ୍ଞାନ, ସୂଚନାତତ୍ତ୍ୱର ପୁରାପୁରି ପ୍ରୟୋଗ କରି ତାର ଲାଭ ଉଠାଇ ପାରିବା। ମୋହନ ବାବୁ ଓଡ଼ିଶା ପାଇଁ ବିଜ୍ଞାନ, ବୈଷୟିକ କ୍ଷେତ୍ରରେ ନବୀକରଣ କରିବେ ଏବଂ ସମାଜ ପାଇଁ ବିଜ୍ଞାନକୁ ଆଗେଇ ନେବେ ।

**ଜଳବାୟୁ ଓ ପରିବେଶ:** ଶପଥ ନେବା ପୂର୍ବରୁ ପ୍ରଧାନମନ୍ତ୍ରୀ ପରିବେଶ ଓ ଜଳବାୟୁ ଉପରେ ଖୁବ୍ ଚିନ୍ତାପ୍ରକଟ କରିଥିଲେ । ଆଜି ଯେଉଁଭଳି ଭାବରେ ଜଳବାୟୁ ପରିବର୍ତ୍ତନ ହେଉଛି, ତାହା ଆମ ଚିନ୍ତାରେ ବାହାରେ । ଅତିବୃଷ୍ଟି, ଅନାବୃଷ୍ଟି, ତାପମାନ ବୃଦ୍ଧି ଯୋଗୁଁ କୃଷି, ବେପାର ଓ ସାମାଜିକ ଜୀବନ ପ୍ରଭାବିତ ହୋଇଛି । ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ବି ଦିନକୁ ଦିନ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଅତି ମାତ୍ରାରେ ଆକ୍ରାନ୍ତ ହୋଇଛି । ଯେଉଁ ଭୁବନେଶ୍ୱରରେ ସକାଳ ଓ ସନ୍ଧ୍ୟାରେ ନିଜର ଶୀତଳ ପବନ ପାଇ ଖ୍ୟାତି ଥିଲା,ସ୍ୱାସ୍ଥ୍ୟକର ପାଣି ପାଇଁ ପ୍ରସିଦ୍ଧ ଥିଲା ତାହା ଆଜି ନିଜେ ଅସ୍ୱାସ୍ଥ୍ୟକର ହୋଇ ପଡ଼ିଛି । ନିଜର ମାଙ୍କର ନାଁ ସ୍ମରଣ କରି ପ୍ରଧାନ ମନ୍ତ୍ରୀ ଦିଲ୍ଲୀରେ ପରିବେଶ ଦିବସ ଦିନ ଏକ ବୃକ୍ଷ ରୋପଣ କଲେ,ଏବଂ ସମସ୍ତ ଭାରତବାସୀଙ୍କୁ ଆହ୍ୱାନ କଲେ ନିଜ ନିଜର ମା'ଙ୍କ ନାଁରେ ବେଶି ନହେଲେ ଗୋଟିଏ ବୃକ୍ଷରୋପଣ କରାଯାଉ । ମାନନୀୟ ମୁଖ୍ୟମନ୍ତ୍ରୀ କେନ୍ଦୁଝରର ପ୍ରାକୃତିକ ବାଣବରଣରୁ ଆସନ୍ତି । ସେ ପ୍ରକୃତିପ୍ରେମୀ । ଓଡ଼ିଶା ଜଳବାୟୁ, ପରିବେଶକୁ ନଷ୍ଟକରି ସେ କୌଣସି କାମ କରିବେ ନାହିଁ । ଜଳବାୟୁ ପରିବର୍ତ୍ତନ, ବୃକ୍ଷ ସଂଖ୍ୟା ଓ ଜଙ୍ଗଲ କ୍ଷୟ ଆମ ପାଇଁ ଏକ ବିରାଟ ଅଭିଶାପ ହୋଇଛି । ଓଡ଼ିଶା ପାଣିପାଗ,ଜଳବାୟୁ, ପରିବେଶ ଓ ପ୍ରାକୃତିକ ସଂପଦକୁ ରକ୍ଷାକରି ଆମେ ବିକାଶ ପାଇଁ ଚିନ୍ତା କରିବା । ଆଶା ମାନନୀୟ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କର ସହ ହାତ ମିଳାଇ ଓଡ଼ିଶାର ପ୍ରକୃତି ଓ ପର୍ଯ୍ୟାବରଣକୁ ସୁସ୍ଥ, ସଂରକ୍ଷିତ ଓ ସତେଜ ରଖିବେ ।

**ବିଶ୍ୱ ଭ୍ରାତୃତ୍ୱ ଓ ବିଶ୍ୱବନ୍ଧୁ:** ଦୀର୍ଘ ୧୦ ବର୍ଷ ଶାସନ କାଳରେ ପ୍ରଧାନ ମନ୍ତ୍ରୀ ମୋଦି ପୃଥିବୀର ଅଧିକାଂଶ ଦେଶ ବୁଲି ଭାରତର ଗୁଣଗାନ କରିଛନ୍ତି । ଭାରତର ସଂସ୍କୃତି, ଗୌରବ, କୃଷି ଓ ବିଜ୍ଞାନ ସବୁ ଦେଶରେ ଆଦାନ ପ୍ରଦାନ ହୋଇଛି। ବିଶ୍ୱମଣ୍ଡଳୀ ଭାରତକୁ ଏକ ସର୍ବଶ୍ରେଷ୍ଠ ଦେଶ ଭାବରେ ସ୍ୱୀକାର କରିଛନ୍ତି । ରାଜନୀତି, କୁଟ ନୀତି ଓ ଅନ୍ୟାନ୍ୟ କ୍ଷେତ୍ରରେ ଭାରତ ନିଜର ପ୍ରଭାବ ବିସ୍ତାର କରିଛି । ପୃଥିବୀର ଅନେକ ଦେଶର ଆମଟଙ୍କା ଚାଲୁଛି । ଭାରତରେ ହୋଇଥିବା ଜି-୨୦ ସମ୍ମିଳନୀରେ ଭାରତ ନିଜର ପରିଚୟ, ଗୁଣ,ଗାରିମା ସବୁ ରାଷ୍ଟ୍ର ପ୍ରତିନିଧିଙ୍କ ସାମ୍ନାରେ ବାଣ୍ଟିଛି । ଜି-୨୦ ର ସମସ୍ତ ନେତା, ଅଧିକାରୀ ଆମ ସଂସ୍କୃତି, ଖାଦ୍ୟ ଓ ଅତିଥି ସେବାରେ ମୁଗ୍ଧ ହୋଇଛନ୍ତି । ଜଣେ ନରେନ୍ଦ୍ର (ସ୍ୱାମୀ ବିବେକାନନ୍ଦ) ବିଶ୍ୱବିଜୟୀ ହୋଇଥିଲେ ମଧ୍ୟ ଆଉ ଜଣେ ନରେନ୍ଦ୍ର ସମସ୍ତଙ୍କୁ ବନ୍ଧୁ ଭାବରେ ବାନ୍ଧିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ବାବୁ ସଂଘର ଜଣେ ଦକ୍ଷ କାର୍ଯ୍ୟକର୍ତ୍ତା । ସେ ଆମ ରାଜ୍ୟର ସୁରକ୍ଷା ଓ ପଡ଼ୋଶୀ ରାଜ୍ୟ ସହ ସୁସମ୍ପର୍କ ରଖିବେ । ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ପ୍ରଭୃତି ପ୍ରଦେଶ ସହ ଉପଯୁକ୍ତ ସମ୍ପର୍କ ରଖି ଆମକୁ ଆଗେଇବାକୁ ହେବ । ଏଥିପାଇଁ ଆମକୁ ପ୍ରଧାନମନ୍ତ୍ରୀଙ୍କର ଆହ୍ୱାନକୁ ସ୍ୱୀକାର କରିବାକୁ । ନୀତି ଓ କାର୍ଯ୍ୟଶୈଳୀର ସାମଞ୍ଜସ୍ୟ ରଖି କାମ କରିବାକୁ ହେବ ।

**ଭିତ୍ତିଭୂମି ବିସ୍ତାର ଓ ଶିଳ୍ପ:** ପ୍ରଧାନମନ୍ତ୍ରୀ ମୋଦି ତାଙ୍କ କାର୍ଯ୍ୟକାଳରେ ଶିଳ୍ପର ବିକାଶ ପାଇଁ ମନ, ଧନ ଓ ନୀତିର ବ୍ୟବସ୍ଥା କରିଥିଲେ । ତାଙ୍କର ଅସୀମ ଦକ୍ଷତା ଯୋଗୁଁ ଭାରତରେ ଖାଦ୍ୟ ପକ୍ରିୟାକରଣ, ମହାକାଶଯାତ୍ରା (space) ଗବେଷଣା, କୃତ୍ରିମ ବୁଦ୍ଧିମତା (AI)ର ବିକାଶର ଧାରା ଆସିଛି । ଭାରତରେ Make in Indiaର ପ୍ରୟୋଗ ସଂଫଳ ହୋଇଛି । ଘରୋଇ ଓ କୁଟିର ଶିଳ୍ପର ଉନ୍ନତି ପାଇଁ ଶ୍ରୀଯୁକ୍ତ ମୋଦିଙ୍କରଠ Vocal for Local ସ୍ଲୋଗାନ ବେଶ ଚର୍ଚ୍ଚିତ । ଓଡ଼ିଶାର କୃଷି, ଶିଳ୍ପ, ବାଣିଜ୍ୟ, ସଂସ୍କୃତିକୁ ନେଇ ଆମେ ବି Business hub ଓ Manufacturing hub କରିପାରିବା । ଆମେ କଳିଙ୍ଗ ବୀର ଖାରବେଳର ବଂଶଧର । ମୁଖ୍ୟମନ୍ତ୍ରୀ ମୋହନ ବାବୁ ସେଇ ବଂଶଧରର ପୁତ୍ର । ଓଡ଼ିଶାର ଟେକ ରଖିବା ପାଇଁ ସିଏ ପଛେଇବେ ନାହିଁ । ଭାରତ ସରକାରର ସବୁ ପ୍ରକାର ପ୍ରକଳ୍ପ, ଓଡ଼ିଶାରେ କାର୍ଯ୍ୟକାରୀ ହେବ ଏବଂ ଓଡ଼ିଆ ଆଗେଇବାର ରାସ୍ତା ଖୋଲିହେବ ।

**ସମୟକୁ ସମ୍ମାନ:** ୨୦୨୪ରେ ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ସମୟକୁ ଧ୍ୟାନରେ ରଖିବାକୁ କହିଥିଲେ । ସତରେ ସମୟ ବଳବାନ। ଆମେ ସମସ୍ତଙ୍କୁ ସମୟ ଅନୁସାରେ କାମ କରିବାକୁ ହେବ। ଆମଆଗରେ ଅନେକ ସମସ୍ୟା ରହିଛି ଓ ଅବସର ବି ରହିଛି । ସମାଜର ବିଭିନ୍ନ କ୍ଷେତ୍ରରେ ଢାଞ୍ଚାଗତ ଓ କର୍ମଶୈଳୀରେ ପରିବର୍ତ୍ତନ ଆସିଛି । ସେଇ ଅନୁସାରେ ଆମରି ବିଚାର, ଭାବ, ଶିକ୍ଷା, ସଂସ୍କୃତିକୁ ସାଥୀରେ ନେଇ ବିଜ୍ଞାନ, ବୈଷୟିକ, ଶିଳ୍ପ ଓ ମତ୍ସ୍ୟ ବିକାଶ କ୍ଷେତ୍ରରେ କାମ କରିବାକୁ ହେବ । ସ୍ୱାମୀ ବିବେକାନନ୍ଦ କହୁଥିଲେ ଆମକୁ 'ପରା' ବିଦ୍ୟା ଓ 'ଅପରା' ବିଦ୍ୟା ଉଭୟ ଦରକାର । ଓଡ଼ିଶାର ଅନେକ ଶିକ୍ଷିତ ଯୁବପିଢି ଅଛନ୍ତି । ସେମାନଙ୍କର ନିୟୋଜନ, ଅର୍ଥଧାନର ବ୍ୟବସ୍ଥା ନୂଆ ବିକାଶ ନୀତିରେ ସ୍ଥାନ ପାଇବ, ଏହା ଆଶା କରିବା । ବିଜ୍ଞାନ, କାରିଗରୀ, ଶିଳ୍ପ, କମ୍ପ୍ୟୁଟର, ଓ AI (କୃତିମ ବୁଦ୍ଧିମତା) ଜଳବାୟୁ ପରିବର୍ତ୍ତନ, ସବୁଜ ଶକ୍ତି (Green energy) ପ୍ରଭୃତି ବିଷୟ ଉପରେ ଓଡ଼ିଶାର ବୁଦ୍ଧିଜୀବିକୁ ନେଇ କାମ କରିବାକୁ ହେବ । ଏହାହିଁ ଏଇ ସମୟର ଆହ୍ୱାନ । ମୁଖ୍ୟମନ୍ତ୍ରୀ ମୋହନ ବାବୁଙ୍କର ଏ ପ୍ରତି ଦୃଷ୍ଟି ନିଶ୍ଚୟ ରହିବ ।

**ସ୍ତ୍ରୀ ଶକ୍ତି ଆଧାରିତ ବିକାଶ:** ଘର ହେଉ ବା ପରିବାର ସବୁରି ମୂଳରେ ନାରୀଶକ୍ତିର ଉତ୍ସ କାମ କରେ । ସନ୍ତାନ ପରି ସଂଗଠନ, ଜାତି ବା ପ୍ରଦେଶକୁ ଏକ ମାତୃଶକ୍ତି ସୁଧାର କରିପାରିବ ଏହାହିଁ ବିଶ୍ୱାସ । ପ୍ରାଚୀନ ଗ୍ରନ୍ଥ, ପରମ୍ପରା ବେଦ, ବେଦାନ୍ତ, ଉପନିଷଦରେ ମାତୃଶକ୍ତିର ପରାକାଷ୍ଠାକୁ ବର୍ଣ୍ଣିତ କରାଯାଇଛି । ନାରୀଶକ୍ତିର କାର୍ଯ୍ୟକଳାପ ଓ ଅବଦାନ ସବୁ ସମୟରେ ଆମେ ଦେଖିଆସିଛୁଁ । କଥାରେ ଅଛି, ଯେଉଁଠି ନାରୀଜାତିର ସମ୍ମାନ ହୁଏ, ସେ ସମାଜ ସମୃଦ୍ଧି ସଂପନ୍ନ ଓ ବଳିଷ୍ଠ । ରାମକୃଷ୍ଣ ପରମହଂସ ମା' ସାରଦାଙ୍କୁ ଶ୍ରଦ୍ଧାରେ ପୂଜା କରୁଥିଲେ । ଏଇ ପରିପ୍ରେକ୍ଷୀରେ ମାନନୀୟ ନରେନ୍ଦ୍ର ମୋଦିଙ୍କର ପଦକ୍ଷେପ ଉଲ୍ଲେଖନୀୟ । 'ନାରୀଶକ୍ତି ବନ୍ଦନ' ପ୍ରକଳ୍ପ ମାଧ୍ୟମରେ ସେ ଭାରତର ନାରୀଶକ୍ତିର ଉତ୍ଥାନ ପାଇଁ ହାତ ଉଠାଇଛନ୍ତି। ଓଡ଼ିଶାରେ ବି ମୋହନ ବାବୁଙ୍କର ଏଥିପାଇଁ ଆଗ୍ରହ ରହିଛି । ଗାଁ ଗହଳିର ସ୍ତ୍ରୀମାନଙ୍କୁ ଶିକ୍ଷା, ରୋଜଗାର ସହିତ ସେମାନଙ୍କ ସୁରକ୍ଷା ବ୍ୟବସ୍ଥା ସେ କରୁଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କର ବାଣୀ, ବିଚାର ଓ କାର୍ଯ୍ୟଦ୍ୱାରା ନାରୀ ଜାତିର ସମ୍ମାନ କରିବେ ବୋଲି ଆମର ଆଶା।

**ଓଡ଼ିଶା ପର୍ଯ୍ୟଟନ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଭାଷଣରେ ପର୍ଯ୍ୟଟନ ଭିତ୍ତିଭୂମି, ପର୍ଯ୍ୟଟନ ପ୍ରଚାର ଓ ପ୍ରସାର ପାଇଁ ରାଷ୍ଟ୍ରପତି ଭବନରେ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ପ୍ରଧାନମନ୍ତ୍ରୀ ଭାବେ ସେ ପର୍ଯ୍ୟଟନ ଶିଳ୍ପକୁ ଦୂରଗାମୀ, ସୁଦୂରପ୍ରସାରୀ କରାଇବେ ବୋଲି ଆଶା କରିଥିଲେ । ଭାରତବର୍ଷ ପରି ଓଡ଼ିଶା ଆମର ଉତ୍କଳଜନନୀ । କାନ୍ତକବି କହିଛନ୍ତି 'ସେ ଚାରୁହାସମୟୀ' । ଓଡ଼ିଶାର ବନ, ପାହାଡ, ଝରଣା, ମାଟି, ପାଣି, ଦେବାବେବୀଙ୍କୁ ନେଇ ଓଡ଼ିଶା ସଂସ୍କୃତି । ଘଟ ଗାଁ ତାରିଣୀ ଠାରୁ ମା' ଭଗବତୀ, ମା' ମଙ୍ଗଳା, ମା' ସମଲେଇ ପ୍ରଭୃତି ଚିଲିକା ଠାରୁ ପାରଦୀପର ଭୌଗଳିକ ଓ ଆଧ୍ୟାତ୍ମିକ ବନ୍ଧନ ଏଇ ଓଡ଼ିଶା ମା'ର ଏକ ବିରାଟ ସ୍ୱରୂପକୁ ଆଙ୍କିଦିଏ । ଜଗନ୍ନାଥଙ୍କର ରଥ, ଶ୍ରୀକ୍ଷେତ୍ରର ମଠ ଓ ପ୍ରସାଦର ବ୍ୟବସ୍ଥା ଓଡ଼ିଆ ଜାତିର ସାଂସ୍କୃତିକ ଓ ଅର୍ଥନୀତିକୁ ସୁଦୃଢ କରି ପାରିଛି । ଏହି ଉତ୍କଳ ବିଭବକୁ ଆମକୁ ଜଗତ ସାମ୍ନାରେ ଛିଡା କରାଇବାକୁ ହେବ ହେବ । ପର୍ଯ୍ୟଟନ ଶିଳ୍ପ,ମାନବ ସଂସାଧନ ବିକାଶ ଓ ପ୍ରସାର ପାଇଁ ମୋହନ ବାବୁ ମହାନ କାର୍ଯ୍ୟ କରି ସମସ୍ତଙ୍କୁ ବି ମୋହିତ କରିବେ । ଏକ ଓଡ଼ିଶା , ସୁଦୃଢ଼ ଓଡ଼ିଶା, ଏବଂ ବିକାଶିତ ଓଡ଼ିଶା ହେବ । ଏହି ବିକାଶ ମାନନୀୟ ମୁଖ୍ୟମନ୍ତ୍ରୀଙ୍କର ଅନୁଭବ, ଅଭିମାନ, ଅଭିପ୍ରାୟସରୁ ପ୍ରତୀତ ହୁଏ ।

**କୃଷି ପ୍ରସାର ଶିକ୍ଷା ବିଭାଗ,କୃଷି ବିଜ୍ଞାନ ସଂସ୍ଥାନ,ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ, ବାରଣାସୀ,ମୋ-୯୪୧୫୪୪୭୬୯୪**

# ମାଟି ମାଆର ପୂଜା ରଜ



**ଦିଲ୍ଲୀପ ଶତପଥୀ**

ଗ୍ରୀଷ୍ମର ବିଦାୟ ଏବଂ ବର୍ଷାର ଆଗମନରେ ଭିଜାମାଟିର ବାସ୍ନା ନେଇ ଆସେ ଓଡ଼ିଶାର ଗଣ ପର୍ବ ରଜ । ସତେ ଯେମିତି ଏହା ଧରିତ୍ରୀ ମାତା ଓ ମୈସୁମୀର ମିଳନର ପର୍ବ । ସାରା ବିଶ୍ୱରେ ପ୍ରକୃତିକୁ ନେଇ ଏମିତି ବହୁତ ପର୍ବ ପର୍ବାଣି ଅଛି ହେଲେ ରଜ ପର୍ବର ପରିକଳ୍ପନା ହୁଏତ ଅନ୍ୟତ୍ର ନଥିବ । ପ୍ରକୃତି ସୃଷ୍ଟି କରିଛି ବର୍ଷା ଆଉ ବର୍ଷାକୁ ସ୍ୱାଗତ କରି ସୃଷ୍ଟି ହୋଇଛି ରଜ ପର୍ବ ।

ରଜ ଓଡ଼ିଶାର ଏକ ପାରମ୍ପରିକ ଗଣ ପର୍ବ । ତିନି ଦିନର ରଜ ପର୍ବ ମୁଖ୍ୟତଃ ଚାରି ଦିନ ଧରି ପାଳନ ହୁଏ । ରଜର ପୂର୍ବ ଦିନକୁ ସଜବାଜ ଓ ପ୍ରଥମ ଦିନକୁ 'ପହିଲି ରଜ' , ମଝି ଦିନକୁ 'ରଜ ସଂକ୍ରାନ୍ତି' ଓ ଶେଷ ଦିନକୁ 'ଶେଷ ରଜ' କୁହାଯାଏ । ଏହାର ଦ୍ୱିତୀୟ ଦିନରେ ମିଥୁନ ମାସର ଆରମ୍ଭ ଓ ଏହା ପରେ ବର୍ଷା ଋତୁର ଆରମ୍ଭ ହୁଏ ଏବଂ ବସୁମତୀ ସ୍ନାନ ହେଉଛି ରଜପର୍ବର ଅନ୍ତିମ ଦିବସ । ଏହା ବସୁଧାମାତାଙ୍କ ଶୁଦ୍ଧ ସ୍ନାନ । ଏହା ଧରାସ୍ନାନ, ମହାଲକ୍ଷ୍ମୀ ସ୍ନାନ, ମହାଲକ୍ଷ୍ମୀ ଗାଧୁଆ ଓ ଶୁଦ୍ଧ ସ୍ନାନ ରୂପେ ବିଦିତ ।

ଆଷାଢ ମାସ ଚତୁର୍ମାସ୍ୟା ବ୍ରତର ଆଦ୍ୟ ମାସ । ଏ ଚାରି ମାସ ମୁନି ଋଷି ଓ ପରିବ୍ରାଜକମାନେ ସେମାନଙ୍କ ପରିଭ୍ରମଣ ତ୍ୟାଗ କରି ଏକସ୍ଥାନରେ ନିବିଷ୍ଟ ହୋଇ ସାଧନା କରିଥା'ନ୍ତି । ଏହି ମାସକୁ ଦାମ୍ପତ୍ୟ ଜୀବନର ସର୍ବଶ୍ରେଷ୍ଠ ସମ୍ଭୋଗର ମାସ ବୋଲି ଗ୍ରହଣ କରାଯାଏ । ବିରହ, ବିଧୂର ଯକ୍ଷର ପ୍ରିୟା ଉଦ୍ଦେଶ୍ୟରେ ମେଘ ମାଧମରେ ପ୍ରେରିତ ବାର୍ତ୍ତାକୁ ନେଇ ମହାକବି କାଳିଦାସଙ୍କ ରଚିତ ମେଘଦୂତ ମହାକାବ୍ୟ ଏକ ଅନବଦ୍ୟ ସାଂସ୍କୃତିକ ବୌଦ୍ଧିକ ପ୍ରତିଲିପି ଓ ଇତିକଥା । ରୌଦ୍ର ତାପରେ ଦଗ୍ଧ ହେଉଥିବା ଧରିତ୍ରୀ ମା' ପ୍ରାକ୍ ମୈସୁମୀର ପହିଲି ସ୍ପର୍ଶରେ ଲଜ୍ଜାଶୀଳା ବା ରଜସ୍ୱଳା ହୁଏ । ରଜସ୍ୱଳା ନାରୀ ୪ ଦିନ ଅଛୁଆଁ ରହିଲା ପରି ମାଟି ମା' ବସୁଧା ମାତାକୁ ଅକ୍ଷତ ଓ ଅସ୍ପୃଶ୍ୟ ରଖାଯାଏ । ସେଥିପାଇଁ ଏହି ଚାରିଦିନରେ କୌଣସି କୃଷି କାର୍ଯ୍ୟ ବା ହଳ ଲଙ୍ଗଳ କାମ ହୁଏ ନାହିଁ କିମ୍ବା ଧରିତ୍ରୀ ମାତାଙ୍କୁ ଖାଲି ପାଦରେ ସ୍ପର୍ଶ କରାଯାଏ ନାହିଁ । କୃଷିପ୍ରଧାନ ଦେଶ ଭାବେ ଖ୍ୟାତି ଲାଭ କରିଥିବା ଆମ ଦେଶରେ ମାଟି ମା' ବହୁ କିସମର ଫସଲ ଫଳାଇ ଆମକୁ ବଞ୍ଚିବା ଓ ବଢିବାରେ ସହାୟକ ହୋଇଥାଏ । ତେଣୁ ରଜ ପର୍ବ ମଧ୍ୟ ଏକ କୃଷଭିତ୍ତିକ ପର୍ବ । ମା'ଟିଏ ଯେମିତି ପ୍ରଜନନ ପୂର୍ବରୁ ବିଶ୍ରାମ ଆବଶ୍ୟକ କରେ, ସେମିତି ପ୍ରଜନନକ୍ଷମ ହେବାକୁ ଯାଉଥିବା ମାଟି ମା'କୁ ରଜ ତିନିଦିନ ବିଶ୍ରାମ ଦିଆଯାଏ ବୋଲି ବିଶ୍ୱାସ ଅଛି । ମାତୃଜାତି ମଧ୍ୟରେ ଉତ୍ସାହ, ଉନ୍ମାଦନା ଓ ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ପାଳନ କରାଯାଇଥାଏ ରଜପର୍ବ ।

କୁମାରୀମାନଙ୍କ ପାଇଁ ରଜପର୍ବ ହେଉଛି ଏକ ଶିକ୍ଷା ପ୍ରଦାୟକ ପର୍ବ । ପହିଲି ରଜର, ବଡ଼ି ଭୋରୁ ଉଠି ଏମାନେ ପାଦରେ ଅଳତା, ମଥାରେ କୁଙ୍କୁମ, ଓ ହାତରେ ମେହେନ୍ଦୀ ଆଦି ବିଭିନ୍ନ ଚିତ୍ର ଅଙ୍କନ କରି ନୂତନ ବସ୍ତ୍ରରେ ସଜବାଜ ହୁଅନ୍ତି ଓ ରଜ ଦୋଳି ଖେଳନ୍ତି । କୁମାରୀମାନେ ରଜପର୍ବର ମଉଜ ଭିତରେ ଜଣେ ନାରୀର ଚଳଣି, ଆଚାରସଂହିତାକୁ ବିଧିଭାବେ ପାଳିଥାଆନ୍ତି ଏବଂ ଭବିଷ୍ୟତରେ ଯେତେବେଳେ ଝିଅଟିଏ ନାରୀଭୂମିକାରେ ଅବତୀର୍ଣ୍ଣ ହୋଇ ନିଜ କର୍ତ୍ତବ୍ୟ ସମ୍ପାଦନ କରେ, ଏହି ଆଚାରସଂହିତା ତାକୁ ସହାୟକ ହୋଇଥାଏ । ରଜ ତିନିଦିନ ଧରି ରଜସ୍ୱଳା ନାରୀଭାବେ ଧରଣୀମାତାକୁ କଷ୍ଟ ନ ଦେଇ ଭୂମି କର୍ଷଣ ନ କରି ବିଶ୍ରାମ ଦେଲାଭଳି କଟା, ବଟା ଆଦି ଗୃହକର୍ମ ନ କରି କୁମାରୀମାନେ ବିଶ୍ରାମ ନିଅନ୍ତି ।

ଅବିବାହିତା ଝିଅଙ୍କ ପାଇଁ ଗର୍ଭଧାରଣ କ୍ଷମତା ପ୍ରାପ୍ତିର ଏକ ସାଙ୍କେତିକ ପର୍ବ ହେଉଛି ରଜ । ରଜପର୍ବର ବିଧିବିଧାନକୁ ସେମାନେ ନିଜେ ପାଳନ କରିବା ସଙ୍ଗେ ସଙ୍ଗେ ଜଣେ ମାତାର କର୍ତ୍ତବ୍ୟକୁ ସୁଚାରୁରୂପେ ତୁଲାଇଥାନ୍ତି ଏବଂ ଭବିଷ୍ୟତରେ ନିଜ ଝିଅମାନଙ୍କୁ ସ୍ୱଅନୁଭୂତିରୁ ଶିଖି ସଂସାର ନିୟମ ଶିଖାଇଥାନ୍ତି ।

ରଜ ପର୍ବ ହେଉଛି ଏକ ଗଣ ପର୍ବ । ଏହା ପ୍ରତ୍ୟେକ ଓଡିଆଙ୍କ ଲୋକ କଥା ଓ ସଂସ୍କୃତିର ପରିଚୟ । ଆବାହମାନ କାଳରୁ ଛୁଆଁ ଅଛୁଆଁ, ସବର୍ଣ୍ଣ ଅସବର୍ଣ୍ଣ ,ଦଳିତ ବନବାସୀର ବନ୍ଧନକୁ ଭାଙ୍ଗି ରଜ ପର୍ବ ସବୁ ଓଡ଼ିଆଙ୍କୁ ଏକ ସୂତ୍ରରେ ବାନ୍ଧି ଗାଁ ଗାଁ ରେ ସାମାଜିକ ଏକତାର ପରିଚୟ ସୃଷ୍ଟି କରିଛି । ନାରୀ ସମ୍ମାନ, ସଶକ୍ତିକରଣ ଓ ସ୍ୱାଧୀନତାର ପର୍ବ ଭାବେ ଏହା ପ୍ରତ୍ୟେକ ଓଡ଼ିଆଣୀଙ୍କ ସବୁଠୁ ଅପେକ୍ଷିତ ପର୍ବ କହିଲେ ଚଳେ । ମାତୃଜାତି ମଧ୍ୟରେ ଉତ୍ସାହ, ଉନ୍ମାଦନା ଓ ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ପାଳନ କରାଯାଇଥାଏ ଏହି ରଜ ପର୍ବ ।

ଭାରତୀୟ ସଭ୍ୟତା ଓ ସଂସ୍କୃତି ସର୍ବଦା ନାରୀମାନଙ୍କୁ ଉଚ୍ଚ ଆସନ ଦେଇଆସିଛି । ଭାରତୀୟ ସଂସ୍କୃତି ଓ ସଭ୍ୟତାର ଉଷାକାଳ କୁହାଯାଉଥିବା ପ୍ରାକ୍ ଐତିହାସିକ ଯୁଗରୁ ଆରମ୍ଭ କରି ଆଧୁନିକ ଯୁଗ ପର୍ଯ୍ୟନ୍ତ ବି ନାରୀମାନେ ସମ୍ମାନର ଉଚ୍ଚରେ ହିଁ ଅଛନ୍ତି ।

ଋକ୍ ବେଦ ଅନୁଯାୟୀ :-'ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ ତଥ୍ୟ ରମନ୍ତେ ଦେବତା' ।

ଅର୍ଥାତ୍:- ଯେଉଁଠି ନାରୀମାନଙ୍କୁ ପୂଜା କରାଯାଏ ସେଠି ଦେବତାମାନେ ବିଚରଣ କରନ୍ତି । ଶାସ୍ତ୍ରରେ ନାରୀମାନଙ୍କୁ ସପ୍ତ ସଦ୍ ଗୁଣରେ ଅଧିକାରିଣୀ ବୋଲି କୁହାଯାଇଛି, ଯଥା- ସତ୍ୟ, ପ୍ରେମ, ଧର୍ମ, ଶାନ୍ତି, ସହନ, ଆନନ୍ଦ ଓ ସହାନୁଭୂତି ।

ନାରୀ ମାନଙ୍କୁ ଅଷ୍ଟୈଶ୍ୱର୍ଯ୍ୟ ସ୍ୱରୂପିଣୀ ବୋଲି ମଧ୍ୟ କୁହାଯାଇଛି । ସେଥିପାଇଁ ଆମ ସଂସ୍କୃତିରେ ପିତା, ଗୁରୁ ଓ ଭଗବାନଙ୍କ ଅପେକ୍ଷା ମାତାକୁ ସର୍ବୋଚ୍ଚ ସ୍ଥାନ ଦିଆଯାଇଛି ।

ଏହି ପର୍ବ ମାତୃଶକ୍ତି ଉପାସନା ପାଇଁ ଉଦ୍ଦିଷ୍ଟ । ରଜ ସମୟରେ ଓଡ଼ିଶାର ବିଭିନ୍ନ ଶକ୍ତିପୀଠରେ ପୂଜା ଅର୍ଚ୍ଚନା କରି ଦେବୀ ଆରାଧନା ମଧ୍ୟ କରାଯାଏ ।

ରଜ ଉତ୍ସବ ଓଡ଼ିଶାର ଏକ ନିଆରା ଉତ୍ସବ । ଆମର ଖାଣ୍ଟି ଓଡ଼ିଆ ପର୍ବ ଗୁଡିକ ମଧ୍ୟରୁ ଗୋଟିଏ ହେଉଛି ରଜ । ରଜ ହେଉଛି ସେହି ମାତୃକୈନ୍ଦ୍ରିକ ଜୀବନ ଧାରଣ ଶୈଳୀର ଗୋଟେ ଉଦାହରଣ । ଧରଣୀ ମା' ଠାରୁ ଖାଦ୍ୟ ଶସ୍ୟ ଉତ୍ପାଦନ ନାରୀର ପ୍ରଜନନ ପ୍ରକ୍ରିୟା ସହିତ ତୁଳନୀୟ । ଗର୍ଭବତୀ ହେବା ପୂର୍ବରୁ ନାରୀ ଥାଏ ରଜସ୍ୱଳା । ଆମେ ସମସ୍ତେ ଜାଣିଛୁ କି , ରଜପର୍ବ ଏକ ରଜସ୍ୱଳା ନାରୀର କଷ୍ଟ ଏବଂ ମହତ୍ତ୍ୱକୁ ପ୍ରତିଫଳନ କରେ । ରଜ ପର୍ବର ଏହି ଚାରି ଦିନ ଭୂଦେବୀ (ମା ଧରିତ୍ରୀ ନାରୀର ଏକ ପ୍ରତୀକାତ୍ମକ ରୂପ ) ରଜସ୍ୱଳା ହୁଅନ୍ତି । ସେଥିପାଇଁ ଏହି ସମୟରେ କୌଣସି କୃଷି କିମ୍ବା ଭୂମି ଖନନ ସମ୍ବନ୍ଧୀୟ କାର୍ଯ୍ୟ କରିବାକୁ ବାରଣ କରାଯାଏ । କାରଣ ତାହା ରଜସ୍ୱଳା ଭୂଦେବୀଙ୍କର କଷ୍ଟ ବୃଦ୍ଧି କରିବ । ଏପରିକି ଗଛରୁ ଫୁଲ ତୋଳିବା,ଘରେ ରୋଷଇ କରିବା ଏବଂ ପାଦରେ ଚପଲ ପିନ୍ଧିବା ମଧ୍ୟ ମନା ହୋଇଥାଏ । ସଜବାଜ ଦିନର ପୋଡ଼ ପିଠା (ତିନି ଦିନ ପର୍ଯ୍ୟନ୍ତ ଖରାପ ହୁଏ ନାହିଁ), ଅନ୍ୟାନ୍ୟ ପିଠା ପଣା, ଫଳ ପଣସ, ଆମ୍ବ, କଦଳୀ, ସପୁରି, ପିଜୁଳି ଇତ୍ୟାଦି ଭୋଜନ କରାଯାଏ । ମହିଳାମାନେ ଚୁଲି ଲଗାନ୍ତି ନାହିଁ । ନୂତନ ବସ୍ତ୍ର ପରିଧାନ କରି, ପ୍ରସାଧନ ସାମଗ୍ରୀରେ ସଜେଇ ହୋଇ ଘର ଘର ବୁଲି ରଜ ପାନ ଖାଆନ୍ତି, ରଜ ଦୋଳି ଖେଳନ୍ତି, ଘରେ ଘରେ ତାସ, ଲୁଡୁ ଇତ୍ୟାଦି ଖେଳ ହୁଏ ।

ଗାଁ ଦାଣ୍ଡରେ କବାଡି ଖେଳରେ ଗାଁ ଦୁଲୁକୁ ଥାଏ । ତିନି ରଜ ର ପରିସମାପ୍ତିରେ ରଜ ପର ଦିନ ବଡ଼ି ସକାଳୁ ଶିଳପୁଆରେ ହଳଦୀ କନା ଗୁଡ଼ାଇ ସିନ୍ଦୂର,କଜଳ ଦେଇ ଧରଣୀ ମାତାଙ୍କ ସ୍ୱରୂପ ସଜାଇ ପିଢ଼ା ଉପରେ ସ୍ଥାପନା କରି କଳସ , ଆମ୍ବଡ଼ାଳ ରଖି କ୍ଷୀର ଦେଇ ସ୍ନାନ କରାଯାଏ । ମାସିକ ଧର୍ମର ବିଧି ଅନୁଯାୟୀ ଧରଣୀ ମାତା ତିନିଦିନ ବିଶ୍ରାମ ପରେ ସ୍ନାନ କରି ଶୁଦ୍ଧ ପବିତ୍ର ହୋଇଯାଆନ୍ତି ।

ରଜସ୍ୱଳା ନାରୀ ସଦୃଶ ତିନିଦିନ ଅସ୍ପୃଶ୍ୟ ହୋଇ ରହିବାପରେ ଚତୁର୍ଥ ଦିନ ପ୍ରାତଃ କାଳରେ ଏହି ଶୁଦ୍ଧ ସ୍ନାନ ପର୍ବ । ବଡ଼ ଅଦ୍ଭୁତ ଏ ଗଣ ପର୍ବ, ମାଆକୁ ସମ୍ମାନ, ମାଟିକୁ ସମ୍ମାନ, କୃଷିକୁ ସମ୍ମାନ, କୃଷକକୁ ସମ୍ମାନ ପରିଶେଷରେ ଖାଦ୍ୟକୁ ସମ୍ମାନ ସହ ଭାଇଚାରା,ଖେଳ, ମିଳନର ପର୍ବ । ସତରେ ମହାନ ଆମର ଉତ୍କଳୀୟ ପରମ୍ପରା ଓ ଅତୁଳନୀୟ ଶ୍ରୀ ଜଗନ୍ନାଥ ସଂସ୍କୃତି ।

**ନୂଆସାହି,ନୂଆପଲ୍ଲୀ, ଭୁବନେଶ୍ୱର**
**ମୋ-୯୪୩୭୧୭୫୭୬୪**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମିଳିଲା...

ଟିମ୍ ଆବାସିକ ଡାକ୍ତରଙ୍କ ହଷ୍ଟେଲ ଛାତ ଉପରୁ ଏହାକୁ ଉଦ୍ଧାର କରିଛି । ଏହାକୁ ନେଇ ଏବେ ତଦନ୍ତ ଆଗକୁ ବଢ଼ିବ । ଗୁଜରାଟ ସରକାରଙ୍କ ପ୍ରାୟ ୪୦ ଉର୍ଦ୍ଧ୍ୱତନ କର୍ମଚାରୀ ବେସାମରିକ ମନ୍ତ୍ରଣାଳୟର ଟିମ୍ ସହ ଦୁର୍ଘଟଣା ସ୍ଥଳକୁ ଯାଇ ଏହି ଯାଞ୍ଚ କରିଥିଲେ । ଏହି ଡିଭାଇସରେ ଫ୍ଲାଇଟ୍ ଡାଟା ରେକର୍ଡ଼ର ଓ କକ୍‌ପିଟ୍ ଭଏସ୍ ରେକର୍ଡ଼ର ରହିଥାଏ । ସେହିପରି ସମସ୍ତ ବୈଷୟିକ ତଥ୍ୟ ମଧ୍ୟ ଏଥିରୁ ମିଳିପାରିବ । ବିମାନଟି ଦୁର୍ଘଟଣାଗ୍ରସ୍ତ ହେବା ପୂର୍ବରୁ ଦୁଇ ପାଇଲଟ୍‌ଙ୍କ ମଧ୍ୟରେ କକ୍‌ପିଟ୍‌ରେ କ'ଣ ଆଲୋଚନା ହୋଇଥିଲା, ତାହା ଜଣାପଡ଼ିବ । ବିମାନଟି ଦୁର୍ଘଟଣା ହେବାପରେ ହଠାତ୍ ତାପମାତ୍ରା ବଢ଼ିଯାଇଥିଲା । ପ୍ରାୟ ୧୧୦୦ ସେଣ୍ଟିଗ୍ରେଡ୍ ତାପମାତ୍ରା ପ୍ରାୟ ଘଣ୍ଟାଏ ରହିବା ପରେ ଏହା ସାମାନ୍ୟ ତରଳିଯାଇଛି । ବ୍ଲାକ୍‌ବକ୍ସ, ଡିଜିଟାଲ ଭିଡିଓ ରେକର୍ଡ଼ର ହେଉଛି ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଯାହାକି ତଦନ୍ତରେ ସାହାଯ୍ୟ କରିବ । ସିସିଟିଭି ଫୁଟେଜ ଏହି ଡିଭାଇସରେ ରେକର୍ଡ଼ ହୋଇଥିବା ସହ ଏୟାର କ୍ରାଫ୍‌ଟରେ ଥିବା କ୍ୟାମେରାରେ ଓ କକ୍‌ପିଟ୍‌ରେ ଥିବା ଦୃଶ୍ୟ ରେକର୍ଡ଼ ହୋଇଥିବ । ଗତକାଲି ଅହମ୍ମଦାବାଦରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରରେ ବିମାନଟି ଉଡ଼ାଣ ଭରିବାର ମାତ୍ର ୧ ମିନିଟ୍ ମଧ୍ୟରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଥିବା ମୋଟ ୨୪୨ ଯାତ୍ରୀଙ୍କ ମଧ୍ୟରୁ ୨୪୧ଙ୍କର ମୃତ୍ୟୁ ହୋଇଥିଲା । ବିମାନଟି ସିଧା ଯାଇ ନିକଟସ୍ଥ ମେଡିକାଲ କଲେଜ ହଷ୍ଟେଲରେ ମାଡ଼ ହୋଇଥିଲା ।

## ଆହତଙ୍କୁ...

ସାକ୍ଷାତ କରିଛନ୍ତି । ପୃଥକପୃଥକ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଅହମ୍ମଦାବାଦର ଦୁଃଖଦ ବିମାନ ଦୁର୍ଘଟଣା ପରେ ଏକମାତ୍ର ଜୀବିତ ବିମାନ ଯାତ୍ରୀଙ୍କ ସମେତ ଆହତମାନଙ୍କୁ ଭେଟିଲି । ଏହି କଠିନ ସମୟରେ ଆମେ ସେମାନଙ୍କ ପରିବାର ସହ ଅଛୁ ବୋଲି ଆଶ୍ୱାସନା ଦେଲି । ସମଗ୍ର ଦେଶ ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ କାମନା କରିଛି ।

## ସୁରକ୍ଷା...

ପରୀକ୍ଷା କରାଯିବା ସହ ତେଲ ବ୍ୟବସ୍ଥାର ଅନୁଧ୍ୟାନ କରାଯିବ । ସେହିପରି ଦୁଇ ସପ୍ତାହରେ ପାୱାର ଆସ୍ୟୁରାନ୍ସ ଚେକ୍ କରାଯିବ । ବିମାନ ନିୟନ୍ତ୍ରଣ ଯାଞ୍ଚ ପରେ ଏହାକୁ ଉଡ଼ାଣ ପାଇଁ ଅନୁମତି ଦିଆଯିବ । ବୋଇଙ୍ଗ ଡ୍ରିମ୍‌ଲାଇନର ବିମାନଗୁଡ଼ିକର ଗତ ୧୫ ଦିନର ସ୍ଥିତି ସମ୍ପର୍କରେ ସମୀକ୍ଷା କରିବା ସହ ଏହାର ରକ୍ଷଣାବେକ୍ଷଣ ନେଇ ମଧ୍ୟ କ'ଣ ବ୍ୟବସ୍ଥା ନିଆଯାଇଛି, ତାହା ଅନୁଧ୍ୟାନ ହେବ । ଗତକାଲି ଅହମ୍ମଦାବାଦରେ ହୋଇଥିବା ଭୟାବହ ଦୁର୍ଘଟଣାରେ ୨୬୫ ଜଣଙ୍କ ଜୀବନ ଯାଇଛି । ୭୮୭ ବୋଇଙ୍ଗ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ବିମାନକୁ ସବୁଠୁ ସୁରକ୍ଷିତ ବିମାନ ବୋଲି ବିବେଚନା କରାଯାଏ ।

# ନିର୍ମାଣର ଚାରି ମାସ ପରେ ଉଠିଲାଣି ପିଚୁ: ଭଦ୍ରକ-ଆଖଣ୍ଡଳମଣି ସଡ଼କର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନ

ଅସୁରାଳି, (ସବ୍ୟୁ) : ରାଜ୍ୟର ଅନ୍ୟତମ ପ୍ରମୁଖ ଶୈବପୀଠ ଆରଡିକୁ ସଂଯୋଗ କରୁଥିବା ଭଦ୍ରକ-ଆଖଣ୍ଡଳମଣି ରାଜ୍ୟ ରାଜପଥର ଜାରି ରହିଥିବା ନୂତନ ନିର୍ମାଣ ନିମ୍ନମାନର ହେଉଛି । ନୂଆ କାର୍ଯ୍ୟର ମାତ୍ର ୪ମାସ ନପୁରୁଣୁ ରାସ୍ତାରୁ ପିଚୁ ଉଠିବା ସାଙ୍ଗକୁ କେତେକ ସ୍ଥାନ ଦବି ଯିବା ଭଳି ଦୃଶ୍ୟ ଦେଖିବାକୁ ମିଳିଛି । ଯାହା ରାଜ୍ୟ ରାଜପଥ ମାନ୍ୟତା ପାଇଥିବା ଭଦ୍ରକ ଆଖଣ୍ଡଳମଣି ମୁଖ୍ୟ ସଡ଼କର ସ୍ଥାୟୀତ୍ୱକୁ ନେଇ ସନ୍ଦେହ ସୃଷ୍ଟି କରିଛି । ଜୀବନରେଖା କୁହାଯାଉଥିବା ଭଦ୍ରକ ଆଖଣ୍ଡଳମଣି ୩୫ନମ୍ବର ରାଜ୍ୟ ରାଜପଥର ସମ୍ପ୍ରସାରଣ ପାଇଁ ୨୦୨୧ମସିହାରେ ୪୦କୋଟି ଟଙ୍କାର ବ୍ୟୟବରାଦ ହୋଇଥିଲା । ଏହା ପରେ ରାସ୍ତାର ଦୁଇ ପାଶର୍ବରେ ଥିବା ପ୍ରାୟ ୫ହଜାର ଗଛ କାଟି ଦିଆଯାଇଥିଲା । ନବନିର୍ମାଣ ତଥା ସମ୍ପ୍ରସାରଣ ନାଁରେ ଏହା ହୋଇଥିଲେ ମଧ୍ୟ ଦୀର୍ଘ ବର୍ଷ କୌଣସି କାମ ହୋଇନଥିଲା । ପାଖାପାଖି ୩ବର୍ଷ ପରେ ଚଳିତ ବର୍ଷ ଫେବୃଆରୀ ମାସରୁ ଆରଡ଼ି ଛକ ଠାରୁ କୋଠାର ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇଥିଲା । ଯାହା ଏବେ ସୁଦ୍ଧା ଜାରି ରହିଛି । ୧୬ କିଲୋମିଟର ରାସ୍ତା ନିର୍ମାଣ ହେଉଥିବାବେଳେ ପ୍ରଥମ ପର୍ଯ୍ୟାୟରେ ହୋଇଥିବା ପିଚୁ କେତେକ ସ୍ଥାନରେ ଉଠି ଗାତ ସୃଷ୍ଟି ହୋଇଛି । ସେହିପରି ଅନେକ ସ୍ଥାନରେ ପିଚୁ ଧସି ଯାଇଛି । ଇତିମଧ୍ୟରେ ଆରଡ଼ି ଛକ ଠାରୁ ସାତଭଉଣୀ ପର୍ଯ୍ୟନ୍ତ ରାସ୍ତାକୁ ଚୂଡ଼ାନ୍ତ କାର୍ଯ୍ୟ କରାଯାଇଛି । ଅବଶିଷ୍ଟ ରାସ୍ତାର ଗୋଟିଏ ସ୍ତର କାମ ହୋଇଛି । ଠିକା ସଂସ୍ଥା ମୂଳ ରାସ୍ତାକୁ ସମ୍ପୂର୍ଣ୍ଣ ତାଡିବା ବଦଳରେ କିଛି କିଛି ସ୍ଥାନକୁ ତାଡ଼ି ଅବଶିଷ୍ଟ ପୁରୁଣା ପିଚୁ ଉପରେ ପିଚୁ ପକାଇ ଦେଇଛି । ତାହା ପୁଣି ଧର୍ମକୁ ଆଖି ଠାର ପରି । ଯେଉଁଥି ପାଇଁ ବରୁଣାଇ ମନ୍ଦିର ଓ ଆନନ୍ଦ ବଜାର ନିକଟରେ ରାସ୍ତାରେ ଏକାଧିକ ଗାତ ସାଙ୍ଗକୁ ଫାଟ ସୃଷ୍ଟି ହୋଇଛି । ସେହିପରି ଅନେକ ସ୍ଥାନରେ ମଝିରୁ ପିଚୁ ବି ଉଠି ଗଲାଣି । ଏହା ବ୍ୟତୀତ କପାଳି ପୋଲ ଏବଂ ମଙ୍ଗଳପୁର-ସରପୁର ମଝିରେ ରାସ୍ତା କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ମାସ ମାସ ହେଲା ପଡ଼ି ରହିଛି । ଏବେ ମୌସୁମୀ ପହଁଚିଲା ବେଳକୁ ରାସ୍ତା ସମ୍ପୂର୍ଣ୍ଣ ହୋଇନାହିଁ । କୋଠାର ଠାରୁ ଆରଡ଼ି ଛକ ସଡ଼କ କାର୍ଯ୍ୟ ଶେଷ ହେବା ନେଇ ଠିକା ସଂସ୍ଥା ମେ ମାସ ପର୍ଯ୍ୟନ୍ତ ସମୟ ନେଇଥିଲେ ମଧ୍ୟ ତାହା ହୋଇନାହିଁ । ଅପରପକ୍ଷରେ ବାହାରବିଲ ଠାରୁ ଓଳଗ ପର୍ଯ୍ୟନ୍ତ ୧୩କିଲୋମିଟର ରାସ୍ତା ଏବେ ଶୋଚନୀୟ ଅବସ୍ଥାରେ ରହିଛି । ଭଦ୍ରକ ଆଖଣ୍ଡଳମଣି ରାଜ୍ୟ ରାଜପଥର ଏଭଳି ସ୍ଥିତି ଯୋଗୁଁ ସାଧାରଣ ଲୋକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଗୋଟିଏ ଅଂଶ କାମ ନସରୁଣୁ ଆଉ ଗୋଟିଏ ଅଂଶ ଗମନାଗମନ ଅନୁପଯୋଗୀ ହୋଇ ଗଲାଣି । ପ୍ରତିଦିନ ବାବା ଆଖଣ୍ଡଳମଣିଙ୍କ ଦର୍ଶନ ପାଇଁ ବାହାରୁ ସହସ୍ରାଧିକ ଶ୍ରଦ୍ଧାଳୁ ଆସିବା ଏବଂ ଭଦ୍ରକ ସମେତ ଯାଜପୁର କେନ୍ଦ୍ରାପଡା ଜିଲ୍ଲାର ଜନସାଧାରଣ ନିର୍ଭର କରୁଥିବା ଭଦ୍ରକ ଆରଡି ପୂର୍ତ୍ତ ବିଭାଗ ମୁଖ୍ୟ ସଡକ ସ୍ଥିତି କେବେ ଠିକ ହେବ ତାକୁ ନେଇ ସାଧାରଣରେ ସଂଶୟ ଦେଖା ଦେଇଛି ।

# ୨୫ରେ ହେବ କନହେଇଲାଲ ଦାସ ଜୟନ୍ତୀ ସମାରୋହ

ବାଲେଶ୍ୱର, (ସବ୍ୟୁ) : ଯୁବପିଢିର ପ୍ରମୁଖ କଥାକାର ଭାବରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ସରୋଜ ବଳଙ୍କୁ ଚଳିତ ବର୍ଷ କନହେଇ କଥା ପୁରସ୍କାର ୨୦୨୫ ପ୍ରଦାନ କରାଯିବ ।ଓଡ଼ିଆ କଥାସାହିତ୍ୟର ପ୍ରତିଭାବାନ ଗାଳ୍ପିକ ସ୍ୱର୍ଗତ କନହେଇଲାଲ ଦାସଙ୍କ ସ୍ମୃତିରେ ଏହି ପୁରସ୍କାର ପ୍ରତି ବର୍ଷ ୫୦ ବର୍ଷ ବୟସ ସୀମାରେ ଜଣେ ଯୋଗ୍ୟ ଗାଳ୍ପିକଙ୍କୁ ପ୍ରଦାନ କରାଯାଇଥାଏ । ବାଲେଶ୍ୱର ସର୍କିଟ ହାଉସରେ ଆଜି ଏ ଉପଲକ୍ଷେ କନହେଇଲାଲ ଦାସ ସ୍ମୃତି ସଂସଦ ପକ୍ଷରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯିବା ସହ ସମାରୋହ ପାଳନ ବିଷୟରେ ଆଲୋଚନା କରାଯାଇଥିଲା । ଗାଳ୍ପିକ ତଥା ସ୍ମୃତି ସଂସଦର ଆବାହକ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରିଥିଲେ ସଂସଦର ସଭାପତି ଡକଫର ସୁବାସ ଚନ୍ଦ୍ର ପାତ୍ର । ପ୍ରାରମ୍ଭରେ ସଂସଦର କାର୍ଯ୍ୟକାରୀ ସଭାପତି ତଥା ପୁରସ୍କାର କମିଟି ମୁଖ୍ୟ କୃଷ୍ଣ କୁମାର ମହାନ୍ତି ପୁରସ୍କାର ପାଇଁ ସମ୍ଭାବ୍ୟ ନାମତାଲିକା ପ୍ରକାଶ କରଥିଲେ । ପରେ ସର୍ବସମ୍ମତି କ୍ରମେ ସରୋଜ ବଳଙ୍କୁ ଏହି ପୁରସ୍କାର ଲାଗି ମନୋନୀତ କରାଯାଇଥିଲା । ପରେ ପରେ ବିଧାୟକ ଭାବେ ଏକ ବର୍ଷ ପୂରଣ କରୁଥିବାରୁ ଗୌତମବୁଦ୍ଧ ଦାସଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା । ସଂସଦର ସମ୍ପାଦକ ଉତ୍ପଳ ମହାନ୍ତି ଚଳିତ ବର୍ଷ ଭୁବନେଶ୍ୱର ଠାରେ ଆୟୋଜିତ ହେବାକୁ ଥିବା ଜୟନ୍ତୀ ସମାରୋହର ରୂପରେଖ ସମ୍ପର୍କରେ ଆଲୋଚନା କରିଥିବା ବେଳେ ସମାରୋହ ଭୁବନେଶ୍ୱର ସ୍ଥିତ ଗୀତଗୋବିନ୍ଦ ଭବନରେ ଜୁନ୍ ୨୫ ତାରିଖ ସନ୍ଧ୍ୟା ୬ଟାରେ ହେବାକୁ ସ୍ଥିର କରାଯାଇଥିବା ବିଷୟରେ ସୂଚନା ଦେଇଥିଲେ । ଏହି ସମାରୋହ ଓଡିଶା ସାହିତ୍ୟ ଏକାଡେମୀ ସହଭାଗିତାରେ କରାଯିବାକୁ ଏକାଡେମୀ ପକ୍ଷରୁ ସଚିବ ଚନ୍ଦ୍ରଶେଖର ହୋତା ସମ୍ମତି ପ୍ରଦାନ କରିଛନ୍ତି । ଏଥିରେ ଉଦଘାଟକ ଭାବେ ଉଚ୍ଚଶିକ୍ଷା ତଥା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟ, ମୁଖ୍ୟ ବକ୍ତା ଭାବରେ ବିଶିଷ୍ଟ କଥାକାର ଅଜୟ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କବି ଅପର୍ଣ୍ଣା ମହାନ୍ତି ଯୋଗ ଦେବାକୁ ସମ୍ମତି ପ୍ରଦାନ କରିଛନ୍ତି । ଏହି ଅବସରରେ କନହେଇ କଥା ପୁରସ୍କାର ବିଜେତା ସରୋଜ ବଳଙ୍କୁ ମାନପତ୍ର, ଉତ୍ତରୀୟ ଓ ଉପଢୌକନ ସହ ୧୦ହଜାର ପୁରସ୍କାର ରାଶି ପ୍ରଦାନ କରାଯିବ । ପୂର୍ବ ବର୍ଷ ମାନଙ୍କରେ ଏହି ପୁରସ୍କାର ଚିରଶ୍ରୀ ଇନ୍ଦ୍ର ସିଂ(୨୦୧୫), ଆଦିତେଶ୍ୱର ମିଶ୍ର, ମୋନାଲିସା ଜେନା, ହିରଣ୍ମୟୀ ମିଶ୍ର, ଅମରେଶ ବିଶ୍ୱାଳ, ବିରଜା ରାଉତରାୟ, ରାଜେନ୍ଦ୍ର ରାଉଳ, ଚିତ୍ତରଞ୍ଜନ ଚିରଞ୍ଜିତ(୨୦୨୪) ପ୍ରମୁଖ ଗ୍ରହଣ କରିଛନ୍ତି । ଆଜିର ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ନିବାରଣ ଜେନା, ବ୍ୟୋମନାଥ ରଥ, ଯାଦବେଶ ମିଶ୍ର, ଅଭୟ ଦାସ, ରାମନାରାୟଣ ଦେ, ସ୍ମୃତି ଦାସ, ଶୁଭେନ୍ଦୁ ଦାସ, ରାଜେଶ ଗିରି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

# ବର୍ତ୍ତନା ପ୍ରାଣୀଧନ ନିରୀକ୍ଷକ କାର୍ଯ୍ୟାଳୟରେ ନାହିଁ ବିଦ୍ୟୁତ ସଂଯୋଗ

ଖଇରା, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ବର୍ତ୍ତନା ପ୍ରାଣୀଧନ ନିରୀକ୍ଷକ କାର୍ଯ୍ୟାଳୟ ବହୁବିଧ ସମସ୍ୟା ଦେଇ ଗତି କରୁଛି। ବିଶେଷ କରି ଏହି କାର୍ଯ୍ୟାଳୟରେ ବିଦ୍ୟୁତ ସଂଯୋଗ ଅଭାବ ଖୋଦ ପ୍ରାଣୀ ଚିକିତ୍ସକ ଉମାକାନ୍ତ ବହଳିଙ୍କୁ ଉପଯୁକ୍ତ ସେବା ପ୍ରଦାନରେ ବାଧକ ସାଜିବା ସହ ଦୈନିକ ଆସୁଥିବା ଗୋପାଳକ ମାନେ ଗୁଳୁଗୁଳି ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷ ବିଦ୍ୟୁତ ସଂଯୋଗ ପାଇଁ ଆବଶ୍ୟକୀୟ ଅର୍ଥ ଯୋଗାଇଦେବାକୁ ବର୍ତ୍ତନା ସମେତ ରଟିଣା ଓ ବଡନୂଆଗାଁ ଗ୍ରାମବାସୀମାନେ ଦାବି କରିଛନ୍ତି। ଏହି କାର୍ଯ୍ୟାଳୟ ଉପରେ ଦୈନିକ ଉପରୋକ୍ତ ୩ ପଞ୍ଚାୟତର ଗୋପାଳକ ମାନେ ନିଜର ଗୋରୁଗାଈ ଚିକିତ୍ସା,ବିମା କରିବା ତଥା ପ୍ରଜନନ ପାଇଁ ନିର୍ଭର କରିଥାନ୍ତି। ଦୈନିକ ହାରାହାରି ୨୦ରୁ ଅଧିକ ଗୋପାଳକ ଡାକ୍ତରଙ୍କ ପରାମର୍ଶ ପାଇଁ ଆସିଥାନ୍ତି। ହେଲେ କାର୍ଯ୍ୟାଳୟରେ ବିଦ୍ୟୁତ ସଂଯୋଗ ନଥିବାରୁ ୪୦ଡିଗ୍ରୀ ତାପମାତ୍ରା ରହୁଥିବାରୁ ଗୋପାଳକମାନେ ଅସହ୍ୟ ଗୁଳୁଗୁଳିରେ ଛଟପଟ ହୋଇ ଫେରୁଥିବା ଅଭିଯୋଗ ହୋଇଛି। ସବୁଠାରୁ ଗୁରୁତ୍ୱ ପୂର୍ଣ୍ଣ ବିଷୟ ହେଉଛି ଗୃହପାଳିତ ପ୍ରାଣୀ ମାନଙ୍କ ପାଇଁ ଫାଟୁଆ, ଟକ୍ସିମିଆଁ, ପିପିଆର, ଥାଲେରିଆ, ଆଣ୍ଟି ରାବିଜ ଭଳି ଇଂଜେକ୍ସନ ପାଇଁ ଫ୍ରିଜର ଆବଶ୍ୟକତା ଥିବା ବେଳେ ବିଦ୍ୟୁତ ସଂଯୋଗ ନଥିବାରୁ ଏହି ଇଂଜେକ୍ସନ ରଖିବା ପ୍ରାଣୀ ଚିକିତ୍ସକଙ୍କ ପକ୍ଷେ ସମ୍ଭବ ହେଉନାହିଁ। ଏ ସମ୍ପର୍କରେ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଦେବେନ୍ଦ୍ର ସୋଲାଙ୍କିଙ୍କୁ ଯୋଗାଯୋଗ କରିବାରେ ଏ ସମ୍ପର୍କରେ ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# କେଶବକବି କୃଷ୍ଣପ୍ରସାଦ ବେହେରା ସଂଗୀତ ସନ୍ଧ୍ୟା

ବାଲେଶ୍ୱର, (ସବ୍ୟୁ) : ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଅନ୍ୟତମ ସୁପୁତ୍ର ଶହଶହ ଯାତ୍ରାନାଟକର ରଚୟିତା, ନିର୍ଦ୍ଦେଶକ, ହଜାର ହଜାର ସଂଗୀତର ରଚୟିତା କେଶବକବି କୃଷ୍ଣପ୍ରସାଦ ବେହେରାଙ୍କ ସ୍ମୃତିରେ ପ୍ରଥମଥର ପାଇଁ ବାଲେଶ୍ୱର ପୁରାତନ ନୃତ୍ୟସଂଗୀତ ଅନୁଷ୍ଠାନ ନୃତ୍ୟସଂଗୀତ କଳାମନ୍ଦିରରେ ଅନୁଷ୍ଠିତ ହୋଇଛି କେଶବକବି କୃଷ୍ଣପ୍ରସାଦ ବେହେରା ସଂଗୀତ ଆସର । ନୃତ୍ୟସଂଗୀତ କଳାମନ୍ଦିର ମୁଖ୍ୟ ଉପଦେଷ୍ଟା ଶରତଚନ୍ଦ୍ର ଦାଶଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସଂଗୀତସନ୍ଧ୍ୟାରେ ଗୁରୁ ପର୍ଶୁରାମ ପଲେଇ, ସୁରେନ୍ଦ୍ର ମଲ୍ଲିକ, ପୁଷ୍ପାରାଣୀ ନାୟକ ଓ ସରୋଜିନୀ ପଣ୍ଡା କେଶବକବିଙ୍କ ସଂଗୀତକୁ ପରିବେଷଣ କରିଥିଲେ । ପଲ୍ଲୀଜୀବନର ସୁଷମା, ଦେଶବନ୍ଦନା, ବିଭୁବନ୍ଦନା ଓ ଜୀବନଧର୍ମୀ ସଂଗୀତର ମଧୁରମୂର୍ଚ୍ଛନାରେ ସମବେତ ଶ୍ରୋତା ମୁଗ୍ଧ ହୋଇଥିଲେ । ପ୍ରାରମ୍ଭରେ ଅନୁଷ୍ଠାର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର, ଉପସଭାପତି ସୁଜିତ୍ କୁମାର ଦେବ, ସଦସ୍ୟା ସ୍ମୃତି ଦାସ ଏବଂ ଶରତଚନ୍ଦ୍ର ଦାଶ ଶିଳ୍ପୀବୃନ୍ଦଙ୍କୁ ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅନୁଷ୍ଠାନର ସଂପାଦକ ଲକ୍ଷ୍ମୀନାରାୟଣ ଘୋଷ ପ୍ରାକ୍‌କଥନ ରଖିଥିଲେ । ବାଦ୍ୟଯନ୍ତ୍ରରେ ଗୁରୁ ନନ୍ଦକିଶୋର ଦାସ, ମନୋଜ ପଣ୍ଡା ଓ ମନୋରଞ୍ଜନ ପଣ୍ଡା ସହାୟତା କରିଥିଲେ । ଏଥିରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ କୃଷ୍ଣପ୍ରସାଦ ବେହେରା ସଂଗୀତ ସନ୍ଧ୍ୟାକୁ ଉପଭୋଗ କରିଥିଲେ ।

# ଦୁଇ ଦୁର୍ଦ୍ଦାନ୍ତ ମାଓବାଦୀ ଗିରଫ

ମାଲକାନଗିରି, (ସବ୍ୟୁ) : ମାଓବାଦୀ ଅଭିଯାନ କ୍ଷେତ୍ରରେ ମାଲକାନଗିରି ପୋଲିସକୁ ବଡ ସଫଳତା ମିଳିଛି । ଦୁଇ ଦୁର୍ଦ୍ଦାନ୍ତ ମାଓବାଦୀଙ୍କୁ ଗିରଫ କରାଯାଇଛି । ଗିରଫ ହୋଇଥିବା ଦୁଇ ମାଓବାଦୀ ହେଉଛନ୍ତି କେସା କଓ୍ୱାସି ଓ ରାକେଶ ଓରଫ ସାନୁ କୁଞ୍ଜମ । ମାଓବାଦୀ କେସା କଓ୍ୱାସିର ଘର ଛତିଶଗଡ଼ର ବସ୍ତର ଜିଲ୍ଲା ଦରବା ଥାନା ଅଞ୍ଚଳରେ ଏବଂ ସାନୁ କୁଞ୍ଜମ ଓରଫ ରାକେଶ ଛତିଶଗଡ଼ର ବିଜାପୁର ଜିଲ୍ଲା ଗାଙ୍ଗଲୁର ଥାନା ଅଞ୍ଚଳରେ । ଉଭୟଙ୍କ ନିକଟରୁ ଗୋଟିଏ ପିସ୍ତଲ, ୬ ରାଉଣ୍ଡ ଗୁଳି, ଡିଟୋନେଟର୍, କୋଡେକ୍ସ ତାର, ଗନ ପାଉଡର୍, ଓ୍ୱାକିଟକି, ବ୍ୟାଟେରୀ, ମାଓବାଦୀ ପୁସ୍ତିକା ସମେତ ଅନ୍ୟାନ୍ୟ ଅପରାଧିକ ସାମଗ୍ରୀ ଜବତ କରାଯାଇଛି । ଉଲ୍ଲେଖ ଯୋଗ୍ୟ ଯେ, ଗତ ଜୁନ ୧୨ ତାରିଖ ବିଳମ୍ବିତ ରାତି ସମୟରେ ମାଥିଲି ଥାନା ଅଧୀନ ସୋଡିଗୁଡ଼ା ଏବଂ ତେନ୍ତୁଳିଗୁଡ଼ା ଗ୍ରାମ ନିକଟସ୍ଥ ଜଙ୍ଗଲରେ କିଛି ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ଗୁଇନ୍ଦା ସୂଚନା ମିଳିଥିଲା । ସେହି ଅନୁଯାୟୀ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ସମ୍ପୃକ୍ତ ଜଙ୍ଗଲରେ ଚଢ଼ାଉ ଆରମ୍ଭ ହୋଇଥିଲା । ଶୁକ୍ରବାର ଭୋର ସମୟରେ ମାଓବାଦୀମାନେ ଉକ୍ତ ଜଙ୍ଗଲରୁ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ସୁରକ୍ଷା ବାହିନୀଙ୍କ ଉପରକୁ ଗୁଳି ଚଳାଇଥିଲେ । ଆତ୍ମରକ୍ଷା ପାଇଁ ସୁରକ୍ଷା କର୍ମୀ ମଧ୍ୟ ପାଲଟା ଗୁଳି ଚାଳନା କରିଥିଲେ । ଘଟଣାସ୍ଥଳରୁ କିଛି ମାଓବାଦୀ ଖସି ପଳାଇଥିବା ବେଳେ ଦୁର୍ଦ୍ଦାନ୍ତ ମାଓବାଦୀ କେସ କାଓ୍ୱାସି ଓ ସାନୁ କୁଞ୍ଜମ ପୋଲିସ ହାବୁଡରେ ପଡିଯାଇଥିଲେ ।

ଉଲ୍ଲେଖଯୋଗ୍ୟ ଯେ, ମାଓବାଦୀ କେସ କଓ୍ୱାସୀ ଏବଂ ସାନୁ କଞ୍ଜମ ବିଭିନ୍ନ ମାଓ ଘଟଣାରେ ସମ୍ପୃକ୍ତ ରହିଛି । କେସ କଓ୍ୱାସୀ ନାଁରେ କୋରାପୁଟ ଜିଲ୍ଲାର ବୈପାରୀଗୁଡା, କୁନ୍ଦ୍ରା ଥାନା, ମାଲକାନଗିରି ଜିଲ୍ଲାର ମାଥିଲି ଥାନାରେ ମାମଲାରେ ସମ୍ପୃକ୍ତି ରହିଛି । ସେହିପରି ରାକେଶ ଓରଫ ସାନୁ କୁଞ୍ଜାମ ନାଁରେ ମାଲକାନଗିରି ଜିଲ୍ଲାର ମାଥିଲି ଥାନାରେ ଥିବା ମାମଲାରେ ସମ୍ପୃକ୍ତି ରହିଛି ।

# ଜୟକିଷାନ ପାଠାଗାର ପକ୍ଷରୁ ଆଲୋଚନା ଚକ୍ର

ବରଗଡ଼,(ସବ୍ୟୁ): ଭାରତର କୃଷକ ହିଁ ଭାରତୀୟ ଗଣତନ୍ତ୍ରର ଭବିଷ୍ୟତ । ଦେବାହାଲ ସ୍ଥିତ ଜୟକିଷାନ ପାଠାଗାର ଦ୍ୱାରା ବିଶିଷ୍ଟ ଚାଷୀ ନେତା ସ୍ୱର୍ଗତ ଗଙ୍ଗାଧର ବେହେରାଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଆୟୋଜିତ ଆଲୋଚନା ଚକ୍ରରେ ବକ୍ତାମାନେ ଏହି ମତ ଦେଇଥିଲେ । ଆଲୋଚନାର ବିଷୟ ଥିଲା ଭାରତର କୃଷକ ଓ ଭାରତୀୟ ଗଣତନ୍ତ୍ରର ଭବିଷ୍ୟତ । ପାଠାଗାରର ସହ ସମ୍ପାଦକ ବିନୟ କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ସାହିତ୍ୟିକ ପ୍ରଫୁଲ୍ଲ ସାହୁ ସଭାପତିତ୍ୱ କରିଥିଲେ । ଆଲୋଚନା ଚକ୍ରରେ ପଶ୍ଚିମ ଓଡିଶା କୃଷକ ସଂଗଠନ ସମନ୍ୱୟ ସମିତିର ପ୍ରବକ୍ତା ସରୋଜ ମହାନ୍ତି ମୁଖ୍ୟ ବକ୍ତା ଭାବରେ ଯୋଗଦେଇଥିଲେ । ଆବାହମାନ କାଳରୁ ଅନ୍ୟାୟ ଶୋଷଣ ବିରୁଦ୍ଧରେ ଲଢେଇ ଚାଲିଆସିଛି । ସେହି ଧାରା ଆଜି ମଧ୍ୟ ଚାଲିଛି ଆଉ ସେହି ଲଢେଇ କେଉଁଠି ଚାଷୀ ଆନ୍ଦୋଳନ, କେଉଁଠି ଜୀବନ ଜୀବିକାର ଲଢେଇ, କେଉଁଠି ଜାତିବାଦକୁ ନେଇ ଲଢେଇ ତ ଆଉ କେଉଁଠି ମଦ ବିରୁଦ୍ଧରେ ଲଢେଇ । ଏହି ସବୁ ଆନ୍ଦୋଳନରେ ବରଗଡ କୃଷକମାନେ ନିଜକୁ ସାମିଲ କରିଛନ୍ତି । ଦେଶରେ ଅଧିକାଂଶ ନାଗରିକ କୃଷକ, ଭାରତୀୟ କୃଷକ ଆଜି ସାରା ଦେଶକୁ ଖାଦ୍ୟ ଯୋଗାଉଛି, ସେମାନଙ୍କର ବିକାଶ ଦେଶର ବିକାଶ, ସେମାନେ ହିଁ ଏହି ଗଣତନ୍ତ୍ରର ପ୍ରକୃତ ହକଦାର । ଦେଶକୁ ଘୃଣ୍ୟର ରାଜନୀତିରୁ ବଞ୍ଚାଇବାକୁ ହେବ ଏବଂ ମଣିଷକୁ ଭଲ ପାଇବାର ବିଚାରକୁ ଆଗକୁ ନେବାକୁ ହେବ । ସ୍ୱର୍ଗତ ଗଙ୍ଗାଧର ଏଇ ସବୁ କାମରେ ନିଜକୁ ନିୟୋଜିତ କରିଥିଲେ । ଜୟକିଷାନ ପାଠାଗାରର ସଭାପତି କାଶୀଶ୍ୱର ବେହେରା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ ।କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅହମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । କାର୍ଯକ୍ରମରେ ଆଖପାଖ ଅଂଚଳର ଚାଷୀଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।ଶେଷରେ ମନୋରଞ୍ଜନ ଲୁହା ଧନ୍ୟବାଦ ଅର୍ପଣ କରିଥିଲେ ।

# ଲିଙ୍ଗ ନିରୂପଣ ନିଷିଦ୍ଧ ଆଇନ ଟାସ୍କ ଫୋର୍ସ ବୈଠକ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ସମ୍ମିଳନୀ କକ୍ଷ ଠାରେ ଲିଙ୍ଗ ନିରୂପଣ ନିଷିଦ୍ଧ ଆଇନ ୧୯୯୪ର ଜିଲ୍ଲା ପରାମର୍ଶଦାତା ଓ ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ ଅଧକ୍ଷତା କରିଥିଲେ। ସମ୍ବଲପୁର ଜିଲ୍ଲାରେ ୩ଟି ବେସରକାରୀ ଅଲଟ୍ରାସାଉଣ୍ଡ କେନ୍ଦ୍ର ପଞ୍ଜିକରଣ ଓ ୩ଟି ଅଲଟ୍ରାସାଉଣ୍ଡ କେନ୍ଦ୍ରର ପୁନଃ ପଞ୍ଜିକରଣ ନେଇ ନିଷ୍ପତି ହୋଇଥିଲା। ସେହିପରି ଜିଲ୍ଲାର ରାଜସ୍ୱ ପାଣ୍ଠିରୁ ୨୪ଟି ପ୍ରଶାସନିକ, ଡାକ୍ତରଖାନା ଓ ବିଭିନ୍ନ ଛକ ଅଞ୍ଚଳରେ ହୋର୍ଡିଂ ଲଗାଇ ଜନସଚେତନତା କରାଯିବା ଏଥିସହ ବିଭିନ୍ନ ଅଞ୍ଚଳରେ ଥିବା ଅଲଟ୍ରାସାଉଣ୍ଡ କ୍ଲିନିକ ପରିଦର୍ଶନ ସମ୍ପର୍କରେ ଆଲୋଚନା ହୋଇଥିଲା।

# ଘଣ୍ଟାପଡ଼ା ବିଜେପିର ମଣ୍ଡଳସ୍ତରୀୟ କର୍ମଶାଳା

କଣ୍ଟାମାଳ,(ସବ୍ୟୁ): କେନ୍ଦ୍ରସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ ବର୍ଷ ସୁଶାସନର ପୂର୍ତ୍ତୀ ଅବସରରେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଘଣ୍ଟାପଡ଼ା ମଣ୍ଡଳସ୍ତରୀୟ ବିଜେପି ତରଫରୁ କର୍ମଶାଳା ମଣ୍ଡଳୀ ସଭାପତି ଗୋପିନାଥ କଅଁରଙ୍କ ସଭାପତିତ୍ୱରେ ସ୍ଥାନୀୟ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀଠାରେ ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ମୁଖ୍ୟ ଅତିଥିଭାବେ ବୌଦ୍ଧ ଜିଲ୍ଲା ବିଜେପିର ସାଧାରଣ ସଂପାଦକ ପିନାକଧର ରଣା, ମୁଖ୍ୟବକ୍ତା ଭାବେ ବରିଷ୍ଠ ବିଜେପି ନେତା ଚିତ୍ତରଞ୍ଜନ ପାତ୍ର ଓ ପଞ୍ଚାୟତ ସଭାପତି ସୂର୍ଯ୍ୟଦେହୁରୀ ,ପଞ୍ଚାୟତ ପ୍ରଭାରୀ ଅମୂଲ୍ୟ ନାଏକ, କମଳ ସାହୁ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ରସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ ବର୍ଷ ଶାସନରେ ହୋଇଥିବା ଜନାଭିମୁଖ୍ୟ କାର୍ଯ୍ୟମାନ ଉପସ୍ଥିତ ବିଜେପି କର୍ମୀମାନଙ୍କୁ ବୁଝାଇଥିଲେ । ଏସବୁ ବାର୍ତ୍ତାକୁ ଲୋକଙ୍କ ପାଖକୁ କିପରି ପହଞ୍ଚିବ ତା ଉପରେ ବକ୍ତବ୍ୟ ରଖିଥିଲେ । ଏହି କମିଶାଳାରେ ବହୁ ବିଜେପି କର୍ମୀ ଉପସ୍ଥିତ ରହିଥିଲେ ।

# ଅଜଣା ଗାଡ଼ି ଧକ୍କାରେ ଦୁଇ ଯୁବକ ମୃତ

ଝାରସୁଗୁଡ଼ା,(ସବ୍ୟୁ): ଅଜଣା ଗାଡ଼ି ଧକ୍କାରେ ଚାଲିଗଲା ଦୁଇ ଯୁବକଙ୍କ ଜୀବନ । ଏକ ଅଜଣା ଗାଡ଼ି ଧକ୍କାରେ ଭାରସାମ୍ୟ ହରାଇ ସାମ୍ନାରେ ଆସୁଥିବା ଆଉ ଏକ ଚାରିଚକିଆ ଗାଡ଼ିରେ ପିଟି ହୋଇ ଗୁରୁତର ହୋଇପଡ଼ିଥିଲେଦୁଇ ଯୁବକ । ଆମ୍ବୁଲାନ୍ସ ସାହାଯ୍ୟରେ କୋଲାବିରା ପୁଲିସ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ମୃତକ ହେଲେ ସମାସିଂହାର ଗଣେଶ ଜୟପୁରିଆ ଓ ଲୁଡୁଙ୍ଗ ଗାଁର ରି ଭୋଇ ।


## AFFIDAVIT

I, Ratikant Satpathy, S/o– Ramakanta Satapathy, Resident of 4141, DN Oxypark, Dumduma, Bhubaneswar, Dist.- Khurda, Pin- 751019, Odisha, declared by an affidavit No. 499 dtd. 13/06/2025 that from onwards I shall be known as Ratikanta Satapathy for all future purposes.

## NOTICE

By virtue of an affidavit sworn before Notary Public, Bhubaneswar vide Serial No. 569 Vol-2 Dt. 13.06.2025 I, Manoranjan Sabut, Son/Daughter/ Wife of Niranjan Sabut, permanent resident of Village/ Town-Narada, P.O.- Turintira, P.S.-Balipatana, Dist-Khordha, PIN-752102, Odisha, currently residing at Village/Town-Narada, P.O.- Turintira, P.S.-Balipatana, Dist-Khordha, PIN-752102, Odisha, India declare that I have changed my son's name from Muryjay Sajut to MRUTYUNJAY SABUT. Henceforth my son shall be known as MRUTYUNJAY SABUT for all purposes.

Sd/- (MANORANJAN SABUT)

## AFFIDAVIT

I, Om Prakash Sahoo, aged about 22 years, son of Bijaya Kumar Sahoo, resident of Village-Mahipal, PO-Kendrapara, PS-Kendrapara Town, Dist-Kendrapara, Odisha, PIN-754211, do hereby declare that in my father's documents such as Aadhar and PAN his name appears as Bijaya Kumar Sahoo, but in my educational certificates his name is mistakenly mentioned as Bijay Kumar Sahoo, which is a spelling variation of the same name. This is to clarify that Bijaya Kumar Sahoo and Bijay Kumar Sahoo refer to the same person my father and there is no other person in my village by either name. This declaration is made to avoid any confusion in the future, especially for official processes such as passport verification.

Sd/- Om Prakash Sahoo
Place: (Kendrapara)

## ହଜିଛି

ଆମେ, ଶ୍ରୀ ସୁରେନ କୁମାର ସାହୁ, ଶ୍ରୀ ହରେନ କୁମାର ସାହୁ, ଶ୍ରୀ ବିରେନ କୁମାର ସାହୁ ଓରଫ ବିଦାନନ୍ଦ ଦାସ, ଧରେନ କୁମାର ସାହୁ ଏବଂ ନରେନ କୁମାର ସାହୁ, ସମସ୍ତଙ୍କ ପିତା: ସ୍ୱ ରତ୍ନାକର ସାହୁ, ବାସସ୍ଥାନ ଠିକଣା- ପ୍ଲଟ୍ ନଂ.: ୨୨୨, ଶାସ୍ତ୍ରୀ ନଗର, ୟୁନିଟ୍-୪, ତହସିଲ: ଭୁବନେଶ୍ୱର, ପୋ.: ଜେନେରାଲ ପୋଷ୍ଟ ଅଫିସ, ଥାନା: ଖାରବେଳ ନଗର ଉପର ବର୍ଣ୍ଣିତ ବ୍ୟକ୍ତିମାନେ ପ୍ଲଟ୍ ନଂ.: ୧୪୩୬ ଏବଂ ୧୪୩୭ର ମାଲିକ ଅଟୁ ଯାହାର ପରିମିତ କ୍ଷେତ୍ର: ଏକର୦.୨୧୫ଡିସିମିଲ (ପ୍ରାୟ), ମୌଜା: ନୟାପଲ୍ଲୀ ୟୁନିଟ୍ ନଂ.: ୧୭, ଭୁବନେଶ୍ୱର, ମୁଁ, ଶ୍ରୀ ସୁରେନ କୁମାର ସାହୁ ତା.୧୬.୦୫.୨୦୨୫ ରିଖରେ ରେଭିନ୍ୟୁ ଇନସପେକ୍ଟର ଅଫିସକୁ ଯିବା ରାସ୍ତାରେ କେଉଁଠାରେ ଆମ ମୂଳ ବିକ୍ରୟ ଦଲିଲ ଯାହାର ନଂ.: [illegible] ସହିତ ଅଗ୍ରଦାର (ପଟା) ଯାହାର ଖତିୟାନ ନଂ.: [illegible] ଏବଂ [illegible] ଯାହାକି ପ୍ଲଟ୍ ନଂ.: ୧୪୩୬ ଏବଂ ୧୪୩୭ ସମ୍ବନ୍ଧିତ ଏବଂ କିଛି ଅନ୍ୟାନ ଜରୁରୀ କାଗଜପତ୍ର ମଧ୍ୟ ହଜିଯାଇଛି । ତା'ପରେ ମୁଁ/ଆମେ ସେହି କାଗଜପତ୍ରକୁ ଠାବ କରିପାରିଲୁ ନାହିଁ । ଏହି ଘଟଣା ପାଇଁ ଆମେ ତା.[illegible] ରିଖରେ ଏକ ସତ୍ୟପାଠ କଲୁ ଓ ତା.[illegible] ରିଖରେ ଖାରବେଳ ପୋଲିସ୍ ଷ୍ଟେସନରେ ଏକ ଏଫ୍ଆଇଆର (ଅଭିଯୋଗ) ଦାଖଲ ମଧ୍ୟ କଲୁ । ଯଦି କୌଣସି ବ୍ୟକ୍ତି ଉପରୋକ୍ତ ହଜିଯାଇଥିବା ଡକ୍ୟୁମେଣ୍ଟ (କାଗଜପତ୍ର)କୁ ପାଆନ୍ତି ତେବେ ଦୟାକରି ମୋବାଇଲ ନଂ.: [illegible]ରେ ଯୋଗାଯୋଗ କରନ୍ତୁ ।

## GOVERNMENT OF ODISHA
## OFFICE OF THE DIVISIONAL FOREST OFFICER
## KEONJHAR DIVISION, KEONJHAR

MM-91

No. 237 / Date. 11.06.2025

CANCELLATION OF TENDER

1. The Bid Identification No. FE&CC-DFO(T)KJR-01/2025-26 and this Office Tender Call Notice No. 215 dt. 28.05.2025 and Notice No. 216 dt. 28.05.2025 are hereby cancelled due to unavoidable circumstances.

Sd/-Divisional Forest Officer
Keonjhar Division

OIPR : 08042/11/0039/2526

E-Mail I.D.-rw_cuttack@yahoo.co.in
Ph. No. 0671-2440662/Fax No. 0671-2440653

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## RURAL WORKS DIVISION, CUTTACK

O-285

2nd Corrigendum to Tender Call Notice

No. Tender-Online-RWD Ctc-01/2025-26 dt. 29.05.2025

1. Due to unavoidable circumstances the work "Construction of proposal Compound Wall of Govt. Homeopathic Dispensary at Dahigaon in the District of Cuttack for the year 2024-25 (Sl.No.7) has been cancelled.

Sd/-Superintending Engineer
Rural Works Division, Cuttack

OIPR : 25053/11/0032/2526

## OFFICE OF THE SUPERINTENDING ENGINEER
## RURAL WORKS DIVISION : SUNDARGARH

E-Mail - rw_sundargarh@yahoo.co.in
Ph- 06622-272280 (off)

O-280

1st Corrigendum to Bid Identification No. Online-SESNG-02 of 2025-26

In continuation to this office bid Identification No : Online -SESNG-02 of 2025-26 invited vide this office notice no. 3228 dt. 29.05.2025 is partial modified inTCN has been made as follows :

| Sl. No. | | Time Schedule as per original TCN | Time Schedule as per 1st Corrigendum Notice |
|---|---|---|---|
| 1 | Availability of tender online for bidding | 04.06.2025 at 11.00 A.M. to 18.06.2025 up to 06.00 P.M. | Extended up to 24.06.2025 up to 5.00 P.M. |
| 2 | Last date of seeking clarification | 17.06.2025 at 11.00 A.M. | Extended up to 23.06.2025 upto 11.00 A.M. |
| 3 | Date of Openign of Tender | 19.06.2025 at 10.00 A.M. | Extended up to 24.06.2025 at 05.15 P.M. |

All other erms & conditions remain unchanged.

Sd/- Superintending Engineer
R.W. Division, Sundargarh

OIPR : 25046/11/0057/2526

## GOVERNMENT OF ODISHA : OFFICE OF THE SUPERINTENDING ENGINEER, PARALAKHEMUNDI (R&B) DIVISION, PARALAKHEMUNDI,
e-Procurement Notice

Bid Identification No. S.E., PKD, R&B DIVN.-01/2025-26

B-210

No. 3190 Date : 11.06.25

Tel.Ph.No : 06815-222542
E-Mail I.D. : eerbparala@yahoo.com

INVITATION FOR BIDS

| | | | |
|---|---|---|---|
| 1. | The Superintending Engineer, Paralakhemundi (R&B) Division on behalf of Governor of Odisha Invites Percentage rae bid in **Single** system to be receive in on ONLINE MODE only for the construction of works as detailed in the table below : | | |
| 2. | Nature of works | : | Electrical Works |
| 3. | No. of works | : | 01 (One) no.of works |
| 4. | Estimated Cost (Approximately) | : | Rs. 13.40 Lakhs |
| 5. | Bid Cost | : | Rs. 6,000/- |
| 6. | Class of Contractor | : | "HT" Class |
| 7. | Availability of Bid Documents in the website | : | 10.00 Hrs of Dt. 18.06.2025 to 15.00 Hrs. of Dt. 30.06.2025 |
| 8. | Date of openign of the Bid | : | 12.00 Hrs. of Dt. 01.07.2025 |
| 9. | The Bideers have to participate in ONLINE bidding only. Further details can be seen from the website **http://tendersorissa.gov.in.** Any Addendum / Corrigendum / Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

Sd/-Superintending Engineer
Paralakhemundi (R&B) Division

OIPR : 34065/11/0014/2526

## GOVERNMENT OF ODISHA : OFFICE OF THE SUPERINTENDING ENGINEER, BHUBANESWAR (R&B) DIVISION NO.I, BHUBANESWAR
## INVITATIONS FOR BIDS THROUGH e-Procurement

Mail i.d. eebbsr1@yahoo.com

No. 11 Date : 12.6.2025

Bid Identification No. C.C. (R&B) 018815 , Procurement Notice No. () of 2025-26

B-214 : The Superintending Engineer, (R&B) Division No.I, Bhubaneswar on behalf of the Governor of Odisha invites percentage rate bids for single cover system (online) for works as detailed in table below :

| Sl. No. | Name of the work | Approximate Estimated cost put to Tender | EMD/Bid Security (Rs. in lakh) | Cost of Bid Document | Class of Contractor | Period of Completion |
|---|---|---|---|---|---|---|
| 1 | S/R to Mahatma Gandhi Marg from PMG Square to Mastr Canteen Square in Unit : III, Bhubaneswar such as from ch. 0/000 Km to 0/700 Km such as laying of Bituminous concrete at unit-III, Bhubanesar for the yar 2025-26 | Rs. 42.57 | Rs. 43,000/- | Rs. 6,000/- Online | B Class only | 02 (Two) Calendar |

The bidders have to participate in ONLINE bidding only. The web-site for "ONLINE BIDDING" is http://tendesorissa.gov.in.
Bid documents well be available in the above website frm 11.00 A.M. of 19.06.2025 to 5.30 P.M of 03.07.2025.
Bids of the above work shall be opened at - 12.30 P.M. of 04.07.2025.
The bidder must possess matching class compatible Digital Signature Certificae (DSC).
Further details and other terms and conditions can be sen from DTCN in the e-Procurement website www.tendersorissa.gov.in.
N.B. : Subsequent corrigendum / addendum if required shall be available in the website as indicated above.

Sd/- Er. Prabhudatta pradhan
Superintening Engineer
BBSR (R&B) Division No.I, Bhubaneswar

OIPR : 34076/11/0023/2526

## ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ : ଆଖୁଆପଦା ଜଳସେଚନ ବିଭାଜନ

ଇମେଲ-akp.irrigationdivisin@gmail.com

A-285

'e'- Procurement Notice No. 06/2025-26

| | | | |
|---|---|---|---|
| 1. | କାର୍ଯ୍ୟର ନାମ | : | କେନାଲ ଓ ନଦୀବନ୍ଧ ମରାମତି କାର୍ଯ୍ୟ |
| 2. | ମୋଟ କାର୍ଯ୍ୟ ସଂଖ୍ୟା | : | ୦୨ ଗୋଟି କାର୍ଯ୍ୟ |
| 3. | ଅଟକଳ ମୂଲ୍ୟ | : | ୦୨.୭୭ ଲକ୍ଷ ରୁ ୫୫.୭୪ ଲକ୍ଷ |
| 4. | ଇ.ଏମ.ଡି (Bid Security) ଓ ବିଡ ମୂଲ୍ୟର ଦେୟ ପ୍ରଣାଳୀ | : | The bidder shall tranfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No. 17254/WE Dated. 05.12.2017 as Mentioned in DTCN. |
| 5. | କାର୍ଯ୍ୟର ସମାପ୍ତି ସମୟ | : | ୬ ମାସ । |
| 6. | ନିମ୍ନ ଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ | : | |
| | I. Procurement Officer | : | ଅଧିକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା |
| | II. ଅନଲାଇନ Biddingର ସମୟସୀମା | : | ତା. ୧୩.୦୬.୨୦୨୫ ଦିନ ୧୦ ଘଟିକା ରୁ ତା. ୨୧.୦୬.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ । |
| | III. Technical ଏବଂ Financial bid ଖୋଲାଯିବାର ତାରିଖ ଓ ସମୟ | : | ଅଧିକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା. ୨୩.୦୬.୨୦୨୫ ଦିନ ୧୧.୩୦ । |
| | IV. Transparent Lottery ର ତାରିଖ ଓ ସମୟ | : | ଅଧିକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା. ୦୨.୦୭.୨୦୨୫ ଦିନ ୧୧.୦୦ ଘଟିକାର ସମୟରେ । |

ଅନ୍ୟାନ୍ୟ ତଥ୍ୟ ଏହି ୱେବସାଇଟରେ ପ୍ରକାଶ କରାଯାଇଛି । www.tendersorissa.gov.in.

ସ୍ୱା/- ଅଧିକ୍ଷଣ ଯନ୍ତ୍ରୀ
ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା

OIPR : 32548/11/0006/2526

## ବେଦାନ୍ତ ଆଲୁମିନିୟମ ଝାରସୁଗୁଡାରେ

# ନୂତନ ସାଟେଲାଇଟ୍ ହସ୍ପିଟାଲକୁ ସମର୍ଥନ ସହ ସ୍ୱାସ୍ଥ୍ୟସେବାକୁ ବୃଦ୍ଧି କରିଛି

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡାର ପୁରୁଣା ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ (ଡିଏଚଏଚ)ର ବ୍ୟାପକ ନବୀକରଣକୁ ସମର୍ଥନ କରିଛି, ଯାହାକୁ ଚଳିତ ସପ୍ତାହରେ ଅନେକ ଜନପ୍ରତିନିଧି ଏବଂ ସମ୍ପ୍ରଦାୟ ସଦସ୍ୟମାନଙ୍କ ଉପସ୍ଥିତିରେ ଏହି ନୂତନ ସାଟେଲାଇଟ୍ ହସ୍ପିଟାଲ ଭାବରେ ପୁନଃ ଖୋଲାଯାଇଥିଲା। ଏହି ଅବସରରେ, ବେଦାନ୍ତ ରୋଗୀ ସେବା କ୍ଷମତା ବୃଦ୍ଧି କରିବାରେ ଏବଂ ସରକାରୀ ହସ୍ପିଟାଲକୁ ପ୍ରଭାବଶାଳୀ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାରେ ସମର୍ଥନ କରିବା ପାଇଁ ୨୫ଟି ହସ୍ପିଟାଲ ଶଯ୍ୟା ମଧ୍ୟ ଦାନ କରିଥିଲା।




ଝାରସୁଗୁଡାର ମଙ୍ଗଳ ବଜାରରେ ଅବସ୍ଥିତ ସାଟେଲାଇଟ୍ ହସ୍ପିଟାଲର ଉଦଘାଟନ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ସୁଲଭ ଏବଂ ନିର୍ଭରଯୋଗ୍ୟ ସ୍ୱାସ୍ଥ୍ୟସେବା ବିସ୍ତାର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ବେଦାନ୍ତ ହସ୍ପିଟାଲର ନିରନ୍ତର ଅଭିବୃଦ୍ଧି ଏବଂ କାର୍ଯ୍ୟକ୍ଷମ ପ୍ରଭାବକୁ ସୁନିଶ୍ଚିତ କରିବା ପାଇଁ ଏହାର ଦୀର୍ଘକାଳୀନ ସମର୍ଥନ ପାଇଁ ପ୍ରତିଶ୍ରୁତିବଦ୍ଧ। ଏହା ଗ୍ରାମୀଣ ସ୍ୱାସ୍ଥ୍ୟ ଭିତିଭୂମି ଏବଂ ଚିକିତ୍ସା ସେବାକୁ ସୁଦୃଢ଼ କରିବା ପାଇଁ କମ୍ପାନୀର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିବଦ୍ଧତା ଭାବରେ ଆସିଛି, ଏବଂ ଏହି ଅଂଚଳରେ ସ୍ଥିର, ଉଚ୍ଚ-ଗୁଣବତା ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବାରେ ସାହାଯ୍ୟ କରିବ। ବେଦାନ୍ତ ଆଲୁମିନିୟମର ନିରନ୍ତର ସମର୍ଥନ ଭିତିଭୂମି ଆବଶ୍ୟକତା ପୂରଣ କରିବାଠାରୁ ଅଧିକ - ଏହା ଅନୁନ୍ନତ ଅଂଚଳରେ ସାର୍ବଜନୀନ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସମର୍ଥନ କରିବା ପାଇଁ ଏକ ରଣନୈତିକ ଏବଂ ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରେ।ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା ତାଙ୍କ କହିଛନ୍ତି, "ବେଦାନ୍ତରେ, ଆମେ ବିଶ୍ୱାସ କରୁ ଯେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧତା ସାମୁଦାୟିକ ବିକାଶର ଏକ ମୂଳଦୁଆ। ଝାରସୁଗୁଡାର ସାଟେଲାଇଟ୍ ହସ୍ପିଟାଲ୍ ପ୍ରତି ଆମର ଦୀର୍ଘକାଳୀନ ପ୍ରତିବଦ୍ଧତା ହେଉଛି ଅଂଚଳର ସ୍ୱାସ୍ଥ୍ୟସେବା ଭିତିଭୂମିକୁ ସୁଦୃଢ଼ କରିବା ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ ଅତ୍ୟାବଶ୍ୟକ ଚିକିତ୍ସା ସେବା ଉପଲବ୍ଧ ହେବା ନିଶ୍ଚିତ କରିବା ପାଇଁ ଆମର ବୃହତ ପ୍ରୟାସର ଏକ ଅଂଶ ଅଟେ। ଝାରସୁଗୁଡା ଜିଲ୍ଲା ପ୍ରଶାସନ ସହିତ ଏପରି ସହଯୋଗ ପ୍ରୟାସ ମାଧ୍ୟମରେ, ଆମେ ସାର୍ବଜନୀନ ସ୍ୱାସ୍ଥ୍ୟ ଫଳାଫଳକୁ ଉନ୍ନତ କରିବା ଏବଂ ଏହି ଅଂଚଳରେ ଏକ ସକାରାତ୍ମକ, ସ୍ଥାୟୀ ପ୍ରଭାବ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ।"

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏହି ପଦକ୍ଷେପକୁ ପ୍ରଶଂସା କରି କହିଛନ୍ତି, "ଝାରସୁଗୁଡାରେ ସାଟେଲାଇଟ୍ ହସ୍ପିଟାଲକୁ ପୁନର୍ବାର ଖୋଲିବା ଏବଂ ସୁଦୃଢ଼ କରିବା ପାଇଁ ବେଦାନ୍ତ ଆଲୁମିନିୟମ୍ର ପ୍ରତିବଦ୍ଧତା ସାର୍ବଜନୀନ ସ୍ୱାସ୍ଥ୍ୟସେବା ବୃଦ୍ଧି କରିବାରେ କର୍ପୋରେଟ୍ ସହଭାଗୀର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଉଦାହରଣ ଦିଏ। ଏହି ଅବସରରେ ଉପସ୍ଥିତ ଝାରସୁଗୁଡାର ବିଧାୟକ ଶ୍ରୀ ଟଙ୍କଧର ତ୍ରିପାଠି ଉପସ୍ଥିତ ଥିଲେ । ସେ ବେଦାନ୍ତ ଆଲୁମିନିୟମ୍ ର ପ୍ରୟାସକୁ ପ୍ରଶଂସା କରିଥିଲେ । ଝାରସୁଗୁଡାର ଜିଲ୍ଲା କଲେକ୍ଟର ଶ୍ରୀମତୀ ଆବୋଲି ସୁନୀଲ ନାରଭାଣେ ମଧ୍ୟ ଏହି ପଦକ୍ଷେପର ଗୁରୁତ୍ୱ ଉପରେ ଆଲୋକପାତ କରି କହିଛନ୍ତି, "ବେଦାନ୍ତ ଆଲୁମିନିୟମର ଏହି ସହାୟତା ଆମ ଜିଲ୍ଲା ସ୍ୱାସ୍ଥ୍ୟସେବାର ଭିତିଭୂମିକୁ ବୃଦ୍ଧି କରିବାରେ ବହୁତ ସାହାଯ୍ୟ କରିବ। ସାଟେଲାଇଟ୍ ହସ୍ପିଟାଲର ନବୀକରଣ ଝାରସୁଗୁଡାରେ ବେଦାନ୍ତ ଆଲୁମିନିୟମ ଦ୍ୱାରା ଗ୍ରହଣ କରାଯାଇଥିବା ପ୍ରଭାବଶାଳୀ ସ୍ୱାସ୍ଥ୍ୟସେବା ପଦକ୍ଷେପର ଏକ ଅଂଶ। ପୂର୍ବରୁ, ବେଦାନ୍ତ ସହର ନିକଟବର୍ତ୍ତୀ ଅଂଚଳରେ ଏକ ଉନ୍ନତ ଡାଇଗ୍ନୋଷ୍ଟିକ୍ ସେଂଟର ସ୍ଥାପନ କରିଛି, ଯେଉଁଠାରେ ବାସିନ୍ଦାମାନେ ସରକାର-ଅନୁମୋଦିତ ଦରରେ ଅତ୍ୟାଧୁନିକ ଡାକ୍ତରୀ ପରୀକ୍ଷା ଏବଂ ଉଚ୍ଚମାନର ଡାଇଗ୍ନୋଷ୍ଟିକ୍ ସୁବିଧା ପାଇପାରୁଛନ୍ତି। ଏହା ସହିତ, ବେଦାନ୍ତ ବିଶେଷଜ୍ଞ ଡାକ୍ତରୀ କର୍ମଚାରୀଙ୍କ ଦ୍ୱାରା ସମର୍ଥିତ ଏକ ସୁସଜ୍ଜିତ ମୋବାଇଲ୍ ହେଲ୍ଥ ୟୁନିଟ୍ ପରିଚାଳନା କରେ, ଯାହା ପ୍ରତିଦିନ ଝାରସୁଗୁଡାର ଦୂରଦୂରାନ୍ତ ଗ୍ରାମଗୁଡିକରେ ଯାତ୍ରା କରେ, ଅବହେଳିତ ସମ୍ପ୍ରଦାୟଗୁଡ଼ିକୁ ଆବଶ୍ୟକୀୟ ଡାକ୍ତରୀ ପରାମର୍ଶ, ଡାଇଗ୍ନୋଷ୍ଟିକ୍ ଏବଂ ମାଗଣା ଔଷଧ ମଧ୍ୟ ପ୍ରଦାନ କରିଥାଏ।

---

## ଏବିପିଏମ୍.ଜେ.ଏ.ୱାଇ-ଜି.ଜେ.ଏ.ୱାଇ କାର୍ଡ ବଣ୍ଟନ ୧ କୋଟି ଟପିଲା

# ବିକାଶ-ବାହନ ଯାତ୍ରା କାଳରେ ବୟୋବନ୍ଦନା କାର୍ଡ ପାଇଁ ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଉପଲକ୍ଷେ ସାର୍ବଜନୀନ ଗୁଣାତ୍ମକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ ହୋଇଛି । ଚଳିତ ବର୍ଷ ଏପ୍ରିଲ ୧୧ ତାରିଖ ଦିନ ଶୁଭାରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ- ଯୋଜନା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଏ.ବି.ପି.ଏମ୍.ଜେ.ଏ.ୱାଇ-ଜି.ଜେ.ଏ.ୱାଇ) ରେ ଯୁଗ୍ମ କାର୍ଡ ବଣ୍ଟନ ୧ କୋଟି ଟପିଛି । ଏହାଛଡ଼ା ଆର୍ଥିକ ଓ ସାମାଜିକ ବର୍ଗ ନିର୍ବିଶେଷରେ ସମସ୍ତ ୭୦ ବର୍ଷ ବା ତଦୁର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ସାମିଲ କରାଯାଇଛି । ସେମାନଙ୍କ କାର୍ଡ ପାଇଁ ବିକାଶ-ବାହନ ଯାତ୍ରା କାଳରେ ଶତ ପ୍ରତିଶତ ଇ.କେ.ୱାଇ.ସି ଶେଷ କରିବାକୁ ବିଭାଗ ତରଫରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି । ଏହି ଅଭିଯାନକୁ ପୂର୍ଣ୍ଣ ମାତ୍ରାରେ ସଫଳ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ତଥା ରାଜ୍ୟ ସ୍ୱାସ୍ଥ୍ୟ ଭରସା ସମିତି(ସାସ୍) ଅଧ୍ୟକ୍ଷ ଶ୍ରୀମତୀ ଅଶ୍ୱତୀ ଏସ୍ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟର ସମସ୍ତ ଜିଲ୍ଲାରେ ସମୁଦାୟ ୧ କୋଟି ୪୧ ହଜାର ୮୬୩ ଟି ଏ.ବି.ପି.ଏମ୍.ଜେ.ଏ.ୱାଇ-ଜି.ଜେ.ଏ.ୱାଇ ଯୁଗ୍ମ କାର୍ଡ କାର୍ଡ ବଣ୍ଟାଯାଇଛି । କାର୍ଡ ବଣ୍ଟନରେ ଗଞ୍ଜାମ, ମୟୂରଭଞ୍ଜ, କଟକ ଓ ବଲାଙ୍ଗୀର ଆଦି ଜିଲ୍ଲା ଆଗୁଆ ଅଛନ୍ତି । ଗଞ୍ଜାମ ଜିଲ୍ଲାରେ ୭.୯୬ ଲକ୍ଷ କାର୍ଡ ବଣ୍ଟା ହୋଇଥିବା ବେଳେ ମୟୂରଭଞ୍ଜରେ ୭.୩୩ ଲକ୍ଷ, କଟକରେ ୬.୮୮ ଲକ୍ଷ ଏବଂ ବଲାଙ୍ଗୀରରେ ୫.୩୪ ଲକ୍ଷରୁ ଅଧିକ କାର୍ଡ ବଣ୍ଟାଯାଇଛି । ସମସ୍ତ ୩୦ ଜିଲ୍ଲାରେ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ କାର୍ଡ ବଣ୍ଟନ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ସେହିପରି ୭୦ ବର୍ଷ ବା ତଦୁର୍ଦ୍ଧ୍ୱ ନାଗରିକ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୩.୨୧ ଲକ୍ଷ ବରିଷ୍ଠ ନାଗରିକଙ୍କ ଇକେୱାଇସି କରି କାର୍ଡ ପ୍ରସ୍ତୁତ କରାଯାଇଛି । ଅବଶିଷ୍ଟ ୧୯.୭୯ ଲକ୍ଷ ବରିଷ୍ଠ ନାଗରିକଙ୍କ ଇ.କେ.ୱାଇ.ସି ବିକାଶ-ବାହନ ଯାତ୍ରା କାଳରେ ଜୁନ ୨୨ ତାରିଖ ସୁଦ୍ଧା ଶେଷ କରିବାକୁ ଶାସନ ସଚିବ ଶ୍ରୀମତୀ ଅଶ୍ୱତୀ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ଗ୍ରାମ ଓ ପଞ୍ଚାୟତୱାରୀ ଅଣୁ-କାର୍ଯ୍ୟସୂଚୀ ସହ ସମୟ-ନିର୍ଘଣ୍ଟ ପ୍ରସ୍ତୁତ କରିବା ପାଇଁ ସାସ୍ ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡାକ୍ତର ବୃନ୍ଦା. ଡି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ କ୍ଷେତ୍ରସ୍ତରୀୟ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅଣୁ-କାର୍ଯ୍ୟଯୋଜନା ଗୁଡ଼ିକୁ ସଂପୃକ୍ତ ଅଂଚଳର ଆଶାକର୍ମୀ, ଏ.ଏନ୍.ଏମ, ଅଙ୍ଗନବାଡ଼ି କର୍ମୀ, ବହୁମୁଖି ସ୍ୱାସ୍ଥ୍ୟକର୍ମୀ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ବ୍ଲକ ଏବଂ ଜିଲ୍ଲା ପ୍ରୋଗ୍ରାମ ଅଫିସରମାନେ ସକ୍ରିୟ ଭାବେ ସାମିଲ ହୋଇ କାର୍ଯ୍ୟାୟନ କରିବା ପାଇଁ ଡାକ୍ତର ବୃନ୍ଦା ନିର୍ଦ୍ଦେଶ ଦେଇଛନ୍ତି । ବୟୋବନ୍ଦନା ଯୋଜନାରେ ପ୍ରତି ପରିବାର ତାଲିକାଭୁକ୍ତ ହସ୍ପିଟାଲମାନଙ୍କରେ ବାର୍ଷିକ ୫ ଲକ୍ଷ ଟଙ୍କାର ଦେୟମୁକ୍ତ ଚିକିତ୍ସା ପାଇବେ । ଏହି ଟଙ୍କା ତାଙ୍କ ମୂଳ ପରିବାରର ୫ ଲକ୍ଷ ଟଙ୍କା ପାଣ୍ଠି ଠାରୁ ଅଲଗା ହେବ । ଯେଉଁ ଯୋଗ୍ୟ ବ୍ୟକ୍ତି ମାନେ ବର୍ତ୍ତମାନ ସୁଦ୍ଧା ନୂଆ ଯୁଗ୍ମ-କାର୍ଡ ପାଇନାହାନ୍ତି ସେମାନେ ନିଜର ଆଧାର କାର୍ଡ/ପୁରୁଣା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଡ ଦେଖାଇ ତାଲିକାଭୁକ୍ତ ହସ୍ପିଟାଲମାନଙ୍କରେ ଦେୟମୁକ୍ତ ଚିକିତ୍ସା ପାଇପାରିବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ସ୍ପଷ୍ଟ କରିଦିଆଯାଇଛି ।

---

# ଭୁବନେଶ୍ୱରରେ ଏସ୍ଫିକନ ଓ ୱେସକନ ୨୦୨୫ ଆୟୋଜିତ

ଭୁବନେଶ୍ୱର (ସବ୍ୟୁ) : ଏଣ୍ଡୋସ୍କୋପିକ ସ୍ପାଇନ ଫାଉଣ୍ଡେଶନ (ଇଣ୍ଡିଆ) ପକ୍ଷରୁ ଭୁବନେଶ୍ୱରସ୍ଥିତ ହୋଟେଲ ମେଫେୟାରଠାରେ ଜୁନ୍ ୧୨ରୁ ୧୪ ତାରିଖ ୨୦୨୫ ପର୍ଯ୍ୟନ୍ତ ଏଣ୍ଡୋସ୍କୋପିକ ସ୍ପାଇନ ସର୍ଜରୀ ବିଷୟବସ୍ତୁ ଉପରେ ଭାରତର ପ୍ରମୁଖ ସମ୍ମିଳନୀ ୬ଷ୍ଠ ଏସ୍ଫିକନ ଓ ୱେସକନ ୨୦୨୫ର ଘୋଷଣା କରାଯାଇଛି। ଏଣ୍ଡୋସ୍କୋପିକ ରିଡିଫାଇନିଂ ସ୍ପାଇନ ବାଉଣ୍ଡରିଜ' ବିଷୟବସ୍ତୁ ଅଧିନରେ ଏହି ସମ୍ମିଳନୀରେ ଉଦ୍ଭାବନ, ଶିକ୍ଷା ଓ ପ୍ରଶିକ୍ଷଣ ମାଧ୍ୟମରେ ମିନିମାଲି ଇନଭାସିଭ ସ୍ପାଇନ କେୟାର୍ର ଅଗ୍ରଗତି ପାଇଁ ୨୫୦ରୁ ଅଧିକ ଆନ୍ତର୍ଜାତୀୟ ବିଶେଷଜ୍ଞ ଏକତ୍ରିତ ହେବେ।

ଏହି କାର୍ଯ୍ୟକ୍ରମରେ ଲାଇଭ ସର୍ଜିକାଲ ପ୍ରଦର୍ଶନୀ ଅନ୍ତର୍ଭୁକ୍ତ ରହିଛି ଯେଉଁଠାରେ ଡିଷ୍ଟାଣ୍ଡାଉ, ୟୁବିଇ ଓ ଟ୍ରାନ୍ସଫରାମିନାଲ ଏଣ୍ଡୋସ୍କୋପିକ ଆପ୍ରୋଚେସ ଭଳି ୫ଟି ଆଡ୍ଭାନ୍ସଡ ଟେକ୍ନିକକୁ ବାସ୍ତବ ସମୟରେ ପ୍ରଦର୍ଶିତ କରାଯାଉଛି। ଏହାଛଡା ଏକ ହ୍ୟୁମାନ କାଡାଭର ୱର୍କସପ ବିଶେଷଜ୍ଞଙ୍କ ମାର୍ଗଦର୍ଶନରେ ନିଜର ଦକ୍ଷତାକୁ ଉନ୍ନତ କରିବା ପାଇଁ ସର୍ଜନଙ୍କ ପାଇଁ ଏକ ବ୍ୟାପକ ପ୍ରଶିକ୍ଷଣ ଅଧିବେଶନ ପ୍ରଦର୍ଶିତ ହେବ। ସେହିପରି ସିଏମଇ-ସ୍ୱୀକୃତିପ୍ରାପ୍ତ ସେଶନଗୁଡିକରେ ଅଂଶଗ୍ରହଣକାରୀଙ୍କ ପାଇଁ ତର୍କ, ମାମଲା ଉପରେ ଆଲୋଚନା ଓ ମୁଖ୍ୟ ଅଭିଭାଷଣ ସମେତ ୧୨ଟି ସିଏମଇ କ୍ରେଡିଟ ପଏଂଟ ସାମିଲ ରହିଛି।

ଏସିଆ, ୟୁରୋପ, ଆଫ୍ରିକା ଓ ମିଡିଲ ଇଷ୍ଟର ପ୍ରତିଷ୍ଠିତ ବକ୍ତାମାନେ ଏହି ସମ୍ମିଳନୀରେ ଯୋଗ ଦେଇଛନ୍ତି। ଅତ୍ୟାଧୁନିକ ଗବେଷଣାଗୁଡିକୁ ସେଲିବ୍ରେଟ କରିବା ପାଇଁ ଏଠାରେ ବେଷ୍ଟ ପେପର୍ ଓ ଇ-ପୋଷ୍ଟର ଆୱାର୍ଡ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଲିଡରସିପ ଇନ୍ସାଇଟ୍ସ ମଧ୍ୟ ଅନ୍ତର୍ଭୁକ୍ତ ରହିଛି।

ଆୟୋଜକ ଅଧ୍ୟକ୍ଷ ଡକ୍ଟର ଶଙ୍କର ଆଚାର୍ଯ୍ୟ କହିଛନ୍ତି, "ଏହି ସମ୍ମିଳନୀ ଆନ୍ତର୍ଜାତୀୟ ବିଶେଷଜ୍ଞତାକୁ ସୁଲଭ, ଅତ୍ୟଧିକ ଉଚ୍ଚମାନର ସ୍ପାଇନ ଚିକିତ୍ସା ପାଇଁ ଭାରତର ବଢୁଥିବା ଚାହିଦା ସହିତ ଏକତ୍ରିତ କରିଛି। ଆମର ଲକ୍ଷ୍ୟ ହେଉଛି ଆଧୁନିକ ଏଣ୍ଡୋସ୍କୋପିକ ପଦ୍ଧତିଗୁଡିକୁ ଗଣତାନ୍ତ୍ରିକ କରିବା।"

ସେହିପରି ସହ-ଆୟୋଜକ ଅଧ୍ୟକ୍ଷ ଡକ୍ଟର ଆତ୍ମରଞ୍ଜନ ଦାସ କହିଛନ୍ତି, " ଭୁବନେଶ୍ୱରର ଐତିହ୍ୟ ଓ ଆଧୁନିକତାର ମିଶ୍ରଣ ଏହାକୁ ଏକ ଆଦର୍ଶ ଆୟୋଜକରେ ପରିଣତ କରୁଛି। ଆମେ ପ୍ରତିନିଧିମାନଙ୍କୁ ପରିବର୍ତ୍ତନଶୀଳ ଶିକ୍ଷା ସହିତ ଆମର ମନ୍ଦିର ଓ ପରମ୍ପରାକୁ ଅନ୍ୱେଷଣ କରିବା ପାଇଁ ଆମନ୍ତ୍ରଣ କରୁଛୁ।"

ଡବ୍ଲ୍ୟୁଇଏସଏସ ୱାର୍ଲ୍ଡ ଏଣ୍ଡୋସ୍କୋପିକ ସ୍ପାଇନ ସୋସାଇଟିର ଅଧ୍ୟକ୍ଷ ଓ ଆୟୋଜକ ସମ୍ପାଦକ ଡକ୍ଟର ପରେଶ ସି. ଦେ' କାଡାଭରିକ ୱର୍କସପର ମହତ୍ୱକୁ ଗୁରୁତ୍ୱାରୋପ କରିଥିଲେ।

---

## ଆଇଏଫଏଲ୍ ଏଣ୍ଟରପ୍ରାଇଜେସ ରାଇଟସ୍ ଇସ୍ୟୁରୁ ୪୯.୧୪

# କୋଟି ଟଙ୍କା ସଂଗ୍ରହ କରିବାକୁ ଅନୁମୋଦନ ହାସଲ କଲା

ଭୁବନେଶ୍ୱର (ସବ୍ୟୁ): କୃଷି ସାମଗ୍ରୀର ଆମଦାନୀ, ରପ୍ତାନି ଓ ଟ୍ରେଡିଂ ସହିତ କୃଷି ସାମଗ୍ରୀ ବ୍ୟବସାୟରେ ନିୟୋଜିତ ଥିବା ଆଇଏଫଏଲ ଏଣ୍ଟରପ୍ରାଇଜେସ ଲିମିଟେଡ (ବିଏସଇ-୫୪୦୩୭୭) ର ୪୯.୧୪ କୋଟି ଟଙ୍କା ରାଇଟସ୍ ଇସ୍ୟୁ ସବ୍ସ୍କ୍ରିପସନ ନିମନ୍ତେ ୨୦୨୫ ଜୁନ୍ ୧୯ ତାରିଖରେ ଉନ୍ମୁକ୍ତ ହେବ ଏବଂ ଏହା ୨୦୨୫ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ। ରାଇଟସ୍ ଇସ୍ୟୁକୁ ଆକର୍ଷଣୀୟ ଭାବରେ ସେୟାର ପିଛା ୧ ଟଙ୍କା ମୂଲ୍ୟ ବିଶିଷ୍ଟ କରାଯାଇଛି ଏବଂ ଏହା ଅଂଶଧାରକମାନଙ୍କୁ କମ୍ପାନୀରେ ସେମାନଙ୍କର ଇକ୍ୱିଟି ବୃଦ୍ଧି କରିବା ନିମନ୍ତେ ଏକ ସୁଯୋଗ ଯୋଗାଇ ଦେଉଛି। ୨୦୨୫ ଜୁନ ୯ ତାରିଖରେ ଅନୁଷ୍ଠିତ ବୈଠକରେ ବୋର୍ଡ ଅଫ ଡାଇରେକ୍ଟର୍ସ ରାଇଟସ୍ ଇସ୍ୟୁ ସମ୍ପର୍କରେ ବିଚାର କରିବା ସହିତ ତାହାକୁ ଅନୁମୋଦନ କରିଥିଲେ। ପୂର୍ବରୁ ୨୦୨୪ ଡିସେମ୍ବର ୩୦ ତାରିଖରେ କମ୍ପାନୀର ବୋର୍ଡ ଅଫ ଡାଇରେକ୍ଟର୍ସର ନିଷ୍ପତ୍ତି ଏବଂ ୨୦୨୫ ମାର୍ଚ୍ଚ ୦୭ ତାରିଖର ଚିଠା ଲେଟର ଅଫ ଅଫର୍କୁ ପ୍ରସ୍ତାବିତ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ରାଇଟସ୍ ଇସ୍ୟୁ (ପଚାଶ କୋଟି ଟଙ୍କା) ପାଇଁ 'ନୀତିଗତ ଅନୁମୋଦନ' ହାସଲ ତଥା ବିଏସଇ ଲିମିଟେଡ ନିକଟରୁ ହାସଲ କରାଯାଇଥିବା 'ନୀତିଗତ ଅନୁମୋଦନ'କୁ ଏହାର ପତ୍ର ସଂଖ୍ୟା ଏଲଓଡି/ରାଇଟ୍/କେଏସ/ଏଫଆଇପି/୨୧୩/୨୦୨୫-୨୬, ତା.ମେ ୧୯, ୨୦୨୫କୁ ଦାଖଲ କରାଯାଇଥିଲା। ୨୦୨୫ ଜୁନ ୧୩ ରେକର୍ଡ ତାରିଖ ସୁଦ୍ଧା ଇକ୍ୱିଟି ସେୟାର ଧାରଣ କରୁଥିବା ଅଂଶଧାରକମାନେ ସେମାନେ ଧାରଣ କରୁଥିବା ପ୍ରତ୍ୟେକ ୯୧ଟି ଫୁଲି ପେଡ୍-ଅପ ଇକ୍ୱିଟି ସେୟାର ନିମନ୍ତେ ୬୦ଟି ରାଇଟସ୍ ଇକ୍ୱିଟି ସେୟାର ଅନୁପାତରେ ରାଇଟ ସେୟାର ହାସଲ ନିମନ୍ତେ ଆବେଦନ କରିବାକୁ ଯୋଗ୍ୟ ବିବେଚିତ ହେବେ। ଅନ୍-ମାର୍କେଟ ଆରଇଗୁଡିକ ପରିତ୍ୟାଗ ନିମନ୍ତେ ଶେଷ ତାରିଖ ୨୦୨୫ ଜୁନ୍ ୨୪ ତାରିଖ ରଖାଯାଇଛି। ରାଇଟସ୍ ଇସ୍ୟୁ ମଧ୍ୟରେ ପ୍ରତ୍ୟେକ ୧ ଟଙ୍କା ଫେସ୍ ଭାଲ୍ୟୁ ବିଶିଷ୍ଟ ୪୯,୧୪,୭୬,୬୨୦ ଫୁଲି ପେଡ- ଅପ୍ ଇକ୍ୱିଟି ସେୟାର ରହିଛି ଯାହାର ମୋଟ ପରିମାଣ ୪୯.୧୪ କୋଟି ଟଙ୍କା।

---

## ୩ ଦିନ ହେଲା ନିଖୋଜ ଠିକାଦାରଙ୍କ ପତ୍ତା ମିଳିପାରୁନି

ସୋର (ସ.ବ୍ୟୁ) : ଯାଜପୁର ଜିଲ୍ଲା ମଙ୍ଗଳପୁର ଅଞ୍ଚଳରୁ ଜଣେ ପେଟି ଠିକାଦର ଗତ ବୁଧବାର ଦିନ ସୋରକୁ ଆସି କେଉଆଡ଼େ ନିଖୋଜ ହୋଇଥିବାରୁ ତାଙ୍କ ସ୍ତ୍ରୀ ସୋର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ ଯାଯପୁର ମଙ୍ଗଳପୁର ଥାନା ଓଡ଼ଶାଳ ଗ୍ରାମର ଜଣେ ପେଟି ଠିକାଦାର ଶୁଭ୍ରାଂଶୁ ଶେଖର ସାମଲ(୪୩) ପର୍ଯ୍ୟନ୍ତ ଫେରି ନ ଥିବା ବେଳେ ଗତ ୧୧ତରିଖ ବୁଧବାର ଅପରାହ୍ନ ୩ଟା ସମୟରେ ସୋର ଥାନା କୋଚିଆକୋଇଲି ପାଟଣାରେ ହେଉଥିବା ଏକ କାର୍ଯ୍ୟ ତଦାରଣ ଏବଂ ଟଙ୍କା ଦେବା ପାଇଁ ଆସି ରାତି ୭.୩୦ମିନିଟ ସମୟରେ ଘରକୁ ଫୋନ କରିଥିଲେ । ପରଦିନ ସଂଧ୍ୟା ପର୍ଯ୍ୟନ୍ତ ଘରକୁ ନଫେରି ସହିତ ତାଙ୍କର ଫୋନ ସୁଇସଅଫ୍ ଏବଂ କୌଣସି ଯୋଗାଯୋଗ ହୋଇ ନପାରିବାରୁ ସଂପୃକ୍ତ ମିସ୍ତ୍ରୀକୁ ଫୋନ କରିଥିଲେ । ଶୁଭ୍ରାଂଶୁ ବୁଧବାର ରାତି ୮ଟା ବେଳେ ଫେରିଯାଇଥିବା କରିବାରୁ ସନ୍ଦେହ କରି ତାଙ୍କ ସ୍ତ୍ରୀ ନବନୀତା ଗତକାଲି ରାତିରେ ସୋର ଥାନାରେ ପହଞ୍ଚି ଅଭିଯୋଗ କରିଛନ୍ତି । ପୁଲିସ ଅଭିଯୋଗ ମୂଳେ ଏକ ମକଦ୍ଦମା ରୁଜୁ ତଦନ୍ତ ଆରମ୍ଭ କରିଛି । ଆଜି ସନ୍ଧ୍ୟା ସୁଦ୍ଧା ତାଙ୍କର କୌଣସି ପତ୍ତା ମିଳି ନଥିବାରୁ ତାଙ୍କୁ କେହି ଅପହରଣ କରି ନେଇଥିବା ତାଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି ।

---

## ହୋଣ୍ଡା ମୋଟର ସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ଭୁବନେଶ୍ୱର

# ଟ୍ରାଫିକ୍ ଟ୍ରେନିଂ ପାର୍କର ୧୧ତମ ବର୍ଷ ପୂର୍ତ୍ତି ପାଳନ

ଭୁବନେଶ୍ୱର, (ସବ୍ୟୁ) : ନିରାପଦ ସଡ଼କ ଏବଂ ସଚେତନ ଗାଡି ଚାଳନା ଦିଗରେ ନିଜର ଅଭିଯାନକୁ ନିରନ୍ତର ବଜାୟ ରଖି, ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚଏମଏସଆଇ) ଭୁବନେଶ୍ୱର, ଓଡ଼ିଶାରେ ଥିବା ତାହାର ଟ୍ରାଫିକ ଟ୍ରେନିଂ ପାର୍କର ୧୧ତମ ବର୍ଷ ପୂର୍ତ୍ତି ସନତ କୁମାର ଜେନା (ଆରଟିଓ-୨, ଭୁବନେଶ୍ୱର) ଏବଂ ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆର ପ୍ରତିନିଧିଙ୍କ ଉପସ୍ଥିତିରେ ପାଳନ କରିଛି। ଏହାର ଆରମ୍ଭ ଦିନଠାରୁ ପାର୍କ ସଡ଼କ ନିରାପତ୍ତାକୁ ପ୍ରୋତ୍ସାହିତ କରିବା ଏବଂ ନାଗରିକଙ୍କ ମଧ୍ୟରେ ଟ୍ରାଫିକ ସଚେତନତାରେ ବୃଦ୍ଧି ଘଟାଇବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଜୁନ୍ ୨୦୧୪ରେ ଏଚଏମଏସଆଇ, ଓଡ଼ିଶା ମୋଟର ଯାନ ବିଭାଗ ସହଭାଗୀତାରେ ଓଡ଼ିଶାରେ ତାହାର ପ୍ରଥମ ଟ୍ରାଫିକ ଟ୍ରେନିଂ ପାର୍କକୁ ଆପଣେଇଥିଲା, ଯାହା ରାଜଧାନୀ ଭୁବନେଶ୍ୱର ସହରରେ ଅବସ୍ଥିତ। ଏହା ଆରମ୍ଭ ଦିନଠାରୁ ପାର୍କ ସଡ଼କ ନିରାପତ୍ତା ଶିକ୍ଷାର ଏକ କେନ୍ଦ୍ରସ୍ଥଳ ପାଲଟିଛି- ସମସ୍ତ ବୟସ ବର୍ଗର ୩.୬ ଲକ୍ଷରୁ ଅଧିକ ଲୋକଙ୍କୁ ତାଲିମ ପ୍ରଦାନ



କରିସାରିଛି। ଏହି ପ୍ରୟାସରେ ବ୍ୟକ୍ତିବିଶେଷ ନିରାପଦ, ଅଧିକ ସଜାଗ ସଡ଼କ ବ୍ୟବହାରକାରୀ ହେବା ନିମନ୍ତେ ସେମାନଙ୍କୁ ସହାୟତା କରିବା ନିମନ୍ତେ ପ୍ରାକ୍ଟିକାଲ ଗାଡି ଚାଳନା ଅଭ୍ୟାସ ସହିତ ସଚେତନତା ଅଧିବେଶନଗୁଡିକୁ ସାମିଲ କରାଯାଉଛି। ୧୧ତମ ବର୍ଷ ପୂର୍ତ୍ତି ପାଳନ ନିମନ୍ତେ ଏଚଏମଏସ ସେଣ୍ଟ୍ରାଲ ଟୁଲ ରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟ୍ରାଲ ଛାତ୍ର ଛାତ୍ରୀଙ୍କ ନିମନ୍ତେ ଏକ ଅଧିବେଶନ ଆୟୋଜନ କରିଥିଲା। ଏହି ଅଧିବେଶନ ଗାଡିଚାଳନାଗତ ଶୃଙ୍ଖଳାର ବିଭିନ୍ନ ଦିଗ ଏବଂ ଦୈନନ୍ଦିନ ସଡ଼କରେ ରହୁଥିବା ଆପଦଗୁଡିକ ଉପରେ ଦୃଷ୍ଟିନିବଦ୍ଧ କରାଯାଇଥିଲା, ଯେଉଁଗୁଡିକ ସଡ଼କ ନିରାପତ୍ତା ସଚେତନତା ସୃଷ୍ଟି ନିମନ୍ତେ ଅତ୍ୟାବଶ୍ୟକ ଉପାଦାନ ଅଟେ । ଟ୍ରାଫିକ ଟ୍ରେନିଂ ପାର୍କ ଶିକ୍ଷାନବୀଶଙ୍କୁ ବାସ୍ତବ ଶିକ୍ଷଣ ଅନୁଭୂତିରେ ନିୟୋଜିତ କରୁଛି ଯାହା ସଡ଼କରେ ଦାୟିତ୍ୱସମ୍ପନ୍ନ ଆଚରଣ ନିମନ୍ତେ ଉତ୍ସାହିତ କରୁଛି। ଭୁବନେଶ୍ୱରସ୍ଥିତ ଟ୍ରାଫିକ ଟ୍ରେନିଂ ପାର୍କ ଏହାର ଦ୍ୱାଦଶ ବର୍ଷରେ ପ୍ରବେଶ କରିଥିବାବେଳେ ଏକ ନିରାପତ୍ତା ସଂସ୍କୃତି ନିର୍ମାଣ ଉପରେ ଦୃଷ୍ଟିନିବଦ୍ଧ ରହିଛି ଯାହା ପ୍ରତିବର୍ଷ ଅଧିକ ମଜଭୁତ ହେବାରେ ଲାଗିଛି । କେବଳ ସଂଖ୍ୟା ବୃଦ୍ଧି କରିବା ନୁହେଁ ତାହା ସହିତ ବିଶେଷକରି ପରବର୍ତ୍ତୀ ପିଢିର ସଡ଼କ ବ୍ୟବହାରକାରୀଙ୍କ ମଧ୍ୟରେ ଗୁଣାତ୍ମକ ନିୟୋଜନତାକୁ ଅଧିକ ନିବିଡ କରିବାକୁ ଲକ୍ଷ୍ୟ ରଖାଯାଇଛି। କମ୍ପାନୀ ସଡ଼କ ନିରାପତ୍ତାକୁ ସୁଲଭ୍ୟ ଏବଂ ନିୟୋଜନକାରୀ କରିବା ଆଶା ରଖିଛି । ନିରନ୍ତର ପ୍ରୟାସ ସହିତ ଏଚଏମଏସଆଇ ସଚେତନତାକୁ ଦୈନନ୍ଦିନ କାର୍ଯ୍ୟାନ୍ୱୟନରେ ପରିଣତ କରିବା ଆଶା ରଖିଛି ଏବଂ ଏହାଦ୍ୱାରା ନିରାପଦ ଗାଡି ଚାଳନା ଯେଭଳି ଭୁବନେଶ୍ୱର ଏବଂ ତାହା ବାହାର ଅଞ୍ଚଳରେ ଯାତ୍ରୀଙ୍କ ନିମନ୍ତେ ନିରାପଦ ହୋଇପାରିବ ତାହା ସୁନିଶ୍ଚିତ କରୁଛି।

---

# ବିଓବି ଭଞ୍ଜପୁର, ବାରିପଦା ଶାଖା ଉଦ୍ଘାଟିତ

ଭୁବନେଶ୍ୱର (ସବ୍ୟୁ): ଦେଶର ପ୍ରମୁଖ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ମଧ୍ୟରୁ ଅନ୍ୟତମ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, କଟକ କ୍ଷେତ୍ର ଅନ୍ତର୍ଗତ ଭଞ୍ଜପୁର, ବାରିପଦାଠାରେ ଏହାର ନୂତନ ଶାଖା ଖୋଲାଯାଇ ଗ୍ରାହକ ସେବା ପ୍ରତି ଥିବା ନିଜର ପ୍ରତିବଦ୍ଧତାକୁ ପ୍ରକାଶ କରାଯାଇଛି। ବ୍ୟାଙ୍କ ଅଫ୍ ବରୋଦା ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟର ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟ ଆନୁଷ୍ଠାନିକ ଭାବେ ଏହି ନୂତନ ଶାଖାର ଉଦ୍ଘାଟନ କରିଥିଲେ। ନୂତନ ଶାଖାଟି ଭଞ୍ଜପୁର, ବାରିପଦାର ବାସିନ୍ଦା ଏବଂ ବ୍ୟବସାୟଗୁଡିକର ଆବଶ୍ୟକତା ଅନୁଯାୟୀ ଉନ୍ନତ ବ୍ୟାଙ୍କିଙ୍ଗ ସେବା ପ୍ରଦାନ କରିବାରେ ଲକ୍ଷ୍ୟ ରଖିଛି



ଯେଉଁଥିରେ ବ୍ୟକ୍ତିଗତ ଆର୍ଥିକ ସମାଧାନ, ସହଜ ଡିଜିଟାଲ ବ୍ୟାଙ୍କିଙ୍ଗ ବିକଳ୍ପ ଏବଂ ବିଶେଷଜ୍ଞ ପରାମର୍ଶଦାତା ସେବାଗୁଡିକ ଅନ୍ତର୍ଭୁକ୍ତ। ଶାଖାର ଉଦ୍ଘାଟନ ପରେ, ଶ୍ରୀମତୀ ବନ୍ଦୋପାଧ୍ୟାୟ ବ୍ୟାଙ୍କର ନିକଟବର୍ତ୍ତୀ ଅନ୍ୟାନ୍ୟ ଶାଖାଗୁଡିକୁ ମଧ୍ୟ ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କର କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ପ୍ରଦୀପ କୁମାର ବେହେରା, ଉପ-କ୍ଷେତ୍ରୀୟ ମୁଖ୍ୟ ଗୌତମ ପାଲ ଏବଂ ବ୍ୟାଙ୍କର କର୍ମଚାରୀ ତଥା ଗ୍ରାହକମାନେ ଉପସ୍ଥିତ ଥିଲେ। ଏହି ଉଦ୍ଘାଟନୀ ଉତ୍ସବରେ ବହୁ ସମ୍ମାନୀତ ଅତିଥି, ଅଧିକାରୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ।

---

# ଓସିପିଏଲ୍ କର୍ମଚାରୀଙ୍କ ଦ୍ୱାରା ରକ୍ତଦାନ କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ଅନ୍ତର୍ଜାତୀୟ ରକ୍ତଦାନ ଦିବସ ୨୦୨୫ ଅବସରରେ ଓଡ଼ିଶା କୋଲ୍ ଏଣ୍ଡ ପାୱର୍ ଲିମିଟେଡ଼ (ଓସିପିଏଲ୍) ଦ୍ୱାରା ୧୩ ଜୁନ୍ ୨୦୨୫ ରେ ମାନୋହରପୁର ଟାଉନ୍ସିପ୍ କମ୍ପ୍ଲେକ୍ସ ସ୍ଥିତ ଓସିପିଏଲ୍ ଡିସ୍ପେନସାରୀରେ ଏକ ସାମୁହିକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏହି ଶିବିରର ଉଦ୍ଦେଶ୍ୟ ଥିଲା ରକ୍ତଦାନ ସନ୍ଦେଶକୁ ସମାଜରେ ପ୍ରସାର କରିବା ଏବଂ ଆପାତକାଳୀନ ସମୟରେ ଆବଶ୍ୟକ ରକ୍ତ ଯୋଗାଇବା। କାର୍ଯ୍ୟକ୍ରମରେ ଓସିପିଏଲ୍ଏବଂଏହାର ସହଭାଗୀ ସଂସ୍ଥା ବିଜିଆର୍ ମାଇନିଂର କର୍ମଚାରୀମାନେ ବ୍ୟାପକ ସଂଖ୍ୟାରେ ଭାଗ ନେଇଥିଲେ। ଏହି ଅବସରରେ ଓସିପିଏଲ୍ ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ଓ ସେମାନେ କର୍ମଚାରୀମାନଙ୍କ ଉତ୍ସାହକୁ ବଢ଼ାଇଦେଲେ।



ଏହି ଉଦ୍ୟମ ମାନବ ଜୀବନ ବଞ୍ଚାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ। ସ୍ଥାନୀୟ ରକ୍ତଦାନ ସଂସ୍ଥା ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ଏବଂ ସମସ୍ତ ଆବଶ୍ୟକ ବ୍ୟବସ୍ଥା କରିଥିଲେ। ଏହି ଶିବିରରେ୬୨ ବୋତଲ ରକ୍ତ ସଂଗ୍ରହ କରାଯାଇଥିଲା । ଏହାପୂର୍ବରୁ, ଓସିପିଏଲ୍ ର ପ୍ରତିଷ୍ଠା ଦିବସ ଅବସରରେ ୨୦ ଜାନୁଆରୀ ୨୦୨୫ ରେ ଆୟୋଜିତ ହୋଇଥିବା ଅନ୍ୟ ଏକ ରକ୍ତଦାନ ଶିବିରରେ୮୭ବୋତଲ ରକ୍ତ ସଂଗ୍ରହ କରି ଦାନ କରାଯାଇଥିଲା। ଓସିପିଏଲ୍ ର ଏହି ସାମାଜିକ ପ୍ରୟାସ ଓ ସେବାଭାବ ପ୍ରତି ଜିଲ୍ଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଏବଂ ଅନ୍ୟାନ୍ୟ ବେସରକାରି ସଂଗଠନର ଅଧିକାରୀମାନେ ଗଭୀର ପ୍ରଶଂସା କରିଛନ୍ତି । ଏହି ପ୍ରକାର ଉଦାହରଣମୂଳକ ଉଦ୍ୟମ ମାଧ୍ୟମରେ ଓସିପିଏଲ୍,ଏକ ସଚେତନ ଉଦ୍ୟୋଗ ଭାବରେ ସାମାଜିକ ଉନ୍ନତି ଓ ଜନସ୍ୱାସ୍ଥ୍ୟ ପ୍ରତି ତାହାର ଦୃଢ଼ ପ୍ରତିବଦ୍ଧତାକୁ ସର୍ବଦା ବଜାୟ ରଖିଛି ।

---




ଅହମଦାବାଦରେ ଘଟିଯାଇଥିବା ମର୍ମନ୍ତୁଦ ବିମାନ ଦୁର୍ଘଟଣାରେ ମୃତାହତ ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ତରଫରୁ ବାଲୁକା କଳା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି

---

## ଜାୱା ୟେଜଦୀ ମୋଟରସାଇକେଲ ନୂଆ ମଡେଲର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ଜାୱା ୟେଜଦୀ ମୋଟରସାଇକେଲ୍ସ, ୟେଜଦୀ ଆଡଭେଂଚରର ୨୦୨୫ ସଂସ୍କରଣକୁ ଉନ୍ମୋଚନ କରିଛି।୨୦୨୫ ୟେଜଦି ଆଡଭେଂଚର ଏହାର କମାଣ୍ଡିଂ ଟୁଇନ ଏଲଇଡି ହେଡଲାଇଟ୍ ଏବଂ ସ୍ୱତନ୍ତ୍ର ରାଲି-ଅନୁପ୍ରାଣିତ ବିକ ସହିତ କ୍ଲାସିକ୍-ଏଡିଭି ଷ୍ଟାଇଲିଂକୁ ଗ୍ରହଣ କରିଛି। ଯେବେକି ଏହାର ୩୩୪ ସିସି ଆଲଫା୨ ଲିକ୍ୱିଡ-କୁଲ୍ଡ ଇଞ୍ଜିନ୍ ୨୯.୬ପିଏସ ପାୱାର ଏବଂ ୨୯.୯ଏନଏମ ଟର୍କ ସହିତ ସର୍ବୋତମ କାର୍ଯ୍ୟଦକ୍ଷତା ପ୍ରଦାନ କରେ। ଯାହା ବର୍ଷାଦିନରେ ଭାରତର ଗର୍ତପୂର୍ଣ୍ଣ ତଥା ଖୋଲା ରାସ୍ତାରେ ଉନ୍ନତ ପ୍ରଦର୍ଶନ କରିଥାଏ। ଏକ ବଡ଼ ୧୫.୫-ଲିଟର ଇନ୍ଧନ ଟାଙ୍କି ଏବଂ ଏକ ନୂତନ ବ୍ୟାଶ୍ ପ୍ଲେଟ୍ ଏହି ମୋଟରସାଇକେଲକୁ ଭାରତର ସମସ୍ତ ପ୍ରକାରର ପରିସ୍ଥିତି ପାଇଁ ପ୍ରସ୍ତୁତ କରୁଛି। ଅପ୍ଟିମାଇଜ୍ଡ ହିଟ୍ ମ୍ୟାନେଜମେଂଟ ପାଇଁ ଏକ ସେଂଟ୍ରାଲ ଏକ୍ସହଷ୍ଟ ରାଉଟିଂ, ୨୨୦ଏମଏମର ଉଚ୍ଚ ଗ୍ରାଉଣ୍ଡ କ୍ଲିୟରାନ୍ସ, ସେଗମେଂଟର ସବୁଠାରୁ ଛୋଟ ୮୧୫ଏମଏମ ସିଟ୍ ଉଚ୍ଚତା ଉନ୍ନତ ଆରାମ ପ୍ରଦାନ କରେ। ତିନୋଟି ଏବିଏସ ମୋଡ (ରୋଡ୍, ବର୍ଷା ଏବଂ ଅଫ୍-ରୋଡ୍), ଟୁରିଂ ଟେକ୍ ସୁଟ୍ରେ ଏକ ଆଡଜଷ୍ଟେବଲ୍ ୱିଣ୍ଡସିଲ୍ଡ, କଷ୍ଟମାଇଜେବଲ୍ ଏକ ଇନଷ୍ଟ୍ରୁମେଂଟ କନସୋଲ୍, ବ୍ଲୁଟୁଥ୍ ସଂଯୋଗ ଏବଂ ଦୀର୍ଘ ଯାତ୍ରାରେ ଡିଭାଇସ୍ଗୁଡ଼ିକୁ ଚାଳିତ ରଖିବା ପାଇଁ ୟୁଏସବି ଚାର୍ଜିଂ ଭଳି ଅନ୍ୟାନ୍ୟ ଫିଚର ରହିଛି।

# ଇସ୍ରାଏଲ-ଇରାନ ମୁହାଁମୁହିଁ

**ତେଲଆଭିଭ:** ଇସ୍ରାଏଲ୍ ଓ ଇରାନ ମଧ୍ୟରେ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଶୁକ୍ରବାର ଇସ୍ରାଏଲ୍ ପକ୍ଷରୁ ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ କରାଯାଇଛି । ଏହି ଆକ୍ରମଣରେ ଇରାନର ଅଧିକାଂଶ ଆଣବିକ କେନ୍ଦ୍ର କ୍ଷତିଗ୍ରସ୍ତ ହୋଇଥିଲାବେଳେ ସେନାମୁଖ୍ୟଙ୍କର ମୃତ୍ୟୁ ହୋଇଛି । ତେବେ ଏହାର ଜବାବ ଇରାନ ଦେବ ବୋଲି କହିବା ସହ ୧୦୦ ଡ୍ରୋନ୍‌ରେ ଆକ୍ରମଣ ଆରମ୍ଭ କରିଛି । ଇରାନର ଆଣବିକସ୍ଥଳୀ ଉପରେ ଇସ୍ରାଏଲ୍ ଆକ୍ରମଣ କରିଥିଲା । ଏହି ଆକ୍ରମଣରେ ଇରାନର ସେନା ମୁଖ୍ୟ ମହମ୍ମଦ ବାଘେରୀ ଓ ରିଭୋଲେସନାରୀ ଗାର୍ଡ଼ କମାଣ୍ଡ ମୁଖ୍ୟ ହୁସେନ ସାଲିମ୍‌ଙ୍କର ମୃତ୍ୟୁ ହୋଇଛି । ମାତ୍ର କିଛି ଘଣ୍ଟା ପରେ ଇରାନ ପକ୍ଷରୁ ଇସ୍ରାଏଲ୍ ଉପରେ ୧୦୦ ଡ୍ରୋନ୍‌ରେ ଆକ୍ରମଣ କରାଯାଇଛି । ଇସ୍ରାଏଲ୍ ସେନାର ସୂଚନା ଅନୁଯାୟୀ ଉଭୟ ଦେଶ ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି । ମଧ୍ୟପ୍ରାଚ୍ୟରେ ଏହି ଉତ୍ତେଜନା ଆଗକୁ ବୃଦ୍ଧି ପାଇଲେ ବିଶ୍ୱ ଆର୍ଥିକ ବଜାରରେ ସଂକଟ ପଡ଼ିପାରେ । ଇରାନର ପ୍ରମୁଖ ଆଣବିକ କେନ୍ଦ୍ର ଓ କ୍ଷେପଣାସ୍ତ୍ର ଇନ୍‌ଷ୍ଟାଲେସନ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏହାକୁ ଅପରେସନ ରାଇଜିଂ ଲାୟନ ବୋଲି କହିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ଇସ୍ରାଏଲ୍ ପକ୍ଷରୁ ଅପରେସନ ରାଇଜିଂ ଲାୟନ କରାଯାଇ ଇରାନରୁ ଆସୁଥିବା ଧମକର ଜବାବ ଦିଆଯାଇଛି । ଇସ୍ରାଏଲ୍‌ର ସ୍ଥିତି ଜାହିର କରିବା ପାଇଁ ଏହା କରାଯାଇଛି । ତେବେ ଇତି ଅବସରରେ ଟ୍ରମ୍ପ ପ୍ରଶାସନ ଇସ୍ରାଏଲ୍ ଆକ୍ରମଣରୁ ନିଜକୁ ଦୂରେଇ ରଖିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଆମେ ଏ ସମ୍ପର୍କରେ କିଛି ଜାଣିନାହୁଁ । ଆମେରିକାର ଏହି ଆକ୍ରମଣ ପଛରେ କୌଣସି ଭୂମିକା ନାହିଁ ବୋଲି ସେ କହିବା ସହ ଇରାନ ଆମେରିକାର ସ୍ୱାର୍ଥ ଉପରେ ଟାର୍ଗେଟ ନକରୁ ବୋଲି ଟ୍ରମ୍ପ କହିଛନ୍ତି । ଇରାନ ପକ୍ଷରୁ କୁହାଯାଇଛି ଯେ ଅନେକ ଆଣବିକ କେନ୍ଦ୍ର ଉପରେ ଟାର୍ଗେଟ କରାଯାଇ ସେନା କମାଣ୍ଡରଙ୍କୁ ନିହତ କରାଯାଇଛି । ଇରାନ ବିରୋଧରେ ଏହା ହେଉଛି ଏକ ରକ୍ତାକ୍ତ ଅପରାଧ । ଆମେ ଏହାର ଦୃଢ଼ ଜବାବ ଦେବୁ । ଇରାନର ସୁରକ୍ଷା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଇସ୍ରାଏଲ ଉପରେ ଆକ୍ରମଣ ଲାଗି ଏକ ବଡ଼ ଯୋଜନା କରାଯାଉଛି । ଇସ୍ରାଏଲ୍ ମଧ୍ୟ ଏହାକୁ ନେଇ ସତର୍କ ରହିଛି । ଏହାର ସେନାମୁଖ୍ୟ ଇଆଲ୍ ଜମିର କହିଛନ୍ତି ଯେ ହଜାର ହଜାର ସୈନିକଙ୍କୁ ସୀମାରେ ପ୍ରସ୍ତୁତ କରାଯାଇଛି । ସେମାନେ ସୀମା ଅତିକ୍ରମ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି । ଆମେ ସ୍ପଷ୍ଟ ଭାବେ କହିବାକୁ ଚାହୁଁ, ଯିଏ ଆମକୁ ଚ୍ୟାଲେଞ୍ଜ ଦେବ ତାକୁ ବହୁମୂଲ୍ୟ ଦେବାକୁ ପଡ଼ିବ ।

## ଜବାବୀ ହମ୍‌ଲାରେ ଉଭୟ କ୍ଷତିଗ୍ରସ୍ତ

## ଯୁଦ୍ଧ ମୁହଁରେ ମଧ୍ୟପ୍ରାଚ୍ୟ

# ପରମାଣୁ ଚୁକ୍ତି ଲାଗି ଟ୍ରମ୍ପଙ୍କ ଚାପ

**ୱାସିଂଟନ:** ଇସ୍ରାଏଲ ଇରାନ ଉପରେ ଏକ ବଡ଼ ଆକ୍ରମଣ କରିଛି । ଏହା ପରେ ଇରାନ ପ୍ରତିଶୋଧ ନେବାକୁ ଘୋଷଣା କରିଛି । ଏହି ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପକ୍ଷରୁ ପରମାଣୁ ଚୁକ୍ତିନାମା ସମ୍ପର୍କରେ ଏକ ବଡ଼ ବୟାନ ଆସିଛି । ସେ ଇରାନକୁ କହିଛନ୍ତି ଯେ ସେମାନେ ପରମାଣୁ ଚୁକ୍ତି କରନ୍ତୁ, ନଚେତ୍ ଇସ୍ରାଏଲ ପାଖରେ ଅନେକ ବିପଦଜନକ ଅସ୍ତ୍ର ଅଛି । ଇରାନରେ ଯେଉଁମାନେ ଚୁକ୍ତିନାମାକୁ ବିରୋଧ କରୁଥିଲେ ସେମାନଙ୍କୁ ହତ୍ୟା କରାଯାଇଛି । ଇରାନ ପାଖରେ ଏବେ ବି ସୁଯୋଗ ଅଛି । ଏବେ ଚୁକ୍ତିନାମା କର ନଚେତ୍ ଆହୁରି ବିନାଶ ହେବ । ଇରାନରେ ଯେଉଁମାନେ ଚୁକ୍ତିନାମାକୁ ବିରୋଧ କରୁଥିଲେ ସେମାନଙ୍କୁ



ହତ୍ୟା କରାଯାଇଛି । ଇରାନ ପାଖରେ ଏବେ ବି ସୁଯୋଗ ଅଛି । ଏବେ ଚୁକ୍ତିନାମା କର ନଚେତ୍ ଆହୁରି ବିନାଶ ହେବ । ଟ୍ରମ୍ପ ଏକ ପୋଷ୍ଟରେ କହିଛନ୍ତି, ମୁଁ ଇରାନକୁ ଚୁକ୍ତିନାମା କରିବାକୁ ଅନେକ ସୁଯୋଗ ଦେଇଥିଲି । ମୁଁ ଇରାନକୁ କଡ଼ା ଶବ୍ଦରେ କହିଥିଲି, ଏହାକୁ ବନ୍ଦ କରନ୍ତୁ । କିନ୍ତୁ ସେମାନେ ଯେତେ ଚେଷ୍ଟା କଲେ ମଧ୍ୟ, (ପରମାଣୁ ଅସ୍ତ୍ର) ଯେତେ ନିକଟତର ହେଲେ ମଧ୍ୟ, ସେମାନେ ଏହାକୁ ସମ୍ପୂର୍ଣ୍ଣ କରିପାରିବେ ନାହିଁ । ମୁଁ ଏହା ମଧ୍ୟ କହିଥିଲି ଯେ ଆମେରିକା ବିଶ୍ୱର ସର୍ବୋତ୍ତମ ଏବଂ ସବୁଠାରୁ ଘାତକ ସାମରିକ ଉପକରଣ ତିଆରି କରେ ଏବଂ ଇସ୍ରାଏଲ ପାଖରେ ଏହାର ଏକ ବିପୁଳ ଷ୍ଟକ୍ ଅଛି । ଆଗାମୀ ସମୟରେ ଆହୁରି ବହୁତ କିଛି ହେବ ।

# ବିଜୟ ରୂପାଣୀଙ୍କ ପରିବାରକୁ ଭେଟିଲେ ପ୍ରଧାନମନ୍ତ୍ରୀ

**ଅହମ୍ମଦାବାଦ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀଙ୍କ ଦେହାନ୍ତରେ ଶୁକ୍ରବାର ଶୋକବ୍ୟକ୍ତ କରିଛନ୍ତି । ଗତକାଲି ଅହମ୍ମଦାବାଦରେ ଏକ ବିମାନ ଦୁର୍ଘଟଣାରେ ଶ୍ରୀ ରୂପାଣୀଙ୍କର ପରଲୋକ ହୋଇଥିଲା । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଅବସରରେ ଶ୍ରୀ ରୂପାଣୀଙ୍କର ପ୍ରତିଷ୍ଠିତ ରାଜନୈତିକ ଜୀବନୀ ଉପରେ ଆଲୋକପାତ କରିଛନ୍ତି । ରାଜକୋଟ ମହାନଗର ନିଗମରେ ତାଙ୍କର କାର୍ଯ୍ୟକାଳ, ରାଜ୍ୟସଭା ସାଂସଦ, ଗୁଜରାଟ ବିଜେପି ଅଧ୍ୟକ୍ଷ ଏବଂ ରାଜ୍ୟ ସରକାରରେ କ୍ୟାବିନେଟ ମନ୍ତ୍ରୀ ଭାବେ ତାଙ୍କର ଭିନ୍ନ ଭିନ୍ନ ଭୂମିକାକୁ ଶ୍ରୀ ମୋଦୀ ସ୍ମରଣ କରିଛନ୍ତି । ବିଜୟଭାଇ ରୂପାଣୀଙ୍କ ପରିବାରକୁ ଭେଟିଲି । ବିଜୟଭାଇ ଆମ ଗହଣରେ ଆଉ ନାହାନ୍ତି, ଏହା ବିଶ୍ୱାସ କରି ହେଉନାହିଁ । ମୁଁ ତାଙ୍କୁ ଅନେକ ଦଶନ୍ଧି ହେବ ଜାଣିଛି । ଆମେ କାନ୍ଧରେ କାନ୍ଧ ମିଶାଇ କାମ କରିଛୁ, ଏଥିରେ ଅନେକ ଆହ୍ୱାନପୂର୍ଣ୍ଣ ସମୟ ମଧ୍ୟ ସାମିଲ ଥିଲା । ବିଜୟଭାଇ ଅତ୍ୟନ୍ତ ନମ୍ର ଏବଂ ପରିଶ୍ରମୀ ଥିଲେ । ଦଳର ବିଚାରଧାରା ପ୍ରତି ସେ ଦୃଢ଼ ଭାବରେ ପ୍ରତିଶ୍ରୁତିବଦ୍ଧ ଥିଲେ । ସେ ଧୀରେ ଧୀରେ ପଦୋନ୍ନତି ହାସଲ କରିଥିଲେ, ସଂଗଠନରେ ବିଭିନ୍ନ ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବରେ ନିଷ୍ଠାର ସହ ସେବା କରିଥିଲେ । ରାଜକୋଟ ମହାନଗର ନିଗମରେ ହେଉ, ରାଜ୍ୟସଭା ସାଂସଦ ଭାବେ ହେଉ, ଗୁଜରାଟ ବିଜେପି ଅଧ୍ୟକ୍ଷ ଭାବେ ହେଉ, କିମ୍ବା ରାଜ୍ୟ ସରକାରରେ କ୍ୟାବିନେଟ ମନ୍ତ୍ରୀ ଭାବେ ହେଉ, ପ୍ରତ୍ୟେକ ଦାୟିତ୍ୱରେ ସେ ନିଜକୁ ପ୍ରତିଷ୍ଠିତ କରିଥିଲେ ।



## ନେତାନ୍ୟାହୁଙ୍କ ସହ କଥା ହେଲେ ମୋଦି

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ଏହି ଅଞ୍ଚଳର ପରିବର୍ତ୍ତିତ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି । ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ଶ୍ରୀ ମୋଦୀଙ୍କୁ ସାମ୍ପ୍ରତିକ ଘଟଣାବଳୀ ସମ୍ପର୍କରେ ଅବଗତ କରାଇଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ପରିସ୍ଥିତିକୁ ନେଇ ଭାରତର ଚିନ୍ତା ବ୍ୟକ୍ତ କରିଥିଲେ । ବିଶ୍ୱ ଶାନ୍ତି ପ୍ରୟାସ ପ୍ରତି ଭାରତର ପ୍ରତିବଦ୍ଧତାକୁ ଦୋହରାଇ ଶ୍ରୀ ମୋଦୀ ଏହି ଅଞ୍ଚଳରେ ଶୀଘ୍ର ଶାନ୍ତି ଏବଂ ସ୍ଥିରତା ଫେରାଇ ଆଣିବାର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ।

ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଠାରୁ ଏକ ଫୋନ କଲ୍ ପାଇଲି । ସେ ମୋତେ ପରିବର୍ତ୍ତିତ ପରିସ୍ଥିତି ବିଷୟରେ ଅବଗତ କରାଇଥିଲେ ।

# ଅନାଥ ହୋଇଗଲେ ଦୁଇ ଝିଅ

**ଅହମ୍ମଦାବାଦ:** ପତ୍ନୀଙ୍କ ଶେଷ ଇଚ୍ଛା ପୂରଣ କରିବାକୁ ସୁଦୂର ଲଣ୍ଡନରୁ ଗୁଜରାଟ ଆସିଥିବା ଜଣେ ଭାରତୀୟ ଯୁବକ ଆଉ ସେଠାକୁ ଫେରି ପାରି ନାହାନ୍ତି । ଅହମଦାବାଦରେ ହୋଇଥିବା ବିମାନ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଛି । ଆଉ ବ୍ରିଟେନରେ ଥିବା ତାଙ୍କର ଦୁଇ ଛୋଟ ଝିଅ ଅନାଥ ହୋଇଯାଇଛନ୍ତି । ଏୟାର ଇଣ୍ଡିଆ ବିମାନ ୧୭୧ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଏହି ଯୁବକଙ୍କ ନାଁ ଅର୍ଜୁନ ମନୁଭାଇ ପଟୋଲିଆ । ତାଙ୍କୁ ୩୬ ବର୍ଷ ହୋଇଥିଲା । ଅର୍ଜୁନ ଲଣ୍ଡନରେ ରହନ୍ତି । ତାଙ୍କ ପୈତୃକ ଘର ଗୁଜରାଟର ଅମରେଲୀ ଜିଲ୍ଲାର ବାଦିୟା ଗାଁରେ । ସପ୍ତାହେ ତଳେ ଲଣ୍ଡନରେ ତାଙ୍କ ପତ୍ନୀ ଭାରତୀଙ୍କର ଦେହାନ୍ତ ହୋଇଥିଲା । ଭାରତରେ ତାଙ୍କ ଅସ୍ଥି ବିସର୍ଜନ କରିବାକୁ ମୃତ୍ୟୁ ପୂର୍ବରୁ ଭାରତୀ ସ୍ୱାମୀ ଅର୍ଜୁନଙ୍କୁ କହିଥିଲେ । ଏହା ଭାରତୀଙ୍କର ଶେଷ ଇଚ୍ଛା ଥିଲା । ପତ୍ନୀଙ୍କ ମୃତ୍ୟୁ ପରେ ଅନ୍ତିମ ସଂସ୍କାର ଶେଷ କରି ଅସ୍ଥି ନେଇ ଅର୍ଜୁନ ଚାଲି ଆସିଥିଲେ ପୈତୃକ ଗ୍ରାମ ବାଦିୟାକୁ । ରୀତିନୀତି ଅନୁଯାୟୀ ସେ ଭାରତୀଙ୍କ ଅସ୍ଥିକୁ ନର୍ମଦା ନଦୀରେ ବିସର୍ଜନ କରିଥିଲେ । ତା'ପରେ ସେ ପୁଣି ଥରେ ବ୍ରିଟେନ ଫେରିଯିବା ପାଇଁ ଗତକାଲି ବିମାନରେ ବସିଥିଲେ । କାରଣ ସେ ବ୍ରିଟେନରେ ତାଙ୍କର ଦୁଇ ଝିଅ (ଜଣଙ୍କୁ ୮ ବର୍ଷ ଓ ଅନ୍ୟ ଜଣଙ୍କୁ ୪ ବର୍ଷ ହୋଇଛି)ଙ୍କୁ ଛାଡ଼ି ଆସିଥିଲେ । କିନ୍ତୁ ସେ ଝିଅମାନଙ୍କ ପାଖରେ ପହଞ୍ଚି ପାରିଲେ ନାହିଁଛ ଅନାଥ ହୋଇଗଲେ ତାଙ୍କର ଦୁଇ ଝିଅ ।





ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀଙ୍କ ଆତ୍ମୀୟସ୍ୱଜନଙ୍କ କାନ୍ଦ ବୋବାଳିରେ ଫାଟି ପଡୁଛି ସମଗ୍ର ଅଞ୍ଚଳ

# ଟ୍ରାଫିକ ଜାମ୍: ବିମାନ ଦୁର୍ଘଟଣାରୁ ବର୍ତ୍ତିଗଲେ ଭୂମି

**ଅହମ୍ମଦାବାଦ:** ଟ୍ରାଫିକ୍ ଜାମ୍ ଯୋଗୁ ବିଳମ୍ବରେ ବିମାନ ବନ୍ଦରରେ ପହଞ୍ଚିଥିଲେ ଭୂମି ଚୌହାନ । ଯେତେ ନେହୁରା ହେଲେ ମଧ୍ୟ ତାଙ୍କୁ ବୋର୍ଡିଂ ପାଇଁ ଅନୁମତି ଦେଇ ନଥିଲେ ବିମାନ ବନ୍ଦର କର୍ତ୍ତୃପକ୍ଷ । ସେଥିପାଇଁ ସେ ଖୁବ୍ ବିରକ୍ତ ହୋଇଥିଲେ । କିନ୍ତୁ ଯେତେବେଳେ ସେ ବିମାନ ବନ୍ଦରରୁ ବାହାରୁ ଥିଲେ ସେତେବେଳେ ବିମାନ କ୍ରାଶ ହୋଇଯାଇଥିବା ଖବର ପାଇଥିଲେ । ଏହା ଶୁଣି ତାଙ୍କ ଶରୀର ଶୀତେଇ ଯାଇଥିଲା । ତାଙ୍କ ଗୋଡ଼ ଥରିଥିଲା । କିଛି ସମୟ ପାଇଁ ସେ ଜଡ଼ ପାଲଟି ଯାଇଥିଲେ । କାରଣ ସେହି ବିମାନରେ ସେ ଇଂଲଣ୍ଡ ଯିବାର ଥିଲା । ଗତକାଲି ଅହମଦାବାଦରେ ଏୟାର ଇଣ୍ଡିଆ ବିମାନ ୧୭୧ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୨୬୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ବିମାନ ବନ୍ଦରରେ ବିଳମ୍ବରେ ପହଞ୍ଚିବାରୁ ନିଶ୍ଚିତ ମୃତ୍ୟୁରୁ ବର୍ତ୍ତି ଯାଇଥିଲେ ଭୂମି ଚୌହାନ । ଗତକାଲି ଅହମଦାବାଦ ସଡ଼କରେ ସାଂଘାତିକ ଟ୍ରାଫିକ ଜାମ୍ ତାଙ୍କ ପାଇଁ ବରଦାନ ସଦୃଶ ହୋଇଥିଲା । ଇଂଲଣ୍ଡ ଅଭିମୁଖେ ଯିବା ପାଇଁ ବିମାନ ସିନା ଧରିପାରିଲେ ନାହିଁ, କିନ୍ତୁ ଜୀବନ ବଞ୍ଚିଗଲା ।

ଭୂମି ଚୌହାନ ସ୍ୱାମୀ ଓ ଏକମାତ୍ର ସନ୍ତାନ ସହିତ ଲଣ୍ଡନରେ ରହନ୍ତି । ଦୁଇ ବର୍ଷ ବ୍ୟବଧାନରେ ସେ ଭାରତ ଆସିଥିଲେ ଛୁଟି କାଟିବାକୁ । ନିଜ ସନ୍ତାନକୁ ଭରୁଚରେ ମା'ଙ୍କ ପାଖରେ ଛାଡ଼ି ସେ ଗତକାଲି ଫେରି ଯାଉଥିଲେ ଲଣ୍ଡନ । ଅପରାହ୍ନ ଗୋଟାଏ ୧୦ରେ ତାଙ୍କ ବିମାନ (ଏୟାର ଇଣ୍ଡିଆ ବିମାନ ୧୭୧) ଅହମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଲଣ୍ଡନ ଅଭିମୁଖେ ଉଡ଼ାଣ ଭରିବାର ଥିଲା । ସେଥିପାଇଁ ଦିନ ୧୨ଟା ୧୦ ସୁଦ୍ଧା ବୋର୍ଡିଂ ଶେଷ ହୋଇଥିଲା । କିନ୍ତୁ ଭରୁଚ ସ୍ଥିତ ନିଜ ମା'ଙ୍କ ଘରୁ ବିମାନ ବନ୍ଦର ଅଭିମୁଖେ ଯିବା ବେଳେ ଅହମଦାବାଦରେ ଟ୍ରାଫିକ ଜାମରେ ଫସି ଯାଇଥିଲେ ଭୂମି ଚୌହାନ । ତେଣୁ ସେ ବିମାନ ବନ୍ଦରରେ ପହଞ୍ଚିଲା ବେଳକୁ ୧୨ଟା ୨୦ ହୋଇସାରିଥିଲା । ତେଣୁ ତାଙ୍କୁ ଆଉ ବୋର୍ଡିଂ ପାଇଁ ଅନୁମତି ଦିଆଯାଇ ନଥିଲା । ବିମାନ ଉଡ଼ାଣ ଭରିବାକୁ ଆହୁରି ବେଶ୍ କିଛି ସମୟ ବାକି ଥିବାରୁ ତାଙ୍କୁ ବୋର୍ଡିଂ ଅନୁମତି ଦେବାକୁ ସେ ଅନୁରୋଧ କରିଥିଲେ ।

# ବିମାନର ତୈଳ ଟାଙ୍କି ବିସ୍ଫୋରଣରୁ ବର୍ତ୍ତି ନଥିଲେ ପଶୁପକ୍ଷୀ

**ଅହମ୍ମଦାବାଦ:** ଅହମଦାବାଦ ଏୟାରପୋର୍ଟ ନିକଟରେ ଗୁରୁବାର ଅପରାହ୍ନରେ ଘଟିଥିବା ଭୟଙ୍କର ବିମାନ ଦୁର୍ଘଟଣା ପୂରା ବିଶ୍ୱକୁ ସ୍ତବ୍ଧ କରି ଦେଇଛି । ତେବେ ବିମାନଟି ନିଆଁ ପିଣ୍ଡୁଳାରେ ପରିଣତ ହେବାରୁ ଆଖପାଖ ଅଞ୍ଚଳର ତାପମାତ୍ରା ହଠାତ୍ ପ୍ରାୟ ୧ ହଜାର ଡିଗ୍ରୀ ସେଲସିୟସରେ ପରିଣତ ହୋଇଯାଇଥିଲା । ଏଥିଯୋଗୁ ତତ୍କାଳ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ଏଜେନ୍ସିଗୁଡ଼ିକ ସମସ୍ୟାର ସମ୍ମୁଖୀନ ହୋଇଥିଲେ ।

ତାପମାତ୍ରା ଏତେ ଅଧିକ ହୋଇ ଯାଇଥିଲା ଯେ ଏହାର କବଳରେ ସ୍ଥାନୀୟ ଅଞ୍ଚଳରେ ଥିବା କୁକୁର, ବିଲେଇ, ପକ୍ଷୀ ଓ ଗଛ ଲତା ମଧ୍ୟ ପୋଡ଼ି ପାଉଁଶ ହୋଇଯାଇଛନ୍ତି । ପରିବେଶକୁ ଅଗ୍ନିଶମ କର୍ମଚାରୀମାନେ ପାଣି ପକାଇ ଥଣ୍ଡା କରିବା ପରେ ହିଁ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇ ପାରିଥିଲା ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି ।

ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ଫୋର୍ସ ବା ଏସଡିଆରଏଫର ଜଣେ ଅଧିକାରୀଙ୍କ କହିବା କଥା ଯେ ଉଦ୍ଧାରକାର ଟିମ ପ୍ରଥମେ ହଷ୍ଟେଲ ଓ ଡାକ୍ତରମାନଙ୍କ କ୍ୱାର୍ଟର ନିକଟରେ ପହଞ୍ଚିଥିଲା । ଉଦ୍ଧାରକାରୀ ଟିମ ସେଠାରେ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଲୋକମାନେ କିଛି ଜଣଙ୍କୁ ଜୀବନ ବାହାର କରି ସାରିଥିଲେଛ ହେଲେ ତାଙ୍କ ଟିମ କୌଣସି ଲୋକଙ୍କୁ ଜୀବିତ ଉଦ୍ଧାର କରିପାରି ନଥିବା ଅଧିକାରୀ ଜଣଙ୍କ କହିଛନ୍ତି । ଅଧିକାରୀଙ୍କ କହିବା କଥା ଯେ ଏୟାରକ୍ରାଫ୍ଟର ତୈଳ ଟ୍ୟାଙ୍କ ବିସ୍ଫୋରଣ କରିବାରୁ ଭୟଙ୍କର ସ୍ଥିତି ସୃଷ୍ଟି ହୋଇଥିଲା । ତତକ୍ଷଣାତ ତାପମାତ୍ରା ୧ ହଜାର ଡିଗ୍ରୀ ସେଲସିୟସରେ ପହଞ୍ଚି ଯାଇଥିଲା । ଏହି ତାପମାତ୍ରାରୁ ବର୍ତ୍ତିବା ପାଇଁ କାହା ପାଖରେ କୌଣସି ପ୍ରକାରର ସୁଯୋଗ ନଥିଲା । ୨୦୧୭ରୁ ବିଭିନ୍ନ ଉଦ୍ଧାର କାର୍ଯ୍ୟରେ ସାମିଲ ଥିବା ଜଣେ ଏସଡିଆରଏଫ କର୍ମଚାରୀ କହିଛନ୍ତି ଯେ ସେ ଅନେକ ସଙ୍କଟମୟ ସ୍ଥିତିର ସମ୍ମୁଖୀନ ହୋଇଥିଲେ । କିନ୍ତୁ ଏହା ଠାରୁ ଭୟଙ୍କର ସ୍ଥିତିକୁ କେବେ ଦେଖି ନଥିଲେ । ଉଦ୍ଧାରକାରୀ ଟିମ ପିପିଇ କିଟ ପିନ୍ଧି ଘଟଣା ସ୍ଥଳରେ ପହଞ୍ଚିଥିଲେ । କିନ୍ତୁ ତାପମାତ୍ରା ଏତେ ଅଧିକ ଥିଲା ଯେ ଉଦ୍ଧାର କାର୍ଯ୍ୟରେ ଅନେକ ସମସ୍ୟା ସୃଷ୍ଟି ହୋଇଥିଲା । ଧ୍ୱଂସାବଶେଷ ଚାରି ଆଡ଼େ ପଡ଼ିଥିଲା । ଏହା ପୂରା ତତଲା ଅବସ୍ଥାରେ ରହିଥିଲା । ଏହାକୁ ସାଇଡ କରିବା ପରେ ଲୋକଙ୍କୁ ଉଦ୍ଧାର କରାଯାଇଥିଲା । ଉଦ୍ଧାରକାରୀ ଟିମ ଘଟଣା ସ୍ଥଳରୁ ପୋଡ଼ି ପାଉଁଶ ହୋଇ ଯାଇଥିବା ୨୫ରୁ ୩୦ଟି ମୃତଦେହ ଉଦ୍ଧାର କରିଛନ୍ତି ।

ଏମାନଙ୍କ ମଧ୍ୟରେ ଛୋଟ ପିଲା ମଧ୍ୟ ରହିଥିଲେ । ଡିଏନଏ ଟେଷ୍ଟ ଛଡ଼ା ସେମାନଙ୍କ ପରିଚୟ ମିଳିବା ବେଶ କଷ୍ଟକର ବୋଲି ଅଧିକାରୀ ଜଣଙ୍କ କହିଛନ୍ତି । ଘଟଣା ସ୍ଥଳରୁ ଏକାଧିକ କୁକୁର, ବିଲେଇ ଓ ଅନ୍ୟାନ୍ୟ ପଶୁପକ୍ଷୀଙ୍କ ପୋଡ଼ା ମୃତଦେହ ମିଳିଥିବା ମଧ୍ୟ ଜଣାପଡ଼ିଛି ।




# ହୃଦଘାତରେ ସଞ୍ଜୟ କପୁରଙ୍କ ପରଲୋକ

**ଲଣ୍ଡନ:** ଅହମଦାବାଦ ବିମାନ ଦୁର୍ଘଟଣାର ମୃତକଙ୍କ ପାଇଁ ଦୁଃଖ ପ୍ରକାଶ କରିବା ସହିତ ସେମାନଙ୍କ ପରିବାର ଲୋକଙ୍କୁ ସୋଶାଲ ମିଡିଆ ଯୋଗେ ସମବେଦନା ଜଣାଇଥିବା ସଞ୍ଜୟ ନିଜେ ଚାଲିଗଲେ । ବ୍ୟବସାୟୀ ତଥା ଅଭିନେତ୍ରୀ କରିସ୍ମା କପୁରଙ୍କ ପୂର୍ବତନ ସ୍ୱାମୀ ସଞ୍ଜୟ କପୁରଙ୍କର ଗୁରୁବାର ହୃଦଘାତରେ ପରଲୋକ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୫୩ ବର୍ଷ ହୋଇଥିଲା । ଇଂଲଣ୍ଡରେ ଗାର୍ଡସ ପୋଲୋ କ୍ଲବରେ ଏକ ମ୍ୟାଚ୍ ଖେଳୁଥିବା ବେଳେ ସଞ୍ଜୟ ଅଣନିଃଶ୍ୱାସୀ ଅନୁଭବ କରିଥିଲେ । ସେ ଖେଳ ବନ୍ଦ କରିବାକୁ ଅନୁରୋଧ କରିଥିଲେ ଓ ପଡ଼ିଆ ଛାଡ଼ି ଥିଲେ । ତା'ପରେ ତାଙ୍କର ହୃଦଘାତ ହୋଇଥିଲା ଓ ସେ ପ୍ରାଣ ହରାଇଥିଲେ । ସଞ୍ଜୟଙ୍କ ଶେଷକୃତ୍ୟ ଭାରତରେ ସଂପନ୍ନ ହେବ । ତାଙ୍କ ଶ୍ୱଶୁର ଅଶୋକ ସଚଦେବ କହିଛନ୍ତି ଯେ ସେଠାରେ ତାଙ୍କର ଶବ ବ୍ୟବଚ୍ଛେଦ କରାଯିବଛ ଏହା ସହିତ ଆବଶ୍ୟକ ସମସ୍ତ କାଗଜପତ୍ର କାମ କରାଯିବ । ତା'ପରେ ମୃତଦେହକୁ ଦିଲ୍ଲୀ ଅଣାଯିବ । ଦିଲ୍ଲୀରେ ହିଁ ତାଙ୍କର ଶେଷକୃତ୍ୟ ସଂପନ୍ନ କରାଯିବ । ମିଳିଥିବା ସୂଚନା ଅନୁଯାୟୀ, ସଞ୍ଜୟ ପୋଲୋ ଖେଳୁଥିବା ବେଳେ ଏକ ମହୁମାଛି ତାଙ୍କ ପାଟିରେ ପଶି ଯାଇଥିଲା ଓ ତାଙ୍କ ତଣ୍ଟିରେ ଲାଗି ରହି ଯାଇଥିଲା । ସେଥିଯୋଗୁ ତାଙ୍କର ହୃଦଘାତ ହୋଇଥିଲା । ତେବେ ଏହାକୁ ନେଇ କିଛି ସ୍ୱଷ୍ଟତା ଆସିପାରି ନାହିଁ । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ସ୍ୱଷ୍ଟ ହୋଇପାରିବ ବୋଲି ତାଙ୍କର କିଛି ନିକଟ ସଂପର୍କୀୟ କହିଛନ୍ତି । କରିସ୍ମା କପୁରଙ୍କ ସହିତ ଛାଡ଼ପତ୍ର ହେବା ପରେ ପ୍ରିୟା ସଚଦେବଙ୍କୁ ବାହା ହୋଇଥିଲେ ସଞ୍ଜୟ ।



## ଭାରତ-ଇଂଲଣ୍ଡ ସିରିଜ୍

# କରୁଣ, ଅର୍ଶଦୀପ, ସୁଦର୍ଶନଙ୍କୁ ସ୍ୱାଗତ



ବେକେନହାମ୍,୧୩।୬ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଗେତମ ଗମ୍ଭୀର ଏବଂ ନୂଆ ଅଧିନାୟକ ଶୁବମନ୍ ଗିଲ୍ ଇଂଲଣ୍ଡ ଗସ୍ତ ଲାଗି ଖାସ୍ ଡାକରା ପାଇଥିବା କରୁଣ ନାୟର, ଅର୍ଶଦୀପ ସିଂହ ଓ ସାଇ ସୁଦର୍ଶନଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ପାଖାପାଖି ୮ବର୍ଷ ପରେ ଭାରତୀୟ ଟେଷ୍ଟ ଦଳକୁ ଫେରିଥିବା କରୁଣଙ୍କ ଲୁଆ ପ୍ରବୃତ୍ତି ଓ କେବେବି ହାର୍ ନମାନିବାର ଭାବନାକୁ ଭୂୟସୀ ପ୍ରଶଂସା କରିଛନ୍ତି। ସେହିଭଳି ଅର୍ଶଦୀପ ଓ ସୁଦର୍ଶନ ଏହି ଗସ୍ତରେ ନିଜନିଜ ଛାପ ଛାଡ଼ିବେ ବୋଲି ଦୃ ଆଶା ପୋଷଣ କରିଛନ୍ତି। ନାୟର ଶେଷ ଥର ପାଇଁ ୨୦୧୭ ମସିହାରେ ଟେଷ୍ଟ ଖେଳିଥିଲେ। ତା' ପରଠାରୁ କିନ୍ତୁ ଆଉ ଜାତୀୟ ଦଳରେ ସ୍ଥାନ ପାଇ ନଥିଲେ। ଗତ ରଣଜୀ ଋତୁରେ କିନ୍ତୁ ଜବରଦସ୍ତ ପ୍ରଦର୍ଶନ କରିବା ପରେ ଚୟନକର୍ତ୍ତା ତାଙ୍କୁ ଇଂଲଣ୍ଡ ଗସ୍ତ ଲାଗି ଭାରତୀୟ ଦଳରେ ସାମିଲ କରିବାକୁ ବାଧ୍ୟ ହୋଇଥିଲେ। ୨୦୨୪-୨୫ ରଣଜୀ ଋତୁରେ କରୁଣ ୪ଟି ଶତକ ଓ ୨ଟି ଅର୍ଦ୍ଧଶତକ ସହ ୫୩.୯୩ ହାରରେ ୮୬୩ ରନ୍ କରିଥିଲେ। ନିଜର ଏହି ଫର୍ମକୁ ଆହୁରି ଆଗକୁ ନେଇ ଇଂଲଣ୍ଡ ଲାୟନ୍ସ ବିପକ୍ଷ ଅନଔପଚାରିକ ଟେଷ୍ଟରେ ଦ୍ୱିଶତକୀୟ ପାଳି ଖେଳିଥିଲେ। ଖାଲି ସେତିକି ନୁହେଁ ବିଜୟ ହଜାରେ ଟ୍ରଫିରେ ୯ ମ୍ୟାଚ୍ରୁ ୩୮୯.୫୦ ହାରରେ ୭୭୯ ଏବଂ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିରେ ୬ ପାଳିରୁ ୧୭୭.୦୮ ହାରରେ ୨୫୫ ରନ୍ ସଂଗ୍ରହ କରିଥିଲେ। ଇଂଲଣ୍ଡ ଶୃଙ୍ଖଳାରେ ସେ କିଂବଦନ୍ତି କ୍ରିକେଟର୍ କିରାଟ କୋହଲିଙ୍କ ଚତୁର୍ଥ ସ୍ଥାନରେ ବ୍ୟାଟିଂ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିଭଳି ଏବର୍ଷ ଆଇପିଏଲରେ ସର୍ବାଧିକ ରନ କରି ନାରଙ୍ଗୀ ଟୋପି ଜିତିଥିବା ଗୁଜରାଟ ଟାଇଟନ୍ସର ସୁଦର୍ଶନଙ୍କୁ ଦଳକୁ ସ୍ୱାଗତ କରି ଲାଲ୍ ବଲରେ ମିଳିଥିବା ସୁଯୋଗର ଭରପୂର ଲାଭ ଉଠାଇବାକୁ ଗମ୍ଭୀର ପରାମର୍ଶ ଦେଇଛନ୍ତି। ଧଳାବଲରେ ଅର୍ଶଦୀପଙ୍କ ସଫଳତାକୁ ସଲାମ କରି ଗମ୍ଭୀର କହିଛନ୍ତି, ଅର୍ଶଦୀପ ଧଳା ବଲ୍ରେ ତୁମେ ବହୁତ ଭଲ ପ୍ରଦର୍ଶନ କରିଆସୁଛି। ମୁଁ ସ୍ଥିର ନିଶ୍ଚିତ ଯେ ଲାଲ୍ ବଲ୍ରେ ମଧ୍ୟ ତୁମେ ସେହି ସଫଳତା ଅର୍ଜନ କରିବ। ଉପଅଧିନାୟକ ଋଷଭ ପନ୍ତ ଏବଂ ଷ୍ଟ୍ରେନ୍ଥ ଓ କଣ୍ଡିସନିଂ ପ୍ରଶିକ୍ଷକ ଆଡ୍ରିଆନ୍ ଲେ ରକ୍ସଙ୍କୁ ଭାରତୀୟ ଦଳର ନେତୃତ୍ୱ ଗୋଷ୍ଠୀକୁ ଗମ୍ଭୀର ସ୍ୱାଗତ କରିଥିଲେ।

## ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍

# ୬୯ ରନ ଦୂରରେ ଦ.ଆଫ୍ରିକା

ଲର୍ଡସ,୧୩।୬ (ଏଜେନ୍ସି): ଲଣ୍ଡନର ଐତିହାସିକ ଲର୍ଡସ ଗ୍ରାଉଣ୍ଡରେ ଖେଳାଯାଉଥିବା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ ମ୍ୟାଚ ରୋଚକ ମୋଡ଼ରେ ପହଞ୍ଚିଛି। ୨୮୨ ରନର ପିଛା କରୁଥିବା ଦକ୍ଷିଣ ଆଫ୍ରିକା ୩ୟ ଦିନ ଖେଳ ଶେଷ ସୁଦ୍ଧା ୨ ୱିକେଟ ହରାଇ ୨୧୩ ରନ କରିଛି। ଦଳ ପକ୍ଷରୁ ଆଇଡେନ ମାର୍କରାମ ୧୦୨ ରନ ଓ ଟେମ୍ବା ବାଭୁମା ୬୫ ରନ କରି ଅପରାଜିତ ଅଛନ୍ତି। ଆଉ ୬୯ ରନ କଲେ ଇତିହାସ ସୃଷ୍ଟି କରିବ ଦକ୍ଷିଣ ଆଫ୍ରିକା। କାରଣ ୧୯୯୮ ପରେ ପ୍ରଥମ ଥର ପାଇଁ କୌଣସି ଆଇସିସି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହେବ ଏହି ଦଳ। ଦକ୍ଷିଣ ଆଫ୍ରିକା ବିଶ୍ୱ କ୍ରିକେଟରେ ଏକ ଶକ୍ତିଶାଳୀ ଦଳ ହୋଇଥିଲେ ବି ସବୁବେଳେ ଆଇସିସି ଟୁର୍ଣ୍ଣାମେଣ୍ଟରେ ବିଫଳ ହୋଇଥାଏ। କିନ୍ତୁ ଏଥର ଏହି ଦଳ ପାଇଁ ଏକ ଭଲ ସୁଯୋଗ ଅଛି।

ଏହି ମ୍ୟାଚରେ ଦକ୍ଷିଣ ଆଫ୍ରିକା ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଅଷ୍ଟ୍ରେଲିଆ ନିଜ ପ୍ରଥମ ଇନିଂସରେ ୨୧୨ ରନ କରି ଅଲଆଉଟ ହୋଇଯାଇଥିବାବେଳେ ଦକ୍ଷିଣ ଆଫ୍ରିକା ନିଜ ପ୍ରଥମ ଇନିଂସରେ ମାତ୍ର ୧୩୮ ରନ କରି ଅଲଆଉଟ ହୋଇଯାଇଥିଲା। ଏହାର ଜବାବରେ ଅଷ୍ଟ୍ରେଲିଆ ନିଜର ୨ୟ ଇନିଂସରେ ୨୦୭ ରନ କରି ଅଲଆଉଟ ହୋଇଯାଇଥିଲା। ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆ ଗୁରୁତର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା।



ବିଜୟ ଦ୍ୱାରଦେଶରେ ପହଞ୍ଚିଥିବା ଦ.ଆଫ୍ରିକା ଟିମ୍ର ଫ୍ୟାନ୍ମାନେ ଖୁସିରେ ମସଗୁଲ

ଏପରିକି ଦଳ ୭୩ ରନରେ ୭ଟି ୱିକେଟ ହରାଇଥିଲା। ତେବେ ମିଚେଲ ଷ୍ଟାର୍କଙ୍କ ଅପରାଜିତ ୫୮ ରନ ଓ ଅଲେକ୍ସ କେରିଙ୍କ ୪୩ ରନ ବଳରେ ଅଷ୍ଟ୍ରେଲିଆ ଏକ ସମ୍ମାନଜନକ ସ୍କୋର କରିବା ସହ ଦକ୍ଷିଣ ଆଫ୍ରିକାଠାରୁ ୨୮୧ ରନରେ ଅଗ୍ରଣୀ ହାସଲ କରିଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ କାସିଗୋ ରବାଡା ୪ଟି ଓ ଲୁଙ୍ଗି ଏନଗିଡି ୩ଟି ୱିକେଟ ନେଇଥିଲେ।

# ଆରସି ହାଇସ୍କୁଲ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍ଘାଟିତ

ଖଣ୍ଡପଡ଼ା,୧୩।୬ (ସ.ବ୍ୟୁ): ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ମଧୁବନ ମିନି ଷ୍ଟାଡିୟମ ପରିସରରେ ଆରସି ହାଇସ୍କୁଲ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଖଣ୍ଡପଡ଼ାର ଅଗ୍ରଣୀ ଅନୁଷ୍ଠାନ ଟେନଷ୍ଟାର କ୍ଲବ ପକ୍ଷରୁ ଆୟୋଜିତ ଆଜି ଉଦଘାଟନୀ ଦିବସରେ ପ୍ରଥମ ଲିଗ୍ ମ୍ୟାଚ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ୨୦୨୨ ଏବଂ ୨୦୨୫ ମାଟ୍ରିକ ବ୍ୟାଚ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ୨୦୨୫ ମାଟ୍ରିକ ବ୍ୟାଚର ଖେଳାଳି ମାନେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଗୋଟି ୱିକେଟ ହରାଇ ୧୧୨ ରନ୍ ସଂଗ୍ରହ କରିଥିଲେ। ଜବାବରେ ୨୦୨୨ ମାଟ୍ରିକ ବ୍ୟାଚର ଖେଳାଳି ମାନେ ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ୱିକେଟ ହରାଇ ୫୧ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇ ପରାଜୟ ବରଣ କରିଥିଲେ। ସେହିପରି ମଧ୍ୟାହ୍ନରେ ଆୟୋଜିତ ଦ୍ୱିତୀୟ ଲିଗ ମ୍ୟାଚ ୨୦୧୫ ମାଟ୍ରିକ ବ୍ୟାଚ ଏବଂ ୨୦୧୮ ମାଟ୍ରିକ ବ୍ୟାଚ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ୨୦୧୮ ମାଟ୍ରିକ ବ୍ୟାଚର ଖେଳାଳି ମାନେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଗୋଟି ୱିକେଟ ହରାଇ ୯୨ ରନ୍ ସଂଗ୍ରହ କରିଥିଲେ। ଜବାବରେ ୨୦୧୫ ମାଟ୍ରିକ ବ୍ୟାଚର ଖେଳାଳିମାନେ ନିର୍ଦ୍ଧାରିତ ୧୦ ଓଭରରେ ୪ ଗୋଟି ୱିକେଟ ହରାଇ ୯୩ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲେ। ସମାନଭାବେ ଅପରାହ୍ନରେ ଆୟୋଜିତ ତୃତୀୟ ଲିଗ ମ୍ୟାଚରେ ୨୦୨୧ ମାଟ୍ରିକ ବ୍ୟାଚ ଏବଂ ୨୦୨୩ ମାଟ୍ରିକ ବ୍ୟାଚ ପରସ୍ପରକୁ ଭେଟିଥିଲେ। ପ୍ରଥମେ ଟସ୍ ଜିତି ୨୦୨୩ ମାଟ୍ରିକ ବ୍ୟାଚର ଖେଳାଳି ମାନେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୪ ଗୋଟି ୱିକେଟ ହରାଇ ୮୨ ରନ୍ ସଂଗ୍ରହ କରିଥିଲେ। ଜବାବରେ ୨୦୨୧ ମାଟ୍ରିକ ବ୍ୟାଚର ଖେଳାଳି ମାନେ ନିର୍ଦ୍ଧାରିତ ୧୦ ଓଭରରେ ୮ ଗୋଟି ୱିକେଟ ହରାଇ ୫୭ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇ ପରାଜୟ ବରଣ କରିଥିଲେ। ଆଜିର ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ କରି ବିଜୟୀ ହୋଇଥିବା ୨୦୨୫ ମାଟ୍ରିକ ବ୍ୟାଚ, ୨୦୧୫ ମାଟ୍ରିକ ବ୍ୟାଚ ଏବଂ ୨୦୨୩ ମାଟ୍ରିକ ବ୍ୟାଚର ଖେଳାଳି ମାନଙ୍କୁ ନେଇ ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ଟେନଷ୍ଟାର କ୍ଲବର ସଭାପତି ଭବାନି ମହାନ୍ତିଙ୍କ ଠାରୁ ପ୍ରକାଶ। ଆଜି ଉଦଘାଟନୀ ମ୍ୟାଚରେ ଅତିଥି ଭାବେ ସମାଜସେବୀ ମହେନ୍ଦ୍ର କୁମାର ବାରିକ, ସାମ୍ବାଦିକ ଭବାନି ମହାନ୍ତି ଏବଂ ଯୁବ ବ୍ୟବସାୟୀ ଆଲୋକ ରଞ୍ଜନ ଆଚାର୍ଯ୍ୟ ଯୋଗଦେଇ ଉଦଘାଟନ କରିଥିଲେ। ଅଶୋକ ରାୟଗୁରୁ ଏବଂ ଜ୍ଞାନଜ୍ୟୋତି ଷଡ଼ଙ୍ଗୀ ଅମ୍ପାୟର ଦାୟିତ୍ୱ ତୁଲାଇଥିବା ବେଳେ ସ୍କୋରବୋର୍ଡ ଦାୟିତ୍ୱରେ ସୌମ୍ୟରଂଜନ ଆଚାର୍ଯ୍ୟ ଏବଂ ସୌମ୍ୟରଞ୍ଜନ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟ ସଂଯୋଜକ ଭାବେ ଶକ୍ତିପ୍ରସାଦ ମିଶ୍ର ଦାୟିତ୍ୱ ପରିଚାଳନା କରିଥିବା ବେଳେ ପରମେଶ୍ୱର ମହାନ୍ତି, ନୀଳକଣ୍ଠ ପାଣିଗ୍ରାହୀ ଏବଂ ପଦ୍ମଲୋଚନ ମହାନ୍ତିଙ୍କ ସମେତ ଟେନଷ୍ଟାର କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଅନ୍ୟପକ୍ଷେ ଆସନ୍ତା ୧୬ ତାରିଖ ସୋମବାର ଦିନ ଆରସି ହାଇସ୍କୁଲ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅବସରରେ ସ୍ଥାନୀୟ ଅଞ୍ଚଳର ରାଜନେତା, ସାମ୍ବାଦିକ, ଆଇନଜୀବୀ ଏବଂ ପ୍ରଶାସନିକ ଅଧିକାରୀ ମାନଙ୍କୁ ନେଇ ୟୁନିଟ ଟ୍ରଫି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ଟେନଷ୍ଟାର କ୍ଲବ୍ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



## ରାହୁଲଙ୍କ ସ୍ୱତନ୍ତ୍ର ବାର୍ତ୍ତା

ନୂଆଦିଲ୍ଲୀ,୧୩।୬ (ଏଜେନ୍ସି):କର୍ଣ୍ଣାଟକ ରଣଜୀ ଦଳର ପୂର୍ବତନ ସାଥୀ ଖେଳାଳି କରୁଣ ନାୟରଙ୍କୁ ଭାରତୀୟ ୱିକେଟ୍ ରକ୍ଷକ ବ୍ୟାଟର୍ କେଏଲ ରାହୁଲ ୨୦ ତାରିଖରେ ଲିଡ୍ସଠାରେ ଆରମ୍ଭ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ପୂର୍ବରୁ ସ୍ୱତନ୍ତ୍ର ବାର୍ତ୍ତା ଦେଇଛନ୍ତି। ୮ବର୍ଷ ପରେ ଅନ୍ତର୍ଜାତୀୟ କ୍ରିକେଟକୁ ଫେରିବା ଦ୍ୱାର ଦେଶରେ ଥିବା କରୁଣଙ୍କୁ ଶୁଭକାମନା ଜଣାଇ ରାହୁଲ କହିଛନ୍ତି, ମୁଁ ତୁମକୁ ପିଲାବେଳୁ ଜାଣିଛି। ଭାରତୀୟ ଦଳକୁ ଫେରିବା ଲାଗି ତୁମେ କରିଥିବା କଠିନ ପରିଶ୍ରମ କଥା ଜାଣିଛି। କାଉଣ୍ଟି କ୍ରିକେଟ୍ ଖେଳିଲା ବେଳେ ତୁମେ ଅଗଣିତ ଦିନ ଏକୁଟିଆ କଟାଇ। ଏବେ ଭଗବାନ ତୁମକୁ ଆଉ ଏକ ସୁଯୋଗ ଦେଇଛନ୍ତି। ତୁମେ ଏହାର ଯଥାର୍ଥ ସମ୍ମାନ ରଖିବ ବୋଲି ମୁଁ ଦୃଢ଼ ନିଶ୍ଚିତ। ତୁମ ପ୍ରତ୍ୟାବର୍ତ୍ତନ ଯାତ୍ରା ଅନ୍ୟମାନଙ୍କ ପାଇଁ ସବୁବେଳେ ପ୍ରେରଣାଦାୟୀ ହୋଇ ରହିବ।

# ଇଂଲଣ୍ଡରୁ ଘରକୁ ଫେରିଲେ ଗୌତମ ଗମ୍ଭୀର



ନୂଆଦିଲ୍ଲୀ,୧୩।୬ (ଏଜେନ୍ସି): ଟିମ ଇଣ୍ଡିଆର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ହଠାତ ଇଂଲଣ୍ଡ ଗସ୍ତରୁ ଘରକୁ ଫେରିଛନ୍ତି। ତାଙ୍କ ମା' ହଠାତ୍ ଗୁରୁତର ଅସୁସ୍ଥ ହୋଇପଡ଼ିବାରୁ ସେ ଭାରତ ଫେରିଆସିଛନ୍ତି। ସୂଚନା ଅନୁସାରେ ଗୌତମଙ୍କ ମା' ସୀମା ଗମ୍ଭୀରଙ୍କ ହୃଦଘାତ ହୋଇଛି। ଏହି କାରଣରୁ ତାଙ୍କୁ ଏକ ହସପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଛି। ସେଠାରେ ଏକ ଡାକ୍ତରୀ ଦଳ ତାଙ୍କ ଉପରେ ନଜର ରଖିଛନ୍ତି। ଏହି ସୂଚନା ପାଇବା ପରେ ଭାରତୀୟ ଦଳ ସହ ଇଂଲଣ୍ଡରେ ଥିବା ଗୌତମ ନୂଆଦିଲ୍ଲୀ ଫେରିଆସିଛନ୍ତି। ତେବେ ସୀମାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିବା ପରେ ସେ ପୁଣି ଥରେ ଇଂଲଣ୍ଡ ଯାଇ ଭାରତୀୟ ଦଳ ସହ ଯୋଗ ଦେବା ଆଶା କରାଯାଉଛି। ଗୌତମଙ୍କ ମା' ସୀମା ଗମ୍ଭୀରଙ୍କ ହୃଦଘାତ ହୋଇଛି। ଏହି କାରଣରୁ ତାଙ୍କୁ ଏକ ହସପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଛି। ସେଠାରେ ଏକ ଡାକ୍ତରୀ ଦଳ ତାଙ୍କ ଉପରେ ନଜର ରଖିଛନ୍ତି। ଏହି ସୂଚନା ପାଇବା ପରେ ଭାରତୀୟ ଦଳ ସହ ଇଂଲଣ୍ଡରେ ଥିବା ଗୌତମ ନୂଆଦିଲ୍ଲୀ ଫେରିଆସିଛନ୍ତି। ଭାରତ ଓ ଇଂଲଣ୍ଡ ମଧ୍ୟରେ ପ୍ରଥମ ଟେଷ୍ଟ ଜୁନ ୨୦ରେ ହେଡିଙ୍ଗଲେଠାରେ ଖେଳାଯିବ। ଆଶା କରାଯାଉଛି ଯେ ତାପୂର୍ବରୁ ଗୌତମ ଗମ୍ଭୀର ଭାରତୀୟ ଦଳ ସହ ଯୋଗ ଦେବେ। ତେବେ ସବୁକିଛି ତାଙ୍କ ମାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନିର୍ଭର କରେ। ସେପଟେ ଏଥର ଭାରତୀୟ ଦଳରେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପରି ଅଭିଜ୍ଞ ନାହାନ୍ତି। ଦଳର ଦାୟିତ୍ୱ ଶୁଭମନ ଗିଲଙ୍କ ଉପରେ ପ୍ରଥମ ଥର ପାଇଁ ନ୍ୟସ୍ତ କରାଯାଇଛି। ଏଣୁ ଏପରିସ୍ଥିତିରେ ଗୌତମ ଟିମ ଇଣ୍ଡିଆ ସହ ରହିବା ଅତ୍ୟନ୍ତ ଜରୁରୀ।

# ଜାଡ଼େଜାଙ୍କ ସ୍ଥାନ ନେବାକୁ କୁଲଦୀପ ବ୍ୟଗ୍ର


ବେକେନହାମ୍,୧୩।୬ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ଟେଷ୍ଟ ଶୃଙ୍ଖଳା ଲାଗି ଘୋଷିତ ଭାରତୀୟ ଦଳରେ ଅଛନ୍ତି ଦୁଇ ବାମହାତୀ ସ୍ପିନର କୁଲଦୀପ ଯାଦବ ଓ ରବୀନ୍ଦ୍ର ଜାଡ଼େଜା। ଉଭୟ ଗୋଟିଏ ସ୍ଥାନ ପାଇଁ ଲଢ଼ିବାରୁ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଚାରି ଦିନିଆ ଅନ୍ତଃଦଳୀୟ ଅଭ୍ୟାସ ମ୍ୟାଚରେ ଭଲ କରି ପ୍ରଥମ ଟେଷ୍ଟ ଚୂଡ଼ାନ୍ତ ଦଳରେ ସ୍ଥାନ ପାଇବା ଲକ୍ଷ୍ୟରେ ରହିଛନ୍ତି। ଭାରତୀୟ ଦଳ ଏହାକୁ ବନ୍ଦ ଦ୍ୱାର ଭିତରେ ଖେଳିବାକୁ ଯୋଜନା ରଖିଛି। ନିଜ ରଣନୀତିକୁ ପ୍ରତିପକ୍ଷଠାରୁ ଗୋପନୀୟ ରଖିବା ଲାଗି ପ୍ରଶିକ୍ଷକ ଗେତମ ଗମ୍ଭୀର ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ବୋଲିଂ ପ୍ରଶିକ୍ଷକ ମର୍ଣ୍ଣ ମର୍କେଲ ମଧ୍ୟ ଏହି ରଣନୀତିକୁ ପସନ୍ଦ କରିଛନ୍ତି। ଏହି ଅଭ୍ୟାସ ମ୍ୟାଚରେ ଜଣେ ବ୍ୟାଟର୍ ଯଦି ଶସ୍ତାରେ ଆଉଟ୍ ହୋଇଯା'ନ୍ତି, ତାହେଲେ ତାଙ୍କୁ ଦ୍ୱିତୀୟ ସୁଯୋଗ ମିଳିବ ବୋଲି ସୂଚନା ଦେଇଛନ୍ତି। ୪ଦିନରେ ମୋଟ ୩୬୦ ଓଭର ବୋଲିଂ ହେବାର ଥିବାରୁ ଉଭୟ କୁଲଦୀପ ଓ ଜାଡ଼େଜାଙ୍କୁ ନିଜନିଜ ଫର୍ମର ଝଲକ ଦେଖାଇବାକୁ ପର୍ଯ୍ୟାପ୍ତ ସୁଯୋଗ ମିଳିବ। ଜାଡ଼େଜା ବ୍ୟାଟିଂରେ କୁଲଦୀପଙ୍କଠାରୁ ଯଥେଷ୍ଟ ଆଗୁଆ ଥିବାରୁ ଏହା ହୁଏତ ତାଙ୍କ ସପକ୍ଷରେ ଯାଇପାରେ। ତେବେ ଇଂଲଣ୍ଡ ମାଟିରେ କୁଲଦୀପଙ୍କ ବିବିଧତା ଦଳକୁ ଅଧିକ ଫାଇଦାରେ ରଖିବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି।

# କ୍ରୀଡ଼ା ରୂପାନ୍ତରଣ: କ୍ରୀଡା ମନ୍ତ୍ରଣାଳୟକୁ ୩୭୯୪ କୋଟିର ରେକର୍ଡ ଅନୁଦାନ

ନୂଆଦିଲ୍ଲୀ,୧୩।୬ (ଏଜେନ୍ସି): ଭାରତର କ୍ରୀଡ଼ା ଭବିଷ୍ୟତକୁ ଶକ୍ତିଶାଳୀ କରିବା ପାଇଁ ସରକାର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟକୁ ୩୭୯୪ କୋଟି ଟଙ୍କାର ଏକ ରେକର୍ଡ ଅନୁଦାନ ପ୍ରଦାନ କରିଛନ୍ତି। ଏହାର ଏକ ପ୍ରମୁଖ ଅଂଶ, ଅର୍ଥାତ୍ ୨,୧୯୧.୦୧ କୋଟି ଟଙ୍କା, କେନ୍ଦ୍ରୀୟ କ୍ଷେତ୍ର ଯୋଜନା ପାଇଁ ଆବଣ୍ଟିତ ହୋଇଛି, ଯେଉଁଥିରେ ପ୍ରମୁଖ ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମକୁ ୧,୦୦୦ କୋଟି ଟଙ୍କା ମିଳିଛି। ୨୦୧୪-୧୫ ଆର୍ଥିକ ବର୍ଷରେ ମନ୍ତ୍ରଣାଳୟକୁ ବଜେଟ ଆବଣ୍ଟନ ୧୬୪୩ କୋଟି ଟଙ୍କା ଥିଲା, ଯାହା ୨୦୨୫-୨୬ରେ ୧୩୦.୯% ବୃଦ୍ଧି ପାଇଛି।

୨୦୧୬-୧୭ ମସିହାରେ ଆରମ୍ଭ ହୋଇଥିବା ଖେଲୋ ଇଣ୍ଡିଆ - କ୍ରୀଡ଼ା ବିକାଶ ପାଇଁ ଜାତୀୟ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଗ୍ରାମୀଣ ଏବଂ ସହରାଞ୍ଚଳ ଉଭୟରେ ବହୁଳ ଅଂଶଗ୍ରହଣ ଏବଂ କ୍ରୀଡ଼ା ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା। ଏହି ଯୋଜନାକୁ ୨୦୨୧ ମସିହାରେ ପାଞ୍ଚ ବର୍ଷ ପାଇଁ ବୃଦ୍ଧି କରାଯାଇଥିଲା ଏବଂ ଏହାର ବ୍ୟୟ ଅଟକଳ ୩,୭୯୦.୫୦ କୋଟି ଟଙ୍କା ଥିଲା। ପ୍ରମୁଖ ସଫଳତାଗୁଡ଼ିକ ମଧ୍ୟରେ ରହିଛି। ୩,୧୨୪.୧୨ କୋଟି ଟଙ୍କାର ୩୨୬ଟି ନୂତନ କ୍ରୀଡ଼ା ଭିତ୍ତିଭୂମି ପ୍ରକଳ୍ପକୁ ଅନୁମୋଦନ। ତୃଣମୂଳ ସ୍ତରରେ ତାଲିମ ଏବଂ ସହାୟତା ପାଇଁ ୧,୦୪୫ ଖେଲୋ ଇଣ୍ଡିଆ କେନ୍ଦ୍ର ପ୍ରତିଷ୍ଠା। ୩୪ଟି ଖେଲୋ ଇଣ୍ଡିଆ ରାଜ୍ୟ ଉତ୍କର୍ଷ କେନ୍ଦ୍ରର ବିଜ୍ଞପ୍ତି ଏବଂ ୩୦୬ଟି ଏକାଡେମୀର ମାନ୍ୟତା। ୨,୮୪୫ ଖେଲୋ ଇଣ୍ଡିଆ ଆଥଲେଟ୍ ପାଇଁ ପ୍ରଶିକ୍ଷଣ, ଉପକରଣ, ଚିକିତ୍ସା ସେବା ଏବଂ ମାସିକ ଭତ୍ତା ପ୍ରଦାନ।

ଖେଲୋ ଇଣ୍ଡିଆ ଆନ୍ଦୋଳନ ଅଧୀନରେ, ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା, ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା, ଖେଲୋ ଇଣ୍ଡିଆ ପାରା କ୍ରୀଡ଼ା ଏବଂ ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ା ଭଳି ବାର୍ଷିକ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଉଛି। ଏଥିରେ ଯୁବପିଢ଼ି, ଯଥାକ୍ରମେ ସେମାନଙ୍କ ରାଜ୍ୟ ଏବଂ ବିଶ୍ୱବିଦ୍ୟାଳୟର ପ୍ରତିନିଧିତ୍ୱ କରି, ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିଥିଲେ ଏବଂ ପଦକ ପାଇଁ ପ୍ରତିଯୋଗିତା କରିଥିଲେ। ଏହି ଅଭିଯାନ ୨୦୧୮ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ସ୍କୁଲ ଗେମ୍ସ ସହିତ ଆରମ୍ଭ ହୋଇଥିଲା। ସେହି ବର୍ଷ ପରେ ଭାରତୀୟ ଅଲିମ୍ପିକ୍ ସଂଘ ଏହି ଅଭିଯାନ ସହିତ ଜଡିତ ହେବା ପରେ ବଡ଼ ପ୍ରୟାସ ଆରମ୍ଭ ହୋଇଥିଲା। ଫଳସ୍ୱରୂପ ୨୦୧୯ରୁ ଖେଲୋ ଇଣ୍ଡିଆ ସ୍କୁଲ ଗେମ୍ସକୁ ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା ଭାବରେ ନାମିତ କରାଯାଇଥିଲା।



ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି